# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୮/୨୦୨୫ (୧୮ ପୃଷ୍ଠା+କ୍ରୁଟିଦିନ) | Bhubaneswar, Sunday, September 28/2025 | Page 18 | ₹ 7.00 | RAYAGADA

୫୧ଶ ଭାଗ ୩୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 304 | ମୂଲ୍ୟ ₹୭/-







# ଓଡ଼ିଶାରେ ଚିପ୍‌ରୁ ଶିପ୍ ସବୁ ତିଆରି ହେବ: ପ୍ରଧାନମନ୍ତ୍ରୀ

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ରମାଗତ ରାଜ୍ୟକୁ ଗସ୍ତ କରି ଲୋକଙ୍କ ଉନ୍ନତି କଳ୍ପେ ବିଭିନ୍ନ ପ୍ରକଳ୍ପ ଭେଟି ଦେଉଛନ୍ତି। ଏହି କ୍ରମରେ ସେ ଶନିବାର ଝାରସୁଗୁଡ଼ାଠାରେ ଦେଶ ପାଇଁ ୬୦,୦୦୦ କୋଟି ଟଙ୍କାର ଅନେକ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ସେବାର ଉଦ୍‌ଘାଟନ କରିଛନ୍ତି। ଏଥିସହ ବ୍ରହ୍ମପୁର-ସୁରଟ୍ ମଧ୍ୟରେ ନୂତନ ରେଳ ଚଳାଚଳର ଶୁଭାରମ୍ଭ କରି ରାଜ୍ୟବାସୀଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିଛନ୍ତି। ସେମିକଣ୍ଡକ୍ଟର ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସବୁ ଏବେ ଓଡ଼ିଶାରେ ତିଆରି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ଝାରସୁଗୁଡ଼ା ଅମଲିପାଲିସ୍ଥିତ ରିଜର୍ଭ ପଡ଼ିଆରେ ଶନିବାର ଅନୁଷ୍ଠିତ ସର୍ବଭାରତୀୟ ଯୁବ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

- ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ
- ବିଏସ୍‌ଏନ୍‌ଏଲ୍ ସ୍ୱଦେଶୀ ୪ଜି ସେବାର ଉଦ୍‌ଘାଟନ
- ବ୍ରହ୍ମପୁର-ସୁରଟ(ଉଧନା) ମଧ୍ୟରେ ନୂତନ ରେଳ ଚଳାଚଳ ଆରମ୍ଭ
- ମୋହନ ଜଣେ କର୍ମଠ ମୁଖ୍ୟମନ୍ତ୍ରୀ: ମୋଦି

ଝାରସୁଗୁଡ଼ା, ୨୭।୯ (ଆଶିଷ ରଞ୍ଜନ ଦାଶ)

ଚିପ୍‌ରୁ ଶିପ୍ ପର୍ଯ୍ୟନ୍ତ ସବୁ ଏବେ ଓଡ଼ିଶାରେ ତିଆରି ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସେ କହିଛନ୍ତି, ପ୍ରକୃତି ଓଡ଼ିଶାକୁ ଅନେକ କିଛି ଦେଇଛି। ଏହି ଦଶକ ଓଡ଼ିଶା ପାଇଁ ବହୁ ମୂଲ୍ୟବାନ। ଓଡ଼ିଶା ବର୍ତ୍ତମାନ ଭାରତର ଶିଳ୍ପ ହବ୍ ହେବାକୁ ଯାଉଛି। ଆଜି ଆମେ କାହା ଉପରେ ନିର୍ଭର କରିବା ନାହିଁ। ଆମେ ଆତ୍ମନିର୍ଭର ହୋଇ ଆଗକୁ ବଢ଼ିବା। ଚିପ୍ ତିଆରି ପାଇଁ ୭୦ ହଜାର କୋଟିର ପ୍ରୋଜେକ୍ଟ ପ୍ରସ୍ତୁତ ହୋଇ ସାରିଛି, ଯାହା ଦ୍ୱାରା ୪.୫ ଲକ୍ଷ କୋଟିର ନିବେଶ ଓଡ଼ିଶାକୁ ଆସିବ। ଏହା ଦ୍ୱାରା ଅନେକ ଲକ୍ଷ ନିଯୁକ୍ତି ସୃଷ୍ଟି ହେବ ଏବଂ ଓଡ଼ିଶା ଏଥିରେ ଆଗରେ ରହିବ। ଗତ ବିଧାନସଭା ନିର୍ବାଚନ ସମୟରେ ଓଡ଼ିଶାର ଲୋକମାନେ ଏକ ସଂକଳ୍ପ ନେଇଥିଲେ, ଯାହାର ମୂଲ୍ୟରେ ବର୍ତ୍ତମାନ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲିଛି। ଏହି ୧୦ ବର୍ଷ ଭିତରେ ଓଡ଼ିଶା ସଫଳତାର ଶୀର୍ଷରେ ପହଞ୍ଚିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଝାରସୁଗୁଡ଼ା ଅମଲିପାଲି ସ୍ଥିତ ରିଜର୍ଭ ପଡ଼ିଆରେ ଶନିବାର ପୂର୍ବାହ୍ନ ୧୧ଟା ୩୦ରେ ସର୍ବଭାରତୀୟ ଯୁବ ସମ୍ମିଳନୀ କାର୍ଯ୍ୟକ୍ରମରେ ☞ପୃଷ୍ଠା-୨

# ଯୁବବର୍ଗଙ୍କ ପାଇଁ ପ୍ରଧାନମନ୍ତ୍ରୀ ପ୍ରେରଣାର ସ୍ରୋତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୯ (ସୁନିତ୍ ମିଶ୍ର)

ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମ ଗହଣରେ ଉପସ୍ଥିତ ଥିବାରୁ ସେବା ପକ୍ଷର ଏହି ଦିନଟି ସମସ୍ତଙ୍କ ପାଇଁ ଗୋଟିଏ ମହୋତ୍ସବର ଦିନ। ପ୍ରଧାନମନ୍ତ୍ରୀ ଯୁବବର୍ଗଙ୍କ ପାଇଁ ପ୍ରେରଣାର ସ୍ରୋତ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଝାରସୁଗୁଡ଼ାରେ ଆୟୋଜିତ ଯୁବ ସମାବେଶରେ ସ୍ୱାଗତ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି କାର୍ଯ୍ୟକ୍ରମ ବିଧିର ବିଧାନ। କାରଣ ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ଏୟାରପୋର୍ଟ ଠିକ୍ ୮ ବର୍ଷ ପୂର୍ବେ ☞ପୃଷ୍ଠା-୨






# ବିଜୟଙ୍କ ରାଲିରେ ଦଳାଚକଟା: ୩୧ ମୃତ



ତାମିଲନାଡୁର କରୁରଠାରେ ଶନିବାର ଟିଭିକେ ମୁଖ୍ୟ ବିଜୟ ପ୍ରଚାରଗାଡ଼ିରୁ ସମର୍ଥକଙ୍କୁ ସମ୍ବୋଧନ କରୁଥିବାବେଳେ ଦଳାଚକଟାର ଦୃଶ୍ୟ।

## ୪୦ରୁ ଅଧିକ ଆହତ

ଚେନ୍ନାଇ, ୨୭।୯

ତାମିଲନାଡୁର କରୁରଠାରେ ଶନିବାର ତାମିଲାଗା ଭେଟ୍ରି କାଝାଗାମ (ଟିଭିକେ) ମୁଖ୍ୟ ବିଜୟଙ୍କ ରାଲିରେ ଦଳାଚକଟା ହୋଇଛି। ଏଥିରେ ୬ ଶିଶୁଙ୍କ ସମେତ ଅନ୍ୟୂନ ୩୧ ଜଣଙ୍କ ମୃତ୍ୟୁ ଘଟିବା ସହ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କୁ ଆଶୁ ଆରୋଗ୍ୟ କାମନା କରିଛନ୍ତି।

ଅଭିନେତାରୁ ରାଜନେତା ପାଲଟିଥିବା ବିଜୟଙ୍କ ରାଲିରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ସେମାନେ ବିଜୟଙ୍କ ପାଇଁ ୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା କରି ରହିଥିଲେ। ବିଜୟ ବହୁ ବିଳମ୍ବରେ ରାଲି ସ୍ଥଳରେ ପହଞ୍ଚିଥିଲେ। ନିଜ ପ୍ରିୟ ନେତାଙ୍କୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଲାଗିରହିଥିବାରୁ ଭିଡ଼ ନିୟନ୍ତ୍ରଣରେ ପୋଲିସ ବିଫଳ ହୋଇଥିଲା। ଦଳାଚକଟା ଯୋଗୁ ଅନେକ ସମର୍ଥକ ମୂର୍ଚ୍ଛା ହୋଇଯାଇଥିଲେ। ଏହା ଜାଣିବା ପରେ ବିଜୟ ଭାଷଣ ବନ୍ଦ କରି ପ୍ରଚାର ବସ୍‌ରୁ ଗହଳି ମଧ୍ୟକୁ ପାଣି ବୋତଲ ଫିଙ୍ଗିଥିଲେ। ଏଥିସହ ପୋଲିସକୁ ସହଯୋଗ ପାଇଁ ନିବେଦନ କରିଥିଲେ। ଆହତ ଓ ମୂର୍ଚ୍ଛାଯାଇଥିବା ଲୋକଙ୍କୁ ନେବା ପାଇଁ ଆସିଥିବା ଆମ୍ବୁଲାନ୍ସ ପ୍ରବଳ ଭିଡ଼ ଯୋଗୁ ବିଳମ୍ବରେ ହସ୍ପିଟାଲରେ ପହଞ୍ଚିଥିଲା। ଫଳରେ ବାଟରେ ଅନେକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

ଇତିମଧ୍ୟରେ ଷ୍ଟାଲିନ୍ ଆହତଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଚିକିତ୍ସା ଯୋଗାଇଦେବାକୁ କରୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ କରୁର ସ୍ଥିତି ସମୀକ୍ଷା କରିଥିବା ନେଇ ଏକ ସୋସିଆଲ ମିଡିଆ ପୋଷ୍ଟରେ ଜଣାଇଛନ୍ତି। ଷ୍ଟାଲିନ୍ ରବିବାର କରୁର ଗସ୍ତ କରିବେ ବୋଲି ଜଣାପଡ଼ିଛି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍. ସୁବ୍ରମଣ୍ୟମ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# ଏସିଆ କପ୍ — ଆଜି ଭାରତ-ପାକିସ୍ତାନ ଫାଇନାଲ

ଦୁବାଇ, ୨୭।୯ (ପି.ଟି.)

ଏସିଆ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ୧୭ତମ ସଂସ୍କରଣର ଫାଇନାଲ ମ୍ୟାଚ୍ ରବିବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ। ଏସିଆ କପ୍ ଟୁର୍ନାମେଣ୍ଟର ୪୧ ବର୍ଷର ଇତିହାସରେ ଭାରତ ଓ ପାକିସ୍ତାନ ଫାଇନାଲରେ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପର ବିପକ୍ଷରେ ଦୁଇ ଥର ଖେଳିଥିବା ବେଳେ ଭାରତୀୟ ଦଳ ଉଭୟ ମ୍ୟାଚ୍‌ରେ ସହଜରେ ବିଜୟ ଲାଭ କରିଛି। ଉଭୟ ମ୍ୟାଚ୍ ଖୁବ୍ ବିବାଦପୂର୍ଣ୍ଣ ରହିଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ ନୋ ହ୍ୟାଣ୍ଡସେକ୍ ପଲିସି ଆପଣେଇଥିବା ବେଳେ ପାକିସ୍ତାନ ପେସର ହାରିସ ରୌଫ ପ୍ରତିପକ୍ଷ ବ୍ୟାଟରଙ୍କୁ ଗାଳି କରିବା ସହ ଯୁଦ୍ଧବିମାନ ଖସାଇବା ସଙ୍କେତ ଦେଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଅର୍ଦ୍ଧଶତକ କରିବା ପରେ ପାକିସ୍ତାନୀ ଓପନର ସାହିବଜାଦା ଫର୍ହାନ ବ୍ୟାଟକୁ ବନ୍ଧୁକ ଭଳି ଦେଖାଇଥିଲେ। ଏଥିଯୋଗୁ ଉଭୟଙ୍କୁ ଆଇସିସି ପକ୍ଷରୁ ଦଣ୍ଡିତ ମଧ୍ୟ କରାଯାଇଛି। ଭାରତୀୟ ଦଳ ଫାଇନାଲ ଜିତିଲେ, ଚାମ୍ପିୟନ ଟ୍ରଫି ଏସିଆନ କ୍ରିକେଟ କାଉନସିଲ (ଏସିସି) ଓ ପିସିବି ମୁଖ୍ୟ ତଥା ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ମହସିନ ନକଭିଙ୍କଠାରୁ ଟ୍ରଫି ଗ୍ରହଣ କରିବାକୁ ପଡ଼ିପାରେ। କିନ୍ତୁ ଏଥିଲାଗି ବିସିସିଆଇ ଅନୁମତି ନ ଦେବାର ବିଶେଷ ସମ୍ଭାବନା ରହିଛି। ଏଥିଯୋଗୁ ଗତ ଦୁଇ ମ୍ୟାଚ୍ ଭଳି ଫାଇନାଲ ମଧ୍ୟ ବିବାଦୀୟ ରହିବ। ଉଲ୍ଲେଖଯୋଗ୍ୟ ଯେ, ଭାରତ ସର୍ବାଧିକ ୮ ଥର ଏସିଆ କପ୍ ଜିତିଥିବା ବେଳେ ପାକିସ୍ତାନ ମାତ୍ର ଦୁଇ ଥର ଟ୍ରଫି ହାତେଇଛି।


DSPL-285




ବିଶ୍ୱ ଜଳାତଙ୍କ ଦିବସ

୨୮ ସେପ୍ଟେମ୍ବର ୨୦୨୫

- ଜଳାତଙ୍କ ଏକ ଭୂତାଣୁ ଜନିତ ରୋଗ। ସଂକ୍ରମିତ ପ୍ରାଣୀ କାମୁଡ଼ିଲେ କିମ୍ବା ତା'ର ଲାଳ ସଂସ୍ପର୍ଶରେ ଆସିଲେ ଜଳାତଙ୍କ ହୋଇଥାଏ।
- କୌଣସି ଗୃହପାଳିତ/ବନ୍ୟପ୍ରାଣୀ କାମୁଡ଼ିଲେ ତୁରନ୍ତ ସେ ସ୍ଥାନକୁ ସାବୁନ ଓ ଥଣ୍ଡା ପାଣିରେ ଧୋଇଦିଅନ୍ତୁ ଏବଂ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରି ଜଳାତଙ୍କ ପ୍ରତିଷେଧକ ଟିକାର ସମ୍ପୂର୍ଣ୍ଣ ମାତ୍ରା ନିଅନ୍ତୁ।
- **ଜଳାତଙ୍କ ପ୍ରତିଷେଧକ ଟିକା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ମାଗଣାରେ ଉପଲବ୍ଧ।**
- ଆପଣଙ୍କ ଗୃହପାଳିତ ପ୍ରାଣୀଙ୍କୁ ସୁରକ୍ଷିତ ରଖିବାକୁ ବୁଲା କୁକୁର ଏବଂ ଅନ୍ୟାନ୍ୟ ମାଂସଭୋଜୀ ବନ୍ୟପ୍ରାଣୀଙ୍କ ପ୍ରତି ସାବଧାନ ରୁହନ୍ତୁ।
- ସଂକ୍ରମିତ ପ୍ରାଣୀ ଗୃହପାଳିତ ପ୍ରାଣୀଙ୍କୁ କାମୁଡ଼ିଲେ ତୁରନ୍ତ କ୍ଷତସ୍ଥାନକୁ ସାବୁନ ଓ ଥଣ୍ଡା ପାଣିରେ ଭଲଭାବରେ ଧୋଇଦିଅନ୍ତୁ ଏବଂ ନିକଟସ୍ଥ ପ୍ରାଣିଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।
- **ନିଜର ପୋଷା କୁକୁରକୁ ବର୍ଷକୁ ଥରେ ଲେଖାଏଁ ପ୍ରତିଷେଧକ ଟିକାକରଣ କରାନ୍ତୁ।**

OIPR-06014/13/0062/2526


ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର

Follow us farddepartment farddepartment farddepartment farddepartment


A quality product from
PAN BAHAR
शुभ नवरात्री
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी इलायची
This contains sodium saccharin (INS 954), sucralose (INS 955) and Neotame (INS 961). Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in

ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୮/୨୦୨୫ | Bhubaneswar, Sunday, September 28/2025 | ପୃଷ୍ଠା-୧



ଲୋକସେବା ଭବନ କନଭେନଶନ ସେଣ୍ଟରଠାରେ ଶନିବାର ୨ୟ ଜାତୀୟ ମେଡିଏଶନ କନଫରେନ୍ସ ୨୦୨୫କୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଭୂଷଣ ରାମକ୍ରିଷ୍ଣ ଗବଇ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଉପସ୍ଥିତ ଅଛନ୍ତି।

# ୩ ବର୍ଷରେ ଶିକ୍ଷା ବିଭାଗ କିରାଣିଙ୍କ ବଦଳି ବାଧ୍ୟତାମୂଳକ

**ଭୁବନେଶ୍ୱର,୨୭।୯(ସୁଚିସ୍ମିତା ସାହୁ)**

ଶିକ୍ଷା ବିଭାଗରେ କାର୍ଯ୍ୟରତ କିରାଣି(ମିନିଷ୍ଟେରିଆଲ ଷ୍ଟାଫ୍)ଙ୍କର ୩ ବର୍ଷରେ ବଦଳି ବାଧ୍ୟତାମୂଳକ କରାଯାଇଛି। ଯେଉଁ କିରାଣିମାନେ ଗୋଟିଏ ସ୍ଥାନରେ ୩ବର୍ଷ କିମ୍ବା ତା'ଠାରୁ ଅଧିକ ଦିନ ରହିଛନ୍ତି, ସେମାନଙ୍କୁ ତୁରନ୍ତ ବଦଳି କରାଯିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସବୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତ ଅଗଷ୍ଟ ୨୦ରେ ସାଧାରଣ ପ୍ରଶାସନ ବିଭାଗର ନିୟମ ଅନୁଯାୟୀ ଗୋଟିଏ ସ୍ଥାନରେ ୩ ବର୍ଷ ପୂରଣ କରିଥିବା କିରାଣିଙ୍କ ମଧ୍ୟରୁ ୫୦ପ୍ରତିଶତ ବଦଳି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅବଶିଷ୍ଟ ୫୦ ପ୍ରତିଶତ କିରାଣିଙ୍କୁ ଆସନ୍ତା ବର୍ଷ ବଦଳି କରାଯିବ। ଯେଉଁମାନେ ଅଧିକ ବର୍ଷ ଧରି ରହିଛନ୍ତି, ସେମାନଙ୍କୁ ପ୍ରଥମେ ବଦଳି ଦିଗରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ତେବେ ଏହି ନିୟମ ଶିକ୍ଷକଙ୍କ ପାଇଁ ଲାଗୁ କରାଯିବ ନାହିଁ। ପ୍ରତିବର୍ଷ ଏପ୍ରିଲ ୩୦ରୁ ୧୫ ଜୁନ ମଧ୍ୟରେ ସାଧାରଣ ବଦଳି କାର୍ଯ୍ୟକ୍ରମ ସମ୍ପନ୍ନ କରାଯିବ। ଏହି ସମୟ ସୀମା ପରେ ଯଦି କାହାକୁ ବଦଳି କରାଯାଏ, ତେବେ ଏଥିପାଇଁ ଅଧିକାରୀଙ୍କ ଅନୁମୋଦନର ଆବଶ୍ୟକତା ରହିଛି। ଏହି ସମସ୍ତ କାର୍ଯ୍ୟକୁ ଠିକ ଭାବେ ପାଳନ କରିବା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଶିଶୁ ସେବିକାମାନେ ଶିକ୍ଷାଦାନ, ଔଷଧ ଦେବେ ନାହିଁ

## ମାର୍ଗଦର୍ଶିକା ଜାରିକଲା ଓସେପା

**ଭୁବନେଶ୍ୱର,୨୭।୯(ସୁଚିସ୍ମିତା ସାହୁ)**

ଶିଶୁ ସେବିକାମାନେ ଶିଶୁଙ୍କୁ ପାଠପଢ଼ାଇ ପାରିବେ ନାହିଁ। ସେମାନେ ଶିଶୁମାନଙ୍କ ଉପରେ ରାଗିବେ ନାହିଁ କି ଦଣ୍ଡ ଦେଇପାରିବେ ନାହିଁ। ଏମିତି କି ଶିଶୁମାନଙ୍କ ଦେହ ଅସୁସ୍ଥ ଲାଗିଲେ ସେବିକାମାନେ ସେମାନଙ୍କୁ କୌଣସି ଔଷଧ ସେବନ କରିବାକୁ ଦେଇପାରିବେ ନାହିଁ ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାଶଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି ଯେ, ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ପ୍ରତି ବିଦ୍ୟାଳୟରେ ଗୋଟିଏ ଲେଖାଏ ଶିଶୁ ବାଟିକା ☞ପୃଷ୍ଠା-୨

# ମା' ମୋବାଇଲ ନ ଦେବାରୁ ନାବାଳକଙ୍କ ଆତ୍ମହତ୍ୟା

**ଢେଙ୍କିକୋଟ,୨୭।୯ (ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ୍ ଅନ୍ତର୍ଗତ ପୋଇପାଣି ଗ୍ରାମରେ ମା' ମୋବାଇଲ ନ ଦେବାରୁ ନାବାଳକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ପୋଇପାଣି ଗ୍ରାମର ଶିଶୁବିଦ୍ୟାମନ୍ଦିରର ଗୁରୁଜୀ ଅର୍ଜୁନ ଚରଣ ମହାନ୍ତଙ୍କ ଏକମାତ୍ର ପୁଅ ଗୁଗୁଲି ଗଣେଶ ପ୍ରସାଦ ମହାନ୍ତ (୧୧)। ସେ କେନ୍ଦୁଝର ଟାଉନ ନିର୍ମଳା କନ୍‌ଭେଣ୍ଟ ଇଂଲିଶ ମିଡିୟମରେ ପଢୁଥିଲେ। ସୂଚନା ଅନୁଯାୟୀ, ଶୁକ୍ରବାର ଗୁଗୁଲି ମାଆଙ୍କୁ ମୋବାଇଲ ଦେଖିବାକୁ ମାଗିଥିଲେ। ମା'ଜୟନ୍ତୀ ମୋବାଇଲ ଦେବାକୁ ମନାକରି ଜଙ୍ଗଲକୁ ଛତୁ ତୋଳିବାକୁ ପଳାଇଥିଲେ। ଅପରାହ୍ନରେ ଜେଜେ ମା' ବାସନ ମାଜୁଥିବା ବେଳେ ଗୁଗୁଲି ଗଣେଶ ଏକ ରଶି ସାହାଯ୍ୟରେ ଘର ଭିତର ସଂଘାରେ ଝୁଲି ପଡ଼ିଥିଲେ। ଜେଜେ ମାଆ କିଛି ସମୟ ପରେ କବାଟ ଖୋଲି ଗୁଗୁଲି ରଶି ଲଗାଇ ଝୁଲୁଥିବା ଦେଖିଥିଲେ। ପାଟି କରିବାରୁ ପଡ଼ୋଶୀ ଆସି ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ବ୍ୟାସଦେବ ମିର୍ଦ୍ଧା ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଘଟଗାଁ ଥାନାରେ ଏକ ମାମଲା(ନଂ. ୪୯/୨୫)ରୁଜୁ ହୋଇଛି।

# ପାକିସ୍ତାନର ବିଜୟ ଦାବିକୁ ପରିହାସ କଲା ଭାରତ

**ଜାତିସଂଘ,୨୭।୯**

ମେ' ୭ରୁ ୧୦ ସଂଘର୍ଷରେ ପାକିସ୍ତାନ ବିଜୟୀ ହୋଇଥିବା ଏହାର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଦାବି କରିଥିବାବେଳେ ଶନିବାର ଭାରତ ଏହାର ପରିହାସ କରିଛି। ଅପରେଶନ ସିନ୍ଦୂର ବେଳେ ପାକିସ୍ତାନ ଏୟାରବେସ୍ ଏବଂ ସାମରିକ ଭିତ୍ତିଭୂମି ଧ୍ୱଂସ ହୋଇଥିବାର ଚିତ୍ର ବିଜୟ ଭଳି ଦେଖାଯାଉଛି କି ବୋଲି ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ପେଟାଲ ଗେହଲଟ୍ କହିଛନ୍ତି। ସଂଘର୍ଷରେ କିଏ ବିଜୟୀ ହୋଇଥିଲା ତାହାର ପ୍ରମାଣ ବିଶ୍ୱ ନିକଟରେ ରଖାଯାଇଥିବା ୟୁଏନ୍‌ଜିଏର ୮୦ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଗେହଲଟ୍ କହିଛନ୍ତି। ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ବହୁ ଏୟାରବେସ୍ ଧ୍ୱଂସ ହୋଇଥିଲା, ଯାହାର ଚିତ୍ର ସର୍ବସାଧାରଣରେ ଉପଲବ୍ଧ ଅଛି। ପାକ୍ ପ୍ରଧାନମନ୍ତ୍ରୀଙ୍କ ଦାବି ଅନୁଯାୟୀ ଧ୍ୱଂସପ୍ରାପ୍ତ ରନ୍‌ୱେ ଏବଂ ଜଳିଯାଇଥିବା ହ୍ୟାଙ୍ଗରଗୁଡ଼ିକ ଯଦି ବିଜୟ ଭଳି ଦେଖାଯାଉଥାଏ, ତେବେ ଇସ୍‌ଲାମାବାଦ ତାହାକୁ ଉପଭୋଗ କରୁ ବୋଲି ଗେହଲଟ୍ କହିଛନ୍ତି।

ସେ ଆହୁରି କହିଛନ୍ତି, ଅସ୍ତ୍ରବିରତି ପାଇଁ ପାକିସ୍ତାନୀ ସେନା ଅନୁରୋଧ କରିଥିଲା। ନୂଆଦିଲ୍ଲୀ ଏବଂ ଇସ୍‌ଲାମାବାଦ ମଧ୍ୟରେ ଥିବା ପ୍ରସଙ୍ଗଗୁଡ଼ିକରେ ତୃତୀୟ ପକ୍ଷ ହସ୍ତକ୍ଷେପ କରିବାର ସ୍ଥାନ ନ ଥିବା ଗେହଲଟ ଜାତିସଂଘରେ ସ୍ପଷ୍ଟ କରିଦେଇଛନ୍ତି। ପାକ୍ ପ୍ରଧାନମନ୍ତ୍ରୀ ପୁଣିଥରେ ଆତଙ୍କବାଦର ପ୍ରଶଂସା କରିଛନ୍ତି, ଯେପରି ଏହା ସେମାନଙ୍କ ବିଦେଶ ନୀତିର ମୁଖ୍ୟ ଭାଗ ବୋଲି ଗେହଲଟ୍ ଜାତିସଂଘ ସାଧାରଣ ସଭାରେ ଭାରତର ଉତ୍ତର ରଖିବା ଅଧିକାର ବଳରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏପ୍ରିଲ ୨୨ରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ନାଗରିକଙ୍କ ମୃତ୍ୟୁ ଘଟିଥିଲା। ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲଶ୍କର-ଇ-ତୋଇବାର ଶାଖା ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍) ଏଥିପାଇଁ ନିଜକୁ ଦାୟୀ କରିଥିଲା। ପ୍ରତିଶୋଧ ସ୍ୱରୂପ ଭାରତୀୟ ସେନା ପକ୍ଷରୁ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରି ଅପରେଶନ ସିନ୍ଦୂର ଆରମ୍ଭ ହୋଇଥିଲା। ମେ' ୯ ପର୍ଯ୍ୟନ୍ତ ପାକିସ୍ତାନ ଅଧିକ ଆକ୍ରମଣ କରିବ ବୋଲି ଧମକ ଦେଉଥିବାବେଳେ ୧୦ ତାରିଖରେ ଏହାର ସେନା ଅସ୍ତ୍ରବିରତି ପାଇଁ ସିଧାସଳଖ ନିବେଦନ କରିଥିଲା। ଏହା ପୂର୍ବରୁ ଭାରତୀୟ ସେନା ଆକ୍ରମଣରେ ପାକିସ୍ତାନର ବହୁ ଏୟାରବେସ୍ ଧ୍ୱଂସ ହୋଇଥିଲା। ସେହି ଧ୍ୱଂସର ଚିତ୍ର ସର୍ବସାଧାରଣରେ ଉପଲବ୍ଧ ବୋଲି ଗେହଲଟ୍ କହିଛନ୍ତି।

## ଅପରେଶନ ସିନ୍ଦୂର

### ଅସ୍ତ୍ରବିରତି ପାଇଁ ପାକ୍ ସେନା ନିବେଦନ କରିଥିଲା



ପେଟାଲ ଗେହଲଟ୍

# ଭିଜିବ ଦଶହରା

## ଅକ୍ଟୋବର ୧ରେ ଆଉ ଏକ ଲଘୁଚାପ

**ଭୁବନେଶ୍ୱର, ୨୭।୯ (ବନ୍ଦନା ସେଠୀ)**

ଦଶହରାକୁ ଭିଜାଇବ ବର୍ଷା। ଫିକା ପଡିପାରେ ପାର୍ବଣ। ୩୦ ତାରିଖ ବେଳକୁ ଉତ୍ତର ଆଣ୍ଡାମାନ ସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ରାଜ୍ୟରେ ଅକ୍ଟୋବର ୧ରୁ ବର୍ଷାର ପରିମାଣ ବଢିବା ନେଇ ଅନୁମାନ କରାଯାଉଥିବା ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ତାଙ୍କ ସୂଚନାନୁସାରେ, ୧ ତାରିଖରେ ଉତ୍ତର ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଅପରପକ୍ଷେ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ସକ୍ରିୟ ରହିଛି। ଏହା ଆସନ୍ତା ୨୪ ଘଣ୍ଟାରେ ଦୁର୍ବଳ ହୋଇ ସ୍ୱଷ୍ଟଚିହ୍ନିତ ଲଘୁଚାପରେ ପରିଣତ ହେବ। ତେବେ ଲଘୁଚାପ ପ୍ରଭାବରେ ଆହୁରି ୨୪ ଘଣ୍ଟା ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସାରା ଓଡ଼ିଶାରେ ବିଜୁଳି ଘଡ଼ଘଡ଼ି ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ରବିବାର ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବାବେଳେ ଉପକୂଳ ଓଡ଼ିଶାର ☞ପୃଷ୍ଠା-୨



**ଆଜିର ସମ୍ପାଦକୀୟ**

ନୂଆ ଭାରତର ସ୍ଥିତି



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସହିଦ ଭଗତସିଂ ବିଚାର ମଞ୍ଚ ପକ୍ଷରୁ ଆଲୋଚନା 'ବିପଦ ଗ୍ରସ୍ତ ଭାରତ ଓ ଆମ ପାଇଁ ଆହ୍ୱାନ', ସ୍ଥାନ: ନାଗଭୂଷଣ ଭବନ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅନ୍‌ଭେସନ୍ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ 'ଆରମ୍ଭ' କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧମନ୍ଦିର, ଅଡ଼ିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦେବଯୁଗ୍ ପରିବାର ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: କେଦାରଗୌରୀ ରିସର୍ଟ, ସମୟ: ପୂର୍ବାହ୍ନ ୧୧ଟା।
- ହେ ଅପୂର୍ବା ସମ୍ଭ୍ରାନ୍ତ ପ୍ରକାଶନୀ ପକ୍ଷରୁ ୨୭ତମ ଜନ୍ମ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ବ୍ଲକସ୍ତରୀୟ ଶ୍ରମିକ କଲ୍ୟାଣ ସହାୟତା ମେଳା, ସ୍ଥାନ: ସ୍ୱର୍ଣ୍ଣ ମଣ୍ଡପ, ସତ୍ୟବାଦୀ ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୧ଟା।

## ଖୋର୍ଦ୍ଧା

- ଓୟୁଡବ୍ଲୁଜେ ଖୋର୍ଦ୍ଧା ଜିଲାର ବନ୍ଧୁମିଳନ, ସ୍ଥାନ: ବାଉତି ମନ୍ଦିର, କୁମାରବସ୍ତା, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ପରିଚ୍ଛଳ କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ପରିଚ୍ଛଳ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର

- ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ, ସ୍ଥାନ: ସହଦେବଖୁଣ୍ଟା ଉପସ୍ୱାସ୍ଥ୍ୟକେନ୍ଦ୍ର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାଗରିକାର ଶୁଭ ଉନ୍ମୋଚନ ଦିବସ, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆଧାତ୍ମିକ ଭଜନ ଓ ପ୍ରବଚନ, ସ୍ଥାନ: ଖୁଣ୍ଟା ମଠ ପ୍ରାଙ୍ଗଣ, ବସ୍ତା, ସମୟ: ପୂର୍ବାହ୍ନ ୧୦ଟା।
- କବିବର ରାଧାନାଥ ରାୟଙ୍କ ୧୭୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ, ସ୍ଥାନ: କବିବରଙ୍କ ଜନ୍ମ ପୀଠ, କେଦାରପୁର, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ: କବିବରଙ୍କ ଜନ୍ମ ପୀଠ, କେଦାରପୁର, ସୋର, ସମୟ: ଅପରାହ୍ନ ୨ଟା ୩୦।

## ଭଦ୍ରକ

- ଶହୀଦ ସ୍ମୃତି ଦିବସ, ସ୍ଥାନ: ଇରମ, ବାସୁଦେବପୁର, ସମୟ: ସକାଳ ୮ଟା।
- ଭାଜପା ପକ୍ଷରୁ ଶତାବ୍ଦୀ ଉଦ୍‌ଘାଟନ ଦିବସ ପାଳନ, ସ୍ଥାନ: ମହିଷାପଦା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସାହିତ୍ୟ ସଂସଦର ବାର୍ଷିକୋତ୍ସବ, ସ୍ଥାନ: ମଞ୍ଜୁରୀରୋଡ୍ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଟୋକା ଗଣେଶଙ୍କ ଭସାଣି, ସ୍ଥାନ: ପୁରୁଣାବଜାର, ଭଦ୍ରକ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ମା' ଦୁର୍ଗାଦେବୀଙ୍କ ବାର୍ଷିକ ପୂଜା ଉତ୍ସବ, ସ୍ଥାନ: ଅଣା, ଛେନାପଦି, ସମୟ: ସକାଳ ୮ ଟା।

## ବ୍ରହ୍ମପୁର

- ଅନ୍ୱେଷା କଳାକେନ୍ଦ୍ରର ଯା'ଦେବୀ ସର୍ବଭୂତେଷୁ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା ୧୦।

## ଗଞ୍ଜାମ

- ଦୁର୍ଗା ପୂଜା, ସ୍ଥାନ: ଭଞ୍ଜନଗର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସଭା, ସ୍ଥାନ: ଭଞ୍ଜନଗର ଜେଲ ପଡିଆ, ସମୟ: ଅପରାହ୍ନ ୨ଟା ୩୦ ।
- କବି ସମ୍ରାଟ ସାହିତ୍ୟ ସଂସଦର ଉତ୍ସବ, ସ୍ଥାନ: ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ ଟା।

## ଜଗତ୍‌ସିଂହପୁର

- ଉତ୍ତରେଶ୍ୱରୀ ପୀଠରେ ମହାସପ୍ତମୀ ପୂଜା, ସ୍ଥାନ: ସିହା ଗ୍ରାମ, ଏରସମା ବ୍ଲକ, ସମୟ: ପ୍ରାତଃ ୪ଟା।
- ଜାତୀୟସ୍ତରରେ ଜୁଡୋ ଖେଳିବା ପାଇଁ ଚୟନ, ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ଇନଡୋର୍ ଷ୍ଟାଡିୟମ, ନୁଆବଜାର, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ମହାସପ୍ତମୀ ଅବସରରେ ମା' ଦୁର୍ଗାଙ୍କ ବଗଳାମୁଖୀ ବେଶ, ସ୍ଥାନ: ଦୁର୍ଗା ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ପ୍ରାତଃ ୫ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଜିଲା ଭାଜପା ପକ୍ଷରୁ ଜିଏସ୍‌ଟି ସୁଧାର ସମ୍ପର୍କରେ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ଅପରାହ୍ନ ୩ଟା।

## ଯାଜପୁର

- ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ବରୀ କନକ ଦୁର୍ଗା ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଅଖିଳ ଚକ୍ର ଓ ଉଦୟଭାନୁ କ୍ଲବ ପକ୍ଷରୁ କବିବର ରାଧାନାଥ ରାୟଙ୍କ ଜୟନ୍ତୀ ପାଳନ ଓ ଆଲୋଚନାଚକ୍ର, ସ୍ଥାନ: ବିଞ୍ଝାରପୁର ମଇନ୍ଦା ଲେଙ୍କାସାହି କ୍ଲବ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଷୋଡଶ ଦିବସୀୟ ପୂଜାର ପଞ୍ଚଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟି ପାଖ, ସମୟ: ସକାଳ ୭ଟା।
- ନାରାୟଣୀଙ୍କ ଷୋଡଶ ପୂଜାର ପଞ୍ଚଦଶ ଦିବସ, ସ୍ଥାନ: ଭାପୁର ବ୍ଲକ ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସତ୍ୟସାଇ ବାବାଙ୍କର ଦବ୍ୟ ପାଦୁକା ଯାତ୍ରା, ସ୍ଥାନ:ନୟାଗଡ ବ୍ଲକ କେଶରପୁର, ଓଡଗାଁ ବ୍ଲକ ବାଉଁଶିଆ, ଗୁଞ୍ଜୁବାରଣ, ପାଟୁଲିସାହି ଛକ ସମେତ ଆଖପାଖ ଅଞ୍ଚଳ, ସମୟ: ସକାଳ ୮ଟା ରୁ ରାତି ୯ଟା ୩୦।
- ଦୁର୍ଗାପୂଜା ଅବସର ମହାସପ୍ତମୀ ପୂଜା, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ପଞ୍ଚାୟତ ବାହାଡାଶୁଣୀ ପୀଠ ; ଜଗନ୍ନାଥପ୍ରସାଦ ମହିଷାଷୁଣୀ ପୀଠ ; କଣ୍ଟିଲୋ ଶ୍ମଶାନଚଣ୍ଡୀ ; ଖଣ୍ଡପଡା ଉମାଦେବୀ ଓ ପାଟଚଣ୍ଡୀଙ୍କ ପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ୩୭ତମ ବାର୍ଷିକ ଚାଲେଞ୍ଜ କପ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନ ଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ହାଇସ୍କୁଲ ପଡିଆ, ସମୟ:ପୂର୍ବାହ୍ନ ୧୧ଟା ।
- ଦକ୍ଷିଣଚଣ୍ଡୀଙ୍କ ବାର୍ଷିକ ଉତ୍ସବର ୨ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ କଣ୍ଟିଲୋ କୃଷ୍ଣଚନ୍ଦ୍ରପୁର ପାଟଣା, ସମୟ: ଅପରାହ୍ନ ୨ଟା ।
- ବିମଳାଙ୍କ ଷୋଡଶ ପୂଜାର ପଞ୍ଚଦଶ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।
- ଷୋଡଶ ଦିବସୀୟ ପୂଜାର ପଞ୍ଚଦଶ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ୬୪ ତମ ସାର୍ବଜନିନ ଦୁର୍ଗାପୂଜାର ଷଷ୍ଠୀରେ ବିଲ୍ୱବରଣ ପୂଜା, ସ୍ଥାନ:ନୟାଗଡ ପଠାଣି ସାମନ୍ତ ଅଡିଟୋରିୟମ୍ ପରିସରସ୍ଥ ଦୁର୍ଗା ମଣ୍ଡପ, ସମୟ: ରାତି ୮ଟା ।

## ରାୟଗଡ଼ା

- ବିଲ୍ ପୂଜା ଓ ଗଙ୍ଗା ଆବାହନ, ସ୍ଥାନ: ଦୁର୍ଗାପୂଜା ମଣ୍ଡପ, ଗୁଡାରି, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ମାଁ ଦୁର୍ଗାଙ୍କ ଷଷ୍ଠୀ ପୂଜା ପାଇଁ କଳସୀ ଯାତ୍ରା, ସ୍ଥାନ: ଡାବୁଗାଁ ବ୍ଲକ ସଦରମହକୁମା ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଦଶହରା ପୂଜା ପାଇଁ ବିଲ୍ ବରଣ ଓ କଳସ ଅଧିବାସ, ସ୍ଥାନ: ବତ୍ରୀଶ ସିଂହାସନ ପରିସର ଓ ଗଙ୍ଗେଇଗୁଣି ନଦୀ ତୁଠ, ସମୟ: ସକାଳ ୮ଟା।

## ସମ୍ବଲପୁର

- କାମାକ୍ଷା ମନ୍ଦିରରେ ଚଣ୍ଡିପାଠ, ସ୍ଥାନ: ଭାଲୁପାଲି ନିକଟସ୍ଥ ମନ୍ଦିର ପରିସର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛିତ୍ରାଙ୍କନ ପ୍ରତିଯୋଗୀତା, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଚିତ୍ରକଳା ଗ୍ୟାଲେରୀ, ସମୟ: ସକାଳ ୮ଟା।
- ଶାରଦୀୟ ଦଶହରା ପୂଜା ସକାଶେ ପୀଠରେ ସପ୍ତମୀ ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ସକାଳ ୮ଟା।
- ଚିତ୍ରକଳା ପ୍ରଦର୍ଶନୀ ଓ କର୍ମଶାଳା, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରସ୍ଥ ଚିତ୍ରକଳା ଗ୍ୟାଲେରୀ, ସମୟ: ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ମାଲାବାର ସୁନା ଓ ହୀରା ଶୋରୁମର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ସହଯୋଗ ନଗର ଛକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ସମିତି ଆୟୋଜିତ ଲବକୁଶ ଅନୁଷ୍ଠାନ କଳାକାରଙ୍କ ଶ୍ରୀରାମ ଲିଳା କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ପିଏଚ୍‌ଡି ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଦୁର୍ଗାପୀଠରେ କାତ୍ୟାୟନୀ ପୂଜା, ସ୍ଥାନ: ରୁଗୁଡିପଡ଼ା, ପିପି ଏକାଡେମୀ, ପେଲେସଲାଇନ୍, ଗାନ୍ଧୀନଗରପଡା, ଟିକ୍ରାପଡା, କନ୍ଧପାଲିପଡା, ଠିକାଦାରପଡା, ବଲାଙ୍ଗୀର ସମୟ: ସକାଳ ୭ଟା ।

## ରାଉରକେଲା

- ନବରାତ୍ରି ପୂଜା, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ଭାରତୀୟ ଆଇନଜୀବୀ ସଂଘ ସମ୍ମିଳନୀ, ସ୍ଥାନ: ଆଇଟିଡିଏ ହଲ୍, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ଲୁଣିଆ ଓ ଇରମ ଶହୀଦ ସ୍ମୃତି ଦିବସ, ସ୍ଥାନ: ଛେଣ୍ଡ ଧାମରା ସଂଘ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରାଣୀ ସମ୍ପଦ ବିଭାଗର ସମ୍ମିଳନୀ, ସ୍ଥାନ: ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଛେଣ୍ଡରେ ସତ୍‌ସଙ୍ଗ, ସ୍ଥାନ: ଅନୁକୁଳଚନ୍ଦ୍ର ସେବାଶ୍ରମ, ଛେଣ୍ଡ, ସମୟ: ଅପରାହ୍ନ ୫ଟା ୩୦।
- ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ସୁପ୍ରିୟା ସ୍ମାରକୀ ଫୁଟବଲ,ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟେଡିୟମ, ବରଗଡ଼,ସମୟ:ଅପରାହ୍ନ ୨ଟା ।
- ରାସ୍ତା ପାର୍ଶ୍ୱ ଆଲୋକୀକରଣର ଶୁଭାରମ୍ଭ, ସ୍ଥାନ:ଆଶା କିରଣ ଛକ, ବରଗଡ଼,ସମୟ: ସନ୍ଧ୍ୟା ୫ଟା ୩୦।
- ଦୁର୍ଗା ମଣ୍ଡପର ଉନ୍ନତିକରଣ କାର୍ଯ୍ୟର ଉଦ୍‌ଘାଟନ,ସ୍ଥାନ:ସରକାରୀ ବସଷ୍ଟାଣ୍ଡ, ବରଗଡ଼,ସମୟ:ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ମହାବୀର ସାଂସ୍କୃତିକ ଅନୁଷ୍ଠାନର ଭାବାର୍ପଣ ସଭା, ସ୍ଥାନ: ଭବାନୀପାଟଣା ମହାବୀର ସାଂସ୍କୃତିକ ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୧୧ଟା।
- ଦୁର୍ଗାପୂଜା ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ଜୁନାଗଡ଼ ବ୍ଲକ ଚିଟିଗୁଡା ଗ୍ରାମ, ସମୟ: ସନ୍ଧ୍ୟା ୭ଟା।

# ପ୍ରଥମ ପୃଷ୍ଠାରୁ...

## ଭିଜିବ ଦଶହରା...

ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରିଛି। ବର୍ଷା ସମୟରେ ୩୦ ରୁ ୪୦ କି.ମି ପବନ ବହିବାର ସମ୍ଭାବନା ରହିଛି। ଆସନ୍ତା ୨ ଦିନ ଯାଏ ଉପକୂଳ ଓ ଉତ୍ତର ଆଭ୍ୟନ୍ତରୀଣର କିଛି ସ୍ଥାନରେ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଅକ୍ଟୋବର ୪ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହୋଇଥିବା ବେଳେ ୨୪ଟି ଷ୍ଟେଶନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ବଲାଙ୍ଗୀର ସାଲେଭଟାରେ ସର୍ବାଧିକ ୧୨୩.୨ ମିମି ବର୍ଷା ରେକର୍ଡ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ସତୀ ଲୋ, ସତେଇ ହେଉଛୁ କେତେ?
ତୋହ ଘର ନିଆଁ ଅଣ୍ଟିରେ ପୂରେଇ
ଖତେଇ ହଉଛୁ କେତେ?**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜ ଦୋଷ ନ ଦେଖି ସଦାସର୍ବଦା ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ଉଠାଇଥାନ୍ତି। ଏପରି ବ୍ୟକ୍ତିଙ୍କଠାରେ ଅନେକ ଦୋଷ ବା ଦୂର୍ଗୁଣ ରହୁଥିଲେ ମଧ୍ୟ ସେମାନେ ବିନା ଦ୍ୱିଧାରେ ଅନ୍ୟକୁ ଖରାପ କହି ତାଚ୍ଛଲ୍ୟ କରିଥାନ୍ତି। ଏପରି ଦୋଷ ଦର୍ଶୀ ବ୍ୟକ୍ତିଙ୍କୁ ପ୍ରଥମେ ନିଜ ଦୋଷ ଦେଖିବା ପାଇଁ ପରାମର୍ଶ ଦେବା ଉଚିତ୍ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସ୍ତିରୀ ହୋଇ ଯଦି ନ ଥିବ ଗୁଣ
ଧୋଇ କି ପିଇବ ସୁନ୍ଦର ପଣ?**

ଗୁଣ ନ ଥିଲେ ରୂପ ବ୍ୟର୍ଥ। ସ୍ତ୍ରୀ ରୂପବତୀ ହୋଇଥିଲେ ମଧ୍ୟ ଯଦି ତା' ଠାରେ ସ୍ନେହ, ଆଦର, ସେବା ତଥା ପତିବ୍ରତା ଭଳି ବିଶେଷ ଗୁଣର ଅଭାବ ଥାଏ ତେବେ ସେ ସେତେଟା ଆଦରଣୀୟା ହୋଇପାରି ନ ଥାଏ। ରୂପଠାରୁ ଗୁଣର ମହତ୍ତ୍ୱ ଖୁବ୍ ଅଧିକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଓଡ଼ିଶାରେ ଚିପ୍‌ରୁ ...

ଯୋଗଦେଇ ପ୍ରଧାନମନ୍ତ୍ରୀ ୬୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ବିକାଶମୂଳକ ପ୍ରକଳ୍ପର ଶୁଭ ଉନ୍ମୋଚନ କରିଥିଲେ। ସେ ବିଏସ୍‌ଏନ୍‌ଏଲ ସ୍ୱଦେଶୀ ୪-ଜି ସେବାର ଶୁଭାରମ୍ଭ କରିବା ସହ ସବୁଜ ପତାକା ଦେଖାଇ ବ୍ରହ୍ମପୁର-ସୁରଟ(ଉଧନା) ମଧ୍ୟରେ ନୂତନ ଅମୃତ ଭାରତ ଟ୍ରେନ୍ ଚଳାଚଳ ଆରମ୍ଭ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ବିଏସ୍‌ଏନ୍‌ଏଲ୍‌ର ୪-ଜି ସେବା ଏବେ ସାରା ଦେଶରେ ଆରମ୍ଭ ହେବା ସହିତ ଟେଲିକମ କ୍ଷେତ୍ରରେ ଭାରତ ବର୍ତ୍ତମାନ ପୃଥିବୀର ୫ଟି ଶ୍ରେଷ୍ଠ ରାଷ୍ଟ୍ର ମଧ୍ୟରେ ରହିଛି। ଓଡ଼ିଶାରେ ବିଏସ୍‌ଏନ୍‌ଏଲ୍ ୨,୪୭୨ଟି ଆଦିବାସୀ ତଥା ନେଟୱର୍କ ପହଞ୍ଚି ନ ଥିବା ଗ୍ରାମକୁ ଫୋନ୍ ସେବା ଯୋଗାଇ ପାରିଛି, ଯାହା ଆମ ପାଇଁ ଗୌରବର କଥା। ଦେଶରେ ବର୍ତ୍ତମାନ ୮୦ରୁ ଉର୍ଦ୍ଧ୍ୱ ଆଇଆଇଟି ତିଆରି ହେଉଥିବା ବେଳେ ଦେଶରେ ଏହା ଛାତ୍ରୀଛାତ୍ରଙ୍କ ପାଇଁ ବହୁ ସୁଯୋଗ ସୃଷ୍ଟି କରିବ। ଭାଜପା ସରକାର ଗରିବ, ଦଳିତ, ଆଦିବାସୀଙ୍କୁ ମୂଳସ୍ତରରୁ ମଜଭୁତ କରିବା ପାଇଁ ସବୁବେଳେ ଚେଷ୍ଟା କରୁଥିବା ବେଳେ ସେମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ତିଆରି କରାଯାଇଛି ଓ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିବା ସହିତ ଆଦିବାସୀମାନେ ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ବହୁ ଆଗରେ ରହିଛନ୍ତି। ୪ କୋଟିରୁ ଅଧିକ ପରିବାରକୁ ଡବଲ ଇଞ୍ଜିନ ସରକାର ପ୍ରଧାନମନ୍ତ୍ରୀ ଆବାସ ମାଧ୍ୟମରେ ଘର ଦେଇ ଦେଶରେ ଇତିହାସ ସୃଷ୍ଟି କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜଣେ କର୍ମଠ ବ୍ୟକ୍ତି ବୋଲି ପ୍ରଶଂସା କରିବା ସହ ତାଙ୍କ ନେତୃତ୍ୱରେ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିବା ସହିତ ଦେଶରେ ବର୍ତ୍ତମାନ ୪୦ ହଜାର ଆଦିବାସୀ ଗ୍ରାମ ଘୋଷଣା ହୋଇ ସାରିଲାଣି ଏବଂ ଆହୁରି କିଛି ଗ୍ରାମର ଉନ୍ନତି ପାଇଁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି ବୋଲି ସେ କହିଛନ୍ତି।

ଆୟୁଷ୍ମାନ ଯୋଜନା ଅନ୍ତର୍ଭୁକ୍ତ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ୮ ଲକ୍ଷ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ମହିଳାମାନେ ଉପକୃତ ହେଉଛନ୍ତି। ୨୨ ସେପ୍ଟେମ୍ବରରୁ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ସୁଧାର ଆସିଛି। ବହୁ ଜିନିଷ ଶସ୍ତା ହୋଇସାରିଛି। ଫଳରେ ଗରିବ ଲୋକମାନେ ଉପକୃତ ହେବା ସହିତ କୃଷକମାନେ ଏକ ଟ୍ରାକ୍ଟର କିଣିଲେ ଜିଏସ୍‌ଟିରୁ ୪୦ ହଜାର ଟଙ୍କା ଲାଭ ପାଇବା ସହିତ ବିଭିନ୍ନ କୃଷି ଉପକରଣ କିଣିଲେ ଲାଭବାନ ହେବେ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ନବରାତ୍ରର ଏହି ପବିତ୍ର ପର୍ବ ଚାଲିଥିବା ବେଳେ ମା' ସମଲେଶ୍ୱରୀ ଓ ରାମଚଣ୍ଡୀଙ୍କ ପାବନ ଭୂମିକୁ ପ୍ରଧାନମନ୍ତ୍ରୀ ପ୍ରଣାମ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଜୟ ଜଗନ୍ନାଥ, ଜୟ ମା' ସମଲେଇ, ଜୟ ଜୟ ମା' ରାମଚଣ୍ଡୀଙ୍କ ଜୟ ଧ୍ୱନି କରି ଭାଷଣ ଆରମ୍ଭ କରିଥିଲେ। ଜୟ ଜଗନ୍ନାଥ, ଭାରତ ମାତା କୀ ଜୟ ସ୍ଲୋଗନ ଦେଇ ମୋଦି ଭାଷଣ ସାରିଥିଲେ। ଯୁବ ସମ୍ମିଳନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ଭାରତର ଯୁବ ସମାଜ ପାଇଁ ଏକ ଆଦର୍ଶ ବୋଲି କହିବା ସହ 'ଏକ ପେଡ୍ ମା'କେ ନାମ୍' କାର୍ଯ୍ୟକ୍ରମରେ ଓଡ଼ିଶାରେ ୧ କୋଟି ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଗଛ ଲଗା ଯାଇଛି ବୋଲି କହିଛନ୍ତି। ଆଜିର ଏହି ଯୁବ ସମ୍ମିଳନୀ କାର୍ଯ୍ୟକ୍ରମ ଓ ଏହି ଦିନଟି ସବୁଦିନ ପାଇଁ ମନେ ରହିବ କାରଣ ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆମ ସହିତ ଉପସ୍ଥିତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ମନ୍ତ୍ରୀ, ଏମ୍‌ପି, ବିଧାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

ପ୍ରଧାନମନ୍ତ୍ରୀ ମୋଦି ପ୍ରଥମେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପୂର୍ବାହ୍ନ ୧୧ଟା ୧୦ରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏବଂ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସ୍ୱାଗତ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ବିମାନବନ୍ଦରରୁ ସଭାସ୍ଥଳକୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଆସିଥିବା ବେଳେ ବ୍ୟାରିକେଡ୍‌ରେ ଦେଖିବା ପାଇଁ ଥିବା ଲୋକଙ୍କୁ ଅଭିବାଦନ କରି ଝାରସୁଗୁଡ଼ା ଓଏମ୍‌ପି ଛକ ଦେଇ ଅମଲିପାଲି ସ୍ଥିତ ରିଜର୍ଭ ପଡ଼ିଆରେ ପହଞ୍ଚିଥିଲେ। ମୋଦି ସଭା ମଞ୍ଚରେ ପହଞ୍ଚିଲା ପରେ 'ମୋଦି ମୋଦି' ସ୍ଲୋଗାନରେ ସଭାସ୍ଥଳ କମ୍ପି ଉଠିଥିଲା। ପ୍ରଧାନମନ୍ତ୍ରୀ ପ୍ରଥମେ ସଭାସ୍ଥଳରେ ଥିବା ଲୋକମାନଙ୍କୁ ଶୁଭେଚ୍ଛା ଓ ନମସ୍କାର ଜଣାଇବା ପରେ ଉପସ୍ଥିତ ଥିବା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସହିତ ବିଭିନ୍ନ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଦିବାସୀ ଛାତ୍ରୀ ବର୍ଷା ଓ କମଳା ପ୍ରଧାନମନ୍ତ୍ରୀଙ୍କୁ ଏକ ସମ୍ବଲପୁରୀ ଲୋଗୋ ଦେଇ ଏବଂ ମୁଖ୍ୟମନ୍ତ୍ରୀ ସମଲେଶ୍ୱରୀଙ୍କ ଏକ ଫଟୋ ଦେଇ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

## ଯୁବବର୍ଗଙ୍କ ପାଇଁ ...

ସେପ୍ଟେମ୍ବର ୨୨ରେ ଆପଣଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଏହି ବିମାନବନ୍ଦର ବିଶେଷ ଭାବେ ପଶ୍ଚିମ ଓଡ଼ିଶା ବିକାଶର ଗତିକୁ ତ୍ୱରାନ୍ୱିତ କରିଛି। କିଛିଦିନ ପୂର୍ବେ ସମଗ୍ର ଦେଶ ହର୍ଷଉଲ୍ଲାସର ସହ ଆପଣଙ୍କ ଜନ୍ମଦିବସ ପାଳନ କରିଥିଲା। ସେପ୍ଟେମ୍ବର ୧୭ରୁ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ 'ସେବା ପକ୍ଷ' ଭାବେ ପାଳନ କରିବା ଏହାର ସବୁଠାରୁ ବଡ଼ ପ୍ରମାଣ। ଏହା ଆମ ପାଇଁ 'ସେବା ପର୍ବ'। ଏହି ସମାବେଶ ଯୁବବର୍ଗଙ୍କ ପାଇଁ ସମର୍ପିତ। ବିଶେଷକରି ୨୦୧୪ ପରେ ଦେଶର ଯୁବବର୍ଗଙ୍କ ପାଇଁ ଆପଣ ଯଥାର୍ଥ ଭାବେ ସବୁଠାରୁ ବଡ଼ 'ଆଇକନ୍'। ଦେଶର ଯୁବବର୍ଗଙ୍କ ପାଇଁ ଆପଣ ପ୍ରେରଣାର ସ୍ରୋତ ବୋଲି ମୋଦିଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, 'ଅପରେଶନ ସିନ୍ଦୂର' ସହ ଦେଶର ସୁରକ୍ଷାକୁ ନେଇ ଆପଣ ଯେଉଁ 'ଲକ୍ଷ୍ମଣରେଖା' ଆଙ୍କିଛନ୍ତି, ସେଥିରେ ଦେଶର ଯୁବବର୍ଗଙ୍କ ମନପ୍ରାଣରେ ଏକ ନୂତନ ଉତ୍ସାହ ଭରିଦେଇଛି। ଭାରତରେ ଗୋଟିଏ ପ୍ରସିଦ୍ଧ ହିନ୍ଦୀ ଲୋକକଥା ଅଛି - 'ଛୋଡେଙ୍ଗେ ନେହିଁ, ଅଗର କୋଇ ଛୋଡେଗା, ତୋ ଛୋଡେଙ୍ଗେ ନେହିଁ'। ପହଲଗାମ୍ ନରସଂହାର ପରେ ଶତ୍ରୁ ଦେଶରେ ପ୍ରବେଶକରି ଆତଙ୍କବାଦୀ ଏବଂ ସେମାନଙ୍କ ପୃଷ୍ଠପୋଷକଙ୍କୁ ଯେପରି ଦଣ୍ଡ ଦିଆଗଲା, ସେଥିରେ ଦେଶର ସୁରକ୍ଷା ନୀତିର ସବୁଦିଗ ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି। ଦେଶକୁ ସୁରକ୍ଷିତ ରଖିଥିବାରୁ ସମଗ୍ର ଦେଶ ପକ୍ଷରୁ ଧନ୍ୟବାଦ। ଭାଜପା ସରକାର ଆସିବା ପରେ ପ୍ରଧାନମନ୍ତ୍ରୀ ୭ ଥର ଓଡ଼ିଶା ଗସ୍ତ କରିଛନ୍ତି। ଗତବର୍ଷ ତାଙ୍କ ଜନ୍ମଦିନରେ ସେ ଓଡ଼ିଶା ଆସି 'ସୁଭଦ୍ରା ଯୋଜନା'ର ଶୁଭାରମ୍ଭ କରିଥିଲେ। ଆଜି ଏହି ଯୋଜନା ଅଧୀନରେ ୧ କୋଟିରୁ ଅଧିକ ମା'ଙ୍କୁ ପ୍ରତିବର୍ଷ ୧୦,୦୦୦ ଟଙ୍କାର ସହାୟତା ମିଳୁଛି। ପରିବେଶ ସୁରକ୍ଷା ପ୍ରତି ଆପଣଙ୍କ ଚିନ୍ତା ବିଷୟରେ ସମଗ୍ର ଦେଶ ଜାଣିଛି। ଗତବର୍ଷ ଆପଣ ଯେଉଁ ଏକ୍ ପେଡ୍ ମା' କେ ନାମ୍' କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ତାହା ବର୍ତ୍ତମାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ଏବେ ଦ୍ରୁତଗତିରେ ବିକାଶପଥରେ ଅଗ୍ରସର ହେଉଛି। ଆପଣ ଯେତେବେଳେ ଓଡ଼ିଶା ଆସନ୍ତି ରାଜ୍ୟବାସୀଙ୍କ ପାଇଁ ଅନେକ ଉପହାର ନେଇଆସନ୍ତି। ଚଳିତ ବର୍ଷ ଜାନୁଆରୀରେ ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମରେ ଉଦ୍ୟୋଗପତିମାନଙ୍କୁ ରାଜ୍ୟରେ ନିବେଶ କରିବା ପାଇଁ ଆହ୍ୱାନ ଦେଇ କହିଛନ୍ତି, ଏହି ସାଢେ ୭ ମାସ ମଧ୍ୟରେ ୨ ଲକ୍ଷ କୋଟି ଟଙ୍କାରୁ ଅଧିକ ନିବେଶ ସହ ଓଡ଼ିଶାରେ ୮୪ଟି ଶିଳ୍ପ ପ୍ରକଳ୍ପ ପାଇଁ ଶିଳାନ୍ୟାସ ହୋଇଛି। ଏହାଦ୍ୱାରା ୧ ଲକ୍ଷ ୬୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଗତ ୧୧ ବର୍ଷରେ ତାଙ୍କ ନେତୃତ୍ୱରେ ଦେଶ ପ୍ରତ୍ୟେକ କ୍ଷେତ୍ରରେ ନୂଆ ଶିଖରରେ ପହଞ୍ଚିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଶିଶୁ ସେବିକାମାନେ ...

ଖୋଲାଯାଇଛି। ଏଠାରେ କୁନି କୁନି ପିଲାଙ୍କୁ ଖେଳକୁଦ ମାଧ୍ୟମରେ ପାଠପଢ଼ା ପ୍ରତି ଆଗ୍ରହ ସୃଷ୍ଟି କରାଯିବ। ପିଲାଙ୍କ ଯତ୍ନ ନେବା ପାଇଁ ପ୍ରତି ଶିଶୁ ବାଟିକାରେ ଶିଶୁ ସେବିକାଙ୍କୁ ନିଯୁକ୍ତି ଦିଆଯାଇଛି। ତେଣୁ ଶିଶୁ ସେବିକାଙ୍କ କାର୍ଯ୍ୟକୁ ନେଇ ଓସେପା ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ସେମାନେ ଶିଶୁ ବାଟିକାରେ କ'ଣ କାମ କରିବେ ଓ କ'ଣ କରିବେ ନାହିଁ ସେନେଇ ସମସ୍ତ ଡିଇଓ ଏବଂ ଡିପିସି ସମଗ୍ର ଶିକ୍ଷାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ ସେବିକାମାନେ ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷକଙ୍କୁ ସହଯୋଗ କରିବେ ନାହିଁ ବରଂ ଶିଶୁମାନଙ୍କ ସୁରକ୍ଷାରେ ସହାୟକ ଭାବେ କାମ କରିବେ। ଶିଶୁମାନେ ଶ୍ରେଣୀ ଗୃହରେ ହେଉ କି ଖେଳପଡ଼ିଆରେ ଯେପରି ସୁରକ୍ଷିତ ରହିବେ ସେଥିପ୍ରତି ଧ୍ୟାନ ଦେବେ। ପିଲାମାନେ ତାଙ୍କର ନିୟମିତ କାର୍ଯ୍ୟ ତଥା ହାତ ଧୋଇବା, ଖାଇବା, ବହି, ଖେଳନା ସାମଗ୍ରୀ ଦେବାରେ ଶିଶୁ ସେବିକାମାନେ ସହଯୋଗ କରିବେ। ପିଲାମାନେ ଶୌଚ କିମ୍ବା ବାହାରକୁ ଗଲେ ତାଙ୍କ ସହିତ ସେମାନେ ଯିବେ। ଯଦି କୌଣସି ଶିଶୁଙ୍କର ସ୍ୱାସ୍ଥ୍ୟ ଅସୁସ୍ଥ ଲାଗେ କିମ୍ବା କୌଣସି ଭିନ୍ନ ଆଚରଣ କରନ୍ତି, ତୁରନ୍ତ ଶିକ୍ଷୟିତ୍ରୀଙ୍କୁ ଜଣାଇବା ଭଳି କାର୍ଯ୍ୟ ଶିଶୁ ସେବିକାଙ୍କୁ କରିବାକୁ ପଡ଼ିବ। ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଦୀର୍ଘଦିନରୁ ଅଟକି ରହିଥିବା ସବୁ କାମ ସୁବିଧାରେ ହେବା ସହ ପ୍ରଶଂସିତ ହେବେ। ଆଜି ଆପଣ ଯାହାକୁ ଯାହା କହିବେ ସେ କଦାପି ନାହିଁ କରିବ ନାହିଁ। ମାତ୍ର ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ, ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ,ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେଇପାରେ।

**ବୃଷ** - କର୍ମକ୍ଷେତ୍ରରେ ବାରମ୍ବାର ଚେଷ୍ଟା କରି ମଧ୍ୟ ଅସଫଳତା ହେତୁ ଚିନ୍ତା ପ୍ରକଟ କରିପାରନ୍ତି। ଦୀର୍ଘଦିନର ଅପୂରଣୀୟ ଅଭିଳାଷ ମନରେ କ୍ରୋଧ ସୃଷ୍ଟି କରିପାରେ। ସଭାସମିତିର ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ** - ସାଧାରଣ ଘଟଣାରେ ଝଗଡ଼ା ଲାଗିଥିବା ଗତକାଲିର ଘଟଣାବଳୀ ମନକୁ ବିବ୍ରତ କରିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଆଶାନୁରୂପ ଫଳ ପ୍ରାପ୍ତି ହେବ। ପାରିବାରିକ କ୍ଷେତ୍ରରେ ଖଳ ଲୋକଙ୍କ ଅନୁପ୍ରବେଶ କଳହକୁ ପ୍ରୋତ୍ସାହିତ କରିପାରେ। କର୍ମକ୍ଷେତ୍ରରେ କୌଣସି ନିଷ୍ପତ୍ତି ପାଇଁ ବିବାଦ ବଢ଼ିବାର ଆଶଙ୍କା ରହିଛି ।

**କର୍କଟ** - ଆଜି ଦିନଟିରେ ଯାହା ପାଇବାକୁ ଇଚ୍ଛା କରିଛନ୍ତି, ତାହା ଶନିଙ୍କ ପ୍ରଭାବରୁ ବିଳମ୍ବରେ ପାଇବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ଦୂରଯାତ୍ରା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବାର ସମ୍ଭାବନା ରହିଛି।

**ସିଂହ** - ଦୀର୍ଘ ଦିନର ଯୋଜନାକୁ ବାସ୍ତବରୂପ ଦେବାରେ ଆଜି ସଫଳତା ପାଇବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଲେ ମଧ୍ୟ ଚେଷ୍ଟାରୁ ବିରତ ହେବେ ନାହିଁ। ବନ୍ଧୁ ଗହଣରେ ଅପ୍ରିୟ ସତ୍ୟ କହି ବିରୋଧୀ ହୋଇପାରନ୍ତି। ସହକର୍ମୀମାନେ ଆବଶ୍ୟକ ସହଯୋଗ କରିବା ସାଙ୍ଗକୁ ପ୍ରଶଂସାରେ ଶତମୁଖ ହୋଇପାରନ୍ତି।

**କନ୍ୟା** - ଆଜିର କର୍ମକ୍ଷେତ୍ର ପ୍ରଶସ୍ତ ରହିବ ଏବଂ ସଙ୍ଗୀତ, କ୍ରୀଡ଼ା, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ଆନୁଷ୍ଠାନିକ କାମରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବଢ଼ିଯିବ। ସାମାଜିକ ସ୍ତରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** - ସାମାଜିକ ସ୍ତରରେ ଆନୁଷ୍ଠାନିକ କାର୍ଯ୍ୟ ତଥା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ମିଳିବ। ସରକାରୀ କ୍ଷେତ୍ରରୁ କୌଣସି ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟାଜନିତ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ବିଛା** - କର୍ମକ୍ଷେତ୍ରରେ ଏକ ପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ନିଜ ସକାଶେ ସମସ୍ୟାକୁ ବଢ଼ାଇ ଦେବ। ଆଜିର ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କ୍ରୟବିକ୍ରୟ ପରିପ୍ରେକ୍ଷୀରେ ଜମିଜମା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ ।

**ଧନୁ** - ଶୁକ୍ରଙ୍କ ପ୍ରଭାବରେ ମନୋରଞ୍ଜନ କାର୍ଯ୍ୟରେ ସାମିଲ ହୋଇପାରନ୍ତି, କିନ୍ତୁ ପୂର୍ଣ୍ଣ ଉପଭୋଗ୍ୟ ହୋଇପାରିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବାରୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। ବ୍ୟବସାୟ ଓ ପରିବହନ ସମସ୍ୟାର ସମାଧାନ ହୋଇଯିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ଖୁସି ମନାଇପାରନ୍ତି।

**ମକର** - ପ୍ରତିକୂଳ ସମୟଜନିତ ଘରେ ବସି ରହିଥିଲେ ମଧ୍ୟ ବିଭିନ୍ନ ପ୍ରକାରର ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତ ପରିବେଶ ସୃଷ୍ଟି ହେବ। ବନ୍ଧୁଙ୍କ ଗହଣରେ ଆଳାପ ଆଲୋଚନାରେ ସମୟ କଟିଯିବ। ଆତ୍ମୀୟମାନେ ସ୍ୱାର୍ଥସାଧନ ମାନସରେ ଅଘଟଣ ଘଟାଇପାରନ୍ତି।

**କୁମ୍ଭ** - ସ୍ୱାସ୍ଥ୍ୟ ଭଲ ରହିବା ସହ ଅଭାବ ସୁଧାରିବାକୁ ଯାଇ ଧାରକରଜ କରିବାକୁ ବାଧ୍ୟ ହେବେ। ସମ୍ପର୍କୀୟଙ୍କ ସାହାଯ୍ୟରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆନୁଷ୍ଠାନିକ କ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବାର ସୂଚନା ରହିଛି। ବନ୍ଧୁଙ୍କ ଅନୁରୋଧକ୍ରମେ ଭ୍ରମଣ ସୁଯୋଗ ଜୁଟିବାର ସୁଯୋଗ ଲାଭ କରିବେ।

**ମୀନ** - ସମସ୍ୟା ରହିଥିଲେ ମଧ୍ୟ ବନ୍ଧୁଙ୍କ ପରାମର୍ଶ ଅନୁସାରେ ସମାଧାନ ପାଇଁ ଚେଷ୍ଟା କରିବେ। ନିଜ ଲୋକଙ୍କ ଈର୍ଷାପରାୟଣତାରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଅଜଣା ଅଶୁଣା ବ୍ୟକ୍ତିଙ୍କ ନିକଟରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯାନ୍ତ୍ରିକଦ୍ରବ୍ୟ କିମ୍ବା ବିଦ୍ୟୁତ୍, ଲୌହ, ତୈଳାଦି ବ୍ୟବସାୟରୁ ଲାଭବାନ୍ ହେବେ।

ଆଜି ସେପ୍ଟେମ୍ବର ୨୮ ତାରିଖ, ବିଶ୍ୱ ଜଳାତଙ୍କ ଦିବସ,ଭଗତ ସିଂହ ଜୟନ୍ତୀ, କବିବର ରାଧାନାଥଙ୍କ ଜୟନ୍ତୀ, ଆଶ୍ୱିନ ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ରବିବାର, ପୀଠେ ତ୍ରିଦିନାତ୍ମକ ଦୁର୍ଗାପୂଜା, ସାୟଂକାଳେ ମୃଣ୍ମୟୀ ବିଲ୍ୱାଧିବାସରେ ମହାସପ୍ତମୀ ପୂଜା, ମୃଣ୍ମୟୀଦେବୀଙ୍କର ଷଷ୍ଠୀବିହିତପୂଜା, ସବିମଳା ଦେବୀଙ୍କ ପରାପୂଜା, ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଷଷ୍ଠୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬।୨୭ ଗତେ ଘ.୦୮।୫୦ ମଧ୍ୟେ, ଘ.୦୧।୦୬ ଗତେ ଘ.୦୩।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୪ ଗତେ ଘ.୦୫।୩୪ ମଧ୍ୟେ ରାହୁକାଳ।




# ସ୍କୁଲ ଭିତରେ ବିଇଓଙ୍କୁ ୫ ଘଣ୍ଟା ତାଲା ପକାଇ ରଖିଲେ ଗ୍ରାମବାସୀ

- ହଷ୍ଟେଲ ଅନ୍ତେବାସୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା
- ୨ ଲକ୍ଷ କ୍ଷତିପୂରଣ, ପ୍ରଧାନ ଶିକ୍ଷକ ନିଲମ୍ବିତ

**ରାଇଘର, ୨୭।୯(କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ଡୁରୁଡ଼ିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ସପ୍ତମ ଶ୍ରେଣୀ ଛାତ୍ର ମଙ୍ଗଳ ସିଂ ଗଣ୍ଡ ଶୁକ୍ରବାର ରାତିରେ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗକରି ଗ୍ରାମବାସୀଙ୍କ ସମେତ ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ବ୍ଲକ୍ ଅଧ୍ୟକ୍ଷ ଗୁପ୍ତପ୍ରସାଦ ଝାଙ୍କର, କଂଗ୍ରେସ ନେତା ସନରାଜ ଗଣ୍ଡ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ଗଣ୍ଡ, ସମିତି ସଭ୍ୟ ରାମନାଥ କେଉଟ ପ୍ରମୁଖ ଧାରଣାରେ ବସିଥିଲେ। ଘଟଣାର ତଦନ୍ତ କରିବାକୁ ସ୍କୁଲକୁ ଆସିଥିବା ବିଇଓ ବିକାଶ ଚନ୍ଦ୍ର ସରକାରଙ୍କୁ ଗ୍ରାମବାସୀ ତାଲା ପକାଇ ଦେଇଥିଲେ। ଦୀର୍ଘ ୫ଘଣ୍ଟା ଧରି ବିଇଓଙ୍କୁ ଗ୍ରାମବାସୀ ତାଲା ପକାଇ ରଖିଥିଲେ। ଖବରପାଇ ଅତିରିକ୍ତ ତହସିଲଦାର ମୌସୁମୀ ସାଜନ, ଏବିଡିଓ ବିଜୟ କୁମାର ସେଠୀ, ମଙ୍ଗଳ ଅଧିକାରୀ ଶ୍ୟାମସୁନ୍ଦର ଧୂରୁଆ, ରାଇଘର ଥାନାଧିକାରୀ ରଘୁନାଥ ମାଝୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନର ହସ୍ତକ୍ଷେପ ପରେ ଗ୍ରାମବାସୀ ତାଲା ଖୋଲି ବିଇଓଙ୍କୁ ବାହାର କରିଥିଲେ। ମୃତ ଛାତ୍ରଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ସହ ପ୍ରଧାନ ଶିକ୍ଷକ ନନିଗୋପାଳ ବିଶ୍ୱାସଙ୍କୁ ନିଲମ୍ବନ କରାଯିବା ପରେ ଉତ୍ତ୍ୟକ୍ତ ଲୋକେ ଧାରଣାରୁ ହଟିଥିଲେ।

ସୂଚନାନୁଯାୟୀ, କଚାରପରା ପଞ୍ଚାୟତ ଓଡ଼ଣ୍ଡୀ ଗ୍ରାମର ମଙ୍ଗଳ ସିଂ ଗଣ୍ଡ ଡୁରୁଡ଼ିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢ଼ନ୍ତି। ସେ ସ୍କୁଲ ହଷ୍ଟେଲରେ ରହୁଥିଲେ। ଶୁକ୍ରବାର ରାତ୍ରି ୧୧ଟା ୩୦ରେ ମଙ୍ଗଳ ସିଂ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ହଷ୍ଟେଲ କର୍ତ୍ତୃପକ୍ଷ ଏହ ଜାଣିବାପରେ ତାଙ୍କୁ ହାଟଭରଣ୍ଡି ଡାକ୍ତରଖାନାକୁ ନେଇଥିଲେ। ରାତି ୧୨ଟା୩୦ରେ ଡାକ୍ତର ଛାତ୍ରଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ରାତି ୧ଟା ୩୦ରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। ଦୀର୍ଘ ୪୫ ମିନିଟ୍ ପରେ ସେଠାରେ ଡାକ୍ତର ମଙ୍ଗଳ ସିଂଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପ୍ରଧାନ ଶିକ୍ଷକ ନନିଗୋପାଳ ବିଶ୍ୱାସଙ୍କୁ ପଚାରିବାରୁ ଛାତ୍ର ଜଣଙ୍କ ସିକଲ୍‌ସେଲ୍ ରୋଗରେ ପୀଡ଼ିତ ଥିଲେ। ଦୀର୍ଘ ୧ ବର୍ଷ ହେବ ତାଙ୍କ ସ୍ୱାସ୍ଥ୍ୟ ଖରାପ ରହୁଥିଲା ବୋଲି କହିଥିଲେ।


ଅଧିକାରୀମାନେ ଧାରଣାରେ ବସିଥିବା ଲୋକଙ୍କ ସହ ଆଲୋଚନା କରୁଛନ୍ତି।

# ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ସୁନା ଅଣ୍ଡାଦିଆ କୁକୁଡ଼ା ଭଳି ବ୍ୟବହାର କରୁଛନ୍ତି: କଂଗ୍ରେସ

**ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସପ୍ତମ ଥର ଲାଗି ଓଡ଼ିଶା ଗସ୍ତରେ ଆସିଛନ୍ତି। ଖଣିଜ ଦ୍ରବ୍ୟ, ପ୍ରାକୃତିକ ସମ୍ପଦକୁ ଖୋଲାଖୋଲି ଲୁଟକରି ପ୍ରାଚୁର୍ଯ୍ୟରେ ଭରା ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଏକ ସୁନା ଅଣ୍ଡାଦିଆ କୁକୁଡ଼ା ଭଳି ବ୍ୟବହାର କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି।

କଂଗ୍ରେସ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ଭାଜପା କେବଳ ବିଜ୍ଞାପନ ଓ ଭାଷଣରେ ସରକାର ଚଳାଇଛି। ତାଙ୍କ ସରକାର ଆସିଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟାଳୟ ପଶ୍ଚିମରେ ହେବ ଏବଂ ଏହାର ଅନୁଦାନ ହଜାର ହଜାର କୋଟି କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ସେ ଦିଗରେ ପାହୁଣ୍ଡଟିଏ କାର୍ଯ୍ୟ ମଧ୍ୟ ଅଗ୍ରସର ହୋଇନାହିଁ। ହାଇକୋର୍ଟ ବେଞ୍ଚ ସ୍ଥାପନ ଅଞ୍ଚଳବାସୀଙ୍କ ଏକ ପୁରୁଣା ଦାବି ସେଥିପ୍ରତି ମଧ୍ୟ ସରକାର ଉଦାସୀନ। ଏସବୁ ପଶ୍ଚିମ ଓଡ଼ିଶାବାସୀଙ୍କ ପ୍ରତି ଧୋକା ବ୍ୟତୀତ ଅନ୍ୟ କିଛି ନୁହେଁ। ବିଜେଡି ସରକାର ଥିବାବେଳେ ଛତିଶଗଡ଼ ସହ ଥିବା ମହାନଦୀ ଜଳ ବିବାଦକୁ ନେଇ ରକ୍ତମୁଖା ହୋଇଥିବା ଭାଜପା ଏବେ ଟ୍ରିପଲ ଇଞ୍ଜିନ ସରକାର ହୋଇ ମଧ୍ୟ ସମାଧାନ କରିପାରୁ ନାହିଁ। ଓଡ଼ିଶାକୁ ସ୍ୱତନ୍ତ୍ର ଅନୁଦାନ ତ ନାହିଁ ଖାଲିଟାରେ ପ୍ରଧାନମନ୍ତ୍ରୀ କାହିଁକି ବାରମ୍ବାର ଆସି ରାଜ୍ୟକୁ ବହୁ କୋଟି ଟଙ୍କାର ଖର୍ଚ୍ଚାନ୍ତ କରୁଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି।

# ଭାଜପା ଶାସନରେ ନିଅଁ ପକାଇବାକୁ ଲାଗିଗଲା ୧୧ ବର୍ଷ: ବିଜେଡି

**ଭୁବନେଶ୍ୱର,୨୭।୯(ସୁନିତ୍ ମିଶ୍ର)**

ଭାଜପା ଶାସନରେ ଯଦି ନିଅଁ ପକାଇବାକୁ ୧୧ ବର୍ଷ ପଳେଇଲାଣି ତେବେ ଛାତ ପାଇଁ କେତେଦିନ ଲାଗିବ। ସେମାନଙ୍କୁ କ'ଣ ସବୁବେଳେ ଲୋକ ଭୋଟ ଦେଉଥିବେ ନା ସେମାନେ ଶାସନରେ ଥିବେ ବୋଲି ବିଜେଡି ନେତ୍ରୀ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶନିବାର ପ୍ରମିଳା କହିଛନ୍ତି, ଯେବେଠାରୁ ଭାଜପା ସରକାରକୁ ଆସିଲାଣି ସେମାନେ ଯେତିକି ପ୍ରକଳ୍ପ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ବା ଶୁଭ ଦେଇଛନ୍ତି ସେଥିରୁ କେତୋଟି ସାରିଲେଣି। ତାଳଚେର ସାର କାରଖାନା କେତେଦିନରେ ଚଳେଇବେ ବୋଲି କହିଥିଲେ। ମିଛ ପ୍ରଚାର ଛଡ଼ା ଭାଜପା ସରକାର କିଛି କରୁନାହିଁ। ରାଜ୍ୟରେ ବେକାରିଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଛି। ନାରୀ ନିର୍ଯାତନା ବଢ଼ିଛି। ମହିଳାମାନେ ବଳାତ୍କାରର ଶିକାର ହେଉଛନ୍ତି। ଚାଷୀଙ୍କ ସମସ୍ୟା ସମାଧାନକରି ସାର ଯୋଗାଇ ପାରୁନାହାନ୍ତି। ଖାଲି ନୂଆ ସ୍ୱପ୍ନ ଦେଖାଇବାରେ ଏମାନେ ମାହିର। କିନ୍ତୁ ସାଧାରଣ ଲୋକଙ୍କ ଆଶା କିଛି ଏଯାଏଁ ପୂରଣ ହେଲାନାହିଁବୋଲିପ୍ରମିଳା କହିଛନ୍ତି।

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

# ଦ୍ୱିତୀୟ ପର୍ଯ୍ୟାୟ ଚାର୍ଜଶିଟ୍ ଦାଖଲକଲା କ୍ରାଇମବ୍ରାଞ୍ଚ

**ବାଲେଶ୍ୱର,୨୭।୯(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ତଦନ୍ତ ଜାରି ରହିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଏଚ୍‌ଓଡି ସମୀର ସାହୁ, ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷ, ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରି କୋର୍ଟଚାଲାଣ କରିଥିଲା। ସମସ୍ତ ଅଭିଯୁକ୍ତ ଏବେ ଜିଲା କାରାଗାରର ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଏହି ମାମଲାର ତଦନ୍ତ କରି କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ଶନିବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ଦ୍ୱିତୀୟ ପର୍ଯ୍ୟାୟ ଚାର୍ଜଶିଟ୍ ଦାଖଲ କରାଯାଇଛି। ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଇମାନ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ କୋର୍ଟରେ ଉପସ୍ଥିତ ହୋଇ ଏହି ଚାର୍ଜଶିଟ୍ ଦାଖଲ କରିଥିବା ଜଣାପଡ଼ିଛି। ଗତ ୯ ତାରିଖରେ ଡିଏସ୍‌ପି ନାୟକଙ୍କ ନେତୃତ୍ୱରେ ୩ ଜଣିଆ ଟିମ୍ କୋର୍ଟରେ ଉପସ୍ଥିତ ହୋଇ ୫୦୪ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍ ଦାଖଲ କରିଥିଲେ। ଏଥିରେ ୧୨୦ଜଣ ସାକ୍ଷୀଙ୍କ ନାମ ରହିଥିଲା।

ବିଭାଗୀୟ ଏଚ୍‌ଓଡି ସମୀର ସାହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇଥିଲେ ଛାତ୍ରୀ ସୌମ୍ୟାଶ୍ରୀ। ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ସେ ଆତ୍ମାହୁତି ଉଦ୍ୟମ କରିଥିଲେ। ପରେ ଜୁଲାଇ ୧୪ରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାଦିନ ଏଚ୍‌ଓଡି ସାହୁ ଓ ୧୪ ତାରିଖରେ ପୂର୍ବତନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଛାତ୍ରୀଙ୍କୁ ଆତ୍ମାହୁତି ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଗତ ଅଗଷ୍ଟ ୩ ତାରିଖରେ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ରନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।


କୋର୍ଟ ପରିସରରେ କ୍ରାଇମବ୍ରାଞ୍ଚ ଟିମ୍।




ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ

ପୀଠେ ଶ୍ରୀଦୁର୍ଗାଦେବୀଙ୍କ ତ୍ରିଦିନାତ୍ମକ ସପ୍ତମୀ ପୂଜା



# ନୂଆ ଭାରତର ସ୍ଥିତି



ଆକାର ପଟେଲ

'ଈଶ୍ୱର ତାଙ୍କ ଚମତ୍କାରିତା ପ୍ରଦର୍ଶନ କରିବା ପାଇଁ ରହସ୍ୟମୟ ତରିକାରେ ଆଗକୁ ବଢ଼ନ୍ତି' (ଗଡ୍ ମୁଭସ୍ ଇନ୍ ମିଷ୍ଟେରିୟସ ୱେଜ୍ ହିଜ୍ ୱଣ୍ଡର୍ସ ଟୁ ପର୍‌ଫର୍ମ)- ଏହି ଐଶ୍ୱରୀୟ ସ୍ତୁତିକୁ ମୁଁ ସ୍କୁଲରେ ପଢ଼ିଥିଲି। ପ୍ରକୃତ କଥା ହେଉଛି ମନୁଷ୍ୟର ଜ୍ଞାନ ବାହାରେ ସାଧାରଣତଃ ଅଲୌକିକ ଘଟଣା ଘଟିଥାଏ, ଯେଉଁଠି ଉଚ୍ଚତର ଶକ୍ତି କାମ କରେ। ସେଭଳି କିଛି ଭାରତର ବୈଦେଶିକ ନୀତିରେ ଘଟୁଛି। ସରକାରଙ୍କ ପ୍ରଚାର ଅନୁଯାୟୀ ଏହି କ୍ଷେତ୍ରରେ ବଡ଼ ଜିନିଷ ହାସଲ ହୋଇଛି, କିନ୍ତୁ ଏ ସମ୍ବନ୍ଧରେ ସବିଶେଷ ତଥ୍ୟ କେହି ଜାଣନ୍ତି ନାହିଁ। ତେବେ ଗୋଟିଏ ସପ୍ତାହ ମଧ୍ୟରେ ଜାତିସଂଘର ସାଧାରଣ ସଭାରେ ଆମର କ'ଣ ବିଜୟ ଘଟିଛି ସେ ସମ୍ପର୍କରେ ଜାଣିବା ପାଇଁ ଚାହିଁଲି ଏବଂ ଏଥିଲାଗି ମୋ ବନ୍ଧୁମାନଙ୍କ ଦ୍ୱାରା ପ୍ରସ୍ତୁତ ଏକ ଫାଇଲ ଉପଯୋଗୀ ହୋଇପାରେ ବୋଲି ଭାବିଲି। ଯଦି ତୁମେ ଏକ ବୈଦେଶିକ ନୀତିର ବୈଧ ତଥ୍ୟକୁ ପରଖିବ, ତେବେ ବୁଝିପାରିବ ଯେ ବିଶ୍ୱରେ ନୂଆ ଭାରତର ସ୍ଥିତି କେଉଁଠି। ଆମ ପଡ଼ୋଶୀଙ୍କଠାରୁ ଆରମ୍ଭ କରିବା। ମୁଁ ସୂଚିତ କରିପାରେ, ପାକିସ୍ତାନ ସହ ଆମ ସମ୍ପର୍କ ଖରାପ। ପାକିସ୍ତାନ ବିରୋଧରେ ଆମ ମିଲିଟାରି ଅପରେଶନକୁ ଶେଷ ନ କରି ସ୍ଥଗିତ ରଖିଥିବାରୁ ସେମାନଙ୍କ ସହ 'ଯୁଦ୍ଧ'ରେ ଅବତୀର୍ଣ୍ଣ ହୋଇଛୁ ବୋଲି କୁହାଯାଇପାରେ। 'ଯୁଦ୍ଧ'କୁ କୋଟେଶନ ଚିହ୍ନ ମଧ୍ୟରେ ରଖିବାର କାରଣ ହେଉଛି ଆମେ ବାସ୍ତବରେ ଯୁଦ୍ଧ ଘୋଷଣା କରିନାହୁଁ। ବାଂଲାଦେଶ ସେମାନଙ୍କ ପ୍ରଧାନମନ୍ତ୍ରୀଙ୍କୁ ଫେରାଇବା ଲାଗି ତାହା ଦାବି କରୁଛି, ଯେଉଁଥିରେ ତାଙ୍କୁ ଦଣ୍ଡିତ କରାଯାଇପାରେ। କିନ୍ତୁ ଆମେ ଏଯାବତ୍ ମନାକରି ଆସିଛୁ। ବାଂଲାଦେଶର ନେତା ସାର୍କକୁ ପୁନର୍ଗଠନ କରାଯିବାକୁ ଚାହୁଁଛନ୍ତି ଏବଂ ଭାରତ ଏହାକୁ ନିଷ୍କ୍ରିୟ କରିଦେବା ଅଭିଯୋଗ କରିଛନ୍ତି। ୨୦୨୨ରେ ଅଗ୍ନିପଥ ଯୋଜନା ଆରମ୍ଭ କରି ଭାରତୀୟ ଆର୍ମିରେ ନେପାଳୀମାନେ ଭାଗନେବାର ୨୦୦ ବର୍ଷର ସମ୍ପର୍କକୁ ଶେଷ କରିଦେଇଛନ୍ତି। ୨୦୧୫ରେ ନେପାଳୀଙ୍କ ବିରୋଧରେ କଟକଣା ସେମାନଙ୍କୁ କ୍ରୋଧିତ କରିଛି। ଗାଜାରେ ଗଣହତ୍ୟା ବନ୍ଦ କରିବା ପାଇଁ ଦାବି କରି ଶ୍ରୀଲଙ୍କା ଆମ ତୁଳନାରେ ଅଧିକ ସାହସ ଦେଖାଇଛି। କିଛିଦିନ ପୂର୍ବେ ସରକାରଙ୍କ ସମର୍ଥକମାନେ ମାଲଦେଭିସ ସହ ସମ୍ପର୍କ ନ ରଖିବାକୁ ଦାବି କରିଥିଲେ, କାରଣ ଆମେ ସେମାନଙ୍କ ଉପରେ ଅସନ୍ତୁଷ୍ଟ ଥିଲୁ। ଆମର ଏବେ ସେମାନଙ୍କ ସହ ବନ୍ଧୁତ୍ୱ ରହିଛି କି ନାହିଁ ତାହା ଅସ୍ପଷ୍ଟ। ଆମ ନେତାଙ୍କ ନିର୍ଦ୍ଦେଶରେ ଚାଇନିଜ ଟେଲିଭିଜନକୁ ନଷ୍ଟ କରିଥିଲୁ। ଏଥିପାଇଁ ଭାରତୀୟଙ୍କୁ କ୍ଷମା କରିଦିଆଯାଇପାରେ, କାରଣ କେବଳ ସେମାନେ ନୁହନ୍ତି, କେହି ବି ଏବେ ଚାଇନା ସହିତ ଆମ ସମ୍ପର୍କ କିଭଳି ରହିଛି ଜାଣନ୍ତି ନାହିଁ। ବିଗତ ଦିନରେ ତାଲିବାନକୁ ସମାଲୋଚନା କରୁଥିଲେ ବି ଏବେ ତାକୁ କାହିଁକି ଗ୍ରହଣ କରିଛୁ ସ୍ପଷ୍ଟ କରାଯାଉନାହିଁ। ୮ ବର୍ଷ ପୂର୍ବେ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଆମେ ଇରାନଠାରୁ ତେଲ କିଣିବା ବନ୍ଦ କରିଥିଲୁ, ହେଲେ ସେମାନେ ଏବେ ମଧ୍ୟ ଆମ ତୀର୍ଥଯାତ୍ରୀଙ୍କୁ ଗ୍ରହଣ କରୁଛନ୍ତି।

ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଆମେ ଦୁଇଟି ବିରାଟ ରାଲିର ଆୟୋଜନ କରିଥିଲୁ। ତାଙ୍କ ପାଇଁ ଆମ କର୍ପୋରେଟ ଟ୍ୟାକ୍ସ ହ୍ରାସ କରିଥିଲୁ ଓ ଆମେରିକା ନିର୍ବାଚନରେ ହସ୍ତକ୍ଷେପ କରିଥିଲୁ। ସେହି ଟ୍ରମ୍ପ ଏବେ ଆମ(୨୫%) ତୁଳନାରେ ପାକିସ୍ତାନ(୧୯%) ଏବଂ ବାଂଲାଦେଶ(୨୦%) ଉପରେ କମ୍ ଟାରିଫ ଲାଗୁ କରିଥିଲେ ଓ ପରେ ଆମ ଉପରେ ଆଉ ୨୫% ବଢ଼ାଇଛନ୍ତି। ଏହା ବ୍ୟତୀତ ଏଚ୍- ୱାନ୍ -ବି ଭିଜା ଦେୟ ବୃଦ୍ଧି କରି ୧,୦୦,୦୦୦ ଡଲାର କରିଛନ୍ତି। ଏବେ ସେ ଫାର୍ମା ଉପରେ ଆଉ ଅଧିକ ଟାରିଫ ଲଗାଇଛନ୍ତି। ଏହା ନିଶ୍ଚିତ ଯେ, ଆମେରିକା ଆମ ବନ୍ଧୁ ନୁହେଁ। କିନ୍ତୁ ଇସ୍ରାଏଲ ଆମ ବନ୍ଧୁ। ଜାତିସଂଘରେ ଗଣହତ୍ୟାକୁ ଯୁକ୍ତିଯୁକ୍ତ ଦର୍ଶାଇ ନେତାନ୍ୟାହୁ ଅଭିଭାଷଣ ରଖିଥିବାବେଳେ ବିଶ୍ୱର ବହୁ ଦେଶର ପ୍ରତିନିଧିମାନେ ବାହାରକୁ ଚାଲିଯାଇଥିଲେ, ହେଲେ ଭାରତ ତାଙ୍କୁ ପ୍ରଶଂସା କରିଥିଲା। ତୁର୍କୀ ଓ ଆଜାରବୈଜାନ ହେଉଛନ୍ତି ଶତ୍ରୁ, କାରଣ ସେମାନେ ପାକିସ୍ତାନର ବନ୍ଧୁ। ସମଗ୍ର ଆଫ୍ରିକୀୟ ଉପମହାଦେଶ(୫୪ରୁ ୫୩ଟି ଦେଶ, ପୁରୁଣା ସ୍ୱାଜିଲାଣ୍ଡକୁ ଛାଡ଼ି ସମସ୍ତେ) ଚାଇନାର ବେଲ୍ଟ ଆଣ୍ଡ ରୋଡ୍ ପ୍ରୋଗ୍ରାମର ଅଂଶ ଭାବେ ରହିଛନ୍ତି। ନିଶ୍ଚିତ ଯେ, ସେମାନଙ୍କ ଉପରେ ଆମର ଅଧିକ ପ୍ରଭାବ ନାହିଁ। ସମାନ କାରଣ ପାଇଁ କେନ୍ଦ୍ର ଏସିଆ ଓ ଆସିଆନ ରାଷ୍ଟ୍ରଗୁଡ଼ିକ କ୍ଷେତ୍ରରେ ମଧ୍ୟ ସମାନ କଥା ଘଟୁଛି। ଚାଇନା ସହ ଭାରତର ଥିବା ବାଣିଜ୍ୟର ମାତ୍ର ୧୦% ଏବଂ ଆଫ୍ରିକା ସହ ଥିବା ବାଣିଜ୍ୟର ଏକ ଚତୁର୍ଥାଂଶ ରହିଛି ଆସିଆନ ସହ। ରୁଷିଆ ସହ ଆମର ନେଣଦେଣ ସମ୍ପର୍କ। ଅସ୍ତ୍ରଶସ୍ତ୍ର ପାଇଁ ଆମେ ସମ୍ପୂର୍ଣ୍ଣ ଭାବେ ଏହାକୁ ଏକ ଉତ୍ସ ଭାବେ ବ୍ୟବହାର କରୁଛୁ ଏବଂ ଏବେ ତେଲ ପାଇଁ ତାହା କରୁଛୁ। ପ୍ରତିବଦଳରେ ସେମାନେ ଆମକୁ ବନ୍ଧୁ ନୁହେଁ, ବରଂ ଗ୍ରାହକ ଭାବେ ଦେଖୁଛନ୍ତି। ଆମକୁ କଦାପି ସହଯୋଗୀ ଭାବେ ବିଚାର କରୁନାହାନ୍ତି। ଇସ୍ରାଏଲକୁ କୋଳେଇ ନେବା ଯୋଗୁ ଭାରତ ଆରବ ଦେଶଗୁଡ଼ିକର ଲୋକମାନଙ୍କ ସମର୍ଥନ ହରାଇଛି। ଏହା ଆରବ ଦେଶଗୁଡ଼ିକ ସହ ଥିବା ସମ୍ପର୍କକୁ ପ୍ରଭାବିତ କରି ନ ପାରେ, କିନ୍ତୁ ଆରବର ଏକଚ୍ଛତ୍ରବାଦୀ ଶାସକମାନେ ଆମକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି।

ମୂଲ୍ୟବୋଧ ଦୃଷ୍ଟିରୁ ଆମେ ଧର୍ମନିରପେକ୍ଷ, ଉଦାରବାଦୀ ବ୍ୟବସ୍ଥାରୁ ଦୂରେଇ ଯାଇଛୁ, ଯେଉଁଠିକୁ ଏବେ ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କ ଯୁବପିଢ଼ି ଯୋଗୁ ଫେରିବାକୁ ବାଧ ହେଉଛନ୍ତି। ଆମ ବ୍ରିକ୍ସ ସହଯୋଗୀ ବ୍ରାଜିଲ ଆମେରିକାର ସାମ୍ରାଜ୍ୟବାଦକୁ ଦୃଢ଼ ଭାବେ ଅସ୍ୱୀକାର କରିଛି, ଯାହା ଆମେ କେବେ ବି କରିନାହୁଁ। ବିଶ୍ୱରେ ଭାରତ ଏମିତି ଏତେ ଏପାଖ ସେପାଖ ହେବା ଇତିହାସରେ କୌଣସି ସମୟରେ କେବେ ବି ଦେଖାଯାଇନାହିଁ। କାହା ପକ୍ଷରେ ରହିବ କିମ୍ବା କାହା ବିରୋଧରେ ଠିଆହେବ ତାହାକୁ ନେଇ ଅଧିକ ଦ୍ୱନ୍ଦ୍ୱରେ ପଡ଼ିବା ଏବଂ ଅଧିକ ଅପମାନିତ ହେବା ବି ଅତୀତରେ ଲକ୍ଷ୍ୟ କରାଯାଇନାହିଁ। ଏହା ପାଠକଙ୍କୁ ବୁଝିବାରେ ସାହାଯ୍ୟ କରିବ କାହିଁକି ଆମେ ଜଗତୀକରଣର ଅନେକ ବର୍ଷ ପରେ ଜି୨୦ ନେତୃତ୍ୱ ଓ ବିଶ୍ୱଗୁରୁ ତଥା ଅନ୍ୟସବୁ ବିଷୟରେ କହି ଏବେ ଆତ୍ମନିର୍ଭର କଥା କହୁଛୁ। ଏହାକୁ ଆମେ ନୂଆ 'ନୂତନ ଭାରତ'ର ସ୍ଥିତି ବୋଲି କହିପାରିବା।

Email:aakar.patel@gmail.com

# ପେନ୍‌ସନର ଟେନ୍‌ସନ



ନଳିନୀକାନ୍ତ ଧର

ଭାରତ ଭଳି ବିକାଶୋନ୍ମୁଖୀ ଦେଶରେ ଯେଉଁଠି ଯୋଜନା ବାବଦ ଖର୍ଚ୍ଚ ଅଧିକ ହେବା ଆବଶ୍ୟକ ସେଠାରେ ଦରମା, ପେନ୍‌ସନ, ସୁଧ, ସବ୍‌ସିଡି, ପ୍ରତିରକ୍ଷା ଇତ୍ୟାଦିରେ ବଜେଟର ୭୧.୭୬ ପ୍ରତିଶତ (୨୦୨୫-୨୬) ରାଶି ବ୍ୟୟବରାଦ ହୋଇଯାଏ। ତେଣୁ ବିକାଶ ପାଇଁ ଯେତିକି ପୁଞ୍ଜି ଆବଶ୍ୟକ ଆମକୁ ସବୁବେଳେ ନିଅଣ୍ଟ ପଡ଼େ ଓ ବିତ୍ତୀୟ ନିଅଣ୍ଟକୁ ଭରଣା କରିବା ପାଇଁ ସରକାର ଉଭୟ ଦେଶୀୟ ଓ ବାହ୍ୟ ସୂତ୍ରରୁ ବହୁମାତ୍ରାରେ ଋଣ କରିଥାନ୍ତି। ପୂର୍ବ ପ୍ରଚଳିତ ପେନ୍‌ସନ ବ୍ୟବସ୍ଥାରେ ଭାରତବର୍ଷରୁ ବହୁରାଶି ଖର୍ଚ୍ଚ ହୋଇଥିବାରୁ ତତ୍କାଳୀନ ଏନ୍‌ଡିଏ ସରକାର ୨୦୦୪ ପରଠାରୁ ନୂତନ ପେନ୍‌ସନ ଯୋଜନା ଏନ୍‌ପିଏସ୍ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ଆରମ୍ଭ କରିବା ପରେ ସମୟାନୁକ୍ରମେ ସମସ୍ତ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରିଥିଲେ। ଏହି ନୂତନ ଯୋଜନାର ବିଶେଷତ୍ୱ ହେଲା ଯେ ପୂର୍ବ ଯୋଜନାରେ କେତେ ପେନ୍‌ସନ ରାଶି ପାଇବେ ତାହା ସ୍ପଷ୍ଟ ଭାବେ ଦର୍ଶାଯାଇଥିଲା। ନୂତନ ବ୍ୟବସ୍ଥା ଅନୁଯାୟୀ ନିଜସ୍ୱ ଦେୟର ଅର୍ଜିତ ରାଶି ଉପରେ ଆଧାରିତ ହୋଇଗଲା ଓ ସ୍ଥାୟିତ୍ୱ ମଧ୍ୟ ରହିଲା ନାହିଁ। ନୂତନ ପେନ୍‌ସନ ବ୍ୟବସ୍ଥା ଏନ୍‌ପିଏସ୍ ଯାହାକି ପୁଞ୍ଜିବଜାରରୁ ଆୟ ଉପରେ ନିର୍ଭରଶୀଳ, ତେଣୁ ଅବସର ପରେ କେତେ ପେନ୍‌ସନ ପାଇବେ ତାହା ନିର୍ଦ୍ଧାରିତ ନୁହେଁ ଓ ପେନ୍‌ସନ ରାଶି ମଧ୍ୟ ମୁଦ୍ରାସ୍ଫୀତି ସହ ତାଳଦେଇ ବୃଦ୍ଧି ପାଉ ନ ଥିବାରୁ ଏହା ବିଶେଷ ଆଦୃତ ହେଲା ନାହିଁ। ଦୀର୍ଘ ୨ଦଶନ୍ଧି ଧରି ପୁରୁଣା ପେନ୍‌ସନ ନୀତିକୁ ପୁନଃ ପ୍ରଚଳନ କରିବା ପାଇଁ ବିଭିନ୍ନ ସ୍ତରରେ ଦାବି ହୋଇ ଆସୁଛି ଓ ସ୍ଥଳ ବିଶେଷରେ ହିମାଚଳ ପ୍ରଦେଶ, ପଞ୍ଜାବ, ଛତିଶଗଡ଼ ଭଳି କେତେକ ରାଜ୍ୟ ପୂର୍ବ ପ୍ରଚଳିତ ପେନ୍‌ସନ ନୀତି ମଧ୍ୟ ପ୍ରଣୟନ କରିଛନ୍ତି।

ଭାରତ ସ୍ୱାଧୀନ ହେବା ସମୟରେ ଜଣେ ଭାରତୀୟଙ୍କର ହାରାହାରି ଆୟୁ ୩୨ ବର୍ଷ ଥିଲା, ଯାହାକି ବୃଦ୍ଧି ପାଇ ବର୍ତ୍ତମାନ ୭୨ରେ ପହଞ୍ଚିଛି। ଆଗାମୀ ଦିନରେ ଜନସାଧାରଣଙ୍କର ଆର୍ଥିକ ସ୍ୱଚ୍ଛଳତା, ସ୍ୱାସ୍ଥ୍ୟ ସଚେତନତା, ଚିକିତ୍ସା ବିଜ୍ଞାନର ଅଗ୍ରଗତି ଫଳରେ ଏହା ଆହୁରି ବୃଦ୍ଧି ପାଇବ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। କ୍ରମାଗତ ଭାବରେ ସରକାର ପୁରାତନ ପେନ୍‌ସନ ବ୍ୟବସ୍ଥାକୁ ପୁନଃ ପ୍ରଚଳନ କରିବାକୁ ବିଭିନ୍ନ ଗୋଷ୍ଠୀର ଚାପର ସମ୍ମୁଖୀନ ହୋଇଥିଲେ ଓ ଶେଷରେ ବର୍ତ୍ତମାନ ସାର୍ବଜନୀନ ପେନ୍‌ସନ ବ୍ୟବସ୍ଥା (ୟୁପିଏସ୍) ପରି ଏକ ନୂତନ ପେନ୍‌ସନ ଯୋଜନା ପ୍ରଚଳନ କରିବାକୁ ଯାଉଛନ୍ତି। କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ପାଇଁ ଚଳିତ ସେପ୍ଟେମ୍ବର ଶେଷ ସୁଦ୍ଧା ନିଜର ସ୍ୱୀକୃତି ଦେବାପାଇଁ ସମୟ ନିର୍ଘଣ୍ଟ ହୋଇଛି। ପୂର୍ବ ପ୍ରଚଳିତ ନିର୍ଦ୍ଦିଷ୍ଟ ପେନ୍‌ସନ ଯୋଜନାର କେତୋଟି ମୁଖ୍ୟ ତ୍ରୁଟି ହେଲା, ଯେପରି ପ୍ରତିବର୍ଷ ରାଜକୋଷରୁ କେତେ ରାଶି ପେନ୍‌ସନ ବାବଦରେ ଯିବ ତାହା ଜଣା ନ ଥାଏ ଓ ବର୍ତ୍ତମାନ ସରକାରଙ୍କର ଖର୍ଚ୍ଚକୁ ଆଗାମୀ ବଂଶଧର ପାଇଁ ଏହାକୁ ଏକ ବୋଝ ଭାବରେ ଲଦି ଦିଆଯାଏ। ତେଣୁ ପୂର୍ବ ପେନ୍‌ସନ ବ୍ୟବସ୍ଥା ଓ ବର୍ତ୍ତମାନର ଏନ୍‌ପିଏସ୍ ବ୍ୟବସ୍ଥାର ଉଭୟର ଭାରସାମ୍ୟ ରଖି




ସରକାର ଏକ ନୂତନ ଯୋଜନା ୟୁପିଏସ୍ ଆଣିଛନ୍ତି ଓ ଏହି ଯୋଜନାରେ ପୂର୍ବ ପରି ୨୫ ବର୍ଷ ଚାକିରି କରିଥିଲେ ଅବସର ସମୟରେ ଶେଷ ୧୨ ମାସର ହାରାହାରି ଦରମାର ୫୦ ପ୍ରତିଶତ ପେନ୍‌ସନ ହେବ ଓ ଏହା ମୁଦ୍ରାସ୍ଫୀତି ସହ ଅତିରିକ୍ତ ଆକାରରେ ଡିଏ ମଧ୍ୟ ବୃଦ୍ଧି ପାଇବ। ପ୍ରସ୍ତାବିତ ନୂତନ ୟୁପିଏସ୍ ପେନ୍‌ସନ ବ୍ୟବସ୍ଥାରେ ସରକାର ପେନ୍‌ସନ ରାଶି ବାବଦରେ ୧୦ ପ୍ରତିଶତ ଓ ଅତିରିକ୍ତ ପେନ୍‌ସନ ପାଣ୍ଠିକୁ ୮.୫ ପ୍ରତିଶତ ସର୍ବମୋଟ ଦରମାର ୧୮.୫ ବିନିଯୋଗ କରିବେ। ପେନ୍‌ସନ ପାଇଁ ଗଚ୍ଛିତ ପାଣ୍ଠିରୁ ଅର୍ଜିତ ରାଶି ପେନ୍‌ସନ ଯଦି ନିଅଣ୍ଟ ହୁଏ ତା'ହେଲେ ସରକାର ସୃଷ୍ଟି କରିଥିବା ନିଜସ୍ୱ ପାଣ୍ଠିରୁ ଭରଣା କରିବେ। ଏହି ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କଲେ ବୁଝାଯାଏ ଯେ, ସରକାର ଭବିଷ୍ୟତ ପାଇଁ କୌଣସି ବୋଝ ରଖୁନାହାନ୍ତି ଓ ପ୍ରତ୍ୟେକ ଆର୍ଥିକ ବର୍ଷରେ ନିଜର ୧୦/୧୮ ପ୍ରତିଶତ ରାଶି ପେନ୍‌ସନ ଫଣ୍ଡକୁ ପ୍ରଦାନ କରିଦେଉଛନ୍ତି।

ତେବେ ଜଣେ କେନ୍ଦ୍ରୀୟ ସରକାରୀ କର୍ମଚାରୀଙ୍କୁ ସେପ୍ଟେମ୍ବର ସୁଦ୍ଧା ସମ୍ମତି ପ୍ରଦାନ କରିବାକୁ ନେଇ ବର୍ତ୍ତମାନ ପ୍ରଶ୍ନ ଉଠୁଛି। ସେମାନେ ୟୁପିଏସ୍‌କୁ ବାଛିବେ ନା ଏନ୍‌ପିଏସ୍‌କୁ ବାଛିବେ ଦ୍ୱନ୍ଦ୍ୱରେ ଅଛନ୍ତି। ଏବେ ସୁଦ୍ଧା ଖୁବ୍ ଅଳ୍ପ ସଂଖ୍ୟକ ୫ ପ୍ରତିଶତରୁ କମ୍ ୟୁପିଏସ୍ ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ସରକାର କୌଣସି ଯୋଜନାର ଢାଞ୍ଚାଗତ ପରିବର୍ତ୍ତନ କଲେ ଅଧିକ ଜନସଚେନତା ସୃଷ୍ଟିକରିବାର ଆବଶ୍ୟକତା ଅଛି ଓ ନିକଟ ଅତୀତରେ ଇପିଏଫ୍‌ଓର ସଦସ୍ୟମାନେ ମଧ୍ୟ ଏହି କାରଣରୁ ବର୍ଦ୍ଧିତ ପେନ୍‌ସନ ପାଇଁ ଦ୍ୱନ୍ଦ୍ୱରେ ଅନେକେ ନିଜର ସମ୍ମତି ପ୍ରଦାନ କରି ନ ଥିଲେ। ୟୁପିଏସ୍‌ର ବିଶେଷତ୍ୱ ହେଲା ଏହାର ସ୍ଥାୟିତ୍ୱ ଓ ମୁଦ୍ରାସ୍ଫୀତି ସହ ବର୍ଦ୍ଧିତ ପେନ୍‌ସନ ରାଶି ଯାହାକି ପେନ୍‌ସନଭୋଗୀଙ୍କୁ ସୁହାଇବ। କିନ୍ତୁ ଏହି ଯୋଜନାରେ ଯଦି ପେନ୍‌ସନଭୋଗୀ ଉଭୟ ସ୍ୱାମୀ, ସ୍ତ୍ରୀ ମୃତ୍ୟୁବରଣ କରନ୍ତି କୌଣସି ମୂଳଧନ ସେମାନେ ଫେରିପାଇବେ ନାହିଁ। ନ୍ୟାଶନାଲ ପେନ୍‌ସନ ସ୍କିମ୍ ବା ଏନ୍‌ପିଏସ୍ ରେ କିନ୍ତୁ ଜଣେ ନିଜ ଗଚ୍ଛିତ ରାଶି ଫେରି ପାଇପାରୁଛନ୍ତି ଓ ଏଠାରେ ବିନିଯୋଗ ପ୍ରକ୍ରିୟାରେ ନିଜସ୍ୱ ସ୍ୱାଧୀନତା ମଧ୍ୟ ଅଧିକ। ବର୍ତ୍ତମାନ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠୁଛି ଏନ୍‌ପିଏସ୍‌ର ପେନ୍‌ସନ ରାଶି କ'ଣ ୟୁପିଏସ୍ ସମକକ୍ଷ ହେବ। ବିଗତ ଦିନରେ ଭାରତର ପୁଞ୍ଜିବଜାରରେ ଅଭିବୃଦ୍ଧି ଭଲ ହୋଇଥିବାରୁ ଏନ୍‌ପିଏସ୍‌ରେ ମଧ୍ୟ ଭଲ ଅଭିବୃଦ୍ଧି ହୋଇଛି, କିନ୍ତୁ ଭବିଷ୍ୟତରେ ଏହା ବଜାୟ ରହିବ ତା'ର କୌଣସି ନିଶ୍ଚିତତା ନାହିଁ। କିନ୍ତୁ ଜଣେ ଯଦି ଦୀର୍ଘଦିନ ଅର୍ଥାତ୍ ୩୫/୪୦ ବର୍ଷ କାର୍ଯ୍ୟରତ ରହେ ଓ ଆଗାମୀ ୨/୩ ଦଶନ୍ଧି ଭାରତର ଅର୍ଥନୀତି ଦ୍ରୁତଗତିରେ ବୃଦ୍ଧି ପାଇବ ହୋଲି ଆଶା କରାଯାଏ ଏନ୍‌ପିଏସ୍‌ରେ ହୁଏତ ସେ ଲାଭବାନ୍ ହୋଇପାରନ୍ତି ବୋଲି ବିଶେଷଜ୍ଞଙ୍କ ମତ। କିନ୍ତୁ ପରବର୍ତ୍ତୀ ସମୟରେ ଗଚ୍ଛିତ ରାଶିକୁ ଜୀବନକାଳ ଯେଉଁ ପେନ୍‌ସନ ପାଇବ ଏନ୍‌ପିଏସ୍‌ରେ ସ୍ଥାୟିତ୍ୱ ନ ରହୁ ନ ଥିବାରୁ ୟୁପିଏସ୍ ଶ୍ରେୟସ୍କର ବୋଲି ଅନେକେ ମଧ୍ୟ ମତ ପୋଷଣ କରନ୍ତି। ସ୍ୱାମୀ ଓ ସ୍ତ୍ରୀ ଉଭୟେ ପେନ୍‌ସନ ପାଇଁ ଯୋଗ୍ୟ ହୋଇଥିଲେ ଅନେକେ ୟୁପିଏସ୍ ବଦଳରେ ଏନ୍‌ପିଏସ୍‌କୁ ପସନ୍ଦ କରିବେ। କାରଣ ମୃତ୍ୟୁ ପରେ ମୂଳରାଶି ଉତ୍ତରାଧିକାରୀ ଫେରି ପାଇବେ। ସାମଗ୍ରିକ ଭାବରେ ବିଚାରକଲେ ଏନ୍‌ପିଏସ୍ ଠାରୁ ୟୁପିଏସ୍ ଭଲ ବିକଳ୍ପ। କେନ୍ଦ୍ର ସରକାର ଏହାକୁ ଲାଗୁ କଲାପରେ ରାଜ୍ୟ ସରକାରଙ୍କୁ ମଧ୍ୟ ଏହାର ପ୍ରଚଳନ ପାଇଁ ଚାପ ପଡ଼ିବ। ଅନେକ ରାଜ୍ୟର ଆର୍ଥିକ ସ୍ଥିତି ଭଲ ନୁହେଁ। ତେଣୁ ସେମାନେ ଯଦି ୟୁପିଏସ୍‌କୁ ପ୍ରତ୍ୟାବର୍ତ୍ତନ କରନ୍ତି ବିତ୍ତୀୟ ନିଅଣ୍ଟ ଭଳି ସଙ୍କଟ ସୃଷ୍ଟି ହୋଇପାରେ।

ଭାରତରେ ଜନସଂଖ୍ୟାର ମାତ୍ର ୨ ପ୍ରତିଶତ କେନ୍ଦ୍ର ଅଥବା ରାଜ୍ୟ ସରକାରରେ କାର୍ଯ୍ୟରତ। ବିଭିନ୍ନ ସାର୍ବଜନୀନ ଓ ଘରୋଇ ସଂସ୍ଥାରେ ନିଯୁକ୍ତ କର୍ମଚାରୀ ନିଜସ୍ୱ ଜମା ଅର୍ଥରାଶିରୁ ଇପିଏଫ୍‌ଓ ଅଥବା ଏନ୍‌ପିଏସ୍‌ରୁ ପେନ୍‌ସନ ପାଇଥାନ୍ତି। ଅଧିକାଂଶଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ ନ୍ୟୂନ ଓ ମୁଦ୍ରାସ୍ଫୀତି ସହ ମଧ୍ୟ ବୃଦ୍ଧିପାଏ ନାହିଁ। ଭାରତରେ ସାମାଜିକ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ନୁହେଁ। ଭାରତ ପରି ସର୍ବ ବୃହତ୍ ଗଣତାନ୍ତ୍ରିକ ଦେଶରେ କୌଣସି ମୁଷ୍ଟିମେୟ ଗୋଷ୍ଠୀ ପାଇଁ ସରକାରୀ ରାଜସ୍ୱରୁ ସମସ୍ତ ସୁବିଧା ସୁଯୋଗ ସୃଷ୍ଟି ନ କରି ଜନସାଧାରଣଙ୍କର ନ୍ୟୂନତମ ଆବଶ୍ୟକତା ପୂରଣକରି ପେନ୍‌ସନ ନୀତି ନିର୍ଦ୍ଧାରଣ ହେବା ଆବଶ୍ୟକ। ସାର୍ବଜନୀନ ପେନ୍‌ସନ ବହୁଦିନରୁ ବିଚାରାଧୀନ ଅଛି ହେଲେ ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ପରିଲକ୍ଷିତ ହେଉନାହିଁ। ବର୍ତ୍ତମାନ ପରିପ୍ରେକ୍ଷୀରେ ସାମଗ୍ରିକ ଭାବରେ ପେନ୍‌ସନ ବା ଅବସରକାଳୀନ ସାମାଜିକ ସୁରକ୍ଷାକୁ ସାର୍ବଜନୀନ ତଥା ସୁଦୃଢ଼ କରିବା ଏକାନ୍ତ ବାଞ୍ଛନୀୟ।

ରାଉରକେଲା
ମୋ: ୯୪୩୭୩୪୪୬୫୪

# ତର୍ଜମା ଆଣେ ବିଚାର ନିଷ୍କର୍ଷ



ଭଗବାନ ଦାଶ

ଅପରାଧ, ଅପରାଧୀ ଓ ଅଭିଯୋଗକାରୀଙ୍କ ଭିଆଣ। ବିଚାର ଚାଲେ, ବିଚାରାଳୟ, ନ୍ୟାୟାଳୟରେ। ହାଜିର ହୁଅନ୍ତି ଉଭୟ। ବିଚାର ବଢ଼େ। ଅଭିଯୋଗକାରୀ ଅଭିଯୋଗ ବଖାଣେ। ଅଭିଯୁକ୍ତକୁ ଅପରାଧୀ ବୋଲି ସାବ୍ୟସ୍ତ କରିବାକୁ ଯୁକ୍ତିସଙ୍ଗତ ନ୍ୟାୟ ବାଢ଼ନ୍ତି ଅଭିଯୋଗକାରୀ। ଅଭିଯୁକ୍ତଙ୍କ ପକ୍ଷ ମଧ୍ୟ ନିଜକୁ ମୁକ୍ତ କରିବାକୁ , ଦୋଷମୁକ୍ତ କରିବାକୁ ତାଙ୍କର ଆଇନସମ୍ମତ ଯୁକ୍ତି ଦର୍ଶାନ୍ତି।

ଉଭୟଙ୍କର ଜଣାଣର ଶୁଣାଣି କରନ୍ତି ନ୍ୟାୟାଧୀଶ। ଆଇନର ପରିସରରେ ରହି ବିଚାର ଶୁଣାନ୍ତି। ପରେ ବିଚାର ସନ୍ତୋଷଜନକ ହୋଇ ନ ଥିଲେ, ଉପର ବିଚାରାଳୟକୁ ବିଚାର ଆବେଦନ ଯାଏ। ଏପରିକି ଆବଶ୍ୟକ ହେଲେ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ କେତେକ କ୍ରମାନ୍ୱୟରେ ବିଚାରପାଇଁ ପହଞ୍ଚିପାରେ। ପୂର୍ବ ବିଚାରରେ କିଛିଟା ବୈଷୟିକ ତଥ୍ୟ, ପ୍ରମାଣଗତ ସାକ୍ଷ୍ୟର ତାରତମ୍ୟର ଅଭାବ ଅନୁଭବ କଲେ, ସର୍ବୋଚ୍ଚ ନ୍ୟାୟାଳୟ ତାହାକୁ ପୁନର୍ବିଚାର ପାଇଁ ଗ୍ରହଣ କରିପାରନ୍ତି ନତୁବା ଅଗ୍ରାହ୍ୟ କରିପାରନ୍ତି। ପୁନର୍ବିଚାରରେ ଦଣ୍ଡ ଦେଇପାରନ୍ତି କିମ୍ବା କୋହଳ କରିପାରନ୍ତି କିମ୍ବା ବିଚାର ଠିକ୍‌ଥିବାର ନିର୍ଦ୍ଦେଶନାମା ଶୁଣାଇପାରନ୍ତି।

ଆମ ଦେଶରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରକୁ ସମ୍ବିଧାନସମ୍ମତ ମଣି ମାନି ନିଆଯାଏ। ପ୍ରଶ୍ନ ଉଠେ ସମ୍ବିଧାନ ବଡ଼ ନା ଲୋକ ସଭା ବଡ଼ ନା ରାଷ୍ଟ୍ରପତି ବଡ଼। ସ୍ୱାଭାବିକ ମଣିଷ ପାଇଁ ଏ ସବୁ ଶୁଣିବାକୁ ଭଲ ଲାଗେ। ସମ୍ବିଧାନର ଧାରା ବଦଳାଇବା କ୍ଷମତା ନିର୍ବାଚିତ ପ୍ରତିନିଧିଙ୍କର ଅଛି। ସେଥିପାଇଁ ସମ୍ବିଧାନର ଧାରା ବାରମ୍ବାର ଲୋକାଭିମୁଖୀ ହୋଇ ସଂଶୋଧିତ ହୋଇପାରୁଛି। ବହୁଜନହିତାୟ ହୋଇଥିବାରୁ ସମ୍ବିଧାନକୁ ଆଖି ଆଗରେ ରଖି ବିଚାରଧାରା ଚାଲିଥାଏ। ସେହି ସମ୍ବିଧାନର ନିୟମରେ ହିଁ ଲୋକ ସଭା, ରାଜ୍ୟ ସଭା, ରାଜ୍ୟପାଳ, ବିଧାନ ପରିଷଦ, ବିଧାନ ସଭା ଏପରିକି ନ୍ୟାୟାଳୟ ଇତ୍ୟାଦିର ସୃଷ୍ଟି। ପ୍ରତ୍ୟେକଙ୍କର କାର୍ଯ୍ୟସୂଚୀ ଅଲଗା ଅଲଗା। ଜନ ପ୍ରତିନିଧି ଆଇନ ମନଇଚ୍ଛା ବଦଳାଇ ପାରିବେ ନାହିଁ, କିନ୍ତୁ ବଦଳାଇବା ପାଇଁ ସମ୍ବିଧାନସମ୍ମତ ସଂଖ୍ୟାର ସମର୍ଥନ ଥିଲେ ମଧ୍ୟ ଆଇନରେ ପରିବର୍ତ୍ତନ ପାଇଁ ରାଷ୍ଟ୍ରପତି, ରାଜ୍ୟପାଳଙ୍କ ସ୍ୱୀକୃତି ଲୋଡିବା ଅବଶ୍ୟମ୍ଭାବୀ, ପ୍ରାପ୍ତି ହେଲେ ତାହା ଆଇନର ପରିସରଭୁକ୍ତ ହୋଇଥାଏ।

ସାଧାରଣତଃ ରାଜ୍ୟପାଳ ହୁଅନ୍ତୁ, ରାଷ୍ଟ୍ରପତି ସେମାନେ ନିରପେକ୍ଷ । ସବୁପକ୍ଷର। ଏହା କ'ଣ ବାସ୍ତବରେ ଆମ ଦେଶରେ ପ୍ରତିଫଳିତ ହେଉଛି କି? ଯେଉଁ ଦଳର ହାତବାରିସି ହୋଇ ଯିଏ ସ୍ଥାପିତ ହୋଇଛନ୍ତି, ସେ ତ ତାଙ୍କର ନୀତି ଆଦର୍ଶକୁ ଆପଣାଇ ନେଉଛନ୍ତି, ପ୍ରାଧାନ୍ୟ ଦେଉଛନ୍ତି। ନିର୍ଭୀକ ନିରପେକ୍ଷ ବିଚାର ଲୁପ୍ତପ୍ରାୟ। ଆଇନରେ ନିରପେକ୍ଷତା ସର୍ବମାନ୍ୟ, କିନ୍ତୁ ଏହା ଆଜିକାଲି ସର୍ବସତ୍ୟ ନୁହେଁ। କାରଣ ଉକ୍ତ ପଦବୀଧାରୀ କୌଣସି ନା କୌଣସି ଦଳଭୁକ୍ତ। ଏଇ ତ ବ୍ୟତିକ୍ରମ। କେହି ଶତପ୍ରତିଶତ



ଭୋଟ ପାଇ ନିଜ ବଳରେ ନିର୍ବାଚିତ ହୋଇ ନ ଥାଆନ୍ତି। ତେଣୁ ପକ୍ଷ ଟାଣିବାରେ ଅସ୍ୱାଭାବିକତା ଆସିବନି କାହିଁକି? ପାର୍ଥକ୍ୟ ଏତିକି ଶତ ପ୍ରତିଶତ ସମର୍ଥନ ହାସଲ ନ କରିଥିଲେ ମଧ୍ୟ ସେମାନଙ୍କ ଦସ୍ତଖତରେ ହେବା ଆଇନଟି ଶତ ପ୍ରତିଶତ ଜନତାଙ୍କ ପାଇଁ। ଏହା ହିଁ ପ୍ରକୃତ ବ୍ୟତିକ୍ରମ। ଆଇନ ଥରେ ହେଲେ ତାହା ରହେ,କାର୍ଯ୍ୟକାରୀ ହୁଏ ବଦଳିବାଯାଏ। ସତ୍ତାଧାରୀ ହେବା ଆଉ ଆଇନ ବଦଳାଇବା ଏ ଦୁଇଟା ଏକାକଥା ନୁହେଁ। ଅଧିକା ଭାଗ ସତ୍ତାପ୍ରାପ୍ତ ହୁଏ, କିନ୍ତୁ ଆଇନ ବଦଳିବାକୁ ଦୁଇ ତୃତୀୟାଂଶର ଆବଶ୍ୟକତା ଅନିବାର୍ଯ୍ୟ ଏବଂ ଅପରିହାର୍ଯ୍ୟ ମଧ୍ୟ। ଏଇଠି କିଛିଟା ବହୁଜନଙ୍କର ସମର୍ଥନ ପ୍ରତଫଳିତ ହେବାର ଉପଲବ୍ଧି ହୁଏ।

କିନ୍ତୁ ବିଚାରାଳୟର ଧାରା ଭିନ୍ନ। ତର୍ଜମା ହୁଏ। ପକ୍ଷ ପ୍ରତିପକ୍ଷଙ୍କୁ ସୁଯୋଗ ଦିଆଯାଏ। ଉଭୟଙ୍କ କଥା ହାକିମ ଶୁଣନ୍ତି। ଉତ୍‌ଥାପିତ ପ୍ରଶ୍ନଗୁଡ଼ିକର ମୁହାଁମୁହିଁ ଉତ୍ତର ମଧ୍ୟ ଦେବାର ସୁଯୋଗ ମିଳେ। ଆଇନଜ୍ଞ ମାନଙ୍କର ଆଇନସମ୍ମତ ଯୁକ୍ତିତର୍କ ମନ୍ତବ୍ୟ ଶୁଣିଲାପରେ ଖଣ୍ଡପୀଠ ବିଚାର ଶୁଣାନ୍ତି। ସ୍ଥଳ ବିଶେଷରେ ଆପତ୍ତିର ଗୁରୁତ୍ୱ ଦେଖି ଖଣ୍ଡପୀଠ ହାକିମଙ୍କ ସଂଖ୍ୟାମଧ୍ୟ ବୃଦ୍ଧି କରିଥାନ୍ତି। ଆଇନର ଯଥୋଚିତ ଚର୍ଚ୍ଚାରୁ ନିଷ୍କର୍ଷ ଆସେ, ତାହା ଖଣ୍ଡପୀଠଙ୍କ ବିଚାରର ଫଳ ହୋଇ ପ୍ରକାଶିତ ହୁଏ ଏବଂ କାର୍ଯ୍ୟକାରୀ କରାଯାଏ । ଏଥିରେ ଯେ ଭୁଲଭଟକା ମୋଟେ ନାହିଁ ଏକଥା କହି ହୁଏ ନାହିଁ, ତଥାପି ଆଇନତଃ ତାକୁ ମାନିବାକୁ ବାଧ ହେବାକୁ ହୁଏ । ସେ ପ୍ରକାର ବିଚାର ସବୁକୁ ସମାନ। ସମକକ୍ଷ ସେହି ସ୍ତରର ମକଦ୍ଦମାରେ ଉଦାହରଣ ରୂପେ ନିଆଯାଇ ସମ୍ପୃକ୍ତି ବିଚାରକୁ ପରିସ୍ଥିତି ଦେଖି ସିଦ୍ଧ କରାଯାଏ।

ଲୋକପ୍ରତିନିଧି ବିଚାରରେ ଦଳୀୟ ପ୍ରଭାବ ପ୍ରତିଭାତ ହେଲାବେଳେ, ବିଚାରାଳୟରେ ନିର୍ଦ୍ଦଳୀୟ ପରିବେଶରେ ତର୍ଜମା ପୂର୍ବକ ବିଚାର ହୁଏ। ତେଣୁ ତାହା ଆପେକ୍ଷିକ ଭାବରେ ଗ୍ରହଣୀୟର ଭାବ ବହନ କରେ। ଜନ ସମର୍ଥନରେ ଆସିଥିବା ଲୋକମାନେ ଜନକଲ୍ୟାଣ ପାଇଁ ଭଲମନ୍ଦ ଭାବୁଥିବା ସବୁକାର୍ଯ୍ୟ ଯେ ଆଇନସମ୍ମତ ଏହା ଭାବିବାର ବେଳ ଆସିଛି। ତର୍ଜମା ବିନା ନିର୍ଯାସ ସମ୍ଭବ କି? ଆଉ ଯାହା ସମ୍ଭବ ଏବଂ ସତ୍ୟ ସେ ସବୁକୁ ତ ନ୍ୟାୟାଳୟରେ ଠିକ ବୋଲି ଧରିନେବାରେ କୌଣସି ପ୍ରତିବନ୍ଧକ ଆସେନି। କାରଣ ସମସ୍ତ ଜନହିତକର ଆଇନକୁ କେବେହେଲେ ଅସିଦ୍ଧ କରାଯାଏନି। ପରିଷଦରେ ନିୟୋଜିତ ଯୁକ୍ତିସଙ୍ଗତ ବିଚାର ନ୍ୟାୟାଳୟରେ ଅଧିକ ବିଚାରର ଶରବ୍ୟ ହୁଏ, ବେଳେ ବେଳେ ସ୍ଥିର ରହିପାରେ କିମ୍ବା ତା'ର ଗତି ବଦଳାଇପାରେ ସମ୍ବିଧାନର ଧାରା ମଧ୍ୟରେ।

ଅବଶ୍ୟ ନିଷ୍କର୍ଷ ଏତିକି ଆସିପାରେ, ଯାହା ଆସୁଛି ତାହା ସବୁକାଳ ପାଇଁ ଯେ ଅପରିବର୍ତ୍ତନୀୟ ଏ ଭାବନା କେବେ ମନକୁ ନ ଆସୁ। ପ୍ରତ୍ୟେକ ସୃଷ୍ଟ ଆଇନର ବିଚାରଧାରାକୁ ବିଶ୍ଳେଷଣ କଲେ ନୂତନ ଦିଗଦର୍ଶନ ମିଳେ। ପ୍ରଚଳିତ ଆଇନ ଯେ ପୁନଃ ସଂଶୋଧନ ପରେ ସଂସ୍ଥାପିତ ନ ହେବ ଏହା କିଏ କହିପାରିବ। ସଦା ସର୍ବଦା ପରିବର୍ତ୍ତନ ହିଁ ସ୍ଥିର।

ଗୁଣ୍ଡିଚା ବିହାର, ପୁରୀ
ମୋ:୮୨୪୯୦୮୨୪୦୦

## ଏଇ ଭାରତରେ

ପରିବେଶ ସ୍ୱଚ୍ଛ ରଖିବା ପାଇଁ ରାଜସ୍ଥାନସ୍ଥିତ ବ୍ରହ୍ମାକୁମାରୀର ଶାନ୍ତିବନ କମ୍ପ୍ଲେକ୍ସ ସୌର ଶକ୍ତିରେ ରୋଷେଇ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି । ବିନା ଜୈବ ଇନ୍ଧନ ଓ ଜାଳେଣି କାଠରେ ଏବଂ ବିନା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ଦିନକୁ ପାଖାପାଖି ୫୦,୦୦୦ ମିଲ୍ ପ୍ରସ୍ତୁତ କରାଯାଉଛି। ଏହି ସୌର ରୋଷଶାଳାରେ ଶାକାହାରୀ ଖାଦ୍ୟ ରୋଷେଇ ହେଉଛି। ସ୍ୱଚ୍ଛଶକ୍ତିର ଏହା ଏକ ବଡ଼ ଦୃଷ୍ଟାନ୍ତ। ଶାନ୍ତିବନ କମ୍ପ୍ଲେକ୍ସରେ ୮୪ଟି ବୃହତ୍ ରିଫ୍ଲେକ୍ଟର ଲଗାଯାଇଛି । ପ୍ରତ୍ୟେକଟି ରିଫ୍ଲେକ୍ଟରର ସର୍ଫେସ ଏରିଆ ହେଉଛି ୯.୨ ମିଟର। ସୂର୍ଯ୍ୟଙ୍କ ଗତି ଅନୁସାରେ ଏହା ମଧ୍ୟ ବିଭିନ୍ନ ଦିଗରୁ ଘୂରି ପାରୁଛି। ସୂର୍ଯ୍ୟାଲୋକ ରିଫ୍ଲେକ୍ଟରର ଫୋକାଲ କେନ୍ଦ୍ରରେ ପଡ଼ିବା ପରେ ତାପମାତ୍ରା ୮୦୦ ଡିଗ୍ରୀ ସେଣ୍ଟିଗ୍ରେଡକୁ ଛୁଇଁଥାଏ। ଏଠାରେ କୌଣସି ସୋଲାର ପ୍ୟାନେଲ ବ୍ୟବହାର ହେଉନାହିଁ। କେବଳ ସୋଲାର ତାପଜ ଶକ୍ତିରେ ରୋଷେଇ ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ସେପ୍ଟେମ୍ବର ୧୯୭୬

- ଚୀନ ସଫଳତାର ସହିତ ଆଣବିକ ପରୀକ୍ଷା କରିଥିବା ନେଇ ଚୀନ ସମ୍ବାଦ ସରବରାହ ସଂସ୍ଥା ପକ୍ଷରୁ ଘୋଷଣା।
- ଇଣ୍ଡୋନେସିଆର ବଲି ଅଞ୍ଚଳରେ ଭୂକମ୍ପ ପ୍ରପୀଡ଼ିତ ଲୋକଙ୍କ ସାହାଯ୍ୟ ନିମନ୍ତେ ଭାରତର ସରକାରଙ୍କ ଦାନ ସ୍ୱରୂପ ୫୦୬ କିଲୋଗ୍ରାମ ଓଜନର ଔଷଧ ପ୍ରେରଣ।
- ତାମିଲ ସାହିତ୍ୟିକ ଶ୍ରୀ ପି.ଭି. ଆକିଲାନ୍ଦାନ ଏକାଦଶ ବାର୍ଷିକ ଜ୍ଞାନପୀଠ ସାହିତ୍ୟ ପୁରସ୍କାର ପାଇବା ନିମନ୍ତେ ମନୋନୀତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | 6 | 1 | | 8 | 7 | |
| | | | | | | 1 | | 2 |
| | | | 4 | 7 | | | | |
| 2 | 4 | | 3 | | | | | |
| 9 | 1 | | | | | | | 5 |
| | 6 | | | | | | | |
| 1 | | | 7 | 3 | | 2 | | 8 |
| | | | | 6 | | | 5 | 9 |
| | | | 5 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 2 | 3 | 6 | 9 | 8 | 1 | 4 |
| 1 | 6 | 8 | 5 | 2 | 4 | 9 | 3 | 7 |
| 4 | 9 | 3 | 7 | 1 | 8 | 6 | 5 | 2 |
| 8 | 3 | 6 | 1 | 4 | 5 | 7 | 2 | 9 |
| 2 | 1 | 9 | 6 | 3 | 7 | 5 | 4 | 8 |
| 5 | 4 | 7 | 9 | 8 | 2 | 3 | 6 | 1 |
| 9 | 8 | 4 | 2 | 5 | 6 | 1 | 7 | 3 |
| 3 | 2 | 5 | 8 | 7 | 1 | 4 | 9 | 6 |
| 6 | 7 | 1 | 4 | 9 | 3 | 2 | 8 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାର ମାନ କମୁଛି

ମହାଶୟ,

ଶିକ୍ଷାର ଗମ୍ବୁଜ ଯେ ଦିନେ ଦିଲ୍ଲୀରୁ ଦୌଲତାବାଦ, ଚେନ୍ନାଇରୁ ଅହମ୍ମଦାବାଦ ଯାଇ ପହଞ୍ଚିପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ମାତ୍ର ସାଂପ୍ରତିକ ସମୟରେ ଶିକ୍ଷା ପୁସ୍ତକକୈନ୍ଦ୍ରିକ, ଯଦ୍ୱାରା ଶିକ୍ଷାର ପରିଧି କୂପ ମଣ୍ଡୁକ ସଦୃଶ, କେବଳ ନିର୍ଦ୍ଦିଷ୍ଟ ସ୍ଥାନ, କାଳ, ସମୟର ପରିଧି ମଧ୍ୟରେ ଆବଦ୍ଧ ହୋଇ ରହିଯାଉଛି। ପୁରାତନ ଗୁରୁକୁଳରେ ଦିଆଯାଉଥିବା ଶିକ୍ଷାରେ ଶିକ୍ଷା, ସଂସ୍କୃତି, ଆଚରଣ ବହୁ ପରିମାଣରେ ଭରପୂର ହୋଇ ରହିଥିଲାବେଳେ ମାତ୍ର ଆଜିକାଲିର ଶିକ୍ଷା ଗଦାଗଦା ବହିଥାକ ମଧ୍ୟରେ ସୀମିତ ହୋଇ ରହିଯାଉଛି। ବାସ୍ତବିକ ଶିକ୍ଷାର ପରିଧି କେବଳ ଟ୍ୟୁଶନ ଶିକ୍ଷାରେ ସୀମିତ ରହୁଛି। ଦୁଃଖର କଥା ଯେ ସରକାର ଗଦାଗଦା ସାଉଁଟା ଯୋଜନା ସରକାରୀ କଳରୁ ଖର୍ଚ୍ଚକରି ଜନହିତ ଉଦ୍ଦେଶ୍ୟରେ ପ୍ରୟୋଗ କରୁଛନ୍ତି, ମାତ୍ର ଏସବୁ ଆକାଶ କଇଁଆ ଚିଲିକା ମାଛର ଦୁଷ୍ପ୍ରାପ୍ୟ ସଂଯୋଗ ପରି ଅହେତୁକ ଅବସ୍ଥାରେ ପଡ଼ିରହୁଛି। ସରକାରୀ ବିଦ୍ୟାଳୟରେ ପାଠ ପଢିବାକୁ ସମସ୍ତ ଉପକରଣ ଥିବା ସତ୍ତ୍ୱେ ଶିକ୍ଷାର ମାନ ବୃଦ୍ଧି ପାଉନାହିଁ। ଶିକ୍ଷା ମନ୍ଦିରରେ ଯୌନ ନିର୍ଯାତନା, ଗଣ୍ଡଗୋଳ ରାଗିଂ ପରି ଚରମ ପଦକ୍ଷେପ ଦ୍ୱାରା ଶିକ୍ଷାର୍ଥୀର ଭବିଷ୍ୟତ ଗଢ଼ିବା ଆଗରୁ ହିଁ ଭାଙ୍ଗିପଡୁଛି। ଉନ୍ନତମାନର ଯୋଜନା ଅଛି ସତ, ମାତ୍ର ସଫଳ ପ୍ରୟୋଗ ନାହିଁ। ବିଦ୍ୟାଳୟ ଅଛି ସତ, ମାତ୍ର ପାଠପଢ଼ା ନାହିଁ, ଯୋଉଥିପାଇଁ ଶିକ୍ଷାର ମାନଦଣ୍ଡ ବଢ଼ିବ କ'ଣ ବରଂ କମିକମି ଯାଉଛି। ଆଜି ବି ସ୍ୱାଧୀନତାର ଏତେ ବର୍ଷ ବିତିଥିଲେ ମଧ୍ୟ ଦୁର୍ଗମ ଅଞ୍ଚଳରେ ଶିକ୍ଷା ପହଞ୍ଚିପାରିନାହିଁ।

**- ପ୍ରଶାନ୍ତ କୁମାର ଜେନା, ସ୍ନାତକୋତ୍ତର ପ୍ରଥମ ବର୍ଷ ଛାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଶ୍ରାବଣର ଘନ ଉହାଡ଼େ ପ୍ରକାଶ
ଜୋଛନା ସମାନ ଫୁଟିଉଠୁ ହାସ
ଜୀବନର ସବୁ କାଳିମା ପୂରାଇ
ସକଳ ରନ୍ଧ୍ର ଭରି
ଚମ୍ପକ ହାସ ହସିଯାଅ ଧୀରେ
ଆଗୋ ଗୋରଚନା-ଗୋରି!
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ୧୫ ଦିନ ହେବ ଏମ୍ଭି-୫୩ରେ ଜଳସଙ୍କଟ

- ପମ୍ପହାଉସ୍‌ର ବକେୟା ବିଦ୍ୟୁତ୍ ବିଲ୍ ଟଙ୍କା ଜମା କରୁନି ପଞ୍ଚାୟତ
- ଗାଁରେ ଥିବା ୭ ନଳକୂପ ସମ୍ପୂର୍ଣ୍ଣ ଅଚଳ
- ତୁରନ୍ତ ସମାଧାନ ନେଇ ଅଧିକାରୀଙ୍କ ପ୍ରତିଶ୍ରୁତି

**କୋରୁକୋଣ୍ଡା, ୨୭।୯(ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ପୋଟ୍ରେଲ ପଞ୍ଚାୟତ ଅଧୀନ ଏମ୍ଭି-୫୩ ଗ୍ରାମରେ ଆଜକୁ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଦିନ ହେବ ଜଳ ସଙ୍କଟ ଦେଖାଦେଇଛି। ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ପାନୀୟ ଜଳ ଯୋଗାଣ ନିମନ୍ତେ ପମ୍ପ ହାଉସ୍‌ର ପ୍ରାୟ ୭ ମାସର ବକେୟା ବିଦ୍ୟୁତ୍ ବିଲ୍ ପଞ୍ଚାୟତ ପକ୍ଷରୁ ବନ୍ଧାଯାଇନାହିଁ। ତେଣୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ୧୫ ଦିନ ପୂର୍ବେ ଉକ୍ତ ପ୍ରକଳ୍ପର କରେଣ୍ଟକୁ କାଟିଦିଆଯାଇଛି। ପ୍ରତି ମାସରେ ଏହି ପାନୀୟ ଜଳ ପ୍ରକଳ୍ପର ବିଦ୍ୟୁତ୍ ବିଲ୍ ଗ୍ରାମବାସୀଙ୍କ ନିକଟକୁ ନ ଆସି ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟକୁ ଆସୁଛି। ପଞ୍ଚାୟତ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ପ୍ରତି ମାସରେ ଅବଗତ କରୁନାହାନ୍ତି। ବର୍ତ୍ତମାନ ସୁଦ୍ଧା ଏହି ପ୍ରକଳ୍ପର ଗତ ୭ ମାସରେ ବିଦ୍ୟୁତ୍ ବିଲ୍ ବାବଦରେ ୬୩ ହଜାର ଟଙ୍କା ବକେୟା ଥିବା ଏବଂ ପଞ୍ଚାୟତ ପକ୍ଷରୁ ଟଙ୍କା ଡିପୋଜିଟ କରା ନ ଯିବା ଯୋଗୁ ଉକ୍ତ ପ୍ରକଳ୍ପରୁ ବିଦ୍ୟୁତ୍ ବିଭାଗ ପକ୍ଷରୁ କରେଣ୍ଟ କଟାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ଶନିବାର ସକାଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୀମାଞ୍ଚଳ ନାୟକଙ୍କୁ ଗ୍ରାମକୁ ଡକାଇ ଏହାର ସ୍ଥାୟୀ ସମାଧାନ କିପରି ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ସୋମବାର ପଞ୍ଚାୟତ ପକ୍ଷରୁ ୬ ମାସର ବକେୟା ବିଦ୍ୟୁତ୍ ବିଲ୍ ବାବଦରେ ୫୪ ହଜାର ଟଙ୍କା ଜମା କରାଯିବ। ଶେଷ ମାସର କରେଣ୍ଟ ବିଲ୍ ଗ୍ରାମବାସୀ ଜମା କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଏଥିସହ ଜଳ ଓ ପରିମଳ ବିଭାଗ ଓ ପଞ୍ଚାୟତ କର୍ତ୍ତୃପକ୍ଷ ମିଳିତ ଭାବେ ଗାଁରେ ଅଚଳ ଥିବା ସମସ୍ତ ନଳକୂଅ ଓ ପାଇପ ଲାଇନଗୁଡ଼ିକୁ ମରାମତି କରାଯିବ ବୋଲି ନିର୍ବାହୀ ଅଧିକାରୀ ନାୟକ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।


ଗ୍ରାମବାସୀ ଅଭିଯୋଗ କରୁଛନ୍ତି ।

ପଞ୍ଚାୟତ କାର୍ଯ୍ୟାଳୟରୁ ପ୍ରାୟ ୨ କି.ମି. ଦୂରରେ ରହିଛି ଏମ୍ଭି-୫୩ ଗାଁ। ଗ୍ରାମରେ ପ୍ରାୟ ୯୦ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘ ବର୍ଷ ଧରି ବସବାସ କରି ଆସୁଛନ୍ତି। ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ଜଳ ଓ ପରିମଳ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ପ୍ରାୟ ୫ ବର୍ଷ ପୂର୍ବେ ୪୦ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଏଥିପାଇଁ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଥିଲା। ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇଦେବା ପାଇଁ ଗାଁର ବିଭିନ୍ନ ସାହିକୁ ମାଟିତଳେ ପାଇପ ବିଛାଇବା ସହ ସମସ୍ତଙ୍କ ଘର ସମ୍ମୁଖରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଥିଲା। ଦୀର୍ଘ ବର୍ଷ ଧରି ଜଳ ଓ ପରିମଳ ବିଭାଗ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଉପଯୁକ୍ତ ରକ୍ଷଣାବେକ୍ଷଣ କରା ନ ଯିବାରୁ ପ୍ରକଳ୍ପରୁ ଗାଁର ବିଭିନ୍ନ ସାହିକୁ ଯାଇଥିବା ପାଇପଲାଇନ ଫାଟିଯାଇଛି। ଅଧିକାଂଶ ଷ୍ଟାଣ୍ଡପୋଷ୍ଟ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ସେହିପରି ଗାଁରେ ଥିବା ୭ଟି ନଳକୂପ ଏବେ ସମ୍ପୂର୍ଣ୍ଣ ଅଚଳ। ବହୁବାର ପଞ୍ଚାୟତ ଏବଂ ଜଳ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ, ବ୍ଲକ୍ କର୍ତ୍ତୃପକ୍ଷ ଏବଂ ଜନପ୍ରତିନିଧିଙ୍କୁ କହିଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି ବୋଲି ଗାଁ କମିଟି ସଭାପତି ଗୌତମ ସିକଦାର, ସମ୍ପାଦକ ବିଶ୍ୱପତି ବିଶ୍ୱାସ, ନାରାୟଣ ସିକଦାର, ଦିଲୀପ ବାଲା, ତରୁଣ ମଣ୍ଡଳ, ପରେଶ ସିକଦାର, ମନ୍ତୋଷ ବଣିକ, ମହାରାଣୀ ମଣ୍ଡଳ, ଗୀତା ମଣ୍ଡଳ, ଜ୍ୟୋତ୍ସ୍ନା ବଣିକ, ମୋନିକା ସରକାର, ପ୍ରତିମା ଅଧିକାରୀ ସୁଧବୀ ବଣିକ, ମୀନା ସର୍ଦ୍ଦାରଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କୋରୁକୋଣ୍ଡା ବିଡିଓ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ ଗ୍ରାମରେ ପିଇବା ପାଣିକୁ ନେଇ ଲାଗି ରହିଥିବା ବିଭିନ୍ନ ସମସ୍ୟାର ତୁରନ୍ତ ସ୍ଥାୟୀ ସମାଧାନ କରାଯିବ।

## ନୂତନ ଜିଲା କଂଗ୍ରେସ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ମାଲକାନଗିରି ଜିଲାର ନୂତନ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ମାଲକାନଗିରି,୨୭।୯ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ସଦର ମହକୁମା କଂଗ୍ରେସ ଭବନରେ ନୂତନ ଜିଲା କଂଗ୍ରେସ ସଭାପତି ଜି.ଶ୍ରୀନିବାସ ରାଓଙ୍କୁ ଶନିବାର ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। କିଛିଦିନ ପୂର୍ବେ କେନ୍ଦ୍ର ଓ ରାଜ୍ୟ କଂଗ୍ରେସ କମିଟିର ତୁଙ୍ଗ କର୍ମକର୍ତ୍ତାମାନେ ଜିଲାର ସମସ୍ତ ବ୍ଲକ ଓ ସଦର ମହକୁମା ବୁଲି ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କ ନୂତନ ସଭାପତି ପଦବୀ ପାଇଁ ଜନମତ ସଂଗ୍ରହ କରିଥିଲେ। ଜନସାଧାରଣ, କଂଗ୍ରେସ କମିଟିର କର୍ମୀ ଓ କର୍ମକର୍ତ୍ତାଙ୍କ ସର୍ବସମ୍ମତି କ୍ରମେ ଶ୍ରୀନିବାସଙ୍କୁ ଜିଲା ସଭାପତି ମନୋନୀତ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର ନୂତନ ସଭାପତି ରାଓଙ୍କୁ ପାଛୋଟି ନେଇ ସଭାପତି ଆସନରେ ବସାଇଥିଲେ। ପରେ ଜିଲାର କର୍ମକର୍ତ୍ତାମାନେ ଶ୍ରୀନିବାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲାର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସଦାସର୍ବଦା ଆଗରେ ରହିବେ ବୋଲି ସଭାପତି ରାଓ ଖବରଦାତା ସମ୍ମିଳନୀରେ କହିଛନ୍ତି। ଜିଲାର ବିକାଶ, କଂଗ୍ରେସ ଦଳକୁ ସୁଦୃଢ଼ କରି ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ଜିଲା କଂଗ୍ରେସ ବିଜୟ ହାସଲ କରିବା ନେଇ ଦୃଷ୍ଟି ଦେବା ସହ ଜିଲାର ସମସ୍ତ ବ୍ଲକ, ପଞ୍ଚାୟତରେ କଂଗ୍ରେସ କର୍ମୀଙ୍କୁ ଏକଜୁଟ କରି ଦଳକୁ ଆଗେଇ ନେବା ପାଇଁ ପରିଶ୍ରମ କରିବି ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଚିତ୍ରକୋଣ୍ଡା ବ୍ଲକ ସଭାପତି ଭିମା ବାର୍ସେ, ପଦ୍ମ ପାଙ୍ଗୀ, ପ୍ରଭାକର ପାଳ, ପି. କେଶୁ ରାଓ, ପ୍ରାଣକୃଷ୍ଣ ମଣ୍ଡଳ ଓ କଂଗ୍ରେସ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଓଟିଇଟି ପରୀକ୍ଷା ଦେଲେ ୧୪୪୯ ଶିକ୍ଷକ

**ମାଲକାନଗିରି,୨୭।୯(ଗୌରିଶଙ୍କର ପଣ୍ଡା/ ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାର ୫ କେନ୍ଦ୍ରରେ କଟକ ମାଧ୍ୟମିକ ଶିକ୍ଷା ପରିଷଦର କାର୍ଯ୍ୟସୂଚୀ କ୍ରମେ ଓଟିଇଟି ପରୀକ୍ଷା ଶନିବାର ଆୟୋଜିତ ହୋଇଛି। ଏଥିରେ ଜିଲାର ସମସ୍ତ ବ୍ଲକ୍‌ର ୧୪୪୯ ଶିକ୍ଷୟିତ୍ରୀ ଶିକ୍ଷକ ଓଟିଇଟି ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷା ପାଇଁ ୧୫୧୯ ଶିକ୍ଷୟିତୀ ଶିକ୍ଷକ ଆବେଦନ କରିଥିବା ବେଳେ ୭୦ ଜଣ ଅନୁପସ୍ଥିତ ଥିବା ସୂଚନା ମିଳିଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପର୍ଯ୍ୟବେକ୍ଷକ ନିୟୋଜିତ କରାଯାଇଥିଲା। ଜିଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ଆୟୋଜିତ ହୋଇଥିଲା।



ପରୀକ୍ଷା ଦେବାକୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ନୃସିଂହ ମାଲକାନଗିରି ଜିଲାର ନୂତନ ଓମ୍ବୁଡ୍ସମ୍ୟାନ ଚୟନ

**ମାଲକାନଗିରି,୨୭।୯(ଗୌରିଶଙ୍କର ପଣ୍ଡା)**

ମାଲକାନଗିରି ଜିଲାର ନୂତନ ଓମ୍ବୁଡ୍ସମ୍ୟାନ ଭାବେ ନୃସିଂହ ଚରଣ ମହାନ୍ତିଙ୍କୁ ଚୟନ କରାଯାଇଛି। ୨ ବର୍ଷ ହେବ ଜିଲାର ଏହି ପଦବୀ ଖାଲି ରହିଥିଲା। ଏହି ପଦବୀ ପାଇଁ ଅନେକ ବ୍ୟକ୍ତି ବିଶେଷ ଦୌଡ଼ରେ ଥିବା ବେଳେ ନୃସିଂହଙ୍କୁ ଚୟନ କରାଯାଇଛି। ସେ ଜିଲାର ଜଣେ ବରିଷ୍ଠ ଖବରଦାତା ଓ ସାମାଜିକକର୍ମୀ ଭାବେ ଅସହାୟ ଏବଂ ଗରିବ ଲୋକଙ୍କୁ ସହାୟତା କରିବା, ଶ୍ରମିକଙ୍କୁ ନ୍ୟାୟ ପ୍ରଦାନ, ଦାଦନ ଶ୍ରମିକ ପ୍ରଥା ବନ୍ଦ ଦିଗରେ କାର୍ଯ୍ୟ କରୁଥିଲେ। ସେ ପୂର୍ବରୁ ଜିଲା ଓକିଲ ସଂଘ ସଭାପତି, ଜିଲା ଲୟର୍ସ ଆସୋସିଏଶନ ସଭାପତି, ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦାୟିତ୍ୱ ତୁଲାଇଥିବାରୁ ତାଙ୍କୁ ଏହି ପଦବୀ ପାଇଁ ଚୟନ କରାଯାଇଛି। ଜିଲା ଉତ୍କଳ ସାମ୍ବାଦିକ ସଂଘ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ନୃସିଂହଙ୍କୁ ଶୁଭେଚ୍ଛା ଜଣାଯାଇଛି। ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠି ସଂଖ୍ୟା ୨୭୧୧୯/୨୫ ଅନୁଯାୟୀ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି।


ନୃସିଂହ ଚରଣ ମହାନ୍ତି।

# ଓଏଏସ୍ ପରୀକ୍ଷାରେ ପ୍ରିୟବ୍ରତଙ୍କ ସଫଳତା

**କାଲିମେଲା, ୨୭।୯(ଜୀବନ କୃଷ୍ଣ ଦାସ)**

ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ପରୀକ୍ଷାରେ ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମଭି-୭୨ ଅଞ୍ଚଳର ପ୍ରିୟବ୍ରତ ଜେନା ୨୦୬ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କ ବାପା ଅବସରପ୍ରାପ୍ତ ଶିକ୍ଷକ ରାଧାଶ୍ୟାମ ଜେନା ଓ ମା' ସୁଷମା ରାଣୀ ଜେନା ଶିକ୍ଷକତା କରୁଛନ୍ତି। ପ୍ରିୟବ୍ରତ ଏମଭି ୭୨ସ୍ଥିତ ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ଷଷ୍ଠରୁ ୧୦ମ ଯାଏ ମାଲକାନଗିରିସ୍ଥିତ ନବୋଦୟ ବିଦ୍ୟାଳୟରେ ପଢ଼ିଥିଲେ। ଏହା ପରେ ଝାଡଖଣ୍ଡସ୍ଥିତ ନବୋଦୟ ସ୍କୁଲରେ ଯୁକ୍ତ ୨ ପଢି ଉତ୍ତରାଖଣ୍ଡରେ ଆଇଆଇଟି ମେକାନିକାଲରେ ପଢ଼ା ସାରି ମୁମ୍ବାଇରେ ଏକ ପାୱାର ପ୍ଲାଣ୍ଟରେ କାର୍ଯ୍ୟରତ ଅଛନ୍ତି। ଲୋକଙ୍କ ସେବା କରିବାକୁ ଇଚ୍ଛା ପ୍ରକାଶ କରି ଓଏଏସ୍ ପରୀକ୍ଷା ପ୍ରଥମଥର ପାଇଁ ଦେଇ ସଫଳତା ହାସଲ କରିଛନ୍ତି। ଏହି ସଂଘର୍ଷମୟ ଯାତ୍ରାର ଶ୍ରେୟ ସେ ବାପା, ମା ଓ ଗୁରୁଙ୍କୁ ଦେଇଛନ୍ତି। ସେମାନଙ୍କ ଦିଗ୍‌ଦର୍ଶନରେ ଏହି ସଫଳତା ହାସଲ କରିଥିବା କହିଛନ୍ତି।


ପ୍ରିୟବ୍ରତ ଜେନା।

# ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଦେଲେ ୨୨୫୯ ଶିକ୍ଷକ

**ରାୟଗଡ଼ା,୨୭।୯(ଆଶିଷ ରଞ୍ଜନ ପଣ୍ଡା)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଶନିବାର ରାୟଗଡ଼ା ଜିଲାରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଜିଲାର ୭ ଟି ପରୀକ୍ଷା କେନ୍ଦ୍ରରେ ୨୨୫୯ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଦେଇଛନ୍ତି। ଜିଲାରେ ୨୩୬୫ ଜଣ ପରୀକ୍ଷା ଦେବା ପାଇଁ ଆବେଦନ କରିଥିବା ବେଳେ ୧୦୬ ଜଣ ଅନୁପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ପେପର-୧ରେ ୮୦୬ ଜଣରୁ ୪୧ ଜଣ ଅନୁପସ୍ଥିତି ଥିଲେ, ୭୬୫ ଜଣ ପରୀକ୍ଷା ଦେଇଛନ୍ତି। ସେହିପରି ପେପର-୨ରେ ୧୫୫୯ ମଧ୍ୟରୁ ୬୫ ଜଣ ଅନୁପସ୍ଥିତ ଥିବାବେଳେ ୧୪୯୪ ଜଣ ପରୀକ୍ଷା ଦେଇଛନ୍ତି। ପ୍ରାଥମିକ ବିଦ୍ୟାଳୟ ପାଇଁ ପ୍ରଥମ ସିଟିଂ ପରୀକ୍ଷା ପୂର୍ବାହ୍ନ ୯ ଟାରୁ ସାଢ଼େ ୧୧ଟା ଏବଂ ଅପରାହ୍ନ ୨ଟାରୁ ସାଢେ ୪ଟା ଯାଏ ଦ୍ୱିତୀୟ ସିଟିଂରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ପରୀକ୍ଷା ହୋଇଛି। କଡ଼ା ସୁରକ୍ଷା ମଧ୍ୟରେ ସବୁ କେନ୍ଦ୍ରରେ ପରୀକ୍ଷା ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ, ଓଟିଇଟି ଶିକ୍ଷାଗତ ଯୋଗ୍ୟତାକୁ ବାଧ୍ୟତାମୂଳକ କରାଯାଇଛି। ପ୍ରଶ୍ନପତ୍ର ଲିକ୍ ଯୋଗୁ ଗତ ଜୁଲାଇ ୨୦ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ବାତିଲ କରିଥିଲେ ବୋର୍ଡ କର୍ତ୍ତୃପକ୍ଷ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପଥ ସଞ୍ଚଳନ କାର୍ଯ୍ୟକ୍ରମ

**କାଲିମେଲା, ୨୭।୯(ଜୀବନ କୃଷ୍ଣ ଦାସ)**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତବାର୍ଷିକୀ ପୂର୍ତ୍ତୀ ଏବଂ ବିଜୟା ଦଶମୀ ଉପଲକ୍ଷେ ମାଲକାନଗିରି ଜିଲା କାଲିମେଲାରେ ପଥ ସଞ୍ଚଳନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ସଂଘର ଧ୍ୱଜା ଆରୋହଣ କରାଯାଇଥିଲା। ପରେ ବିଦ୍ୟାମନ୍ଦିରଠାରୁ ପଥ ସଞ୍ଚଳନ ବାହାରି ହାଟପଦା,ପୂସୁଗୁଡା ଏବଂ ବାଡିଗୁଡା ପରିକ୍ରମା କରି ପୁନର୍ବାର ଶିଶୁ ବିଦ୍ୟା ମନ୍ଦିରରେ ପହଞ୍ଚିଥିଲେ। ଏଥିରେ ମୁଖ୍ୟ ଅତିଥି ପୂର୍ବତନ ଶିକ୍ଷକ ଅକ୍ଷୟ କୁମାର ପଣ୍ଡା, ମୁଖ୍ୟ ବକ୍ତା ବିଶ୍ୱହିନ୍ଦୁ ପରିଷଦର ଜିଲା ସମ୍ପାଦକ ରମେଶ ମହାରଣା, ଜିଲା ସଂଘ ଚାଳକ ସୁଶୀଲ କୁମାର ମହନ୍ତ, ଖଣ୍ଡ ସଂଘ ଚାଳକ ପିତାମ୍ବର ପାଣି, ପ୍ରାନ୍ତ ଶାରୀରିକ ପ୍ରମୁଖ ସମାରୁ ପଡିଆମି, କାଲିମେଲା ଖଣ୍ଡ କାର୍ଯ୍ୟବାହ ହିମାଂଶୁ ମଣ୍ଡଳ, କାଲିମେଲା ଖଣ୍ଡ ସଂଘ ଚାଳକ ପୀତାମ୍ବର ପାଣି, ଜିଲା କାର୍ଯ୍ୟବାହ ପରିତୋଷ ସରକାର, ଜିଲା ପ୍ରଚାର ପ୍ରମୁଖ ଜୀବନ କୃଷ୍ଣ ଦାସ, ଜିଲା ସେବା ପ୍ରମୁଖ ମଦନ ମୋହନ ପାଢ଼ୀ ଓ ଜିଲା କୁଟୁମ୍ବ ପ୍ରବୋଧନ ପ୍ରମୁଖ ଜଗବନ୍ଧୁ ଶତ୍ରୁଶଲ୍ୟ ପ୍ରମୁଖ ପୂର୍ଣ୍ଣ ଗଣ ବେଶରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସେବକ ଭାଗ ନେଇଥିଲେ। ପ୍ରଥମେ ଭାରତ ମାତା ଓ ମା' ଦୁର୍ଗା, ସଂଘ ପ୍ରତିଷ୍ଠାତା ଡ.କେଶବ ବଳିରାମ ହେଡେଗୱାର ଓ ଗୁରୁଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ସାମୁହିକ ଦେଶଭକ୍ତି ଗୀତ, ଶାରୀରିକ ପ୍ରଦର୍ଶନ କରାଯାଇଥିଲା ।


କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଦସ୍ୟମାନେ ।

DSPL - 284

ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ

୨୮ ସେପ୍ଟେମ୍ବର ୨୦୨୫

ତାଲିମ୍‌ପ୍ରାପ୍ତ ଡାକ୍ତରଙ୍କ ପରାମର୍ଶରେ ଏବଂ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଗର୍ଭପାତ କରାଇବା ଆଇନ୍ ସମ୍ମତ ଓ ନିରାପଦ ।



ସୁରକ୍ଷିତ ସମୟ ଓ ବିଧି

୯ ସପ୍ତାହ ମଧ୍ୟରେ ବଟିକା ସେବନ ଦ୍ୱାରା
୧୨ ସପ୍ତାହ ମଧ୍ୟରେ ଏମ୍.ଭି.ଏ ପଦ୍ଧତି ଦ୍ୱାରା
୧୨ ରୁ ୨୪ ସପ୍ତାହ ମଧ୍ୟରେ ଅନୁମୋଦିତ ପଦ୍ଧତି ଦ୍ୱାରା

ଗର୍ଭପାତ ଯେତେ ଶୀଘ୍ର କରାଯିବ ସେତିକି ହେବ ସହଜ, ସରଳ ଓ ସୁରକ୍ଷିତ

୨୦ ସପ୍ତାହରୁ ୨୪ ସପ୍ତାହ ପର୍ଯ୍ୟନ୍ତ ଗର୍ଭପାତ କେବଳ ନିର୍ଦ୍ଦିଷ୍ଟ ମହିଳାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ

କେବଳ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭପାତ ବିନାମୂଲ୍ୟରେ କରାନ୍ତୁ ।
ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରାମର୍ଶ କରନ୍ତୁ ।

OIPR-10003/13/0289/2526

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ରାୟଗଡ଼ାରେ ଅମୃତ ଭାରତ ଟ୍ରେନ୍‌କୁ ସ୍ୱାଗତ

ରାୟଗଡ଼ା,୨୭।୯(ଆଶିଷ ରଞ୍ଜନ ପଣ୍ଡା)

ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ବ୍ରହ୍ମପୁରରୁ ଉଧନା ପାଇଁ ନୂତନ ଜ୍ଞାନ କୌଶଳ ସମ୍ବଳିତ ଅମୃତ ଭାରତ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି। ଟ୍ରେନଟିକୁ ରାୟଗଡା ରେଳ ଷ୍ଟେସନରେ ବିପୁଳ ସ୍ୱାଗତ କରାଯାଇଛି। ଏହି ଟ୍ରେନଟି ଓଡିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ, ମହାରାଷ୍ଟ୍ର ଓ ଗୁଜୁରାଟ ମଧ୍ୟରେ ଚଳାଚଳ କରିବା ସହ ଏହାର ସମସ୍ତ ବଗି ସାଧାରଣ ଓ ସ୍ଲିପର କୋଚ ରହିବ। ଉକ୍ତ କୋଚ ଆଧୁନିକ ଓ ଆରାମ ଦାୟକ। ଏହି ସ୍ୱାଗତ କାର୍ଯ୍ୟକ୍ରମରେ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଏସ୍‌ପି ସ୍ୱାଥୀ ଏସ୍. କୁମାର, ରାୟଗଡା ରେଳ ଡିଭିଜନ ମଣ୍ଡଳ ପ୍ରବନ୍ଧକ ଅମିତାଭ ସିଂଘଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଟ୍ରେନରେ ରହିଥିବା ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ଯଥା ଫାୟାର କଣ୍ଟ୍ରୋଲ ସିଷ୍ଟମ, ସିସି କ୍ୟାମେରା, ଜରୁରୀକାଳୀନ ସମ୍ପର୍କ ସିଷ୍ଟମ ଆଦି ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଶେଷରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଛୋଟ ଛୋଟ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ଅତିଥିମାନେ ପତାକା ଦେଖାଇ ଟ୍ରେନ୍‌କୁ ସ୍ୱାଗତ କରୁଛନ୍ତି।

## ରେଳ ଡିଭିଜନ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଦାବି

ରାୟଗଡ଼ା,୨୭।୯ (ଆଶିଷ ରଞ୍ଜନ ପଣ୍ଡା)

**ଓଡ଼ିଶାରେ ଟେକ୍ସଟାଇଲ ମିଲ ଖୋଲିଲେ ଦାଦନ ଦୁଃଖ ଦୂର ହେବ: ରାୟଗଡ଼ା ବିଧାୟକ**


ବିଧାୟକ ଦାବି ରଖୁଛନ୍ତି।

ବ୍ରହ୍ମପୁର-ଉଧନା ଅମୃତ ଭାରତ ଟ୍ରେନ ସ୍ୱାଗତ ସମାରୋହରେ ରାୟଗଡ଼ା ରେଳ ଷ୍ଟେସନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଆପଲସ୍ୱାମୀ କାଡ୍ରାକା ଯୋଗଦେଇ ଅମୃତ ଭାରତ ଟ୍ରେନକୁ ସ୍ୱାଗତ କରିଥିଲେ। ଓଡ଼ିଶାର ବ୍ରହ୍ମପୁରରୁ ଆରମ୍ଭ କରି ଆନ୍ଧ୍ରପ୍ରଦେଶ ରାଜ୍ୟ ଦେଇ ରାୟଗଡ଼ା, ଜେକେପୁର, ବିଷମକଟକ, ମୁନିଗୁଡ଼ା ସମେତ ପଡ଼ୋଶୀ କଳାହାଣ୍ଡି, ସମ୍ବଲପୁର ଓ ଅନ୍ୟ ଜିଲାରୁ ଗୁଜରାଟ ସୁରଟକୁ ଦାଦନ ଖଟିବାକୁ ଯାଉଥିବା ଲୋକେ ଏହାର ସୁବିଧା ଉଠାଇ ପାରିବେ। ତେବେ ବାହାର ରାଜ୍ୟକୁ ଲୋକେ ଦାଦନ ଖଟିବାକୁ ଯିବା ଅପେକ୍ଷା ଯଦି ସରକାର ଓଡ଼ିଶାରେ ଏକ ଟେକ୍ସଟାଇଲ ମିଲ ଖୋଲିବେ ତେବେ ଯୁବପିଢ଼ି ଘର ପାଖରେ ରହି ଅର୍ଥ ଉପାର୍ଜନ କରିପାରିବେ ବୋଲି ବିଧାୟକ କହିଥିଲେ। ଏହା ସହିତ ତାମିଲନାଡୁ ଓ କେରଳ ରାଜ୍ୟକୁ ମଧ୍ୟ ନୂତନ ଟ୍ରେନ ରାୟଗଡ଼ାରୁ ଚଳାଚଳ ପାଇଁ ସେ ଦାବି କରିଛନ୍ତି। ଏତଦ୍‌ବ୍ୟତିତ ଗତ ଜାନୁଆରି ୬ରେ ମୁଖ୍ୟମନ୍ତ୍ରୀ ମୋହନ ମାଝି ରାୟଗଡ଼ା ରେଳ ଡିଭିଜନ ଶିଳାନ୍ୟାସ କରିଛନ୍ତି ହେଲେ ଡିଭିଜନ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବଧାୟକ ଦାବି କରିଛନ୍ତି।

## ହଷ୍ଟେଲରୁ ଘରକୁ ଯିବାବେଳେ ଦୁର୍ଘଟଣାରେ ବାଟରେ ମୃତ୍ୟୁ

ରାୟଗଡ଼ା,୨୭।୯(ଆଶିଷ ରଞ୍ଜନ ପଣ୍ଡା)

**ଟ୍ରକ୍ ତଳେ ଚାପି ହୋଇ ନାବାଳକ ମୃତ, ବାଇକ୍ ଚାଳକ ଗୁରୁତର**


ରାହୁଲ ନାଏକ। (ଫାଇଲ ଫଟୋ)

ଦଶହରା ଛୁଟି କାଟିବାକୁ ମାଉସୀ ପୁଅ ଭାଇ ସହିତ ହଷ୍ଟେଲରୁ ଘରକୁ ଯିବାକୁ ବାଇକ୍‌ରେ ଖୁସିଖୁସି ବାହାରିଥିଲେ ଛାତ୍ର। କିନ୍ତୁ ବାଟରେ ଦୁର୍ଘଟଣା ଘଟି ଛାତ୍ରଙ୍କ ମୃତ୍ୟୁ ହୋଇଛି। ଏଭଳି ଦୁଃଖଦ ଘଟଣା ଶନିବାର ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଞ୍ଚଳରେ ଘଟିଛି। ମୃତକ ହେଲେ କାଶୀପୁର ବ୍ଲକ ସିନ୍ଦୁରଘାଟି ପଞ୍ଚାୟତ ଡେରାକଣା ଗ୍ରାମର ରାହୁଲ ନାଏକ। ରାହୁଲ ରାୟଗଡ଼ା ବ୍ଲକ ପେନିକଣା ଆଶ୍ରମ ସ୍କୁଲରେ ନବମ ଶ୍ରେଣୀର ପଢୁଥିଲେ।

ସୂଚନାନୁଯାୟୀ, ଶନିବାର ସ୍କୁଲ ସରିବା ପରେ ଦଶହରା ଛୁଟି କାଟିବାକୁ ରାହୁଲ ଘରକୁ ବାହାରିଥିଲେ। ମାଉସୀ ପୁଅ ଭାଇ ଲଇଚନ ନାଏକ ତାଙ୍କୁ ବାଇକ୍‌ରେ ନେବାକୁ ଆସିଥିଲେ। ଘରକୁ ଯିବାବେଳେ ଚାନ୍ଦିଲି ଥାନା ଅଧୀନ ଭାକୁରଗୁଡ଼ା ନିକଟସ୍ଥ ପ୍ଲାନେଟୋରିୟମଠାରେ ୩୨୬ ନଂ ଜାତୀୟ ରାଜପଥରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସାମ୍ନା ପଟୁ ଧକ୍କା ଦେଇଥିଲା। ରାହୁଲ ଗାଡ଼ିରୁ ଛିଟିକି ରାସ୍ତାରେ ଯାଉଥିବା ଟ୍ରକ ଚକା ତଳେ ପଡି ଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ଲଇଚନ ଗୁରୁତର ଅଛନ୍ତି। ଖବରପାଇ ଚାନ୍ଦିଲି ଥାନା ଆଇଆଇସି ଉତ୍ତମ କୁମାର ସାହୁ, ଏସ୍‌ଆଇ ଆଶୁତୋଷ ସାହୁ ଘଟଣାସ୍ଥଳରେ ପହଞ୍ଚି ପୋଲିସ ଗାଡ଼ିରେ ମୃତଦେହ ଓ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଟ୍ରକକୁ ଅଟକ ରଖିଛି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ଅଛନ୍ତି। ରାହୁଲଙ୍କ ମୃତ୍ୟୁ ଖବର ଶୁଣି ପରିବାର ଲୋକେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଛନ୍ତି।

## ଜିଏନ୍‌ଏମ୍ ଶିକ୍ଷା ଅନୁଷ୍ଠାନ ଉଦ୍‌ଘାଟନ



କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର, ଅଧ୍ୟାପିକା ଅଧ୍ୟାପକମାନେ।

ପଦ୍ମପୁର,୨୭।୯(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକସ୍ଥିତ ତ୍ରିବେଣୀ ଅନୁଷ୍ଠାନ ଏବଂ ଫାମାକାଲ୍ ଏଣ୍ଡ୍ ହେଲ୍‌ଥର ସାଇନ୍ସର ଉଦ୍‌ଘାଟନୀ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଡା. ଅମ୍ବୁଜା ରତ୍ନ ମୁଦୁଲି, ମୁଖ୍ୟ ବକ୍ତା ସନ୍ତୋଷ କର, ସମ୍ମାନିତ ଅତିଥି ଡା. ଅରୁଣ କୁମାର ମାନସିଙ୍ଗ୍, ତ୍ରିପତି ପ୍ରସାଦ ନିସଙ୍କ, ସଭାପତି ସ୍ୱାଗତ ଶେଖର ଜେନା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୀତା ମିଶ୍ର ଏବଂ ସମସ୍ତ କଳା ବିଭାଗର ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ। ମାନବ ସେବା ହିଁ ମାଧବ ସେବା ବୋଲି ଡାକ୍ତର ମୁଦୁଲି ପିଲାଙ୍କୁ ବାର୍ତ୍ତା ଦେଇଥିଲେ। ନର୍ସିଂରେ ପୁଅଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟବକ୍ତା କହିଥିଲେ। ଆଗକୁ ଥିବା ସଂଘର୍ଷର ସମ୍ମୁଖୀନ ହେବାକୁ ପିଲାଙ୍କୁ ଆହ୍ୱାନ ଦେଇଥିଲେ। ଡା. ମାନସିଂ ତ୍ରିବେଣୀ ଶିକ୍ଷାରେ ବିକାଶ ଶୀର୍ଷ ସ୍ଥାନରେ ନାଁ କରିବା ଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶର ଧାରା ବଜାୟ ରଖିବ ବୋଲି କହିଥିଲେ। ରାୟଗଡାର ଅନୁନ୍ନତ ସ୍ୱାସ୍ଥ୍ୟାବସ୍ଥାକୁ ସଜାଡ଼ିବାକୁ ଏହି ଅନୁଷ୍ଠାନ ବଦ୍ଧପରିକର ବୋଲି ସଭାପତି ଜେନା ଘୋଷଣା କରିଥିଲେ। ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଲୋକଙ୍କ ଦିଶାରି ପାଖକୁ ଯିବା ସେବିକା ବିଦ୍ୟାଳୟ ଖୋଲିବା ପରେ ଅନ୍ତ ହୋଇଥିବା ମତ ରହିଥିଲା।

## ୫ କି.ମି. ଭାରରେ ବୁହା ହେଲେ ଗର୍ଭବତୀ

**ଅଧା ବାଟରେ ଅଟକିଲା ଆମ୍ବୁଲାନ୍ସ**

କଲ୍ୟାଣସିଂହପୁର, ୨୭।୯ (ଦୀପକ୍ କୁମାର ପରିଡ଼ା)

ଗାଁକୁ ଯିବାକୁ ରାସ୍ତା ନ ଥିବାରୁ ଅଧାରେ ଅଟକିଗଲା ଆମ୍ବୁଲାନ୍ସ। ଜନନୀ ଯନ୍ତ୍ରଣା ହେବାରୁ ଅପେକ୍ଷା କରିଥିବା ଆଉ ଜଣେ ଗର୍ଭବତୀଙ୍କୁ ୫ କି.ମି. ଭାରରେ ବୁହା ହୋଇଥିବା ଦେଖିବାକୁ ମିଳିଛି। ରାୟଗଡ଼ା-କଳାହାଣ୍ଡି ଜିଲା ସୀମାନ୍ତ ଥୁଆମୂଳ ରାମପୁର ବ୍ଲକ୍ ମାଳତୀ ପଦର ଗାଁର ଜଣେ ଗର୍ଭବତୀ ଅନିତା ମାଝୀଙ୍କ ଶୁକ୍ରବାର ରାତିରେ ଗର୍ଭ ଯନ୍ତ୍ରଣା ହୋଇଥିଲା। ତାଙ୍କ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ଡାକିଥିଲେ। ଗାଁ ଏବଂ ମୁଖ୍ୟ ରାସ୍ତା ମଝିରେ ନାଗବଳୀ ନଦୀର ପ୍ରଖର ସ୍ରୋତ ଥିବାରୁ ଆମ୍ବୁଲାନ୍ସ ଆସି ୫ କି.ମି. ଦୂରରେ ଅଟକି ଯାଇଥିଲା। ଏହା ପରେ ପରିବାର ଲୋକେ ବାଧ ହୋଇ ଗର୍ଭବତୀଙ୍କୁ ଭାରରେ ବୋହି ଆମ୍ବୁଲାନ୍ସ ନିକଟକୁ ନେଇଥିଲେ। ସେଠାରୁ ତାଙ୍କୁ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏହା ପରେ ଅନିତା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିବା ଓ ମା’ଛୁଆ ସୁସ୍ଥ ଥିବା ଡାକ୍ତର ସୂଚନା ଦେଇଛନ୍ତି। ଏ ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଗାଁକୁ ଆମ୍ବୁଲାନ୍ସ ପହଞ୍ଚିବା ପାଇଁ ନାଗାବଳି ନଦୀ ଉପରେ ଅର୍ଦ୍ଧନିର୍ମିତ ପୋଲ କାମ ଶୀଘ୍ର ସାରିବାକୁ ଦାବି କରିଛନ୍ତି।


ଗର୍ଭବତୀଙ୍କୁ ସମ୍ପର୍କୀୟମାନେ ଭାରରେ ନେଉଛନ୍ତି ।

## ୨୦ ବର୍ଷ ପରେ ନ୍ୟାୟ ପାଇଲେ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଅବସରପ୍ରାପ୍ତ କିରାଣି

ରାୟଗଡା,୨୭।୯(ଆଶିଷ ରଞ୍ଜନ ପଣ୍ଡା)

ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଜଣେ କନିଷ୍ଠ କିରାଣିଙ୍କୁ ୨୦ବର୍ଷର ସଂଘର୍ଷ ପରେ ନ୍ୟାୟ ମିଳିବା ସହ ତାଙ୍କର ବକେୟା ପ୍ରାପ୍ୟ ମିଳିଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଯୁବ ଆଇନଜୀବୀ ବନଜ୍ଞା ରାନୀ ପଣ୍ଡା, ଏଲ.ଏନ.ସ୍ୱାଇଁ, ଓ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ, ବ୍ରହ୍ମପୁର ତୃତୀୟ ବର୍ଷ ଆଇନ ଛାତ୍ରୀ ରାଜଶ୍ରୀ ରାଉତ, ଓଡିଶା ଉଚ୍ଚ ନ୍ୟାୟାଳୟରେ ପଣ୍ଡାଙ୍କ ପକ୍ଷ ଉପସ୍ଥାପନା କରିଥିଲେ।

ସୂଚନାନୁଯାୟୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ କନିଷ୍ଠ କିରାଣି ଭାବେ ରାଜେନ୍ଦ୍ର ପ୍ରସାଦ ପଣ୍ଡା ୨୩ ମାର୍ଚ୍ଚ ୧୯୮୩ରେ ଚାକିରି ଆରମ୍ଭ କରିଥିଲେ। ୧୧ ଜୁଲାଇ ୨୦୦୫ରେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଜେମାଦେଇପେଣ୍ଠ ଶାଖାରେ କାର୍ଯ୍ୟରତ ଥିବା ସମୟରେ ଶାଖା ପ୍ରବନ୍ଧକଙ୍କ ନିର୍ଦ୍ଦେଶ ଅନୁସାରେ ରାୟଗଡ଼ା ଏସ୍‌ବିଆଇରୁ ୩ ଲକ୍ଷ ଟଙ୍କା ଆଣିବାକୁ ଯାଇଥିଲେ। ଟଙ୍କା ଗାଡ଼ି ଡିକିରେ ରଖି ଅଫିସ୍‌କୁ ଫେରିବା ସମୟରେ ବର୍ଷା ହେବାରୁ ନିଜ ଘରକୁ ରେନ୍‌କୋଟ ଆଣିବାକୁ ଯାଇଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ଗାଡ଼ି ଡିକି ଭାଙ୍ଗି ସେଥିରେ ଥିବା ଟଙ୍କା ଚୋରି କରି ନେଇଯାଇଥିଲେ। ରାଜେନ୍ଦ୍ର ନିଜ ଶାଖା ପ୍ରବନ୍ଧଙ୍କୁ ଅବଗତ କରିବା ସହିତ ରାୟଗଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପରବର୍ତ୍ତି ସମୟରେ ଚୋରୀ ହୋଇଥିବା ଟଙ୍କାକୁ ବୀମା କମ୍ପାନୀ ଓ ରାଜେନ୍ଦ୍ର ପଣ୍ଡାଙ୍କଠାରୁ ବ୍ୟାଙ୍କ ଆଦାୟ କରିନେଇଥିଲେ। କିନ୍ତୁ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ରାଜେନ୍ଦ୍ର ପଣ୍ଡାଙ୍କ ବିରୋଧରେ ଡିପାର୍ଟମେଣ୍ଟ ପ୍ରୋସିଡିଂ କରିଥିଲେ। ୭ ନଭେମ୍ବର ୨୦୦୭ରେ ରାଜେନ୍ଦ୍ର ପଣ୍ଡାଙ୍କୁ କାର୍ଯ୍ୟରୁ ନିଲମ୍ବନ ଆଦେଶ ପ୍ରାରିତ କରିଥିଲେ। ଉକ୍ତ ନିଲମ୍ବନ ଆଦେଶକୁ ନେଇ ୨୯ ନଭେମ୍ବର ୨୦୧୮ରେ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ଟ୍ରିବୁନାଲ କମ ଲେବର କୋର୍ଟ, ଭୁବନେଶ୍ୱର, ଆଇଡି କେସ ନଂ ୦୧/୨୦୧୦ ରେ ଆୱାର୍ଡ ପାସ କରି ନିଲମ୍ବନ ଆଦେଶକୁ ରଦ୍ଦ କରିଥିଲେ। ରାଜେନ୍ଦ୍ରଙ୍କୁ ତାଙ୍କ କାର୍ଯ୍ୟରେ ପୁନଃଥଇଥାନ କରିବା ପାଇଁ ଉତ୍କଳ ଗ୍ରାମୀଣ ବ୍ୟାଙ୍କ କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୨୦୧୬ରେ ରାଜେନ୍ଦ୍ରଙ୍କ ଚାକିରି କାର୍ଯ୍ୟକାଳ ସମାପ୍ତ ହେଇସାରିଥିଲା। ତେଣୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଉକ୍ତ ଆୱାର୍ଡ ପବ୍ଲିକେସନ ହେବାର ଏକ ମାସ ମଧ୍ୟରେ ନିଲମ୍ବନ ହେବାର ତାରିଖରୁ ପୁନଃଥଇଥାନ ପର୍ଯ୍ୟନ୍ତ ପଣ୍ଡାଙ୍କୁ ତାଙ୍କ ମାସିକ ଦରମାର ୫୦ ପ୍ରତିଶତ ପ୍ରଦାନ କରାଯାଉ। ପଣ୍ଡା ଅନ୍ୟ ସେବା ସୁବିଧା ପାଇବାର ମଧ୍ୟ ଯୋଗ୍ୟ କହିଥିଲେ। ଯଦି ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଉକ୍ତ ଆଦେଶ ପାଳନ କରାନଯାଏ, ତେବେ ୮% ସୁଧ ସହିତ ରାଜେନ୍ଦ୍ର ପଣ୍ଡାଙ୍କୁ ପ୍ରଦାନ କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ରାଜେନ୍ଦ୍ରଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଉକ୍ତ ଆୱାର୍ଡ କୁ ପାଳନ ନକରି ବେଖାତିରି ଭାବେ ଅବମାନନା କରିଆସୁଥିଲା। ଡବ୍ଲ୍ୟୁପି(ସି) ନଂ ୨୩୧୬/୨୦୨୫ ଓଡିଶା ଉଚ୍ଚ ନ୍ୟାୟାଳୟ ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଆୱାର୍ଡରେ ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରିବା ପାଇଁ ଆଦେଶ ଦେଇଥିଲେ। ସେହିପରି ଉତ୍କଳ ଗ୍ରାମୀଣ ବ୍ୟାଙ୍କଙ୍କଠାରୁ ପଣ୍ଡା ୨୧ଲକ୍ଷ ୮୯ ହଜାର ୯୪୦ ଟଙ୍କାର ଡିଡି ଗତ ୨୪ ତାରିଖରେ ଓଡିଶା ଉଚ୍ଚ ନ୍ୟାୟାଳୟ ମାଧ୍ୟମରେ ଗ୍ରହଣ କରିଛନ୍ତି। ଅନ୍ୟ ପ୍ରାପ୍ୟ ରାଶି ବର୍ତ୍ତମାନ ବିଚାରାଧୀନ ରହିଛି।

## ଆଜି ବିଲ୍ ପୂଜା, ଗଙ୍ଗା ଆବାହନ

ଗୁଡାରି, ୨୭।୯(ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡାରି ଟାଉନ ଦୁର୍ଗାପୂଜା କମିଟି ପକ୍ଷରୁ ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ୧୯ ତମ ଦୁର୍ଗାପୂଜା କରାଯିବ। ସୁଉଚ୍ଚ ମେଢ଼ ସାଙ୍ଗକୁ ରଙ୍ଗ ବେରଙ୍ଗର ଆଲୋକ ମାଳାରେ ପୂଜା ମଣ୍ଡପରେ ମା ବିଜେ କରିବେ। ରବିବାର ପୂର୍ବାହ୍ନରେ ବିଲ୍ ପୂଜା କରାଯିବ ଏବଂ ସନ୍ଧ୍ୟାରେ ବଂଶଧାରା ନଦୀ ପୁଷ୍କର ଘାଟରୁ ଗଙ୍ଗା ଆବାହନ କରାଯିବ ବୋଲି ଟାଉନ ଦୁର୍ଗାପୂଜା କମିଟି ସଭାପତି ସନ୍ତୋଷ ମହାନ୍ତି ସୂଚନା ଦେଇଛନ୍ତି। ପ୍ରତିଦିନ ସନ୍ଧ୍ୟାରେ ମନୋରଞ୍ଜନ ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଗଞ୍ଜାମରୁ ପୁରୋହିତ ମାନେ ଆସି ପୂଜା କାର୍ଯ୍ୟ ସମ୍ପାଦିତ କରିବେ। ଚଳିତ ବର୍ଷ ଦୁର୍ଗାପୂଜା ରେ କର୍ତ୍ତା ଭାବେ କେଦାର ସାହୁ ସପତ୍ନୀକ ଦାୟିତ୍ୱ ତୁଲାଇବେ। ପୂଜା ମଣ୍ଡପ ନିକଟରେ ମୀନାବଜାର ମଧ୍ୟ ଖୋଲାଯାଇଛି। ଥାନାଧିକାରୀ ସମର୍ପିତା ସ୍ୱାଇଁଙ୍କ ସୂଚନାନୁଯାୟୀ ପୂଜା ମଣ୍ଡପ ନିକଟରେ ଏବଂ ବାହାରେ ପୋଲିସ ଓ ହୋମଗାର୍ଡ ବାହିନୀ ମୁତୟନ କରାଯିବା ସହ ଶୃଙ୍ଖଳିତ ଦର୍ଶନ ପାଇଁ ପଦକ୍ଷେପ ନିଆଯାଇଛି।


ଗୁଡାରି ଟାଉନ ଦୁର୍ଗାପୂଜା କମିଟିର ତୋରଣ।

## ମହିଳାଙ୍କ ସୁନାଚେନ୍ ଛିଣ୍ଡାଇ ନେଇଗଲେ ଦୁର୍ବୃତ୍ତ

ରାୟଗଡ଼ା,୨୭।୯(ଆଶିଷ ରଞ୍ଜନ ପଣ୍ଡା)

କିଛି ଦିନର ନୀରବତା ପରେ ପୁଣି ମାତିଛନ୍ତି ଲୁଟେରା। ୨ ଦିନ ପୂର୍ବେ କଲ୍ୟାଣସିଂହପୁରରେ ଜଣେ ବୃଦ୍ଧାଙ୍କ କାନ ଛିଣ୍ଡାଇ ଅଳଙ୍କାର ନେଇଥିବାବେଳେ ଶନିବାର ଭୋରରେ ରାୟଗଡ଼ା ସହରରେ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେଇଗଲେ ଦୁର୍ବୃତ୍ତ। ରାୟଗଡ଼ା ସହରର ଟ୍ରେଜେରି ରୋଡରେ ଶନିବାର ସକାଳ ପ୍ରାୟ ୭ ଟାରେ ଏହି ଘଟଣା ଘଟିଛି। ଲୁଟ୍ ପରେ ମହିଳା ଜଣକ ଗୁରୁତର ହୋଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କ ଚିକିତ୍ସା ଚାଲିଛି। ଲୁଟର ଶିକାର ମହିଳା ହେଲେ ନରମତି ଜଗଦମ୍ବା। ଘଟଣାରୁ ପ୍ରକାଶ ଯେ, ଜଗଦମ୍ବା ଶନିବାର ସକାଳୁ କ୍ଷୀର କିଣିବା ପାଇଁ ଦୋକାନ ଆସିଥିଲେ। କ୍ଷୀର କିଣି ଘରକୁ ଫେରିବାବେଳେ ୨ ଜଣ ଦୁର୍ବୃତ୍ତ ବାଇକରେ ଆସି ଜଗଦମ୍ବାଙ୍କୁ ଆକ୍ରମଣ କରି ତାଙ୍କ ବେକର ସୁନାଚେନ୍ ଛିଣ୍ଡାଇ ନେଇଥିଲେ। ଜଗଦମ୍ବା ଏହାପରେ ତଳେ ପଡି ଯାଇଥିଲେ। ତାଙ୍କର ପାଟି ଶୁଣି ସାହି ବାସିନ୍ଦା ପହଞ୍ଚି ଉଦ୍ଧାର କରି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ପହଞ୍ଚିଛି। ଏନେଇ ପରିବାର ଲୋକ ରାୟଗଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ହସ୍ତଗତ ହେବାପରେ ପୋଲିସ ତଦନ୍ତ ଚଳାଇଥିବା ଥାନାଧିକାରୀ ପ୍ରସନ୍ନ ବେହେରା କହିଛନ୍ତି।

## କନକ ଦୁର୍ଗା ମନ୍ଦିରରେ ଲକ୍ଷେ ଦୀପଦାନ

ଗୁଣପୁର,୨୭।୯(ପ୍ରଦୀପ କୁମାର ପାଢ଼ୀ)


ରାୟଗଡ଼ା ଜିଲା ଗୁଣପୁରର ପୁରୁଣା ଗୁଣପୁର ସ୍ଥିତ କନକ ଦୁର୍ଗା ମନ୍ଦିରରେ ଶନିବାର ସନ୍ଧ୍ୟାରେ ଲକ୍ଷେ ଦୀପ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଅତିଥିଭାବେ ବିଧାୟକ ସତ୍ୟଜିତ ଗମାଙ୍ଗ, ପୌର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଭାଗିରଥୀ ବିଷୋୟୀ, ଟୁକୁନା ରଥ, ଗୌରୀ ପଣ୍ଡା, ଡ. ସୁର୍ଯ୍ୟ ନାରାୟଣ ପଣ୍ଡା, ସନ୍ତୋଷ ରଥ, ନୀର ପାଢ଼ୀ, ରାମ ପଣ୍ଡା, ସୁରେଶ ଆଚାର୍ଯ୍ୟ, ନିଲୁ ସାହୁ ଉପସ୍ଥିତ ଥିଲେ। ପୂଜକ ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମା, ସୁଦାମ ରଥଶର୍ମା, ଝୁଲେଶ୍ୱର ରଥଶର୍ମା ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ସୁଦାମ ପଣ୍ଡା ଅନ୍ୟ ସେବକମାନେ ଏଥିରେ ସହଯୋଗ କରିଥିଲେ।


ଦୀପଦାନ ଚାଲିଛି।

## ପୋଲିସ, ଲୋକଙ୍କ ମଧ୍ୟରେ ବନ୍ଧୁତା ସ୍ଥାପନ ଲକ୍ଷ୍ୟ

ଟିକିରି,୨୭।୯(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଥାନା ପରିସରରେ ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଟିକିରି ଥାନା ଅଧିକାରୀ ବିଶ୍ୱ ବନ୍ଦିନୀ ବାଗଙ୍କ ତତ୍ତ୍ୱାବଧାନରେ ସମ୍ମାନିତ ଅତିଥି ରାୟଗଡ଼ା ଏସଡିପିଓ ଗୌରହରି ସାହୁ ଏବଂ ଏସ୍‌ପି ସ୍ୱାତୀ ଏସ୍. କୁମାର ଯୋଗଦେଇଥିଲ। ପୋଲିସ ଏବଂ ଜନସାଧାରଣ ମଧ୍ୟରେ ଦୂରତା ହ୍ରାସ କରି ବନ୍ଧୁତାପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିବା ଏବଂ ଅପରାଧ ନିୟନ୍ତ୍ରଣରେ ସହଯୋଗ ବୈଠକର ମୂଳ ଉଦ୍ଦେଶ୍ୟ। ଜନସାଧାରଣ ଯେକୌଣସି ସମସ୍ୟାର ସମାଧାନ ନେଇ ବିନା ସଙ୍କୋଚରେ ପୋଲିସର ସାହାଯ୍ୟ ନେବାକୁ ଏସ୍‌ପି ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷ କଣ୍ଡ ମାଝୀ, ବିଭିନ୍ନ ପଞ୍ଚାୟତର ପ୍ରତିନିଧି, ମହିଳା ମଣ୍ଡଳ,ବିଭିନ୍ନ ସଂଘର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଚୋରି, ଲୁଟ୍ ଆଦି ଅପରାଧ ନିୟନ୍ତ୍ରଣ ପାଇଁ ସିସି କ୍ୟାମେରା ଲଗାଇବା, ସାଇବର କ୍ରାଇମକୁ ରୋକିବାକୁ ସଚେତନ ହେବା, ନିଶା ନିବାରଣ ପ୍ରତି ଗୁରୁତ୍ୱ ଦେବା ଏବଂ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଆଇନକୁ ହାତକୁ ନ ନେବା ପାଇଁ ପରାମର୍ଶ ଦିଆଯାଇଥିଲା। କଂସାରି ଗୁଡ଼ା ଆଲୁମିନା ପ୍ରକଳ୍ପ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରି ଅଞ୍ଚଳରେ ପୋଲିସ କ୍ୟାମ୍ପ ସ୍ଥାପନ କରିବାକୁ ବିଜୟ ରତ୍ନ ଚୌଧୁରୀ ଏବଂ ବିଦ୍ୟାରତ୍ନ ଚୌଧୁରୀ ପ୍ରସ୍ତାବ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ କଣ୍ଡ ମାଝୀ ଟିକିରି ରାସ୍ତାର ଟ୍ରାଫିକ ସମସ୍ୟା ଏବଂ ଶକ୍ତି ବାହିନୀ ମହିଳା ସଙ୍ଗଠନ ପକ୍ଷରୁ ନିଶା ନିବାରଣ ନେଇ ପୋଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମସ୍ତ ପ୍ରସ୍ତାବ ନେଇ ଉପରିସ୍ଥ ଅଧିକାରୀ ଓ ଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଥିଲେ। ବେଆଇନ ନିଶା କାରବାର ରୋକିବାରେ ପୋଲିସ ଏସଡିପିଓ ମୋବାଇଲ ନଂ୯୪୩୭୩୭୮୮୩୬କୁ ଯୋଗାଯୋଗ କରିବାକୁ କୁହାଯାଇଥିଲା। ଦୁର୍ଘଟଣାରୁ ମୁକ୍ତି ଓ ଅପରାଧ ନେଇ ଥାନାଧିକାରୀ ବାଗ ଏବଂ ଏସଡିପିଓ ସାହୁ ବୁଝାଇଥିଲେ। ଟିକିରି ଅଞ୍ଚଳରେ ଘଟିଥିବା ଡକାୟତି,ଚୋରି ଘଟଣାର ତଦନ୍ତ ପରେ ସଫଳତା ପାଇଁ ଥାନାଧିକାରୀ ବାଗ ଏବଂ ସହଯୋଗୀଙ୍କୁ ଅଞ୍ଚଳବାସୀ ପ୍ରଶଂସା କରିଥିଲେ। ବୈଠକରେ ପୂର୍ବତନ ସରପଞ୍ଚ କୁମାରୀ ପିଡ଼ିକା, ସୋମନାଥ ଝଡ଼ିଆ, ବିଏସପି ନେତା ସରୋଜ ନାଏକ, ଲାଲବାହାଦୂର ଦୁରିଆ, ସୁବାସ ନାଏକ,ରାଧା କାନ୍ତ ବିଶୋଇ, ନିରଞ୍ଜନ ତ୍ରିପାଠୀ ଓ ହରପ୍ରସାଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଏସ୍‌ପି ସ୍ୱାତୀ ଏସ୍. କୁମାର, ଥାନାଧିକାରୀ ବିଶ୍ୱ ବନ୍ଦିନୀ ବାଗ ଓ ଏସ୍‌ଡିପିଓ ଗୌରହରି ସାହୁ।

# ଓଟିଇଟି ପରୀକ୍ଷା ଦେଲେ ଗଣଶିକ୍ଷାମନ୍ତ୍ରୀଙ୍କ ସ୍ତ୍ରୀ, ବିଧାୟକଙ୍କ ସ୍ତ୍ରୀ


ଚୈଇତି ଗଣ୍ଡ


ତରୁଣୀ ମାଝୀ

ନବରଙ୍ଗପୁର,୨୭।୯ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ଶନିବାର ଓଟିଇଟି ପରୀକ୍ଷା ହୋଇଛି। ଏଠାରେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସ୍ତ୍ରୀ ଚୈଇତି ଗଣ୍ଡ ଓ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କ ସ୍ତ୍ରୀ ତରୁଣୀ ମାଝୀ ପରୀକ୍ଷା ଦେଇଛନ୍ତି। ଚୈଇତି ଉମରକୋଟ ବ୍ଲକ୍ ଡଙ୍ଗରିଗୁଡ଼ା ୟୁଭି–୩ ସ୍କୁଲରେ ଶିକ୍ଷକତା କରୁଥିବାବେଳେ ତରୁଣୀ ମାଝୀ ନନ୍ଦାହାଣ୍ଡି ଜେଟୁଗୁଡା ସ୍କୁଲରେ ଶିକ୍ଷକତା କରୁଛନ୍ତି। ତେବେ ଦୁହେଁ ଓଡ଼ିଶା ସରକାରଙ୍କ ନିୟମ ଅନୁଯାୟୀ ନିଜ ନିଜ କେନ୍ଦ୍ରରେ ଓଟିଇଟି ପରୀକ୍ଷା ଦେଇଛନ୍ତି। ନବରଙ୍ଗପୁର ଜିଲାରେ ୨ଟି ସିଟିଂରେ ଓଟିଇଟି ପରୀକ୍ଷା ହୋଇଥିଲା। ପ୍ରଥମ ସିଟିଂ ୪ଟି କେନ୍ଦ୍ରରେ ହୋଇଥିଲା। ୮୪୮ଜଣ ଶିକ୍ଷକଙ୍କ ମଧ୍ୟରୁ ୭୮୭ ଜଣ ପରୀକ୍ଷା ଦେଇଥିଲେ। ୬୧ଜଣ ଅନୁପସ୍ଥିତ ଥିଲେ। ସେହିଭଳି ଦ୍ୱିତୀୟ ସିଟିଂ ୬ଟି କେନ୍ଦ୍ରରେ କରାଯାଇଥିଲା। ୧୫୯୮ଜଣଙ୍କ ମଧ୍ୟରୁ ୧୫୩୪ଜଣ ପରୀକ୍ଷା ଦେଇଥିବା ବେଳେ ୬୪ଜଣ ଶିକ୍ଷକ ଅନୁପସ୍ଥିତ ରହିଥିଲେ। ଏହି କେନ୍ଦ୍ରଗୁଡ଼ିକୁ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲାପାଳଙ୍କ ସମେତ ଜିଲା ଶିକ୍ଷାଧିକାରୀ ପରିଦର୍ଶନ କରିଥିଲେ।

# ହାତଗୋଡ଼ ବାନ୍ଧି ଗର୍ଭବତୀଙ୍କୁ ମାଡ଼ମାରି ଲୁଟିନେଲେ ସୁନାଗହଣା

ସୋର,୨୭।୯ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଟେଣ୍ଟେଇ ପଞ୍ଚାୟତ ବିରିପଡା ଗ୍ରାମରେ ଶୁକ୍ରବାର ରାତିରେ ଦୁଇଟି ଘରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଜଣେ ଗର୍ଭବତୀ ମହିଳାଙ୍କ ହାତଗୋଡ ବାନ୍ଧି ମାଡ଼ ମାରି ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଏହି ଗ୍ରାମର ଅହଲ୍ୟା ନାୟକଙ୍କ ଘର କାମ ଚାଲୁଥିବାରୁ ସେ ପରିବାର ସହ ଏକ ଅସ୍ଥାୟୀ ଘରେ ରହୁଛନ୍ତି। ଶୁକ୍ରବାର ରାତିରେ ୪ଜଣ ଦୁର୍ବୃତ୍ତ ପଲିଥିନ ଚିରି ତାଙ୍କ ଘର ଭିତରକୁ ପଶିଥିଲେ। ପରେ ଅହଲ୍ୟାଙ୍କ ଗର୍ଭବତୀ ଝିଅକୁ ମାଡ଼ ମାରିବା ସହିତ ତାଙ୍କୁ ଓ ପରିବାରର ୩ଜଣଙ୍କୁ ହାତଗୋଡ ବାନ୍ଧି ଘରେ ଥିବା ୫୦ ହଜାରରୁ ଅଧିକ ଟଙ୍କାର ସୁନାଗହଣା ଓ ନଗଦ ୧୪ ହଜାର ଟଙ୍କା ଲୁଟିନେଇଥିଲେ। ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଥିବା ଝିଅ ରଶ୍ମିତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେହିପରି ଉକ୍ତ ଗ୍ରାମର ଚକ୍ରଧର ବେହେରା ୨ ମାସ ହେବ ବେଙ୍ଗାଲୁରୁରେ ଥିବା ପୁଅ ପାଖକୁ ଯାଇଥିବା ବେଳେ ରାତିରେ ତାଙ୍କ ଘରର ଝରକା ଭାଙ୍ଗି ସୁନା ଓ ନଗଦ ଟଙ୍କା ଲୁଟି ନେଇଥିଲେ। ଶନିବାର ଅପରାହ୍ନରେ ସୋର ଥାନାରେ ପୃଥକ ଭାବେ ଅଭିଯୋଗ ହେବା ପରେ ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଓସିଏସ୍ ପରୀକ୍ଷାରେ ବାଜିରାଓ ଆଇଏଏସ୍ ଏକାଡେମୀର ୧୭୩ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ଭୁବନେଶ୍ୱର,୨୭।୯ (ଅନୁରାଧା ମହାରଣା)

ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ୍)– ୨୦୨୩ ପରୀକ୍ଷା ରେଜଲ୍ଟ ଶୁକ୍ରବାର ପ୍ରକାଶ ପାଇଛି। ପୂର୍ବବର୍ଷଗୁଡ଼ିକ ପରି ଚଳିତବର୍ଷ ମଧ୍ୟ ବାଜିରାଓ ଆଇଏଏସ୍ ଏକାଡେମୀ ସଫଳତା ହାସଲ କରିଛି। ଏକାଡେମୀର ୧୭୩ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ସ୍ୱରୂପିଣୀ ପଟ୍ଟନାୟକ, ଦୀପସୀତା ବେହେରା, ସୁପ୍ରିୟା ମିଶ୍ର, ଅସୀମା ଅନ୍ୱେଷା, ଏମ୍ ଜି ସୁବର୍ଣ୍ଣ ମହାନ୍ତି, ଆକାଶ କୁମାର ପ୍ରଧାନ, ସୌମ୍ୟ ରଞ୍ଜନ ପଣ୍ଡା, କଲ୍ୟାଣୀ ସାହୁ, ମୃତ୍ୟୁଞ୍ଜୟ ରାଉଳ ଓ ସାଇ ରମଣ ପାତ୍ର ପ୍ରମୁଖ ଛାତ୍ରୀଛାତ୍ର ୪୦ ର୍ୟାଙ୍କ ମଧ୍ୟରେ ରହି ଶିକ୍ଷାନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ପାଇଁ ଶିକ୍ଷାନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଶୁଭ୍ରାଂଶୁ ଶେଖର ଓଝା ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ସଚେତନତା ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ

**ଆଜି ବିଶ୍ୱ ଜଳାତଙ୍କ ଦିବସ**

ଜଳାତଙ୍କ ଏକ ଭୂତାଣୁଜନିତ ରୋଗ। ପାଗଳା କୁକୁର କାମୁଡ଼ିଲେ ଏହି ରୋଗର ଆଶଙ୍କା ଅଧିକ ଥାଏ। ଏ ସମ୍ପର୍କରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖକୁ 'ବିଶ୍ୱ ଜଳାତଙ୍କ ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତବର୍ଷ ଏହି ଦିବସର ଥିମ୍ ରହିଛି– 'ଆକ୍ଟ ନାଓ, ୟୁ ମି, କମ୍ୟୁନିଟିଜ୍'। ଅର୍ଥାତ୍ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି କେବଳ ମୁଁ ନୁହେଁ, ଆପଣ ଏବଂ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି। ସବୁଠାରୁ ଖାସ୍ କଥା ହେଲା, ଏଭଳି ସମସ୍ୟାର ସମ୍ମୁଖୀନ ହେଲେ ତାହାର ସ୍ଥାୟୀ ଚିକିତ୍ସା ପ୍ରାୟ ନାହିଁ। ଅର୍ଥାତ୍ ଜଳାତଙ୍କ ଦ୍ୱାରା ଆକ୍ରାନ୍ତ ହେଲେ ମୃତ୍ୟୁ ପ୍ରାୟ ସୁନିଶ୍ଚିତ। ଏହି ରୋଗ କୁକୁର, ବିରାଡ଼ି, ବିଲୁଆ, ଗଧିଆ ଆଦି ସ୍ତନ୍ୟପାୟୀ ପ୍ରାଣୀମାନଙ୍କଠାରୁ ମନୁଷ୍ୟ ତଥା ଅନ୍ୟ ପ୍ରାଣୀମାନଙ୍କୁ ବ୍ୟାପିଥାଏ। ଜଳାତଙ୍କ ରୋଗ ଲାଇସା ଭୂତାଣୁ ଦ୍ୱାରା ବ୍ୟାପିଥାଏ। ଏହି ଭୂତାଣୁ ମୁଖ୍ୟତଃ ବୁଲା ପାଗଳା କୁକୁର କାମୁଡ଼ିବା କିମ୍ବା ସେମାନଙ୍କ ଲାଳ ଦ୍ୱାରା ସୁସ୍ଥ ମନୁଷ୍ୟ କିମ୍ବା ପଶୁମାନଙ୍କୁ ବ୍ୟାପିଥାଏ। କ୍ଷତ ସ୍ଥାନ ଜଳାପୋଡ଼ା ଏବଂ କୁଣ୍ଡେଇ ହେବା, ସ୍ନାୟବିକ ଦୁର୍ବଳତା ଓ ଅକ୍ଷମତା, ପାଣି, ପବନ, ନିଆଁ, ଶବ୍ଦ ଏବଂ ଆଲୋକ ଆଦିକୁ ଭୟ କରିବା, ଅତ୍ୟଧିକ ପରିଶ୍ରମ ସହ୍ୟ କରି ନ ପାରିବା, ଖାଦ୍ୟ ଢୋକିବାରେ କଷ୍ଟ ଅନୁଭବ କରିବା ଏବଂ ବାନ୍ତି ହେବା ହେଉଛି ଜଳାତଙ୍କର ପ୍ରମୁଖ ଲକ୍ଷଣ।

ଯଦି ଗୋଟିଏ ସୁସ୍ଥ ପ୍ରାଣୀ କିମ୍ବା ମନୁଷ୍ୟକୁ ଏକ ବୁଲା କୁକୁର କାମୁଡ଼ିଦେଲା, ତେବେ ଡାକ୍ତରୀ ପରାମର୍ଶ କରି ଟିକା ନେବା ପୂର୍ବରୁ ଉକ୍ତ କାମୁଡ଼ା ଜାଗାଟିକୁ ଭଲ ଭାବରେ ସାବୁନ୍‌ରେ ଅତିକମ୍‌ରେ ୧୫ ମିନିଟ୍ ଯାଏ ଧୁଅନ୍ତୁ। ଧୋଇ ସାରିବା ପରେ ଉକ୍ତ ଜାଗାଟିକୁ ଚଳନ୍ତା ପାଣି ସ୍ରୋତ କିମ୍ବା ଟ୍ୟାପ୍ ପାଣିରେ ୧୫ ମିନିଟ୍ ଯାଏ ଧୁଅନ୍ତୁ। ତା'ପରେ ଉକ୍ତ ସ୍ଥାନଟିରେ ଆଣ୍ଟିସେପ୍ଟିକ ମଲମ କିମ୍ବା ଲୋଶନ ଲଗାନ୍ତୁ। କୌଣସି ପରିସ୍ଥିତିରେ ଉକ୍ତ ଜାଗାକୁ ବ୍ୟାଣ୍ଡେଜ କରନ୍ତୁ ନାହିଁ। ଉପରୋକ୍ତ ପ୍ରାଥମିକ ଚିକିତ୍ସା କରିସାରିବା ପରେ ଡାକ୍ତରୀ ପରାମର୍ଶ ଅନୁସାରେ ଟିକା ନିଅନ୍ତୁ।

– ଡା. ଅନନ୍ତ ଆଚାର୍ଯ୍ୟ


**ପୂର୍ବ ତଟ ରେଳପଥ**

**ବହୁମୁଖୀ ଏବଂ ଖାଦ୍ୟ ସରବରାହ ଷ୍ଟଲର ଇ-ନିଲାମ**

କ୍ରମ ସଂ.1: ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ୍, ପ୍ଲାଟଫର୍ମ ନଂ.-6/7, କ୍ରମ ସଂ.2 : ଷ୍ଟେସନ ଏବଂ ସ୍ଥାନ : ବ୍ରହ୍ମପୁର, ପିଲର ନଂ.11 ଏବଂ 12 ମଧ୍ୟରେ ପ୍ଲାଟଫର୍ମ ନଂ.-4, କ୍ରମ ସଂ.3 : ଷ୍ଟେସନ ଏବଂ ସ୍ଥାନ : ବ୍ରହ୍ମପୁର, ପ୍ଲାଟଫର୍ମ ନଂ.-2&3, କ୍ରମ ସଂ.4 : ଷ୍ଟେସନ ଏବଂ ସ୍ଥାନ : ଖୋର୍ଦ୍ଧା ରୋଡ୍, ପ୍ଲାଟଫର୍ମ ନଂ.-3।

ସଂରକ୍ଷଣ ବର୍ଗ : ବହୁମୁଖୀ ଷ୍ଟଲ(GMU) (କ୍ରମ ସଂ.1 ପାଇଁ), ଖାଦ୍ୟ ସରବରାହ ଷ୍ଟଲ SMU(ଅନୁସୂଚିତ ଜାତି)(କ୍ରମ ସଂ.2 ପାଇଁ), ଖାଦ୍ୟ ସରବରାହ ଷ୍ଟଲ SMU(ଶାରୀରିକ/ ମାନସିକ ବିକଳାଙ୍ଗ) (କ୍ରମ ସଂ.3 ପାଇଁ) ଏବଂ ତାଜା ଫଳ ଏବଂ ଜୁସ୍ ଷ୍ଟଲ SMU(ଅନୁସୂଚିତ ଜନଜାତି) (କ୍ରମ ସଂ.4 ପାଇଁ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.07.10.2025 ରିଖ 1530 ଘଟିକା ଠାରୁ (କ୍ରମ ସଂ.1 ପାଇଁ) ଏବଂ ତା.07.10.2025 ରିଖ 1100 ଘଟିକା ଠାରୁ (କ୍ରମ ସଂ.2 ରୁ 4 ପାଇଁ)।

ଦ୍ରଷ୍ଟବ୍ୟ: ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ଏବଂ ଯୋଗ୍ୟତା ମାନଦଣ୍ଡ, ସାଇଟ୍‌ର ବିବରଣୀ ଓ ଅନ୍ୟାନ୍ୟ ସବିଶେଷ ସୂଚନା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ୍

PR-641/Q/25-26


# କଂଗ୍ରେସ ନିଜ ଚିରାଚରିତ ବଦଭ୍ୟାସ ଦୋହରାଇଛି: ଭାଜପା

ଭୁବନେଶ୍ୱର,୨୭।୯ (ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ ଦେଶର ଯେକୌଣସି ରାଜ୍ୟକୁ ଯେତେବେଳେ ବି ଯାଇପାରିବେ। ଏଥିପାଇଁ କାହାର ଅନୁମତି ନେବା ଆବଶ୍ୟକ ନାହିଁ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମ୍ପର୍କରେ ପ୍ରଶ୍ନ ପଚାରି କଂଗ୍ରେସ ନିଜ ନିର୍ବୋଧତାର ପରିଚୟ ଦେଇଛି। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାବଦରେ ଗାଳିଦେବା, କଟାକ୍ଷ କରିବା, ନିଚା ଦେଖାଇବା କଂଗ୍ରେସ ବରିଷ୍ଠ ନେତାମାନଙ୍କ ଅଭ୍ୟାସରେ ପରିଣତ ହୋଇସାରିଛି। ଶନିବାର ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନିମ୍ନସ୍ତରର ବକ୍ତବ୍ୟ ଦେଇ କଂଗ୍ରେସ ନିଜ ଚିରାଚରିତ ବଦଭ୍ୟାସକୁ ଦୋହରାଇଛି ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଐଶ୍ୱର୍ଯ୍ୟା କହିଛନ୍ତି, କଥାରେ ଅଛି କୋଇଲାକୁ ଯେତେ ଧୋଇଲେ ବି ରଙ୍ଗ ବଦଳିବ ନାହିଁ। ସମାନ ଭାବେ ଯେତେ ପରାମର୍ଶ ଦେଲେ ବି କଂଗ୍ରେସର ଚରିତ୍ର ଓ ସ୍ୱଭାବ ବଦଳିବ ନାହିଁ। କଂଗ୍ରେସ ଭଳି ରାଷ୍ଟ୍ରୀୟ ଦଳର ନେତାମାନେ ଜଣେ ମହିଳା ଏମ୍‌ପିଙ୍କ ଚରିତ୍ର ସଂହାରକରି ବକ୍ତବ୍ୟ ଦେବା ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ଶାଳିନତା ଉଲ୍ଲଂଘନକରି ଅସଭ୍ୟ ଟିପ୍ପଣୀ ଦେବା କଂଗ୍ରେସର ଚିରାଚରିତ ସ୍ୱଭାବ। କଂଗ୍ରେସ ମୁଖପାତ୍ରଙ୍କ ବକ୍ତବ୍ୟ ନିଜର ବ୍ୟକ୍ତିଗତ ନା ଦଳୀୟ ତାହା ସ୍ପଷ୍ଟ କରିବା ଉଚିତ। ଆଜିର ଏଭଳି ହୀନ ବକ୍ତବ୍ୟ ପାଇଁ ଓଡ଼ିଶା ତଥା ଭାରତବାସୀ ଆଦୌ କ୍ଷମା ଦେବେ ନାହିଁ ବୋଲି ଐଶ୍ୱର୍ଯ୍ୟା କହିଛନ୍ତି।


**ପୂର୍ବ ତଟ ରେଳପଥ**

ଫାଇଲ ନଂ.DRM/Engg/KUR/25-26/E-Tender/76,ତା.25.09.2025ରିଖ

(1) ଟେଣ୍ଡର ସଂ.e-tender-BrKUR-251-2025,ତା.16.09.2025ରିଖ

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(ବ୍ରିଜ୍)/କଟକ-II ପରିସୀମା ଅଧୀନସ୍ଥ ହରିଦାସପୁର-ପାରାଦ୍ୱୀପ ସେକ୍ସନ ନିମନ୍ତେ 30.06.2026 ପର୍ଯ୍ୟନ୍ତ ସମୟାବଦ୍ଧ ନିମନ୍ତେ ଜୋନାଲ(Zonal) ଚୁକ୍ତି (ବ୍ରିଜ୍ କାର୍ଯ୍ୟ)।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 72.40 ଲକ୍ଷ, EMD (ଟଙ୍କାରେ) : 1,44,800/-।

(2) ଟେଣ୍ଡର ସଂ.e-tender-EASTKUR-252-2025,ତା.16.09.2025ରିଖ

ବିବରଣୀ : "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ଡିପୋଜିଟ୍ ସ୍କିମ୍ ଅଧୀନସ୍ଥ ପାରାଦ୍ୱୀପ ଠାରେ ଗ୍ରୀଡ୍ ପୃଥକୀକରଣ କାର୍ଯ୍ୟ" ସମ୍ବନ୍ଧୀୟ ପ୍ରସ୍ତାବିତ ଟ୍ରାକ୍ ଯୋଡ଼ିବା (Linking)କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ: 113.41 ଲକ୍ଷ, EMD (ଟଙ୍କାରେ) : 2,06,700/-।

ଶେଷ ହେବା ଅବଧି : 08 ମାସ (କ୍ରମ ସଂ.1 ପାଇଁ) ଏବଂ 10 ମାସ (କ୍ରମ ସଂ.2 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.10.2025 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍

PR-647/Q/25-26


# ୨୨ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ୨ ବେପାରୀ ଗିରଫ

ପୁରୀ,୨୭।୯ (ଅଜିତ୍ କୁମାର ମହାନ୍ତି)

ପୁରୀ ପୋଲିସକୁ ଅପରେଶନ ଚକ୍ର ମାଧ୍ୟମରେ ଏକ ବଡ଼ ସଫଳତା ମିଳିଛି। ସଦର ଥାନା ପକ୍ଷରୁ ଶନିବାର ନୀଳଚକ୍ରନଗରରେ ଚଢ଼ାଉ କରାଯାଇ ବାଲେଶ୍ୱର ଜିଲା ଅନ୍ତର୍ଗତ ଜଳେଶ୍ୱର ଥାନା ଅଞ୍ଚଳର ମହମ୍ମଦ ସାଜଦ(୩୦) ଓରଫ ରାଜା ଏବଂ ପୁରୀ ସଦର ଥାନା ଅନ୍ତର୍ଗତ ନୀଳଚକ୍ରନଗରର ସୁକାନ୍ତି ପଣ୍ଡା(୬୦)ଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିବା ନେଇ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତୀକ ସିଂ ସୂଚନା ପ୍ରଦାନ କରି କହିଛନ୍ତି। ପୋଲିସ ଅଭିଯୁକ୍ତମାନଙ୍କ ଠାରୁ ୨୦୦ଗ୍ରାମ ବ୍ରାଉନ୍‌ସୁଗର ଜବତ କରିଛି। ଜବତ ବ୍ରାଉନ୍‌ସୁଗରର ମୂଲ୍ୟ ୨୨ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି।


**THE ASKA CO-OPERATIVE SUGAR INDUSTRIES LTD.**
P.O.: Nuagam (Aska) - 761111, Dist.: Ganjam, State: Odisha
Email id: askasugar@yahoo.co.in
GSTIN: 21AAAAT5989L1ZO

Letter No. GAD/F-200/1450 Date: 26.09.2025

**ADVERTISEMENT FOR CONTRACTUAL APPOINTMENT**

Fresh applications are invited from eligible candidates for filling of the post of "Cane Manager" on Contractual Basis for a period of one year and likely to be extened after satisfactory performance. The eligible candidates may apply in prescribed application form duly filled in and send through Speed Post/ Registered Post only on or before 28.10.2025. For details, please visit our website (www.askasugar.com).

Sd./- Managing Director



**OFFICE OF THE SUPERINTENDING ENGINEER P.W.D. (B&R) AMBIKAPUR CIRCLE, AMBIKAPUR**

Invitation Date: 24.09.2025

**E-PROCUREMENT TENDER NOTICE**

01. For tender detail please visit http://eproc.cgstate.gov.in
02. Concern Division : S. No. 1, 2 Jashpur & S. No. 3 Manendragarh Division
03. S. No. 1 to 3 - 'D' Class and above Contractor
04. Bid submission due date - 15.10.2025

| S. No. | N.I.T. No. | Name of Work | P.A.C. in Lacks |
|---|---|---|---|
| 1 | 2 | 3 | 4 |
| 1 | 189 | Construction of Kandadhora to Ghumra Road Length 0.80 Km of District Jashpur (First Call) | 74.07 |
| 2 | 190 | Construction of First Floor at ITI Building duldula Distt. Jashpur (First Call) | 97.66 |
| 3 | 191 | Renovation of ITI Building at Lalpur Distt. MCB (C.G.) (First Call) | 46.35 |

Sd./- Superintending Engineer
P.W.D. Ambikapur Circle, Ambikapur

G-252603772/1



**ZILLA SWASTHYA SAMITI, DHENKANAL**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

**Advertisement (In-House)**

**No.E-414** : Interested **In-house candidates presently working** in other districts under NHM desiring to be posted in Dhenkanal district under NHM of OSH & FWS may log on to **www.dhenkanal.odisha.gov.in** for details (advertisement, terms and conditions & application form etc.).

**The fresh candidates or the candidates who are not working under National Health Mission of OSH & FW Society need not to apply for the above mentioned posts.**

Sd./- Chief District Medical & PH Officer, Dhenkanal

OIPR-10059/11/0026/2526



**ZILLA SWASTHYA SAMITI, JAJPUR**

**TENDER CALL NOTICE FOR HIRING OF VEHICLES**

No. 530 Date : 26.09.2025

**No.E-415** : Sealed tenders are invited from Registered Agencies, Tour Operators, Individuals for hiring of commercial light diesel/petrol A/C vehicles towards engagement under DPMU, NHM, Jajpur, on monthly hiring basis. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. www.jajpur.odisha.gov.in. The bidders have to superscribe on the top left hand corner of the envelope "Quotation for hiring of vehicle under NHM, Jajpur" without which their quotations shall be rejected. The undersigned reserves the right to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

OIPR-10042/11/0019/2526 Sd./- CDM & PHO, Jajpur



GOVERNMENT OF ODISHA
HOUSING & URBAN DEVELOPMENT DEPARTMENT
**OFFICE OF THE NOTIFIED AREA COUNCIL, PADAMPUR**
At-Padampur, PO-Rajborasambar, Dist-Bargarh, Pin-768036
Ph. No. 06683-223436, E-mail : nac.padampur@gmail.com

No.2896/NACP Dt.25.09.2025

National Competitive Bidding through e-procurement
Bid Identification No. **NAC-PDP-04/2025-26**

**No.C-1191** : The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

1. Nature of Work : Civil Work
2. No. of works : 4 (Four Nos.)
3. Estimate Cost : Rs.2,65,562/- to Rs.9,62,188/-
4. Class of Contractor : "C" or "D" Class
5. Date & Time of availability of Bid Documents in the portal : **9.00 A.M. on dt.26.09.2025 up to 05.00 P.M. on dt.17.10.2025**
6. Last date & time for receipt of Bids in the portal : **17.10.2025 at 05.00 P.M.**
7. Bid opening Date : **Dt.18.10.2025 at 11.00 A.M.**

The bidders have to participate in online bidding only. Further details can be seen from the website https://www.tendersodisha.gov.in

Sd./- Executive Officer
N.A.C. Padampur

OIPR-13118/11/0041/2526



**GOVERNMENT OF ODISHA** No.A-687
**OFFICE OF THE SUPERINTENDING ENGINEER M.I.DIVISION, GANJAM NO-II, BERHAMPUR**
QUOTATION/TENDER
CALL NOTICE I.D. NO./06/GMID-II/2025-26

| | |
|---|---|
| Name of Work | Hiring of private vehicle on monthly rent basis for official use under M.I. Division Ganjam No-II, Berhampur. |
| No. of Work | 2 No. (Two) |
| Quotation/Tender Paper Cost | NIL |
| Date, Time and place of availability of Quotation/ tender Paper | From 10.00 A.M. of 03.10.2025 to 08.10.2025 up to 3.00 P.M. (During Office Hours) at M.I. Division, Ganjam No-II, Berhampur |
| Date, Time and Place of Opening of Quotation/ Tender | At 04.00 P.M. on 08.10.2025 in the office of the Superintend Engineer, M.I. Division, Ganjam No-II, Berhampur |
| Name & Adderss of the Officer inviting Tender | Superintending Engineer, M.I.Division Ganjam-II, Berhampur, Email : mi2_exe.engr@yahoo.co.in |

Sd./- Superintending Engineer
M.I. Divn., Ganjam-II, Berhampur

OIPR-32043/11/0033/2526



**वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर।**

लापताः आवश्यक सूचना


गुमशुदा भावना राज मरवा उम्र–करीब 20 वर्ष।

सर्व साधारण को सूचित किया जाता है कि आवेदक रमेश राज मरवा के द्वारा अपनी बेटी **भावना राज मरवा उम्र–करीब 20 वर्ष की गुमशुदगी** के संबंध में संबंधित थाना जादुगोड़ा में लिखित आवेदन दिये हैं। आवेदन में इनके द्वारा बताया गया कि **गुमशुदा भावना राज मरवा उम्र–करीब 20 वर्ष, पिता–रमेश राज मरवा, सा0–राखा कॉलोनी, थाना–जादुगोड़ा, जिला–पूर्वी सिंहभूम, जमशेदपुर** जो दिनांक–17.09.2025 को समय करीब 06:30 बजे घर से पानी लाने के लिए निकली थी एवं बहुत समय तक जब घर वापस नहीं आई तो परिवारवालों ने रिस्तेदार एवं पड़ोसियों से पुछताछ किया लेकिन कुछ पता नहीं चल सका।

गुमशुदा महिला का हुलिया निम्न प्रकार है :–कद–05 फीट 07 इंच, रंग–गोरी, बाल–काला, पहनावा–भगवा रंग की कर्ती एवं काला रंग का पैजामा।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक ग्रामीण, पूर्वी सिंहभूम, जमशेदपुर : 9470199228
पुलिस उपाधीक्षक, मुसाबनी : 9431706492
थाना प्रभारी, जादुगोड़ा : 9431706523

वरीय पुलिस अधीक्षक,
पूर्वी सिंहभूम, जमशेदपुर।

POLICE HELPLINE (EMERGENCY DIAL)-112 | CHILD HELPLINE-1098
WOMEN HELPLINE-1091 | DOMESTIC ABUSE HELPLINE-181
CYBER CRIME HELPLINE-1930 | AMBULANCE SERVICE-108

PR.NO.363129 Police(25-26):D



**DEPUTY DIRECTOR,**
NANDANKANAN ZOOLOGICAL PARK
P.O. - BARANG, DIST. - KHURDA, PIN - 754005
PHONE/FA NO-0674-2466075, 9437022023 (M)
Email : deputydirector.kanan@gmail.com
NANDANKANAN
Web : www.nandankanan.org

**e-PROCUREMENT NOTICE**

No.MM- Tender No. DD-NKN-21_/PMU/NKZP-2025-26 Dt. 24.09.2025

| | | |
|---|---|---|
| 1 | Name of the work | Tender for construction of Entry Date Complex (RIGHT SIDE) at Gate no.2 inside Nandankanan Zoological Park for the year 2025-2026 |
| 2 | No. of works | 1 (one) no. |
| 3 | Date of availability of bid document in the portal | 26.09.2025 |
| 4 | Last date for receipt of bids in the portal | 08.10.2025 up to 5.00 P.M. |
| 5 | Date of pre-Bid meeting | 06.10.2025 at 11.00 A.M. |
| 6 | Date of opening of Technical Bid (Cover-I) | 09.10.2025 at 11.00 A.M. |
| 7 | Name & Address of Officer Inviting Tender (OIT) | Deputy Director, Nandankanan Zoological Park, P.O. - Barang, Dist. - Khorda, Pin - 754005 |

Further details can be seen from the e-procurement portal https//tendersodisha.gov.in.

Sd./- Deputy Director
Nandankanan Zoological Park

OIPR-08070/11/0109/2526



बैंक ऑफ़ बड़ौदा Bank of Baroda

ବ୍ୟାଙ୍କ ଅଫ୍ ବରୋଦା, ଆର୍‌ଓଏସ୍‌ଏଆର୍‌ବି ରାଞ୍ଚି, ୩ୟ ମହଲା, ଏଲ୍ ଏମ୍ ସ୍କୋୟାର୍, ସୁଜାତା ଚୌକ, ମେନ୍ ରୋଡ୍, ରାଞ୍ଚି-୮୩୪୦୦୧, ଝାଡ଼ଖଣ୍ଡ

**ସଂଲଗ୍ନକ – ଗ**

**ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି, ପରିଶିଷ୍ଟ - IV-କ [ନିୟମ ୬ (୨) ଏବଂ ୮ (୬)ର ବ୍ୟବସ୍ଥାବଳୀ ଦେଖନ୍ତୁ]**

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୬(୨) ଏବଂ ୮(୬) ଅଧୀନରେ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ–ନିଲାମ ବିକ୍ରୟ ନୋଟିସ। ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ), ବନ୍ଧକଦାତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ସ୍ଥାବର/ଅସ୍ଥାବର ସମ୍ପତ୍ତି, ଯାହାର ଦଖଲ ବ୍ୟାଙ୍କ ଅଫ୍ ବରୋଦାର ପ୍ରାଧିକୃତ ଅଧିକାରୀ, ବନ୍ଧକ ଋଣଦାତାଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଖାତା/ଗୁଡ଼ିକରୁ ବକେୟା ଦେୟ ଆଦାୟ ପାଇଁ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ବିକ୍ରି କରାଯିବ। ଋଣଗ୍ରହୀତା/ଗଣ / ବନ୍ଧକଦାତା/ଗଣ ଗ୍ୟାରେଣ୍ଟିଦାତା/ଗଣ / ବନ୍ଧକ ପରିସମ୍ପତ୍ତି/ଗୁଡ଼ିକ / ବକେୟା ଦେୟ / ସଂରକ୍ଷିତ ମୂଲ୍ୟ / ଇ–ନିଲାମ ତାରିଖ ଓ ସମୟ, ଇଏମ୍‌ଡି ଏବଂ ବିଡ୍ ବୃଦ୍ଧି ପରିମାଣ ତଳେ ଦର୍ଶାଯାଇଛି:–

| କ୍ର. ସଂ. | ଋଣଗ୍ରହୀତା/ଗଣ / ଗ୍ୟାରେଣ୍ଟିଦାତା/ ବନ୍ଧକଦାତାଗଣଙ୍କ ନାମ ଓ ଠିକଣା | ସୁରକ୍ଷିତ ପରିସମ୍ପତ୍ତି / ବନ୍ଧକ ସମ୍ପତ୍ତିର ବିବରଣୀ | ମୋଟ ବକେୟା ଦେୟ / ଇ-ନିଲାମର ତାରିଖ / ଇ-ନିଲାମର ସମୟ / ଆରମ୍ଭ ସମୟ ଓ ସମାପ୍ତି ସମୟ | ସଂରକ୍ଷିତ ମୂଲ୍ୟ / ଇଏମ୍‌ଡି ଜମା / ବିଡ୍ ବୃଦ୍ଧି ପରିମାଣ | ଦଖଲର ସ୍ଥିତି (ଗଠନମୂଳକ/ ବାସ୍ତବିକ) ସମ୍ପତ୍ତି ନିରୀକ୍ଷଣର ତାରିଖ ଓ ସମୟ |
|---|---|---|---|---|---|
| ୧. | **ଋଣଗ୍ରହୀତା:** **ମେସର୍ସ ଆରିଆନା ପାୱାର ଇନ୍‌ଫ୍ରା** **ପଞ୍ଜୀକୃତ କାର୍ଯ୍ୟାଳୟ:** ୧୧୯, ଆଶିୟାନା ଟ୍ରେଡ୍ ସେଣ୍ଟର, ୧ମ ମହଲା, ଆଦିତ୍ୟପୁର, ଜାମସେଦପୁର, ଜିଲ୍ଲା–ପୂର୍ବ ସିଂହଭୂମ୍–୮୩୧୦୧୩, ଝାଡ଼ଖଣ୍ଡ। **କାରଖାନା ଠିକଣା:** ପ୍ଲଟ୍ ନଂ.୭୮୦ ଓ ୭୮୧, ଗ୍ରାମ–ସାତପୁରି, ପୋଷ୍ଟ/ଥାନା – ତିରିଙ୍ଗ, ଜିଲ୍ଲା: ମୟୂରଭଞ୍ଜ, ପିନ୍–୭୫୭୦୫୩, ଓଡ଼ିଶା। | ମେସର୍ସ ଆରିଆନା ପାୱାର ଇନ୍‌ଫ୍ରାର କାରଖାନା ଜମି ଓ ବିଲ୍ଡିଂର ନ୍ୟାୟୋଚିତ ବନ୍ଧକ, ଅବସ୍ଥିତ ସ୍ଥାନ: ମୌଜା– ସାତପୁରି, ଥାନା– ତିରିଙ୍ଗ, ଥାନା ନଂ.୨୭, ତହସିଲ – ତିରିଙ୍ଗ, ତହସିଲ ନଂ.୨୭, ଜିଲ୍ଲା ଉପ ନିବନ୍ଧନ କାର୍ଯ୍ୟାଳୟ ଅଧୀନରେ ସ୍ଥାନ ବହଲଦା, ଜିଲ୍ଲା– ମୟୂରଭଞ୍ଜ ଓ ରାଜ୍ୟ – ଓଡ଼ିଶା, ଖାତା ନଂ. ୫୫, ପ୍ଲଟ୍ ନଂ.୭୮୦ ଅଧୀନରେ ରେକର୍ଡଭୁକ୍ତ, ରକବା ୪୪ ଡେସିମିଲ ଓ ୭୮୧, ରକବା– ୪୪ ଡେସିମିଲ, ମୋଟ ରକବା– ୮୮ ଡେସିମିଲ। **ଚଉହଦୀ ନିମ୍ନ ଅନୁଯାୟୀ:** ଉତ୍ତର – ସଡ଼କ, ଦକ୍ଷିଣ – ସଡ଼କ, ପୂର୍ବ – ସଡ଼କ, ପଶ୍ଚିମ – ନାଳ | ଟ.୧,୫୯,୯୩,୧୨୫.୨୧/- + ଡିମାଣ୍ଡ ନୋଟିସ୍ ଅନୁଯାୟୀ ୦୧।୦୪।୨୦୨୧ଠାରୁ ଲାଗୁ ସୁଧ ଏବଂ ଶୁଳ୍କ ଏବଂ ଚୁକ୍ତିମୂଳକ ବକେୟା ଟ.୩,୨୯,୩୨,୬୦୧.୨୨/- ତା୩୧।୦୮।୨୦୨୫ରିଖ ସୁଦ୍ଧା ଯୁକ୍ତ ଖର୍ଚ୍ଚ ଓ ସୁଧ / ୨୯।୧୦।୨୦୨୫ ଅପରାହ୍ନ ୨.୦୦ ଘଟିକାରୁ ୬.୦୦ ଘଟିକା | ଟ.୯୬,୩୦,୦୦୦.୦୦ / ଟ.୯,୬୩,୦୦୦.୦୦ / ଟ.୯୮,୦୦୦.୦୦ | ସାଙ୍କେତିକ / ୧୩।୧୦।୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା |

**ଭାଗୀଦାର:**
୧) ଶ୍ରୀ ସୁଶୀଳ କୁମାର ଅଗରୱାଲ, ପିତା– ବୁଧ ଲାଲ ଅଗରୱାଲ, ଡୁପ୍ଲେକ୍ସ ନଂ. ୨୬, ଫେଜ୍–୧, ବିଜୟା ହେରିଟେଜ୍, ଅନିଲ ସୁର ପଥ, ଉଲିୟାନ, କାଦମା, ଜାମସେଦପୁର, ଜିଲ୍ଲା– ପୂର୍ବ ସିଂହଭୂମ୍ – ୮୩୧୦୦୫, ଝାଡ଼ଖଣ୍ଡ।
୨) ଶ୍ରୀ ଚନ୍ଦନ କୁମାର ସାହୁ, ପିତା– ନେପାଳ ଚନ୍ଦ୍ର ସାହୁ, ଟିଏରା–ଏଫ୍–୧୬୦୪, ଲୋଧା ସ୍ପ୍ଲେଣ୍ଡୋରା ଘୋର, ବନ୍ଦର ରୋଡ୍, ଭୟଣ୍ଡରପଡ଼ା, ଜିଲ୍ଲା– ଠାଣେ (ପଶ୍ଚିମ)–୪୦୦୬୧୫, ମହାରାଷ୍ଟ୍ର।
୩) ଶ୍ରୀ ରାଜେଶ କୁମାର ଯାଦବ, ପିତା– ରଙ୍ଗିଲାଲ ଯାଦବ, ବକାରସାହି, ପୋଷ୍ଟ– ବହଲଦା, ଜିଲ୍ଲା: ମୟୂରଭଞ୍ଜ–୭୫୭୦୪୬, ଓଡ଼ିଶା।
୪) ଶ୍ରୀ ସର୍ବେଶ୍ୱର ମହାନ୍ତ, ପିତା– ଶ୍ରୀ ଲକ୍ଷ୍ମୀଧର ମହାନ୍ତ, ସ୍ଥାନ– ବାନ୍‌କାଟି, ପୋଷ୍ଟ– ଉକମ, କୁମୁଡାସୋଲ, ବାଦାମପାହାଡ଼, ଜିଲ୍ଲା– ମୟୂରଭଞ୍ଜ–୭୫୭୦୪୬, ଓଡ଼ିଶା।
୫) ଶ୍ରୀ ହରିଲାଲ ସାହୁ, ପିତା– ସ୍ୱର୍ଗତ ଗଦାଧର ସାହୁ, ବକାରସାହି, ପୋଷ୍ଟ– ବହଲଦା, ଜିଲ୍ଲା– ମୟୂରଭଞ୍ଜ–୭୫୭୦୪୬, ଓଡ଼ିଶା।
୬) ଶ୍ରୀ ନେପାଳ ଚନ୍ଦ୍ର ସାହୁ, ପିତା– ସ୍ୱର୍ଗତ ଗଦାଧର ସାହୁ, ବକାର ସାହି, ବହଲଦା, ଜିଲ୍ଲା– ମୟୂରଭଞ୍ଜ–୭୫୭୦୪୬, ଓଡ଼ିଶା।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଦୟାକରି ୱେବ୍‌ସାଇଟ୍ ଲିଙ୍କ୍ https://www.bankofbaroda.in/e-auction ଏବଂ ଇ-ନିଲାମ ଏବଂ ଅନ୍‌ଲାଇନ ନିଲାମ ପୋର୍ଟାଲ https://baanknet.com ପରିଦର୍ଶନ କରନ୍ତୁ। ଆହୁରି ମଧ୍ୟ, ସମ୍ଭାବ୍ୟ ବିଡରମାନେ ପ୍ରାଧିକୃତ ଅଧିକାରୀଙ୍କ ସହିତ ମୋବାଇଲ ନଂ. ୭୫୪୨୦୩୨୧୨୪ରେ ଯୋଗାଯୋଗ କରିପାରନ୍ତି।

ତାରିଖ: ୨୩।୦୯।୨୦୨୫, ସ୍ଥାନ: ରାଞ୍ଚି — ସ୍ୱା./- ପ୍ରାଧିକୃତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ଡେଲାଙ୍ଗ ଶାଖା /** **ଋଣଗ୍ରହୀତା: ଶ୍ରୀ ପରମାନନ୍ଦ ସାହୁ,** ପିତା: ଗୋବିନ୍ଦ ଚନ୍ଦ୍ର ସାହୁ / **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରେମାନନ୍ଦ ସାହୁ,** ପିତା: ଗୋବିନ୍ଦ ଚନ୍ଦ୍ର ସାହୁ, ଉଭୟଙ୍କ ଠିକଣା– ସା: ଡେଲାଙ୍ଗ କୋଠବାଡ, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ | ୦୬.୦୧.୨୦୨୫ ସୁଦ୍ଧା ଟ.୩,୨୬,୩୨୫/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୨.୦୩.୨୦୨୫ / ୨୪.୦୯.୨୦୨୫ | ଶ୍ରୀ ପରମାନନ୍ଦ ସାହୁ ଏବଂ ଶ୍ରୀ ପ୍ରେମାନନ୍ଦ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡେଲାଙ୍ଗ କୋଠବାଡ, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଏସ୍‌ଆରଓ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୬୦୧/୧୫୮, ପ୍ଲଟ୍ ନଂ.: ୬୦/୧୬୩୪ ଏବଂ ୫୯/୧୬୩୫, କ୍ଷେତ୍ର: ଏକର୦.୦୪% ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଧୋବା ସାହୁ, ପୂର୍ବ: ପ୍ରଶାନ୍ତ ମହାରଣା, ପଶ୍ଚିମ: ସୁଦର୍ଶନ ପାତ୍ର |
| **ଡେଲାଙ୍ଗ ଶାଖା /** **ଋଣଗ୍ରହୀତା: ଶ୍ରୀ ହୃଷିକେଶ ରାଉତ,** ପିତା: ଧ୍ରୁବ ଚରଣ ରାଉତ, ସା/ପୋ.: ବେରବୋଇ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ / **ଗ୍ୟାରେଣ୍ଟିଦାତା: ଶ୍ରୀ କିଶୋର କୁମାର ସିଂ,** ପିତା: ଦୟାନିଧି ସିଂ, ସା: ରାମଚନ୍ଦ୍ରପୁର, ପୋ.: ଡେଲାଙ୍ଗ, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ | ୩୦.୦୧.୨୦୨୫ ସୁଦ୍ଧା ଟ.୪,୬୪,୯୮୧.୦୧ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୨.୦୩.୨୦୨୫ / ୨୪.୦୯.୨୦୨୫ | ଶ୍ରୀ ହୃଷିକେଶ ରାଉତଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବେରବୋଇ, ଥାନା: ଡେଲାଙ୍ଗ, ଏସ୍‌ଆରଓ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଖାତା ନଂ.: ୭୯୬, ପ୍ଲଟ୍ ନଂ.: ୧୮୯୩, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୮୯୨, ଦକ୍ଷିଣ: ପ୍ଲଟ୍ ନଂ.: ୧୮୯୪, ପୂର୍ବ: ପ୍ଲଟ୍ ନଂ.: ୧୮୯୫, ପଶ୍ଚିମ: କେନାଲ |
| **ମୈତ୍ରୀ ବିହାର ଶାଖା /** **ଋଣଗ୍ରହୀତା: ମେସର୍ସ ମା ତାରିଣୀ ଭଣ୍ଡାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଲକ୍ଷ୍ମୀଧର ସାହୁ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଲକ୍ଷ୍ମୀଧର ସାହୁ,** ପିତା: ୰ ନେତ୍ରାନନ୍ଦ ସାହୁ, **୨) ଶ୍ରୀ ଶିବ ପ୍ରସାଦ ସାହୁ,** ପିତା: ୰ ନେତ୍ରାନନ୍ଦ ସାହୁ, ସମସ୍ତଙ୍କ ଠିକଣା– ସା: ପ୍ଲଟ୍ ନଂ.: ୧୪୬/୬୮୩, ସା: ଦାଢ଼ାପାଟଣା, ବାରଙ୍ଗ ରେଲଓ୍ୱେ ଷ୍ଟେସନ୍ ନିକଟ, ଥାନା: ବାରଙ୍ଗ, ଜିଲ୍ଲା: କଟକ-୭୫୪୦୦୫ | ୦୯.୦୬.୨୦୨୫ ସୁଦ୍ଧା ଟ.୧୯,୭୫,୨୦୯.୨୫ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୩.୦୭.୨୦୨୫ / ୨୫.୦୯.୨୦୨୫ | ଶ୍ରୀ ଲକ୍ଷ୍ମୀଧର ସାହୁ ଏବଂ ଶ୍ରୀ ଶିବ ପ୍ରସାଦ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଦାଢ଼ାପାଟଣା, ଥାନା: ବାରଙ୍ଗ, ତହସିଲ: ବାରଙ୍ଗ, ଜିଲ୍ଲା: କଟକ, ଖାତା ନଂ.: ୮୧/୨୧, ପ୍ଲଟ୍ ନଂ.: ୧୪୬/୬୮୩, କ୍ଷେତ୍ର: ୩୪୮୪.୮ ବର୍ଗଫୁଟ, କିସମ: ଜମି ସହିତ ବାସୋପଯୋଗୀ ବିଲ୍ଡିଂ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିକ୍ରେତାମାନଙ୍କ ପ୍ଲଟ୍, ଦକ୍ଷିଣ: ଦିପାମଣୀ ହେମ୍ବ୍ରମ୍, ପୂର୍ବ: ବିକ୍ରେତାମାନଙ୍କ ପ୍ଲଟ୍, ପଶ୍ଚିମ: ଘରୋଇ ରାସ୍ତା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୬.୦୯.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



ଝାରସୁଗୁଡ଼ା ଅମଲିପାଲି ପଡ଼ିଆରେ ଶନିବାର ଆୟୋଜିତ ସେବା ପର୍ବ-୨୦୨୫ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ୬୦ ହଜାର କୋଟି ଟଙ୍କା ମୂଲ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମା' ସମଲେଇଙ୍କ ଫଟୋଚିତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରମୁଖ।



ଆର୍ଥିକ ଅନଗ୍ରସର ଓ ନିମ୍ନ ଆୟବର୍ଗଙ୍କୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ଶନିବାର ୫୦,୦୦୦ ହିତାଧିକାରୀଙ୍କୁ ଏକକାଳୀନ କାର୍ଯ୍ୟାଦେଶ ମିଳିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।



ଝାରସୁଗୁଡ଼ା ଅମଲିପାଲି ପଡ଼ିଆରେ ଆୟୋଜିତ ସେବା ପର୍ବ-୨୦୨୫ରେ ଯୋଗଦେବାକୁ କାରକେଡ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସୁଛନ୍ତି।


କାର୍ଯ୍ୟକ୍ରମସ୍ଥଳରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରହ୍ମପୁର ଏବଂ ସୁରଟ୍ (ଉଧନା) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।


କର୍ନାଟକ ଉଡୁପିରୁ ଆସିଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ଭଳି ଦେଖାଯାଉଥିବା ଜଣେ ବ୍ୟକ୍ତି କାର୍ଯ୍ୟକ୍ରମସ୍ଥଳରେ ଉତ୍ସାହ ଭରିଦେଇଛନ୍ତି।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜନସାଧାରଣ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସଙ୍ଘମିତ୍ରା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଓଏମ୍‌ର 'ସ୍ୱଚ୍ଛତା ହିଁ ସେବା' ଅଭିଯାନ



**ଭୁବନେଶ୍ୱର, ୨୭।୯**


ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା' ଅଭିଯାନ -୨୦୨୫ ଅନ୍ତର୍ଗତ 'ସ୍ୱଚ୍ଛୋତ୍ସବ', ଏକ୍‌ଦିନ୍, ଏକ୍‌ଘଣ୍ଟା, ଏକ୍‌ସାଥ୍ -ଶ୍ରମଦାନ' ବିଷୟ ସମ୍ପର୍କିତ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଟକର ଜଗତ୍‌ପୁର, ଭୁବନେଶ୍ୱର ନୀଳାଦ୍ରିବିହାରର ରାଧାକୃଷ୍ଣ ମନ୍ଦିର ପାର୍କ, ବ୍ରହ୍ମପୁର, ଜୟପୁର, ଝାରସୁଗୁଡ଼ା, ସମ୍ବଲପୁର ଏବଂ ରାଉରକେଲା ଆଦି ସ୍ଥାନରେ ଏହି ସଫେଇ କରାଯାଇଥିଲା। ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ଦିଲୀପ କୁମାର ରାଉଳ ଏବଂ ଉପ-ଅଞ୍ଚଳ ମୁଖ୍ୟ ସଞ୍ଜୀବ କୁମାର ଦାଶଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


## ଜନ୍ମଦିନ ଶୁଭେଚ୍ଛା



**ସଙ୍ଘମିତ୍ରା ପାତ୍ର**
୪୨ ମୌଜା, କଟକ
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଜୀବନ ସୁଖମୟ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ତୋର ବାପା, ବୋଉ, ନନା, ପାପା, ତିତ୍‌ଲି, ପାପା, ମାମା, ଛୁଆପାପା, ତୋର ବଡ଼ଭାଇ ଓ ସାନଭାଇ, ଅଜା, ଆଇ
ଧ-୨୧୫୨







# ଦୁର୍ଗାପୂଜା ପାଇଁ ଭି-ଗାର୍ଡର ମେଗା ଅଫର

**ଭୁବନେଶ୍ୱର, ୨୭।୯**

ଦୁର୍ଗାପୂଜା ଅବସରରେ ଭି-ଗାର୍ଡ ପକ୍ଷରୁ ମେଗା ଅଫର ଘୋଷଣା କରାଯାଇଛି। ସମସ୍ତ ପ୍ରଡକ୍ଟରେ ୫୦% ପର୍ଯ୍ୟନ୍ତ ରିହାତି ପ୍ରଦାନ ସହ ପ୍ରତି ୫,୦୦୦ ଟଙ୍କା କ୍ରୟରେ ମିଳିବ ଗିଫ୍ଟ କୁପନ ଏବଂ କୁପନ ସହ ସ୍କ୍ରାଚ୍‌କରି ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ମଧ୍ୟ ରହିଛି। ଏକ୍ସଚେଞ୍ଜ ଅଫରରେ ୪,୦୦୦ ଟଙ୍କା ପର୍ଯ୍ୟନ୍ତ ଗ୍ରାହକ ସଞ୍ଚୟ କରିପାରିବେ। କଟକ କେଉଟସାହି, ଚୌଧୁରୀ ବଜାରଠାରେ ଥିବା ଭି-ଗାର୍ଡ ଏକ୍ସକ୍ଲୁସିଭ ଷ୍ଟୋର ଶ୍ରୀ ସାଇ ଇଲେକ୍ଟ୍ରିକାଲ୍ସରେ ଫ୍ୟାନ୍, ଗିଜର, ବ୍ୟାଟେରି, ଇନ୍‌ଭର୍ଟର, ଗ୍ୟାସ୍ ଚୁଲା, କିଚେନ ଚିମନି, ଇଣ୍ଡକ୍ସନ ଏବଂ ମିକ୍ସର ଗ୍ରାଇଣ୍ଡର ଆଦି ପ୍ରଡକ୍ଟ ଉପଲବ୍ଧ ହେଉଛି। ଏହି ମେଗା ଅଫରର ଲାଭ ଗ୍ରାହକ ଅକ୍ଟୋବର ୧୦ ମଧ୍ୟରେ ନେଇପାରିବେ ବୋଲି ଶ୍ରୀସାଇ ଇଲେକ୍ଟ୍ରିକାଲ୍ସର ମୁଖ୍ୟ ସୋହନ ଅଗ୍ରୱାଲ କହିଛନ୍ତି।

# ଗବେଷଣାରେ ଭାରତ ଜିଡିପିର ୧%ରୁ କମ୍ ଖର୍ଚ୍ଚ କରୁଛି

**ଭୁବନେଶ୍ୱର, ୨୭।୯**




ଯୁକ୍ତରାଷ୍ଟ୍ରରେ ୫୦ଟି ରାଜ୍ୟ ଥାଇ କେବଳ କାଲିଫର୍ନିଆର ଜନସଂଖ୍ୟା ୪ କୋଟି ଏବଂ ଏହାର ଜିଡିପି ୪ ଟ୍ରିଲିୟନ ଡଲାର। ୧୪୬ କୋଟି ଜନସଂଖ୍ୟା ଥାଇ ଭାରତକୁ ଏହାକୁ ଅନୁସରଣ କରିବାକୁ ହେବ। ଉନ୍ନତ ଦେଶଗୁଡ଼ିକ ସେମାନଙ୍କ ଜିଡିପିର ୨-୩% ଗବେଷଣା ଓ ବିକାଶରେ ବିନିଯୋଗ କରୁଛନ୍ତି, ମାତ୍ର ଭାରତ ୧%ରୁ କମ୍ ଖର୍ଚ୍ଚ କରୁଛି। ୨୦୪୭ ସୁଦ୍ଧା ଭାରତକୁ ଉନ୍ନତ ଦେଶ କରିବାକୁହେଲେ ଉଚ୍ଚଶିକ୍ଷା, ବିଜ୍ଞାନ, ପ୍ରଯୁକ୍ତି ଏବଂ ଗବେଷଣାକୁ ଅଗ୍ରାଧିକାର ଦେବା ଆବଶ୍ୟକ। ଭେଲୋରରେ ଆରମ୍ଭ ହୋଇଥିବା ୩ଦିନିଆ ଟେକ୍ନୋ-ପରିଚାଳନା ମହୋତ୍ସବ-୨୦୨୫କୁ ଉଦ୍‌ଘାଟନ କରିବା ଅବସରରେ ଭିଆଇଟି ପ୍ରତିଷ୍ଠାତା ଓ କୁଳପତି ଡ. ଜି. ବିଶ୍ୱନାଥନ କହିଛନ୍ତି। କୁଳପତି ବିଶ୍ୱନାଥନ କହିଛନ୍ତି, ଗରିବ ଓ ମଧ୍ୟବିତ୍ତ ଶ୍ରେଣୀ ସମେତ ଶିକ୍ଷା ସମସ୍ତଙ୍କ ପାଇଁ ସୁଲଭ ହେବା ଉଚିତ। ଦେଶରେ ୧୮ରୁ ୨୩ ବୟସ ବର୍ଗର ୧୪ କୋଟି ବ୍ୟକ୍ତିଙ୍କ ମଧ୍ୟରୁ ମାତ୍ର ୪ କୋଟି ଉଚ୍ଚ ଶିକ୍ଷା ଗ୍ରହଣ କରୁଛନ୍ତି। ଅବଶିଷ୍ଟ ୧୦ କୋଟିଙ୍କ ଦୁର୍ଦ୍ଦଶାକୁ ସରକାରଙ୍କୁ ସମାଧାନ କରିବାକୁ ହେବ। ସେ ଆହୁରି କହିଲେ, ଆବୁଧାବି ଛୋଟ ହେଲେ ମଧ ଅର୍ଥନୈତିକ ଦୃଷ୍ଟିରୁ ସମୃଦ୍ଧ। ଏହାର ମୁଣ୍ଡ ପିଛା ଆୟ ୭୫,୦୦୦ଟଙ୍କା ଥିବାବେଳେ ଭାରତର ୨,୯୦୦। ଆବୁଧାବିର ମାତ୍ର ୨୦% ଜନସଂଖ୍ୟା ସ୍ଥାନୀୟ, ୮୦% ବିଦେଶୀ, ଯେଉଁଥିରେ ଅନେକ ଭାରତୀୟ ଅଛନ୍ତି। ୟୁଏଇର ୯୫% ତୈଳ ଓ ଗ୍ୟାସ ଭଣ୍ଡାର ସହ ଆବୁଧାବି ୧ ଟ୍ରିଲିୟନ ଡଲାରର ବିନିଯୋଗ ଆକର୍ଷଣ କରୁଛି। ଭାରତ ଏହାଠାରୁ ଶିକ୍ଷା ନେବା ଉଚିତ। ଆବୁଧାବି ମ୍ୟୁନିସିପାଲିଟି ଓ ପ୍ରଶାସନ ବିଭାଗର ମନ୍ତ୍ରୀ ମଜିଦ୍ ଅଲି ଅଲ୍ ମନ୍‌ସୁରୀ କହିଲେ, ଛାତ୍ରମାନେ କୃତ୍ରିମ ବୁଦ୍ଧିମତ୍ତା, ଜୈବ ପ୍ରଯୁକ୍ତି, ମହାକାଶ ଅନୁସନ୍ଧାନ ଏବଂ ଜଳବାୟୁ ପରିବର୍ତ୍ତନ ଆଦି ଚ୍ୟାଲେଞ୍ଜକୁ ସମାଧାନ କରିବା ଉଚିତ। ନ୍ୟୁଜ୍୧୮ର ମ୍ୟାନେଜିଂ ଏଡିଟର ଆନନ୍ଦ ନରସିଂହନ କହିଲେ, ଛାତ୍ରମାନେ ଆବିଷ୍କାରକ ଓ ଉଦ୍ୟୋଗୀ ହେବାକୁ ଲକ୍ଷ୍ୟ ରଖିବା ଉଚିତ। ରବିବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ୨୦୭ଟି ଇଭେଣ୍ଟ, ୫୭ଟି କର୍ମଶାଳା, ୫୧ଟି ହାକାଥନ, ରୋବଟ୍ ଯୁଦ୍ଧ ଏବଂ ଡ୍ରୋନ୍ ଶୋ' ଆଦି ରହିଛି। ପ୍ରାୟ ୪୦ ହଜାର ଛାତ୍ର ଏଥିରେ ଅଂଶଗ୍ରହଣ କରୁଛନ୍ତି। କାର୍ଯ୍ୟକ୍ରମରେ ଭିଆଇଟିର ଉପାଧ୍ୟକ୍ଷ ଡ. ଶେଖର ବିଶ୍ୱନାଥନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ସନ୍ଧ୍ୟା ପେଣ୍ଟାରେଡ୍ଡୀ, ମ୍ୟାକ୍ସିମସ୍ ଇଣ୍ଡିଆର କଣ୍ଟ୍ରି ହେଡ୍ ଓ ସିନିୟର ଉପାଧ୍ୟକ୍ଷ ପ୍ରବୀଣା ଭୀମବରପୁ, ଡ. କାଞ୍ଚନା ଭାସ୍କରନ୍, ଡ. ପାର୍ଥସାରଥି ମଲ୍ଲିକ, ରେଜିଷ୍ଟ୍ରାର ଡ. ଜୟଭାରତୀ ଏବଂ ଗ୍ରାଭିଟାସ୍ ସଂଯୋଜିକା ଶର୍ମିଳା ଉପସ୍ଥିତ ଥିଲେ।

# ଗୌତମ ସୋଲାର ପକ୍ଷରୁ ଶ୍ୱେତପତ୍ର ଉନ୍ମୋଚିତ

**ଭୁବନେଶ୍ୱର, ୨୭।୯ (ଅନୁରାଧା ମହାରଣା)**




ଭାରତର ଅନ୍ୟତମ ଅଗ୍ରଣୀ ସୋଲାର ମଡ୍ୟୁଲ ନିର୍ମାତା ଗୌତମ ସୋଲାର ପକ୍ଷରୁ 'ଗ୍ଲାସ୍-ଟୁ-ଗ୍ଲାସ୍ (ଜି୨ଜି) ବନାମ ଗ୍ଲାସ୍-ଟୁ-ଟ୍ରାନ୍ସପରେଣ୍ଟ-ବ୍ୟାକ୍‌ସିଟ୍ (ଜି୨ଟିବି) ସୋଲାର ମଡ୍ୟୁଲ୍ସ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଶ୍ୱେତପତ୍ର ଉନ୍ମୋଚନ କରାଯାଇଛି। ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କମ୍ପାନୀର ମାର୍କେଟିଂ ମ୍ୟାନେଜର(ଟେକ୍ନିକାଲ) ଅଭିନବ କୌଶିକ ଏହି ଶ୍ୱେତପତ୍ରର ଶୁଭାରମ୍ଭ କରିଛନ୍ତି। ଏଥିରେ ଦୁଇଟି ବାଇଫେସିଆଲ ପିଭି ମଡ୍ୟୁଲ ଟେକ୍ନୋଲୋଜିର ଏକ ବିସ୍ତୃତ ତୁଳନା ପ୍ରଦାନ କରାଯିବା ସହ ଏହି ଶିଳ୍ପରେ ରହିଥିବା ସାଧାରଣ ଭ୍ରାନ୍ତ ଧାରଣାଗୁଡ଼ିକୁ ଦୂରକରୁଛି। ଏହି ଅବସରରେ ଗୌତମ ସୋଲାରର ସିଇଓ ଗୌତମ ମୋହଙ୍କା କହିଛନ୍ତି, ସୋଲାର ଶିଳ୍ପରେ ବାଇଫେସିଆଲ ମଡ୍ୟୁଲଗୁଡ଼ିକର ଦ୍ରୁତ ଗ୍ରହଣୀୟତା ଦେଖିବାକୁ ମିଳୁଛି। ମାତ୍ର ଗ୍ଲାସ୍-ଟୁ-ଗ୍ଲାସ୍ ବନାମ ଗ୍ଲାସ୍-ଟୁ-ଟ୍ରାନ୍ସପରେଣ୍ଟ-ବ୍ୟାକ୍‌ସିଟ୍ ମଡ୍ୟୁଲଗୁଡ଼ିକର ଅନୁକୂଳତା ଓ କାର୍ଯ୍ୟଦକ୍ଷତାକୁ ନେଇ ଦ୍ୱନ୍ଦ୍ୱ ଜାରି ରହିଛି। ଏହି ଶ୍ୱେତପତ୍ର ସହ ଆମେ ହିତାଧିକାରୀମାନଙ୍କୁ ସେମାନଙ୍କର ପ୍ରକଳ୍ପ ଆବଶ୍ୟକତା ଉପରେ ଆଧାରକରି ସୂଚିନ୍ତିତ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଏକ ସ୍ୱଷ୍ଟ, ନିରପେକ୍ଷ ଓ ବୈଷୟିକ ତୁଳନା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ଏହି ଶ୍ୱେତପତ୍ର ବିଭିନ୍ନ ଜଳବାୟୁ, ପ୍ରଯୁଜ୍ୟ ଖର୍ଚ୍ଚ ଓ ପ୍ରୟୋଗ ପରିଦୃଶ୍ୟରେ ଉଭୟ ଜି୨ଜି ଓ ଜି୨ଟିବି ବାଇଫେସିଆଲ ମଡ୍ୟୁଲଗୁଡ଼ିକର ବୈଷୟିକ ବିଶେଷତା, ସ୍ଥାୟିତ୍ୱ ଓ କାର୍ଯ୍ୟଦକ୍ଷତାକୁ ଆବିଷ୍କାର କରିଛି। ଏହା ଗୁରୁତ୍ୱ ଦେଉଛି ଯେ, ଉଭୟ ଟେକ୍ନୋଲୋଜି ଉନ୍ନତ ମୂଲ୍ୟ ପ୍ରଦାନ କରୁଛନ୍ତି, ସେମାନଙ୍କ ଅନୁକୂଳତା ସ୍ଥାନ-ନିର୍ଦ୍ଦିଷ୍ଟ ଓ ପ୍ରକଳ୍ପ-ନିର୍ଦ୍ଦିଷ୍ଟ ଆବଶ୍ୟକତାଗୁଡ଼ିକ ଉପରେ ନିର୍ଭର କରୁଛି।

# ଜିନ୍ଦଲ ଷ୍ଟିଲ୍‌କୁ ଆୱାର୍ଡିଂ ବଡି ମାନ୍ୟତା



**ଭୁବନେଶ୍ୱର, ୨୭।୯**

ଦକ୍ଷତା ବିକାଶ ଓ ଔଦ୍ୟୋଗିକତା ମନ୍ତ୍ରାଳୟ ଅଧୀନ ଜାତୀୟ ଧନ୍ଦାମୂଳକ ଶିକ୍ଷା ଓ ତାଲିମ ପରିଷଦ (ଏନସିଭିଇଟି) ଦ୍ୱାରା ଜିନ୍ଦଲ ଷ୍ଟିଲ୍‌କୁ ସାର୍ଟିଫିକେଟ ପ୍ରଦାନକାରୀ ସଂସ୍ଥା (ଆୱାର୍ଡିଂ ବଡି) ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ଏହା କମ୍ପାନୀର ଦକ୍ଷତା ଶିକ୍ଷା ଓ ଭାରତୀୟ ଇସ୍ପାତ କ୍ଷେତ୍ରରେ ନେତୃତ୍ୱକୁ ଦର୍ଶାଉଛି। ଏନ୍‌ସିଭିଇଟି ଓ ଜିନ୍ଦଲ ଷ୍ଟିଲ୍ ମଧ୍ୟରେ ଏକ ଚୁକ୍ତି ହୋଇଛି, ଯାହା କମ୍ପାନୀକୁ ସମଗ୍ର ଭାରତରେ ପୁରସ୍କାର ଦାତା ସଂସ୍ଥା ଭାବେ କାମ କରିବାର ଅଧିକାର ଦେଇଛି। ଏହା ଜିନ୍ଦଲ ଷ୍ଟିଲ୍‌କୁ ଉଦ୍ୟୋଗ ଅନୁଯାୟୀ ଦକ୍ଷତା କାର୍ଯ୍ୟକ୍ରମ ତିଆରି କରିବା ଓ ଭବିଷ୍ୟତ କର୍ମୀଙ୍କୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଏହି ଚୁକ୍ତି ଅଧୀନରେ ସମସ୍ତ ତାଲିମ ଓ ଯୋଗ୍ୟତାକୁ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ କ୍ରେଡିଟ୍ ମିଳିବ। ଏହା ଶିକ୍ଷା ଓ ଚାକିରି ମଧ୍ୟରେ ବ୍ୟବଧାନ ଦୂରକରିବ ଏବଂ ଦେଶର ସବୁଜ ଶକ୍ତି ଓ ଆଧୁନିକ ଭିତ୍ତିଭୂମି ବିକାଶରେ ସାହାଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଦିଆଯାଉଥିବା ସାର୍ଟିଫିକେଟ୍ ବିଶ୍ୱବ୍ୟାପୀ ଗ୍ରହଣୀୟ ହେବ। ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି, ଏନ୍‌ସିଭିଇଟି ଦ୍ୱାରା ଆୱାର୍ଡିଂ ବଡି ଭାବେ ମାନ୍ୟତା ପାଇବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଏହା ଆମକୁ ଯୁବକମାନଙ୍କୁ ଉଦ୍ୟୋଗ ଅନୁଯାୟୀ ଶିକ୍ଷା ଓ ଦକ୍ଷତା ଦେଇ ଦେଶ ଗଠନରେ ସାହାଯ୍ୟ କରିବ।

## ମନେ ପଡ଼ନ୍ତି


### ପଞ୍ଚମ ଶ୍ରାଦ୍ଧବର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ରଞ୍ଜନ କୁମାର ସ୍ୱାଇଁ (କୁନା)**

ଆବିର୍ଭାବ: ୨୩/୦୩/୧୯୬୨ | ତିରୋଧାନ: ୨୨/୦୯/୨୦୨୦

ଚାହୁଁ ଚାହୁଁ ଆସି ପାଞ୍ଚ ବର୍ଷ ହୋଇଗଲା। ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ତୁମେ ଅକାଳରେ ଚାଲିଗଲ ଏକ ଅଜଣା ରାଇଜକୁ। ତୁମର ସ୍ନେହ, ଶ୍ରଦ୍ଧା ଓ ମଧୁମୟ ସ୍ମୃତି ଆମ ପାଇଁ ଆଜି ବି ଜୀବନ୍ତ। ତୁମର ତ୍ୟାଗ, ନିଷ୍ପାପର ସେବା, ପରକୁ ଆପଣାର କରିବା ଗୁଣ ପାଇଁ ଆଜି ଆମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ, ସାଙ୍ଗସାଥୀ, ଗ୍ରାମବାସୀ ସମସ୍ତେ ତୁମକୁ ମନେ ପକାଉଛନ୍ତି। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ : ବୋଉ, ସ୍ତ୍ରୀ, ସାନ ଭାଇ, ଭାଇ ବୋହୂ, ଭଉଣୀ-ଭିଣୋଇ, ଝିଅ-ଜ୍ୱାଇଁ, ପୁଅ-ବୋହୂ, ଭଣଜା-ଭାଣେଜୀ, ଝିଆରୀ-ପୁତୁରା, ନାତି-ନାତୁଣୀ, Unit-6 (DRC) କର୍ତ୍ତୃପକ୍ଷ, ଡ୍ରାମା କଳାକାର ବୃନ୍ଦ ବନ୍ଧୁ ଓ ପରିବାରବର୍ଗ ଓ ଅଟଳା ଗ୍ରାମବାସୀ ବୃନ୍ଦ।
ଧ-୭୬୮୫୭

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**୰ଅଲେଖ ଚନ୍ଦ୍ର ପଣ୍ଡା**
କୁଞ୍ଜପଦା, ବନମାଳୀପୁର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ତା୧୬।୧୨।୧୯୪୮
ତିରୋଧାନ: ତା୨୨।୦୯।୨୦୨୦

ଆପଣ ଥିଲେ ଆମ ପାଇଁ ଆଦର୍ଶ ଓ ପ୍ରେରଣାର ସ୍ରୋତ। ଏମିତି କୌଣସି ଦିନ ନାହିଁ ଯେଉଁ ଦିନ ଆପଣ ମନେପଡ଼ି ନାହାଁନ୍ତି। ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା। ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ: ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ
ଧ-୭୧୨୪୨



# Classified Everyday
0674-2580101, 9692975378


MATRIMONIAL

## GROOM WANTED

ବୟସ 28, କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7815055186. D-2148

ବୟସ 29, High School Teacher ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9668229904. D-2147

Brahmin bride B.Tech (CET), Age-27 years, 5'7", Asst. Manager (SBI PO), father Sr. Class-1 Officer (Retd.) groom required Bank Officers, Engineers, Doctors (State/Central Govt. and PSU). Contact: 8280857693. D-2145

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com


AUTOMOBILE
**SALE**

Voltix E-Scooter Lithium Battery Three Wheeler (For Handicrafts) only 345K.M. running. Brands new for sale. Contact: 9090533314. D-60986


REAL ESTATE
**SALE**

ପୁରୀ ବାଟମଙ୍ଗଳା ସମ୍ମୁଖ 200 ଫୁଟ **Bypass** ରୋଡ୍ ପାଖରେ ଅତିଶୀଘ୍ର ଘର କରିବା ଯୋଗ୍ୟ ପ୍ଲଟ୍ ଡିସିମିଲକୁ **12** ଲକ୍ଷ୍ୟ ଟଙ୍କା। ଯୋଗାଯୋଗ-**9438109040/ 8144658008.** D-2134

**1600sqft. new simplex House for ready to sale at Gopinathpur Nuasahi, Balugaon. Mob- 9938639685.** D-2146

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

ଭୁବନେଶ୍ୱର ପିତାପଲ୍ଲିଛକ **NH side**ରେ **immediate** ଘରବାଲା ଭଳି ପ୍ଲଟ୍ **Boundary,** ଇଲେକ୍ଟ୍ରିସିଟି, ରାସ୍ତା ଥାଇ ବିକ୍ରିହେବ- **9337166296.** D-1941

**Commercial cum residential plot, Gharabari with compoundwall touching to NH-316 road (Nakhara to Niali) 10 K.M. from Nakhara & 15 K.M. to Bhubaneswar 80x30= 2400sqft. highland from road level. @ 2750/- per sqft. 7809525452.** D-76594

ପିତାପଲ୍ଲୀ ଛକ NH Side 60ft ରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘରକଲା ଭଳି ପ୍ଲଟ ପାଚେରି, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **(owner)- 9090963952.** D-02

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

I, Chinmayee Biswal, W/o Surajit Biswal, resident of PP-56, Pandav Nagar, Bhubaneswar–751018, Dist: Khordha, Odisha declare by this affidavit No.1814 Dtd.- 26.09.2025 that now onwards I shall be known as Chinmayee Nayak for all future purposes.
CHINMAYEE NAYAK
D-2151

By virtue of an affidavit sworn before Executive Magistrate, Bhubaneswar, dated 20.09.2025, I, **Sambit Bhuyan,** Address- Plot- 91, Satya Nagar, Bhubaneswar, Khordha, Odisha- 751007 declare that I have changed the name of my daughter from **KANISHKA BHUYAN** to **KANISHKA KAMAL.** Henceforth, she shall be known as **KANISHKA KAMAL** for all purposes.
**SAMBIT BHUYAN**
D-2140

I, Mohammad Tauheed Alam, S/o- Mohammad Tahir Hussain, R/o- Raza Nagar, P.O.- Motijharan, P.S.- Dhanupali, Dist.- Sambalpur- 768001, Odisha declare by this affidavit No.- 3313, dated- 24.09.2025, that now onwards I shall be known as "MOHD TAUHEED ALAM" for all future purposes. D-2149

By virtue of an affidavit sworn before Executive Magistrate, Sadar, Cuttack No.- 8320, dated 06.12.2024, I, Jumena Swain, W/o- Late Bhramarabar Swain, At- Korakora, P.O.- Brahmanda, P.S.- Govindpur, Dist.- Cuttack, PIN- 754003 declare that I have changed my name from Jhumuri Swain to Jumena Swain. Henceforth, I shall be known as Jumena Swain for future purposes. D-2142

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LEGAL NOTICE

ମାନ୍ୟବର ୨ୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱର
ସି.ଏସ୍. ନଂ.-୧୦୨/୨୦୨୪
ଶ୍ରୀମତୀ ହରପ୍ରିୟା ମିଶ୍ର ....ବାଦୀ
ବନାମ
ରେଣୁପ୍ରଭା ମହାପାତ୍ର ଓ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫, ରୁଲ୍-୨୦ ମୁତାବକ ପ୍ରତିବାଦୀ ନଂ-୨ ହରପ୍ରିୟା ମିଶ୍ର, ସ୍ୱାମୀ- ହୃଷୀକେଶ ମିଶ୍ର, ସା/ପୋ- ଡିମିରି, ଥାନା-କଣାସ, ଜିଲ୍ଲା- ପୁରୀ, ପିନ୍-୭୫୨୦୧୭।

ଏତଦ୍ୱାରା ପ୍ରତିବାଦୀ ନଂ.-୨ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀଙ୍କ ନିମ୍ନୋକ୍ତ ଜମିକୁ ପ୍ରତିବାଦୀ ନଂ.-୨ ଚଞ୍ଚକତା କରି ବିକ୍ରୟ ଦଲିଲ ପ୍ରସ୍ତୁତ କରିଥିବାରୁ ଉକ୍ତ ଦଲିଲକୁ ଖାରଜ କରିବା ତଥା ଦାବି ସ୍ୱତ୍ୱ, ଅଧିକାର ଏବଂ ଚିରସ୍ଥାୟୀ ନିଷେଧାଜ୍ଞା ଘୋଷଣା ନିମନ୍ତେ ବାଦୀ ପ୍ରତିବାଦୀଙ୍କ ବିରୁଦ୍ଧରେ ସି.ଏସ୍. ନଂ.- ୧୦୨/୨୦୨୪ ମୋକଦ୍ଦମା ମାନ୍ୟବର ବରିଷ୍ଠ ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱର ଦାଏର କରିଛନ୍ତି। ଉକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ପ୍ରତିବାଦୀଙ୍କୁ ପଞ୍ଜୀକୃତ ଡାକ ଏବଂ କୋର୍ଟ ପ୍ରୋସେସ ସର୍ଭରଙ୍କ ମାଧ୍ୟମରେ ନୋଟିସ ଜାରି ହୋଇଥିଲା। ତେଣୁ ଉକ୍ତ ନୋଟିସ ସଠିକ ଠିକଣା ନ ପାଇବାରୁ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି।

ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଦେୱାନି ବିଚାରପତିଙ୍କ ଅଦାଲତ, ଭୁବନେଶ୍ୱରଙ୍କ ଇଜିଲାସରେ ଆସନ୍ତା ତା୮।୧୦।୨୫ରିଖ ପୂର୍ବାହ୍ନ ୧୧.୩୦ମି. ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଶଙ୍କରପୁର, ତହସିଲ-ଭୁବନେଶ୍ୱର, ଥାନା- ଚନ୍ଦକା ନଂ.-୫୫, (ହାଲ୍ ଥାନା- ଖଣ୍ଡଗିରି), ହାଲ୍ ଖାତା ନଂ.- ୨୦୩୬, ହାଲ୍ ପ୍ଲଟ୍ ନଂ.- ୩୦୩୩, ରକବା- ଏ୦.୦୫୦ଡି., କିସମ- ଶାରଦ ତିନି, ଚଞ୍ଚକତା ମ୍ୟୁଟେସନ ଖାତା ନଂ.- ୨୦୭୪/୧୬୮୯, ପ୍ଲଟ୍ ନଂ.-୩୦୩୩, ରକବା ଏ୦.୦୫୦ଡି. ଯାହାର ସାବକ ଖାତା ନଂ.- ୧୩୯, ପ୍ଲଟ୍ ନଂ.- ୧୨୦୨, କ୍ରୟ ବୃତ୍ତି ରକବା ଏ୦.୦୪୯ଡି. ଯାହାର ସାବକ ମ୍ୟୁଟେସନ ଖାତା ନଂ.- ୩୬୫/୧୫୦, ପ୍ଲଟ୍ ନଂ.-୧୨୦୨/୧୫୪୧, ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ.-୨ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।

ଭୁବନେଶ୍ୱର
ତା.୨୬।୦୮।୨୦୨୫

ମାନ୍ୟବର ୨ୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତିଙ୍କ
ଭୁବନେଶ୍ୱରଙ୍କ ଆଦେଶକ୍ରମେ
ଧ-୨୧୫୦

# ପାକିସ୍ତାନ ବିପକ୍ଷରେ ଭାରତ ଫେଭରାଇଟ୍

**ଏସିଆ କପ୍**

ଦୁବାଇ,୨୭।୯(ପି.ଟି.)

ଚଳିତ ଏସିଆ କପ୍ ଟି୨୦ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ଏହି ହାଇଭୋଲ୍ଟେଜ୍ ଟାଇଟଲ ଲଢ଼େଇରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ୧୯୮୪ରେ ଆରମ୍ଭ ହୋଇଥିବା ଏସିଆ କପ୍ ଟୁର୍ନାମେଣ୍ଟର ୪୧ ବର୍ଷର ଇତିହାସରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଫାଇନାଲରେ ପ୍ରଥମଥର ପାଇଁ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଦୁଇ ଦଳ ପରସ୍ପର ବିପକ୍ଷରେ ଦୁଇଥର ଖେଳିଥିବା ବେଳେ ଭାରତୀୟ ଦଳ ଉଭୟ ମ୍ୟାଚ୍‌ରେ ସହଜରେ ବିଜୟ ଲାଭ କରିଛି। ତେବେ ଉଭୟ ମ୍ୟାଚ୍ ଖୁବ୍ ବିବାଦପୂର୍ଣ୍ଣ ରହିଥିଲା। ଯଦି ଭାରତ ରବିବାର ଫାଇନାଲ ଜିତେ, ତେବେ ନବମଥର ପାଇଁ ଟ୍ରଫି ଉଠାଇବ। ଅନ୍ୟପକ୍ଷରେ ପାକିସ୍ତାନ ମାତ୍ର ଦୁଇଥର ଏସିଆ କପ୍ ଜିତିଛି।

ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଭାରତୀୟ ଦଳ ଅପରାଜେୟ ରହି ଲଗାତର ୬ଟି ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଛି। ଓପ୍‌ନର ଅଭିଷେକ ଶର୍ମା ବିସ୍ଫୋରକ ବ୍ୟାଟିଂକରି ୨୦୦ରୁ ଅଧିକ ଷ୍ଟ୍ରାଇକ୍‌ରେଟ୍‌ରେ ୩ ଅର୍ଦ୍ଧଶତକ ସହ ଟୁର୍ନାମେଣ୍ଟରେ ସର୍ବାଧିକ ୩୦୯ ରନ୍ କରିଛନ୍ତି। ବୋଲିଂରେ କୁଲ୍‌ଦୀପ ଯାଦବ ସର୍ବାଧିକ ୧୩ ଉଇକେଟ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷରେ ଲିଗ୍ ଓ ସୁପର-୪ ପର୍ଯ୍ୟାୟରେ ଭାରତଠାରୁ ପରାସ୍ତ ହୋଇଥିବା



ପାକିସ୍ତାନ ଅନ୍ୟ ସମସ୍ତ ମ୍ୟାଚ୍ ଜିତି ଫାଇନାଲରେ ସ୍ଥାନ ପକ୍କା କରିଛି। ଏଠାରେ ପାକିସ୍ତାନ ଫାଇନାଲ ଫଳାଫଳରେ ପରିବର୍ତ୍ତନ କରିବା ସହ ୨୦୧୨ ପରେ ପ୍ରଥମଥର ଏସିଆ କପ୍ ଜିତିବା ଲକ୍ଷ୍ୟରେ ରହିଛି। ପାକିସ୍ତାନ ପାଇଁ ବ୍ୟାଟରଙ୍କ ମଧ୍ୟରେ ସାହିବଜାଦା(୧୬୦ ରନ୍) ଓ ଫଖର ଜମାନ(୧୩୫) ଭଲ ପ୍ରଦର୍ଶନ କରିଥିବା ବେଳେ ବୋଲିଂରେ ଶାହିନ ଶାହ ଆଫ୍ରିଦୀ ଓ ହାରିସ ରୌଫ୍ ୯ ଲେଖାଏ ଏବଂ ସଇମ ଆୟୁବ ୮ ଉଇକେଟ ନେଇଛନ୍ତି।

ଉଭୟ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ୧୫ଟି ଟି୨୦ ଖେଳାଯାଇଥିବା ବେଳେ ଭାରତ ୧୨ଥର ବିଜୟୀ ହୋଇଛି। ପାକିସ୍ତାନ ମାତ୍ର ୩ଥର ବିଜୟ ସ୍ୱାଦ ଚାଖିଛି। ଗତ ସୁପର-୪ ମ୍ୟାଚ୍‌ରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୧୭୧ ରନ୍‌ର ଟାର୍ଗେଟ୍‌କୁ ଭାରତ ୪ ଉଇକେଟ ହରାଇ ୭ ବଲ୍ ପୂର୍ବରୁ ହାସଲ କରିନେଇଥିଲା। ଏଣୁ ରେକର୍ଡ ଓ ପ୍ରଦର୍ଶନ ଦୃଷ୍ଟିକୋଣରୁ ଭାରତ ମ୍ୟାଚ୍ ଜିତିବା ଲାଗି ଫେଭରାଇଟ୍। ତେବେ କୌଣସି ଟୁର୍ନାମେଣ୍ଟ ଫାଇନାଲରେ ଭାରତ ଅପେକ୍ଷା ପାକିସ୍ତାନର ପଲା ଭାରି ରହିଛି। ଏହି ଦଳ ଦ୍ୱୟ ମଧ୍ୟରେ ୫ଥର ଫାଇନାଲ ଖେଳାଯାଇଥିବା ବେଳେ ୩ଥର ପାକିସ୍ତାନ ବାଜି ମାରିଛି। ଫାଇନାଲ ମ୍ୟାଚ୍‌ରେ ଭାରତୀୟ ଓପ୍‌ନର ଅଭିଷେକ ଶର୍ମା ଏବଂ ପାକିସ୍ତାନର ଘାତକ ପେସର ଶାହିନ ଶାହ ଆଫ୍ରିଦୀଙ୍କ ମଧ୍ୟରେ ହେବାକୁ ଥିବା ମୁକାବିଲା ନିର୍ଣ୍ଣାୟକ ହେବ ବୋଲି ଭାରତୀୟ ଦଳର ବୋଲିଂ କୋଚ୍ ମୋର୍ନେ ମୋର୍କେଲ କହିଛନ୍ତି।

**ଭାରତୀୟ ଦଳ:** ଅଭିଷେକ ଶର୍ମା, ଶୁବମନ ଗିଲ୍(ଉପଅଧିନାୟକ), ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ତିଲକ ବର୍ମା, ସଞ୍ଜୁ ସାମ୍‌ସନ(ଉଇକେଟ୍‌କିପର), ହାର୍ଦ୍ଦିକ୍ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଯଶପ୍ରୀତ ବୁମ୍‌ରା, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ/ଅର୍ଶଦୀପ ସିଂ।

**ପାକିସ୍ତାନ ଦଳ:** ସାହିବଜାଦା ଫର୍ହାନ, ଫଖର ଜମାନ, ସଇମ ଆୟୁବ, ସଲମାନ ଆଘା (ଅଧିନାୟକ), ହୁସେନ ତାଲତ, ମହମ୍ମଦ ହାରିସ (ଉଇକେଟକିପର), ମହମ୍ମଦ ନୱାଜ, ଫହିମ ଆଶ୍ରଫ, ଶାହିନ ଆଫ୍ରିଦୀ, ହାରିସ ରୌଫ, ଆବ୍ରାର ଅହମ୍ମଦ।

ମ୍ୟାଚ୍ ସମୟ- ରାତି ୮ଟା
ସ୍ଥାନ - ଦୁବାଇ
ପ୍ରସାରଣ- ସୋନୀ ସ୍ପୋର୍ଟ୍ସ ନେଟୱର୍କ


## ନକ୍‌ଭି ଉପସ୍ଥିତ ରହିବେ

ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଚେୟାରମ୍ୟାନ ତଥା ପାକିସ୍ତାନର ଅନ୍ତରୀଣ ମନ୍ତ୍ରୀ ମହସିନ ନକ୍‌ଭି ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଏସିଆ କପ୍ ଫାଇନାଲରେ ଉପସ୍ଥିତ ରହିବେ। କିନ୍ତୁ ମ୍ୟାଚ୍ ପରବର୍ତ୍ତୀ ଟ୍ରଫି ପ୍ରଦାନ ଉତ୍ସବବେଳେ ଭାରତୀୟ ଦଳର ପ୍ରତିକ୍ରିୟା ଦେଖିବା କୌତୂହଳପୂର୍ଣ୍ଣ ହେବ। ନକଭି ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ମୁଖ୍ୟ ମଧ୍ୟ ରହିଛନ୍ତି। କୌଣସି ବୋର୍ଡ ମୁଖ୍ୟ ମ୍ୟାଚ୍ ଦେଖିବାକୁ ଆସିବା କିଛି ବଡ଼କଥା ନୁହେଁ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେ ଏସିସି ମୁଖ୍ୟ ଥିବାରୁ ଟ୍ରଫି ପ୍ରଦାନ ଉତ୍ସବରେ ତାଙ୍କର ଉପସ୍ଥିତି ନିହାତି ଦରକାର। ଚାମ୍ପିୟନ ଟିମ୍‌ର ଅଧିନାୟକଙ୍କୁ ଟ୍ରଫି ପ୍ରଦାନ କରିବା ସହ ଉଭୟ ଦଳର ଖେଳାଳିଙ୍କ ସହ ହାତ ମିଳାଇବା ତାଙ୍କ ଅଧିକାର। ପାକିସ୍ତାନ ବିପକ୍ଷ ମ୍ୟାଚ୍ ବେଳେ ଭାରତୀୟ ଦଳ ନୋ ହ୍ୟାଣ୍ଡସେକ୍ ପଲିସି ଆପଣେଇଥିଲା। ଏଣୁ ବିସିସିଆଇ ଏହାର ଖେଳାଳିଙ୍କୁ ପିସିବି ମୁଖ୍ୟଙ୍କ ସହ ହାତ ମିଳାଇବାକୁ ଅନୁମତି ନ ଦେବାର ବିଶେଷ ସମ୍ଭାବନା ରହିଛି। ତେବେ ନକ୍‌ଭିଙ୍କ ସମ୍ପର୍କରେ ବିସିସିଆଇ ଏପର୍ଯ୍ୟନ୍ତ ତା'ର ଆଭିମୁଖ୍ୟ ସ୍ପଷ୍ଟ କରି ନାହିଁ।

## ଅଭିଷେକ, ହାର୍ଦ୍ଦିକ ଆହତ

ଓପନର ଅଭିଷେକ ଶର୍ମା ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଶୁକ୍ରବାର ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ କ୍ରାମ୍ପର ସମ୍ମୁଖୀନ ହୋଇ ପଡ଼ିଆରୁ ଚାଲିଯାଇଥିଲେ। ଏପରିକି ପାଣ୍ଡ୍ୟା କ୍ରାମ୍ପ କାରଣରୁ ମାତ୍ର ୧ ଓଭର ବୋଲିଂ କରିଥିଲେ। ସେ ପ୍ରଥମ ଓଭର ବୋଲିଂ କରିବା ପରେ ପଡ଼ିଆରୁ ଯାଇଥିବା ବେଳେ ଅଭିଷେକ ୯.୨ ଓଭରରେ ପଡ଼ିଆ ଛାଡ଼ିଥିଲେ ଏବଂ ସୁପର ଓଭରରେ ବ୍ୟାଟିଂ କରିବାକୁ ମଧ୍ୟ ଓହ୍ଲାଇ ନ ଥିଲେ। ଏଥିଯୋଗୁ ସୁପର ଓଭରରେ ଅଧିନାୟକ ସୂର୍ଯ୍ୟକୁମାରଙ୍କ ସହ ଶୁବମନ ଗିଲ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି କ୍ରାମ୍ପର ସମ୍ମୁଖୀନ ହେବା ପରେ ଆଇସ୍ ବାଥ ନେଇଥିଲେ। ସେମାନେ ଏବେ କେବଳ ବିଶ୍ରାମ ନେବେ। ପରେ ଖେଳାଳିଙ୍କ ଲାଗି ପୁଲ ସେଶନ ରଖାଯାଇଛି। ସେମାନଙ୍କୁ ମସାଜ୍ ଦିଆଯିବ। ଏଣୁ ସେମାନେ ମ୍ୟାଚ୍ ବେଳକୁ ଫିଟ୍ ହୋଇଯିବେ, ଏହା ଆମେ ଆଶା ରଖିଛୁ ବୋଲି ଭାରତୀୟ ଦଳର ବୋଲିଂ କୋଚ୍ ମୋର୍ନେ ମୋର୍କେଲ ଖବରଦାତା ସମ୍ମିଳନୀରେ କହିଛନ୍ତି।

# ରଶ୍ମିକା-କପିଲଙ୍କୁ ସ୍ୱର୍ଣ୍ଣ



**ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍**

ନୂଆଦିଲ୍ଲୀ, ୨୭।୯ (ପି.ଟି.)

ସ୍ଥାନୀୟ କାର୍ନି ସିଂ ରେଞ୍ଜ୍‌ରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ବିଶ୍ୱକପ୍‌ରେ ଭାରତୀୟ ଶୁଟରମାନେ ୧୦ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଆଧିପତ୍ୟ ବିସ୍ତାର କରିଛନ୍ତି। ୧୦ ମିଟର ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଭାରତ ଟପ୍-ଟୁ ପୋଡିୟମ ଫିନିଶ କରିଥିବା ବେଳେ ସ୍କିଟ୍ ବିଶାରଦ ରାଇଜା ଧିଲୋଁ ଏକ ରୌପ୍ୟ ପଦକ ଲାଭ କରିଛନ୍ତି। ନିକଟରେ କାଜାଖସ୍ତାନରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ୧୦ ମିଟର ଏୟାର ପିସ୍ତଲ ମହିଳା ଓ ପୁରୁଷ ସ୍ୱର୍ଣ୍ଣ ଜିତିଥିବା ରଶ୍ମିକା ସହଗଲ ଓ କପିଲ ଯୋଡ଼ି ଏଠାରେ ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟ ଜିତି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥ ହୋଇଛନ୍ତି। ଏହି ଯୋଡ଼ି ଟାଇଟଲ ରାଉଣ୍ଡରେ ଅନ୍ୟ ଭାରତୀୟ ଯୋଡ଼ି ବଂଶିକା ଚୌଧାରୀ ଓ ଆଣ୍ଟୋନୀ ଜୋନାଥନ ଗାଭିନଙ୍କୁ ୧୬-୧୦ରେ ହରାଇ ଦେଇଛନ୍ତି। ସ୍ପାନିଶ ଯୋଡ଼ି ଇନେସ ଓର୍ଟେଗା ଇନେସ ଓର୍ଟେଗା କାଷ୍ଟ୍ରୋ ଓ ଲୁକାସ ସାଞ୍ଚେଜ ୧୬-୧୪ରେ ଇରାନର ପାରିମାହ ଆମିରି ଓ ମହମାଦ୍ରେଜା ଅହମଦିଙ୍କୁ ପରାସ୍ତ କରି ବ୍ରୋଞ୍ଜ ଜିତିଥିଲେ।

# ଶୀତଲ, ତୋମାନଙ୍କୁ ସ୍ୱର୍ଣ୍ଣ ପଦକ

**ପାରା ୱାର୍ଲ୍ଡ ଆର୍ଚେରୀ ଚାମ୍ପିୟନଶିପ୍**

ଗ୍ୱାଙ୍ଗଜୁ (ଦକ୍ଷିଣ କୋରିଆ), ୨୭।୯ (ପି.ଟି.)

ଭାରତ ଏଠାରେ ଚାଲିଥିବା ପାରା ୱାର୍ଲ୍ଡ ଆର୍ଚେରୀ ଚାମ୍ପିୟନଶିପ୍‌ରେ ଭଲ ପ୍ରଦର୍ଶନ ଜାରି ରଖିଛି। ଶନିବାର ତୀରନ୍ଦାଜମାନଙ୍କ ପାଇଁ ଭଲ ଦିନ ଥିଲ। ୧୮ବର୍ଷୀୟା ଶିତଲ ଦେବୀ ପ୍ରଥମ ଭାରତୀୟ ଆର୍ମଲେସ୍ ଆର୍ଚର ଭାବେ କମ୍ପାଉଣ୍ଡ ବ୍ୟକ୍ତିଗତ ବିଭାଗରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ତୋମାନ କୁମାର ପୁରୁଷ ଇଭେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଫଳତଃ ଭାରତ ଦୁଇ ବିଶ୍ୱ ଚାମ୍ପିୟନ ସୃଷ୍ଟି କରିବା ସହ ପଦକ ସଂଖ୍ୟା ୫କୁ ବୃଦ୍ଧି କରିପାରିଛି। ଶିତଲ ବିଶ୍ୱର ନମ୍ବର-୧ ତଥା ତୁର୍କୀର ଓଜ୍‌ନୁର କିୟୋର ଗିର୍ଦ୍ଦିଙ୍କୁ ୧୪୬-୧୪୩ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ସହ ଇତିହାସ ପୁସ୍ତକରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ଜମ୍ମୁ ଓ କଶ୍ମୀରର ଏହି ତୀରନ୍ଦାଜ ଟୁର୍ନାମେଣ୍ଟରେ ହାତ ବିହୀନ ପ୍ରତିଯୋଗୀ ଥିଲେ। ପ୍ରତିଯୋଗିତାରେ ସେ ତାଙ୍କ ପାଦ ଓ ଥୋଡ଼ିର ସହାୟତା ନେଇଥିଲେ। ଏହା ପୂର୍ବରୁ ଜଣେ ହାତ ବିହୀନ ତୀରନ୍ଦାଜ ୨୦୨୨ରେ ଦୁବାଇ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଥିଲେ। ସେ ହେଉଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ମଟ୍ଟାଟ୍ ଷ୍ଟୁଜ୍‌ମାନ। ଶିତଲ ପୂର୍ବରୁ ତୋମାନ କୁମାରଙ୍କୁ ସାଥୀ କରି ମିକ୍ସଡ ଟିମ୍ କମ୍ପାଉଣ୍ଡ ଇଭେଣ୍ଟରେ ଗ୍ରେଟ୍ ବ୍ରିଟେନର ଜୋଡି ଗ୍ରିନ୍‌ହାମ୍ ଓ ନାଥାନ ମ୍ୟାକ୍‌କୁଇନ୍‌ଙ୍କୁ ୧୫୨-୧୪୯ରେ ହରାଇ ଦେଇଛନ୍ତି। ସେହିପରି ମହିଳା କମ୍ପାଉଣ୍ଡ ଓପନ ଟିମ୍ ଇଭେଣ୍ଟ ଫାଇନାଲରେ ତୁର୍କୀଠାରୁ ପରାଜିତ ହୋଇ ରୌପ୍ୟ ଜିତିଥିଲେ ଶିତଲ ଓ ସରିତା। ପରେ ଏକ ଅଲ୍-ଇଣ୍ଡିଆନ ଫାଇନାଲରେ ରାକେଶ କୁମାର ଓହରିଯିବାରୁ ତୋମାନ ପୁରୁଷ କମ୍ପାଉଣ୍ଡ ଟାଇଟଲ ଜିତିଥିଲେ। ରାକେଶ ହେଉଛନ୍ତି ଜଣେ ପ୍ୟାରିସ ପାରାଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା। ତାଙ୍କ ଧନୁରେ ଏକ ପୁଲି ସମସ୍ୟା ଦେଖାଦେବାରୁ ୪ଟି ଶଟ୍ ପରେ ସେ ଓହରିଯାଇଥିଲେ। ଫଳତଃ ତୋମାନ ତାଙ୍କ ବିଶ୍ୱ ଚାମ୍ପିୟନଶିପ୍ ପଦାର୍ପଣରେ ଚାରି ଉତ୍ତମ ତୀରଚାଳନା ସହ ଟାଇଟଲ ବିଜୟୀ ହୋଇଥିଲେ।

# ସୁନୀଲ ଯୋଶୀ ସ୍ପିନ୍ ବୋଲିଂ କୋଚ୍

ନୂଆଦିଲ୍ଲୀ,୨୭।୯

ଭାରତର ପୂର୍ବତନ ସ୍ପିନର ସୁନୀଲ ଯୋଶୀ ବେଙ୍ଗାଲୁରୁସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ(ସିଓଇ)ରେ ସ୍ପିନ୍ ବୋଲିଂ କୋଚ୍ ଭାବେ ଅକ୍ଟୋବର ୧ରେ ଯୋଗଦେବେ। ୫୫ ବର୍ଷୀୟ ପୂର୍ବତନ ସ୍ପିନର ନିକଟରେ ଶେଷ ହୋଇଥିବା ଦୁଲୀପ ଟ୍ରଫି ସହ ଜଡ଼ିତ ରହି ଅଷ୍ଟ୍ରେଲିଆ ଏ' ବିପକ୍ଷ ମ୍ୟାଚ୍ ପାଇଁ ଭାରତ ଏ' ସହିତ ଟ୍ରାଭେଲ କରିଥିଲେ। ଯୋଶୀ ସିଓଇରେ ଯୋଗ ଦେଉଥିବାରୁ ପଞ୍ଜାବ କିଙ୍ଗ୍ସକୁ ଜଣେ ନୂଆ ଆସିଷ୍ଟାଣ୍ଟ କୋଚ୍ ଖୋଜିବାକୁ ପଡ଼ିବ। ଆଇପିଏଲ୍ ଛଡ଼ା ଯୋଶୀ ଘରୋଇ କ୍ରିକେଟ୍‌ରେ ଉତ୍ତର ପ୍ରଦେଶ ଦଳର କୋଚ୍ ଓ ବାଂଲାଦେଶର ସ୍ପିନ୍ ବୋଲିଂ ପରାମର୍ଶଦାତା ରହିଥିଲେ। ଯୋଶୀଙ୍କ ପୂର୍ବରୁ ସାଇରାଜ ବାହୁତୁଲେ ସିଓଇରେ ସ୍ପିନ୍ ବୋଲିଂ କୋଚ୍ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ସେ ଚଳିତବର୍ଷ ରାଜସ୍ଥାନ ରୟାଲ୍ସ ସହ ଯୋଡ଼ିହେବା ପାଇଁ ନିଜ ପଦରୁ ଇସ୍ତଫା ଦେଇଥିଲେ।

# ଭାରତର ଦ୍ୱିତୀୟ ପରାଜୟ

**ଜୁନିୟର ମହିଳା ହକି**

କାନବେରା, ୨୭।୯(ପି.ଟି.)

ଅଷ୍ଟ୍ରେଲିଆ ଟୁର୍‌ରେ ଥିବା ଭାରତର ଜୁନିୟର ମହିଳା ହକି ଦଳ ସେଠାରେ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଦଳ ଅଷ୍ଟ୍ରେଲିଆଠାରୁ ୦-୫ ଗୋଲ୍‌ରେ ପରାଜିତ ହୋଇଛି। ଆୟୋଜକ ଦଳ ତରଫରୁ ମାକେଲା ଜୋନ୍ସ ହାଟ୍ରିକ୍(୧୦ମ, ୧୧ଶ, ୫୨ତମ ମିନିଟ୍) ଗୋଲ୍ ସ୍କୋର କରିଥିବା ବେଳେ ସାମି ଲଭ୍(୩୮ତମ) ଓ ମିଗାଲିୟା ହାୱେଲ(୫୦ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୨-୩ ଗୋଲ୍‌ରେ ପରାଜିତ ହୋଇଥିଲା।

# ନିଖିଳ ଓଡ଼ିଶା ଫିଡେ ରେଟିଂ ଚେସ୍ ଉଦ୍‌ଘାଟିତ

ଭୁବନେଶ୍ୱର/ ବ୍ରାହ୍ମଣଝରିଲୋ, ୨୭।୯(ଅନାଦି କର)

କଟକସ୍ଥିତ ଫୁଲନଖରାର ଆମ୍ରପଲ୍ଲୀ ରିର୍ସଟରେ ଶନିବାର ପ୍ରଥମ ଭାଗ୍ୟଶ୍ରୀ ସ୍ମାରକୀ ଏସ୍ ଆର ନିଖିଳ ଓଡ଼ିଶା ଫିଡେ ରେଟେଡ଼ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅଲିମ୍ପିଆନ ତଥା ଦୌଡ଼ ରାଣୀ ଅନୁରାଧା ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶ୍ୱ ଚେସ୍ ସଂଘ, ସର୍ବଭାରତୀୟ ଚେସ୍‌ମହାସଂଘ ଓ ରାଜ୍ୟ ଚେସ୍‌ସଂଘ ସୀକୃତିପ୍ରାପ୍ତ ଏହି ପ୍ରତିଯୋଗିତାକୁ ଏସ୍ ଆର୍ ଚେସ୍ ସେଣ୍ଟର ତରଫରୁ ଆୟୋଜନ କରାଯାଉଛି। ୨୧ ଜିଲାରୁ ୧୩୩ ଜଣ ଅନ୍ତର୍ଜାତୀୟ ରେଟେର୍ଡ ଖେଳାଳିଙ୍କ ସହ ୫୩ ଜଣ ମହିଳା, ଜଣେ ଭିନ୍ନକ୍ଷମ, ଜଣେ ଦୃଷ୍ଟିହୀନ, ଜଣେ ବଧିର, ୬ ଜଣ ୬୦ ବର୍ଷରୁ ଊର୍ଦ୍ଧ୍ୱ ଓ ୪ ଜଣ ୫ ବର୍ଷରୁ କମ୍ ଖେଳାଳି ଭାଗ ନେଇଛନ୍ତି। ୪ ଦିନ ଧରି ଚାଲିବାକୁ ଥିବା ୮ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ଦ୍ୱିତୀୟ ରାଉଣ୍ଡ ଶେଷ ସୁଦ୍ଧା ଟପ୍ ସିଡ୍ ଫିଡେ ମାଷ୍ଟର ସୌମ୍ୟ ରଞ୍ଜନ ମିଶ୍ର, ଓମ୍ ଆଦିତ୍ୟ ଖାଡ଼େଙ୍ଗା, ଲଳିତ ରଞ୍ଜନ ସାହୁ, ଶ୍ରୀୟାନ ସାବତ, କାର୍ଜି ମନିନ୍ଦ୍ର, ରାଜେନ୍ଦ୍ର କୁମାର ସାହୁ, ରବିନ୍ଦ୍ର କୁମାର ଓଝା, ସୌୟମ ଲକ୍ଷ୍ମୀଦତ୍ତ ସାବତ୍ତ, ସୁଧୀର ମହାନ୍ତି, ଶ୍ରଦ୍ଧା ସ୍ମରଣିକା ନନ୍ଦଙ୍କ ସହ ୭୦ ଜଣ ଖେଳାଳି ସମ୍ପୂର୍ଣ୍ଣ ୨ ପଏଣ୍ଟ ଲେଖାଏ ଅର୍ଜନ କରି ଶୀର୍ଷରେ ରହିଛନ୍ତି। ଏସ୍.ଆର. ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଦୂରଦର୍ଶୀର ସମ୍ପାଦକ ତଥା ଯୁବ ସଂଗଠକ ଦୁର୍ଗା ସାମନ୍ତ ରାୟ, ରାଜ୍ୟ ଚେସ୍ ସଂଘର ଯୁଗ୍ମ ସମ୍ପାଦକ ଉବେଶ ମହାନ୍ତି, କେନ୍ଦୁଝର ଜିଲା ଚେସ୍ ସଂଘର ସମ୍ପାଦକ ଅମର ମହାନ୍ତି, ସ୍ୱର୍ଗତ ଭାଗ୍ୟଶ୍ରୀଙ୍କ ବାପା ପ୍ରଦୀପ ପଣ୍ଡା ଓ ବଡ଼ ବାପା ପ୍ରତାପ ପଣ୍ଡା ଯୋଗ ଦେଇଥିଲେ। ଆଜିର ପ୍ରଥମ ରାଉଣ୍ଡକୁ କଟକ ଜିଲା ସଂଘ ମେଣ୍ଟର ଚୌଧୁରୀ ପ୍ରଦିମ୍ନ ମିଶ୍ର ଓ ଦ୍ୱିତୀୟ ରାଉଣ୍ଡକୁ ବଲାଙ୍ଗୀର ଚେସ୍ ସଂଘର ସମ୍ପାଦକ ପ୍ରିୟବ୍ରତ ପଣ୍ଡା ଆରମ୍ଭ କରିଥିଲେ। ଏହି ଅବସରରେ କ୍ରୀଡ଼ା ଖବରଦାତା ବେଣୁଧର ଦାଶ ଓ ଅଜୟ ଦାଶଙ୍କୁ କ୍ରୀଡ଼ା ଖବରଦାତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଏସ୍ ଆର୍ ଚେସ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା।




ଅତିଥି ସମ୍ମାନିତ କରୁଛନ୍ତି।




ନୂଆଦିଲ୍ଲୀସ୍ଥିତ ଜବାହରଲାଲ ଷ୍ଟାଡିୟମରେ ଚାଲିଥିବା ୱାର୍ଲ୍ଡ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ୨୦୨୫ର ଜାଭେଲିନ୍ ଥ୍ରୋ ଏଫ୍‌୪୬ ଫାଇନାଲରେ ଥ୍ରୋ କରୁଛନ୍ତି ଉଜ୍‌ବେକିସ୍ତାନର ଶାହିନାଖୋନ ୟିଗିତାଲିଭା।

# ଥେକ୍ରା ଅଲ୍‌କାବିଙ୍କ ବିଶ୍ୱ ରେକର୍ଡ

**ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ**

ନୂଆଦିଲ୍ଲୀ, ୨୭।୯(ପି.ଟି.)

ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ଦିବସରେ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ର ଅପ୍ରତିଦ୍ୱନ୍ଦ୍ୱୀ ଥେକ୍ରା ଅଲ୍‌କାବି ମହିଳା ୧୦୦ ମିଟର ଟି୭୧ ଫ୍ରେମ୍ ରନିଂ ଇଭେଣ୍ଟରେ ଏକ ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଅଲ୍‌କାବି ୧୯.୮୯ ସେକେଣ୍ଡ ଟାଇମିଂରେ ରେକର୍ଡ ପ୍ରତିଷ୍ଠା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି, ଯେଉଁଥିରେ କି ପ୍ରତିଯୋଗୀମାନେ ଏକ ତିନିଚକିଆ ରନିଂ ଫ୍ରେମ୍ ବ୍ୟବହାର କରିଥିଲେ। ଏଥିରେ ସ୍ୟାଡେଲ ଓ ବଡି ସପୋର୍ଟ ରହିଛି, କିନ୍ତୁ ପ୍ୟାଡେଲ ନାହିଁ। ଚଳିତବର୍ଷ ଜୁଲାଇରେ ଲିଥୁଆନିଆର ବେଲା ମୋର୍କସ ୨୦.୦୮ ସେକେଣ୍ଡ ଟାଇମିଂ ସହ କରିଥିବା ବିଶ୍ୱ ରେକର୍ଡକୁ ୨୩ ବର୍ଷୀୟା ଅଲ୍‌କାବି ଭାଙ୍ଗି ଦେଇଛନ୍ତି। ଶନିବାର ମୋର୍କସ ୨୧.୫୩ ସେକେଣ୍ଡ ଟାଇମିଂ ସହ ରୌପ୍ୟ ଜିତିଥିବା ବେଳେ ପୋଲାଣ୍ଡର ମିରିଆମ୍ ଡୋମିନିକୋସ୍କା ୨୩.୫୬ ସେକେଣ୍ଡ ଟାଇମିଂ ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ପୂର୍ବରୁ ମହିଳା ୧୦୦ ମିଟର ଟି୭୧ ଇଭେଣ୍ଟରେ ଅଲ୍‌କାବିଙ୍କ ଶ୍ରେଷ୍ଠ ଟାଇମିଂ ୨୩.୫୮ ସେକେଣ୍ଡ ରହିଥିଲା। ୨୦୨୩ ହାଙ୍ଗ୍‌ଝୋ ଏସିଆନ ପାରା ଗେମ୍ସ ଏଫ୍‌୩୨ କ୍ଲବ ଥ୍ରୋ'ରେ ସେ ଏକ ବ୍ରୋଞ୍ଜ ଜିତିଥିଲେ। ମହିଳା ଲଙ୍ଗ୍‌ଜମ୍ପ ଟି୩୭ରେ ଆଶାନୁରୂପ ବିଶ୍ୱ ରେକର୍ଡ ଅଧିକାରିଣୀ ଚାଇନାର ୱେନ୍ ଜିଆଓୟାନ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେ ୫.୩୨ ମିଟର ଜମ୍ପକରି ଏକ ମିଟ୍ ରେକର୍ଡ କରିଛନ୍ତି। ଏହା ପୂର୍ବରୁ ମିଟ୍ ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଥିଲା। ଚାମ୍ପିୟନଶିପ୍‌ର ୨୦୧୯ ସଂସ୍କରଣରେ ୫.୨୨ ମିଟର ଜମ୍ପକରି ସେ ମିଟ୍ ରେକର୍ଡ କରିଥିଲେ। ତାଙ୍କ ନାମରେ ଆହୁରି ମଧ୍ୟ ବିଶ୍ୱ ରେକର୍ଡ ରହିଛି। ୨୦୨୩ ହାଙ୍ଗ୍‌ଝୋ ଏସିଆନ ପାରା ଗେମ୍ସରେ ୫.୪୫ ମିଟର ସହ ସେ ଏହି ରେକର୍ଡ କରିଥିଲେ। ମରିସସ୍‌ର ଆନାଇସ୍ ଆଞ୍ଜେଲିନ୍ ୪.୫୯ ମିଟର ସହ ରୌପ୍ୟ ପଦକ ଲାଭ କରିଥିବା ବେଳେ ଆମେରିକାର ଜାଲିନ୍ ରବର୍ଟ୍ସ (୪.୫୩ ମିଟର) ବ୍ରୋଞ୍ଜ ପାଇଛନ୍ତି। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସର ନୋଏଲି ରୁଡ୍ରା ବିଶ୍ୱ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ଏଫ୍‌୪୬ ଶ୍ରେଣୀ ମହିଳା ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କର ଶ୍ରେଷ୍ଠ ପ୍ରୟାସ ୪୩.୭୩ ମିଟର ରହିଥିବା ବେଳେ ଉଜ୍‌ବେକିସ୍ତାନର ଶାହିନାଖୋନ୍ ଇଜିଟାଲିଭା ଓ ଗ୍ରେଟ୍ ବ୍ରିଟେନ୍‌ର ହୋଲି ଆର୍ନୋଲ୍ଡ ଯଥାକ୍ରମେ ୪୧.୯୭ ଓ ୪୧.୯୪ ମିଟର ସହ ରୌପ୍ୟ ଏବଂ ବ୍ରୋଞ୍ଜ ଜିତିଥିଲେ। ଭାରତର ଭାବନା ସିଂ ଏହି ଇଭେଣ୍ଟରେ ୩୫.୩୪ ମିଟର ଥ୍ରୋ ସହ ୮ମ ସ୍ଥାନରେ ରହିଥିଲେ।



## ଭାରତର ପଦକ ଖାତା ଖୋଲିଲେ ଶୈଳେଶ



ୱାର୍ଲ୍ଡ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଆୟୋଜକ ଭାରତର ପଦକ ଖାତା ଖୋଲିଛନ୍ତି ଶୈଳେଶ କୁମାର ଓ ବରୁଣ ସିଂ ଭଟି। ଶନିବାର ଅନୁଷ୍ଠିତ ପୁରୁଷ ହାଇଜମ୍ପ ଟି୬୩ ଇଭେଣ୍ଟରେ ଏହି ଦୁଇ ଆଥଲେଟ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ଜିତିଛନ୍ତି। ୨୫ବର୍ଷୀୟ ଶୈଳେଶ ଟି୪୨ କାଟେଗୋରିରେ ୧.୯୧ମିଟର ପ୍ରୟାସ ସହ ପୋଡିୟମ ଟପ୍‌ରେ ରହି ଚାମ୍ପିୟନଶିପ୍ ରେକର୍ଡ ଓ ଏସିଆନ ରେକର୍ଡ ଭଙ୍ଗ କରିଛନ୍ତି। ପୂର୍ବତନ ପାରା ଏସିଆନ ଗେମ୍ସ ପଦକ ବିଜେତା ଭଟି ବ୍ରୋଞ୍ଜ ଜିତିଥିବା ବେଳେ ଅଲିମ୍ପିକ ଚାମ୍ପିୟନ ଆମେରିକାର ଇଜ୍ରା ଫ୍ରେଚ୍ ରୌପ୍ୟ ଲାଭ କରିଛନ୍ତି। ଉଭୟେ ଭଟି ଓ ଫ୍ରେଚ୍‌ଙ୍କ ଶ୍ରେଷ୍ଠ କ୍ଲିୟରାନ୍ସ ୧.୮୫ ମିଟର ରହିଥିଲା। ମାତ୍ର ଆମେରିକୀୟ ଜଣକ କାଉଣ୍ଟ ବ୍ୟାକ୍‌ରେ ଭାରତୀୟଙ୍କୁ ପରାସ୍ତ କରିଥିଲେ। ଏହି ଇଭେଣ୍ଟରେ ଭାଗ ନେଇଥିବା ତୃତୀୟ ଭାରତୀୟ ରାହୁଲ ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ୧.୭୮ମିଟର ସହ ଚତୁର୍ଥ ସ୍ଥାନରେ ରହିଥିଲେ।

# ପୂଜାରେ ଫଟୋଶୁଟ୍

## ନ ହେଉ ଚିନ୍ତାର କାରଣ

**ମା'ଙ୍କ ଆଗମନରେ ଏବେ ସବୁଆଡ଼େ ଉତ୍ସବମୁଖର। ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ମୂର୍ତ୍ତି ଦର୍ଶନ କରିବା, ଶପିଂ କରିବା, ବିଭିନ୍ନ ସ୍ଥାନରେ ଆୟୋଜିତ ଡାଣ୍ଡିଆ ନାଇଟ୍ସରେ ଡ୍ୟାନ୍ସ କରିବାକୁ ସମସ୍ତେ ତତ୍ପର। ତା'ସହ ଏସବୁର ଫଟୋ ଏବଂ ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବାକୁ ଅଧିକାଂଶଙ୍କ ଭିତରେ ବେଶି କ୍ରେଜ୍। ହେଲେ କେବେକେବେ ଏହି ଖୁସି ଭିତରେ ଟେନ୍‌ଶନ୍ ବଢ଼ାଇଦିଏ ମୋବାଇଲ୍ ଚୋରି। ତେଣୁ ପୂଜାରେ ଫଟୋଶୁଟ୍ କରୁଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...**



ବର୍ତ୍ତମାନ ଅଧିକାଂଶଙ୍କଠାରେ, ବିଶେଷକରି ଯୁବପିଢ଼ିଙ୍କଠାରେ ସୋସିଆଲ୍ ମିଡିଆରେ ଅପ୍‌ଡେଟ୍ ରହିବା, ଅଧିକ ଲାଇକ୍, କମେଣ୍ଟ ପାଇବା ଲାଗି ଫଟୋ, ଭିଡିଓ ଏବଂ ରିଲ୍ସ କରିବା ନିଶା ଘାରିଛି। ଯେଉଁଥିପାଇଁ ପୂଜାରେ ଫଟୋ, ଭିଡିଓ ଆଦି କରିବାକୁ ସେମାନେ ବେଶ୍ ଉତ୍କଣ୍ଠିତ। ହେଲେ ବର୍ତ୍ତମାନ ପୂଜାମଣ୍ଡପଗୁଡ଼ିକରେ ଅଧିକ ଗହଳି ଥିବାରୁ ମୋବାଇଲ୍ ଫୋନ୍ ଚୋରି ଆଶଙ୍କା ଅଧିକ। ତେଣୁ ଏହି ଫେଷ୍ଟିଭ୍ ସିଜନ୍‌ରେ ନିଜ ମୋବାଇଲ୍‌କୁ ସୁରକ୍ଷିତ ରଖିବା ଲାଗି କେତୋଟି କଥା ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...

– ପୂଜା ପେଣ୍ଡାଲ୍‌ରେ ଗହଳିର ସୁଯୋଗ ନେଇ ଲୁଟେରାମାନେ ମୋବାଇଲ୍ ଚୋରି ଅଧିକ କରିଥା'ନ୍ତି। ଫୋନ୍‌ରେ ଫଟୋ କିମ୍ବା ଭିଡିଓ କରୁଥିଲେ ସରିବାମାତ୍ରେ ଫୋନ୍‌କୁ ହାତରେ ନ ଧରି ତୁରନ୍ତ ବ୍ୟାଗ୍ ଭିତରେ ରଖିଦିଅନ୍ତୁ ଏବଂ ବ୍ୟାଗ୍‌କୁ ହାତରେ ଆଗପଟକୁ କରି ରଖନ୍ତୁ। ସେହିପରି ଯୁବକମାନେ ଫୋନ୍‌କୁ ପ୍ୟାଣ୍ଟର ପଛ ପକେଟରେ ଆଦୌ ରଖନ୍ତୁ ନାହିଁ। ଏଥିପାଇଁ ସ୍ଲିଙ୍ଗ୍ ବ୍ୟାଗ୍ କିମ୍ବା ୱେଷ୍ଟ ବ୍ୟାଗ୍ ବ୍ୟବହାର କରିପାରିବେ।

– ଫୋନ୍‌ରେ ଏକ ରିଷ୍ଟ ଷ୍ଟ୍ରାପ୍ ଲଗାଇବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ ଏହାଦ୍ୱାରା କୌଣସି କାରଣରୁ ହାତରୁ ଫୋନ୍ ଖସିଗଲେ ତଳେ ପଡ଼ି ନଷ୍ଟ ହେବ ନାହିଁ କିମ୍ବା କେହି ହଠାତ୍ ଛଡ଼ାଇ ନେଇପାରିବେ ନାହିଁ।



### ନିଜେ ସତର୍କ ରହିବା ଜରୁରୀ

**ମୃତ୍ୟୁଞ୍ଜୟ ସ୍ୱାଇଁ** (ଆଇଆଇସି, ମଞ୍ଚେଶ୍ୱର ଥାନା)– ପାର୍ବଣ ଅବସରରେ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ପୂଜା ମଣ୍ଡପରେ ଅଧିକ ଭିଡ଼ ପରିଲକ୍ଷିତ ହେଉଥିବାରୁ ଲୁଟେରାମାନେ ଏହାର ଖୁବ୍ ଫାଇଦା ନେଉଛନ୍ତି। ଗତ କିଛିବର୍ଷ ହେବ ପୂଜା ସମୟରେ ବହୁ ସଂଖ୍ୟାରେ ମୋବାଇଲ୍ ଫୋନ୍ ଚୋରି ଘଟଣା ନଜରକୁ ଆସିଛି। ଯେହେତୁ ସେଲ୍‌ଫି ନେବା କିମ୍ବା ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା କ୍ରେଜ୍ ଏବେ ସଭିଙ୍କର ବିଶେଷକରି ଯୁବପିଢ଼ିଙ୍କ ଠାରେ ଅଧିକ ଦେଖିବାକୁ ମିଳୁଛି, ଏମିତିରେ ସେମାନଙ୍କ ଫୋନ୍ ଚୋରି ହେବା ଆଶଙ୍କା ବେଶି ବଢ଼ିଯାଉଛି। ତେଣୁ ନିଜେ ସତର୍କ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଫଟୋ ଉଠାଇବା ବେଳେ ଫୋନ୍‌କୁ ଭଲ ଭାବେ ଧରିବା ସହ ଉଠାଇ ସାରିଲେ ଏହାକୁ ଠିକ୍ ଭାବେ ରଖିବା ଦରକାର। ଯୁବକମାନେ ପ୍ୟାଣ୍ଟର ପଛ ପକେଟ୍‌ରେ ଫୋନ୍ ରଖିବା ଠିକ୍ ନୁହେଁ, ଏହାଦ୍ୱାରା ଚୋରଙ୍କୁ ପକେଟ୍‌ମାର କରିବା ସହଜ ହୋଇଥାଏ। ସେହିପରି ଯୁବତୀମାନେ ପଛ ପ୍ୟାଣ୍ଟ ପକେଟ୍‌ରେ ଫୋନ୍ ନ ରଖିବା ଭଲ। ଭ୍ୟାନିଟି ବ୍ୟାଗ୍‌ରେ ଫୋନ୍ ରଖୁଥିଲେ ଏହାକୁ ପଛକୁ କିମ୍ବା କଡ଼ରେ ନ ରଖି ଆଗ ପଟକୁ ରଖିବା ଦରକାର। ତେବେ ପୋଲିସ୍ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ଲଗାଯିବା ସହିତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ମଣ୍ଡପଗୁଡ଼ିକରେ ୟୁନିଫର୍ମରେ ଏବଂ ସାଦା ପୋଷାକରେ ମଧ୍ୟ ପୋଲିସ୍ ମୁତୟନ କରାଯାଇଛି। ତଥାପି କୌଣସି ଅସୁବିଧା ହେଲେ ତୁରନ୍ତ ସହାୟତା ପାଇଁ ପ୍ରତ୍ୟେକ ଥାନା ନମ୍ବର ଏବଂ କଣ୍ଟ୍ରୋଲ ନମ୍ବରରେ ତୁରନ୍ତ ଯୋଗାଯୋଗ କରିପାରିବେ। ତେବେ କେବଳ ମୋବାଇଲ୍ ଫୋନ୍ ନୁହେଁ, ସୁରକ୍ଷା ଦୃଷ୍ଟିରୁ ପୂଜା ସମୟରେ ଗହଳି ଅଧିକ ଥିବାରୁ ସୁନା କିମ୍ବା କୌଣସି ଦାମୀ ଗହଣା ନ ପିନ୍ଧିବାକୁ ଏବଂ ପାଖରେ ଅଧିକ କ୍ୟାଶ୍ ନ ରଖି ଇ–ବ୍ୟାଙ୍କିଙ୍ଗ୍ ବ୍ୟବହାର କରିବାକୁ ମଧ୍ୟ ବାରମ୍ବାର ସଚେତନ କରାଯାଉଛି।

**ଧ୍ୟାନ ଦିଅନ୍ତୁ:** ସତର୍କତା ଅବଲମ୍ବନ କରିବା ସତ୍ତ୍ୱେ ବି କେବେକେବେ ମୋବାଇଲ୍ ଚୋରି ହୋଇଯାଏ। ଯେହେତୁ ମୋବାଇଲ୍‌ରେ ଫଟୋ, ଭିଡିଓ, କଣ୍ଟାକ୍ଟ ନମ୍ବର ଭଳି ସମସ୍ତ ପର୍ସନାଲ୍ ଡାଟା ଏବଂ ବ୍ୟାଙ୍କ୍ ଡିଟେଲ୍ସ ଆଦି ରହୁଛି, ତେଣୁ ଏହା ଚୋରି ହୋଇଗଲେ ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ଉପୁଜିପାରେ। ତେଣୁ ସୁରକ୍ଷା ଦୃଷ୍ଟିରୁ କେତୋଟି କଥା ନିହାତି ଜାଣିରଖିବା ଦରକାର...



**ଗୁଗୁଲ୍ ଆଇଡି ଡିଟେଲ୍ସ ରଖନ୍ତୁ:** ସାଧାରଣତଃ ଫୋନ୍‌ରେ ଗୁଗୁଲ୍ ଆଇଡି ସେଟ୍ କରିବା ପରେ ଆମେ ଏହା ସମ୍ବନ୍ଧିତ ସୂଚନା ଯେପରି ଆଇଡି, ପାସ୍‌ୱାର୍ଡ ଆଦି ମନେ ରଖି ନ ଥାଉ। ଯଦ୍ୱାରା ଫୋନ୍ ଚୋରି ହେଲେ ଏହା ମିଳିବା କଷ୍ଟ ହୋଇଥାଏ। ତେଣୁ ଏସବୁ ଡିଟେଲ୍ସ ସବୁବେଳେ ଲେଖି ରଖିବା ଦ୍ୱାରା ଯଦି କୌଣସି କାରଣରୁ ଫୋନ୍ ଚୋରି ହୁଏ, ତେବେ ଅନ୍ୟ ଫୋନ୍‌ରୁ ଏହାକୁ ଆକ୍ସେସ୍ କରି ତୁରନ୍ତ ଫୋନ୍‌ରୁ ଆଇଡି ଲଗ୍‌ଆଉଟ୍ କରି ନିଜ ପର୍ସନାଲ୍ ଡାଟାକୁ ସୁରକ୍ଷିତ ରଖିପାରିବେ।



### କ'ଣ କୁହନ୍ତି ଏମାନେ...

#### ସତର୍କତା ଅବଲମ୍ବନ କରିବି



**ପାର୍ଥସାରଥୀ ସାମନ୍ତରାୟ**(ଖୋର୍ଦ୍ଧା)– ଗତ ଦୁଇ ବର୍ଷ ହେବ ୟୁଟ୍ୟୁବ୍ ଚ୍ୟାନେଲ୍ କରି ବିଭିନ୍ନ ଭ୍ଲଗ୍ କରୁଛି। ଚଳିତବର୍ଷ ଭୁବନେଶ୍ୱର ଓ କଟକ ଦୁର୍ଗା ପୂଜା ସମେତ ଖୋର୍ଦ୍ଧା ପ୍ରସିଦ୍ଧ ଲକ୍ଷ୍ମୀପୂଜା ଶୁଟ୍ କରିବା ଯୋଜନା କରିଛି। ସାଙ୍ଗସାଥିଙ୍କ ସହ ପୂଜାମଣ୍ଡପ ବୁଲାବୁଲିର ମୋବାଇଲ ଭିଡିଓ ଶୁଟ୍ କରିବି। ହେଲେ ଗତ କିଛି ବର୍ଷ ପୂଜା ମଣ୍ଡପରେ ଯେଉଁ ଭଳି ମୋବାଇଲ୍ ଚୋରୀ ଘଟଣା ଶୁଣିବାକୁ ମିଳିଛି ସେଥିପାଇଁ ବିଶେଷ ଭାବେ ସତର୍କତା ଅବଲମ୍ବନ କରିବି। ଦୂରରୁ ଭିଡିଓରେ କ୍ଲାରିଟି ରହୁ ନ ଥିବାରୁ ଭିଡରେ ପେଣ୍ଡାଲ୍ ପାଖକୁ ଯାଇ ଶୁଟ୍ କରିବା ବେଳେ ଯଥା ସମ୍ଭବ ସତର୍କ ରହିବି। ସେଲ୍ଫି ଷ୍ଟିକ୍ ବ୍ୟବହାର କରିବି ଏବଂ ଶୁଟିଂ ସରିବା ମାତ୍ରେ ଫୋନ୍‌କୁ ପକେଟ୍‌ରେ ନ ରଖି ବ୍ୟାଗ୍‌ରେ ରଖିବି, ଯାହାଦ୍ୱାରା ଚୋରୀ ରିସ୍କ ରହିବ ନାହିଁ ବୋଲି ମୋର ଆଶା।

#### ସୁରକ୍ଷା ପାଇଁ ୱେଷ୍ଟ ବ୍ୟାଗ୍ ଭଲ ଅପ୍ସନ



**କାଜଲ ଅଗ୍ରୱାଲ**( ବରଗଡ)– ପାର୍ବଣ ଋତୁ ଆସିଲେ ମା'ଙ୍କ ଆଗମନରେ ସମସ୍ତଙ୍କ ମନରେ ଅପୂର୍ବ ଆନନ୍ଦ ଖେଳିଯାଏ। ସବୁଠି ଉତ୍ସବମୁଖର ହୋଇଉଠେ। ଏ ସମୟରେ ବିଭିନ୍ନ ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିବା ଆଉ ଡାଣ୍ଡିଆ ନାଇଟ୍ସ ଏଞ୍ଜୟ କରିବାକୁ ମୋତେ ବହୁତ ଭଲ ଲାଗେ। ଆଉ ଏସବୁ ମୁହୂର୍ତ୍ତକୁ ମୁଁ ନିଜ ଇନ୍‌ଷ୍ଟାଗ୍ରାମ୍ ଆଇଡିରେ ପୋଷ୍ଟ ବି କରେ। ହେଲେ ଏହି ଖୁସି ଭିତରେ ଟେନ୍‌ଶନ୍ ବଢାଇଦିଏ ବିଭିନ୍ନ ଚୋରି ଖବର। ଏପରି ଅସୁବିଧାର ସମ୍ମୁଖିନ ନ ହେବା ଲାଗି ଗହଳି ସ୍ଥାନକୁ ଯିବା ବେଳେ ମୋବାଇଲ୍ ରଖିବା ଲାଗି ୱେଷ୍ଟ ବ୍ୟାଗ୍ ବ୍ୟବହାର କରିବି। ଦୁର୍ଭାଗ୍ୟବଶତଃ ଏପରି କେବେ ହେଲେ ପର୍ସନାଲ୍ ଡାଟା ସୁରକ୍ଷିତ ରଖିବା ଲାଗି ମୋବାଇଲ୍‌ରେ ସେଫ୍ଟି ଆପ୍ ବି ଇନ୍‌ଷ୍ଟଲ୍ କରି ରଖିଛି। ମୋ ମତରେ କେବଳ ପୂଜା ସମୟରେ ନୁହେଁ ମୋବାଇଲ୍ କୌଣସି କାରଣରୁ ଚୋରୀ ଅବା ହଜିଗଲେ ଯେପରି କେହି ଏହାର ମିସ୍‌ୟୁଜ୍ ନ କରନ୍ତି ସେଥିପାଇଁ ସମସ୍ତେ ସେଫ୍ଟି ଆପ୍ ବ୍ୟବହାର କରିବା ଦରକାର।

**ଇଏମ୍‌ଇଆଇ ନମ୍ବର ଜାଣିବା ଜରୁରୀ:** ଆପଣ ଯେଉଁ ଫୋନ୍ ବ୍ୟବହାର କରୁଛନ୍ତି, ତା'ର ଇଏମ୍‌ଇଆଇ ନମ୍ବର ନିହାତି ଜାଣିବା ବା ଲେଖିରଖିବା ଦରକାର। ଯଦ୍ୱାରା ଫୋନ୍ ଚୋରି ହୋଇଗଲେ ପୋଲିସ୍ ଏହା ସାହାଯ୍ୟରେ ଆପଣଙ୍କ ଫୋନ୍ ଟ୍ରାକ୍ କରି ଖୋଜିପାରିବେ। ଏହାକୁ ଜାଣିବା ପାଇଁ ନିଜ ଫୋନ୍‌ର ସେଟିଂରେ ଥିବା ଏବାଉଟ୍ ଅପ୍ସନ୍‌କୁ କ୍ଲିକ୍ କରି ଇଏମ୍‌ଆଇ ନମ୍ବର ଓପନ୍ କରନ୍ତୁ ଏବଂ ଏହାକୁ ଲେଖିରଖନ୍ତୁ। ଏହାଦ୍ୱାରା ଫୋନ୍ ଟ୍ରାକ୍ ରହିବା ସହ ଡିଭାଇସ୍‌କୁ ବ୍ଲକ୍ ମଧ୍ୟ କରିପାରିବେ।

**ଫାଇଣ୍ଡ ମାଇଁ ଡିଭାଇସ୍:** ଗୁଗୁଲ୍ ଦ୍ୱାରା ପ୍ରସ୍ତୁତ ଏହି ଆପ୍ ଦ୍ୱାରା ଅନ୍ୟ ଏକ ଫୋନ୍‌ରେ ନିଜ ଆଇଡି ଏବଂ ପାସ୍‌ୱାର୍ଡ ଦେଇ ନିଜ ଚୋରି ହୋଇଥିବା ଫୋନ୍ ଖୋଜିପାରିବେ। ଏହାଦ୍ୱାରା ଫୋନ୍‌ର ଲୋକେଶନ୍, ସେଥିରେ ବର୍ତ୍ତମାନ କେଉଁ ସିମ୍ ପଡ଼ିଛି ଆଦି ଟ୍ରାକ୍ କରିପାରିବେ।

**ହ୍ୟାମର୍ ସିକ୍ୟୁରିଟି ଆପଣାନ୍ତୁ:** ଏହା ଏକ ଖୁବ୍ ସୁରକ୍ଷିତ ଏବଂ ଲୋକପ୍ରିୟ ଆପ୍, ଯାହାକି ମୋବାଇଲ୍‌କୁ ଚୋରି ହେବା ବା ଚୋରକୁ ଧରିବାରେ ସାହାଯ୍ୟ କରିଥାଏ। ଏହି ଆପ୍ ପ୍ଲେ ଷ୍ଟୋରରେ 'ଟ୍ରାକ୍ ଇଟ୍ ଇଭେନ୍ ଇଫ୍ ଇଟ୍ ଇଜ୍ ଅଫ୍' ନାଁରେ ରହିଛି। ଏଥିରେ ଫେକ୍ ସ୍ୱିଚ୍ ଅଫ୍ ଅପ୍ସନ ଏବଂ ଫେକ୍ ଏରୋପ୍ଲେନ୍ ମୋଡ୍ ଅପ୍ସ ରହିଛି। ଫଳରେ ଚୋରି କଲେ ବି ଚୋର ଯେବେ ଏହାକୁ ସ୍ୱିଚ୍ ଅଫ୍ କରିବ କିମ୍ବା ଏରୋପ୍ଲେନ୍ ମୋଡ୍‌ରେ ରଖିବ, ତେବେ ତାହା ଫେକ୍ ଅପ୍ସନ ଦେଖାଇବ ଏବଂ ଫୋନ୍ ଅନ୍ ଅଛି ବୋଲି ସେ ଜାଣିପାରିବ ନାହିଁ। ତା'ଛଡ଼ା ଏଥିରେ ଥିବା ପ୍ୟାନିକ୍ ମୋଡ୍ ଆକ୍ଟିଭ୍ ରଖିବା ଦ୍ୱାରା ତୁରନ୍ତ ଚୋରର ସେଲ୍ଫି ଓ ଲୋକେଶନ୍ ଆପଣଙ୍କ ଏମର୍ଜେନ୍ସି କଣ୍ଟାକ୍ଟ ନମ୍ବରକୁ ଚାଲିଯାଇଥାଏ, ଯାହାକୁ ଟ୍ରାକ୍ କରି ଫୋନ୍‌କୁ ଖୋଜିବା ସହଜ ହୋଇଥାଏ।

– ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯଦି ପୂଜା ସମୟରେ ଦୁର୍ଭାଗ୍ୟବଶତଃ ଫୋନ୍ ଚୋରି ହୋଇଯାଏ, ତେବେ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ସିମ୍ କାର୍ଡ ବ୍ଲକ୍ କରିବା ସହ ନିକଟସ୍ଥ ପୋଲିସ୍ ଷ୍ଟେଶନ୍‌ରେ ଖବର ଦେବା ଜରୁରୀ।

– ପୌର୍ଣ୍ଣମାସୀ

## ୟୁଥ୍ ଆଲର୍ଟ

# ପୂଜାବେଳେ ବାହାର ଖାଦ୍ୟ ଖାଉଥିଲେ...

**ଆରମ୍ଭ ହୋଇଯାଇଛି ଦଶହରା। ପୂଜାମଣ୍ଡପଗୁଡ଼ିକ ନିକଟରେ ମିଳୁଛି ନାନାଦି ପ୍ରକାର ଖାଦ୍ୟର ସମ୍ଭାର। ହେଲେ ଏସବୁ ଖାଦ୍ୟ ଅଧିକ ଖାଇବା ସ୍ୱାସ୍ଥ୍ୟପକ୍ଷେ ହାନିକାରକ। ତେଣୁ ପୂଜାରେ ଏଭଳି ଖାଦ୍ୟ ଖାଉଥିଲେ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ କେତୋଟି କଥା ପ୍ରତି ଧ୍ୟାନ ଦେବା ଜରୁରୀ...**

➔ପୂଜା ସମୟରେ ମାର୍କେଟ ସହିତ ପୂଜାସ୍ଥଳ ନିକଟରେ ମଧ୍ୟ ଅନେକ ଫୁଡ୍ ଷ୍ଟଲ୍ ଦେଖିବାକୁ ମିଳିଥାଏ। ଆଉ ଯୁବପିଢ଼ି ଏ ସବୁ ଖାଇବାର ମଉକା ଆଦୌ ହାତଛଡ଼ା କରି ନ ଥା'ନ୍ତି। ହେଲେ ଅପରପକ୍ଷେ ଏଭଳି ଖାଦ୍ୟ ଖାଇବା ଦ୍ୱାରା ଅନେକଙ୍କଠାରେ ଗ୍ୟାସ୍, ଏସିଡିଟି ଆଦି ସମସ୍ୟା ଦେଖାଦେଇଥାଏ। କେବେକେବେ ଫୁଡ୍ ପଏଜନିଂ ହୋଇ ଝାଡ଼ା, ବାନ୍ତି ଭଳି ସମସ୍ୟା ବି ଉପୁଜିଥାଏ। ତେଣୁ ବାହାରେ ଯଥାସମ୍ଭବ କମ୍ ଖାଆନ୍ତୁ।

➔ପୂଜା ବେଳେ ଲାଭ ପାଇବା ଆଶାରେ ଅଧିକ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଅନେକ ବ୍ୟବସାୟୀ ଅଧିକ ରଙ୍ଗ, ଖରାପ ତେଲ ଆଦି ମଧ୍ୟ ବ୍ୟବହାର କରିଥା'ନ୍ତି ; ଯାହାକୁ ଖାଇଲେ ଶରୀରକୁ ବିଷାକ୍ତ ପଦାର୍ଥ ଚାଲିଯାଏ ଏବଂ ପେଟ ସମସ୍ୟା ଉପୁଜିଥାଏ। ଏହାକୁ ଦୂର କରିବା ଲାଗି ବା ଶରୀରକୁ ଡିଟକ୍ସ ନିମିତ୍ତ ପ୍ରୋବାୟୋଟିକ୍ ସବୁଠୁ ଭଲ। ଏଥିପାଇଁ ଦହି ଖାଆନ୍ତୁ। ଏହାଦ୍ୱାରା ହଜମକ୍ରିୟା ଠିକ୍ ଭାବେ ହୋଇଥାଏ। ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା ବ୍ୟାକ୍ଟେରିଆଙ୍କୁ ସୁରକ୍ଷିତ ରଖିଥାଏ।

– ପୂଜା ଦିନରେ ଅତିକମ୍‌ରେ ଦିନକୁ ୩–୪ ଲିଟର ପାଣି ପିଅନ୍ତୁ। ବିଶେଷକରି ପୂଜା ଦିନମାନଙ୍କରେ ଖାଉଥିବା ଖାଦ୍ୟ ଭଲ ଭାବେ ହଜମ ହେବା ଲାଗି ଏହାଠୁ ଅଧିକ ପାଣି ପିଇପାରିଲେ ଭଲ। ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ଝାଳ ଏବଂ ପରିସ୍ରା ଦ୍ୱାରା ବାହାର କରିବା ସହ ତାପମାତ୍ରାକୁ ନିୟନ୍ତ୍ରଣରେ ରଖି ଶରୀରକୁ ସୁସ୍ଥ ରଖିଥାଏ।



– ପୂଜା ଆଳରେ ବୁଲାବୁଲି ସହ ବାହାରେ ଅଧିକ ଲୁଣ, ରାଗ, ତେଲ, ମସଲାଯୁକ୍ତ ଖାଦ୍ୟ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଠିକ୍ ନୁହେଁ। କାରଣ ଏହା ରକ୍ତଚାପ ବଢ଼ାଇବା ସହ ଶରୀରରେ ପାଣି ଜମା କରିଥାଏ। ଏହାଦ୍ୱାରା ଲିଭର ଏବଂ କିଡ୍‌ନୀ ସମସ୍ୟା ଉପୁଜିପାରେ। ତେଣୁ ପରେ ଶରୀରକୁ ଡିଟକ୍ସ କରିବା ଲାଗି ଖାଦ୍ୟରେ ଲୁଣମାତ୍ରା କମ୍ କରିବା ଆବଶ୍ୟକ।

– ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ବାହାର କରିବା ଲାଗି ଲାଉ, କାକୁଡ଼ି, ଅଦା, ଲେମ୍ବୁ, ଗାଜର, ବିଟ୍, ପାଳଙ୍ଗ ଆଦିର ଜୁସ୍ ପିଅନ୍ତୁ। ଏହା ଶରୀରକୁ ସୁସ୍ଥ ରଖିବା ଲାଗି ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇ ଦେଇଥାଏ।

### ଏ ସପ୍ତାହର ପ୍ରଶ୍ନ ?

୧– ଏନ୍‌ଏମ୍‌ଏସ୍‌ସିର ଫୁଲ୍‌ଫର୍ମ ............ ?
୨– ଆଇଏନ୍‌ଏସ୍ ରାଜାଲି ତାମିଲନାଡୁରେ ଥିବା ଏକ ............ ?
୩– ନିକଟରେ ........... ଦେଶ ଭାରତରୁ ବାଦାମ ଆମଦାନୀ ବନ୍ଦ କରିଦେଇଛି ?
୪– ଦି ଗଲ୍ଫ ଅଫ୍ ଫିନ୍‌ଲାଣ୍ଡ ................ ଠାରେ ରହିଛି ?
୫– ସ୍ୱେଶ୍ ଆଣ୍ଡ ମିଜାଇଲ୍ ଟ୍ରାକିଂଶିପ୍ ଉଆନ୍ ୟାଙ୍ଗ୍ ୫ ........ ଦେଶ ନିର୍ମାଣ କରିଛି ?

### ଗତ ଥରର ଉତ୍ତର

୧ ମହାରାଷ୍ଟ୍ର
୨ ୩୮
୩ ଚେନ୍ନାଇ
୪ ତାଞ୍ଜାନିଆ ଏବଂ କେନିଆ
୫ ଅକ୍ଟୋବର ୧୫

### ଉତ୍ତର ଦାତା


ଛବିଲାଲ୍ ଭାଟି
କଳାହାଣ୍ଡି



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର


ଶେଖ୍ ୟାକୁବ୍
ଗୋପ

## ଜାଣନ୍ତୁ ଦୁନିଆ

# ବିନା ଦୀପ ଆଉ ବତିରେ ଜଳୁଛି ଅଖଣ୍ଡ ଜ୍ୟୋତି

**ଆମ ଦେଶରେ ଅନେକ ଦେବୀ ମନ୍ଦିର ରହିଛି, ଯାହା ମଧ୍ୟରୁ ଏମିତି ଏକ ଅଲୌକିକ ଶକ୍ତିପୀଠ ରହିଛି; ଯେଉଁଠାରେ ବିନା ଦୀପ ଏବଂ ବତିରେ ଅଖଣ୍ଡ ଜ୍ୟୋତି ପ୍ରକାଶିତ ହେଉଥିବା ଦେଖିବାକୁ ମିଳେ। ହିମାଚଳ ପ୍ରଦେଶରେ ଥିବା ଏହି ଶକ୍ତପୀଠ ହେଉଛି ମା' ଜ୍ୱାଳା ଦେବୀ ମନ୍ଦିର। ଜାଣିବା ଏହି ମନ୍ଦିର ସମ୍ପର୍କରେ କିଛି କଥା...**



❖ଆମ ଦେଶରେ ଥିବା ୫୧ଟି ଶକ୍ତପୀଠ ମଧ୍ୟରେ ହିମାଚଳ ପ୍ରଦେଶରେ ଥିବା ଜ୍ୱାଳାଦେବୀ ମନ୍ଦିର ଅନ୍ୟତମ।

❖ଶିବାଲକ ପର୍ବତମାଳାର ପ୍ରାକୃତିକ ସୌନ୍ଦର୍ଯ୍ୟମୟ ପରିବେଶରେ ଥିବା ଏହି ମନ୍ଦିରର ଅନେକ ଧାର୍ମିକ ମାନ୍ୟତା ରହିଛି। ଏଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।

❖ହିନ୍ଦୁ ପୌରାଣିକ କଥା ଅନୁସାରେ, ଯେବେ ମା' ସତୀ ପିତା ଦକ୍ଷଙ୍କ ଯଜ୍ଞରେ ନିଜ ସ୍ୱାମୀ ଶିବଙ୍କ ଅପମାନ ସହି ନ ପାରି ଆତ୍ମଦାହ କରିଥିଲେ, ସେତେବେଳେ ଭଗବାନ ଶିବ ଅତ୍ୟନ୍ତ ରାଗରେ ସତୀଙ୍କ ଜଳିଯାଇଥିବା ଶରୀର ଧରି ବ୍ରହ୍ମାଣ୍ଡସାରା ବୁଲୁଥିଲେ। ଶିବଙ୍କୁ ଶାନ୍ତ କରିବା ଲାଗି ନାରାୟଣ ନିଜ ଚକ୍ରରେ ଦେବୀ ସତୀଙ୍କ ପୋଡ଼ା ଶରୀରକୁ କାଟି ଦେଇଥିଲେ, ଯାହାକି ଖଣ୍ଡ ଖଣ୍ଡ ହୋଇ ବିଭିନ୍ନ ସ୍ଥାନରେ ପଡ଼ିଥିଲା। ଉକ୍ତ ସ୍ଥାନଗୁଡ଼ିକ ପରବର୍ତ୍ତୀ ସ୍ଥାନରେ ଶକ୍ତିପୀଠ ପାଲଟିଛି। ତେବେ କୁହାଯାଏ, ଏଠାରେ ମା'ଙ୍କ ଜିଭ ପଡିଥିଲା ; ଯାହାକି ଏବେ ବି ନିରନ୍ତର ଜଳୁଛି ଏବଂ ତାହା ମା' ଜ୍ୱାଳାମୁଖୀଙ୍କ ନାମରେ ପରିଚିତ।

❖ଏହା ବ୍ୟତୀତ ଆଉ କେତେକ କିମ୍ବଦନ୍ତୀ ବି ରହିଛି। କୁହାଯାଏ, ମୋଗଲ ବାଦଶାହ ଆକବର ଯେବେ ଏହି ମନ୍ଦିର ବିଷୟରେ ଜାଣିଲେ, ନିଜ ସେନାବାହିନୀ ଧରି ଏହି ଜ୍ୟୋତି ଲିଭେଇବା ଲାଗି ଆସିଲେ। ହେଲେ ବହୁ ଚେଷ୍ଟା ପରେ ମଧ୍ୟ ଅସଫଳ ରହିଥିଲେ। ଆଉ ଏଥିପାଇଁ ସେ ମଧ୍ୟ ଏହି ଅଲୌକିକ ଘଟଣାରେ ବିଶ୍ୱାସ କରିବା ସହ ଉକ୍ତ ମନ୍ଦିରରେ ସୁନାର ଛତ୍ର ଚଢ଼ାଇଥିଲେ।

❖ଏହି ମନ୍ଦିରର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ କୌଣସି ମୂର୍ତ୍ତିର ପୂଜା କରାଯାଇ ନ ଥାଏ। ମନ୍ଦିରର ବିଭିନ୍ନ ସ୍ଥାନରେ ଅନାଦି କାଳରୁ ପ୍ରାକୃତିକ ଜ୍ୟୋତି ପ୍ରଜ୍ୱଳିତ ହୋଇଆସୁଛି, ଯାହାକୁ ମା'ଙ୍କ ସ୍ୱରୂପ ବୋଲି ଗ୍ରହଣ କରାଯାଏ ଏବଂ ଭକ୍ତ ଉକ୍ତ ଜ୍ୟୋତିକୁ ପୂଜାର୍ଚ୍ଚନା କରିଥା'ନ୍ତି।

❖କିମ୍ବଦନ୍ତୀ ଅନୁଯାୟୀ, କେତେକ ସ୍ଥାନରେ ଏମିତିବି ବର୍ଣ୍ଣନା ରହିଛି ଯେ, ଏହି ମନ୍ଦିରକୁ ପାଣ୍ଡବମାନେ ନିର୍ମାଣ କରାଇଥିଲେ। ସେବେଠୁ ଏହାକୁ ଆସ୍ଥା ଏବଂ ଶ୍ରଦ୍ଧାର ପ୍ରତୀକ ବୋଲି ବିଶ୍ୱାସ କରାଯାଉଛି। ମାର୍ଚ୍ଚ–ଏପ୍ରିଲ୍ ଏବଂ ଅକ୍ଟୋବର–ନଭେମ୍ବରରେ ନବରାତ୍ର ସମୟରେ ଏଠାରେ ମେଳା ଆୟୋଜନ ହୋଇଥାଏ ଏବଂ ଦେଶ ବିଦେଶରୁ ଅନେକ ଶ୍ରଦ୍ଧାଳୁ ଏଠାରେ ଉପସ୍ଥିତ ହୋଇ ମା'ଙ୍କ ପୂଜା କରିଥା'ନ୍ତି। ଏହି ସମୟରେ ଏଠାକାର ଦୃଶ୍ୟ ଆହୁରି ଭବ୍ୟ ଓ ମନୋରମ ହୋଇଉଠେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ସମୟରେ ମା'ଙ୍କ ସମ୍ମୁଖରେ ସମ୍ପୂର୍ଣ୍ଣ ଶ୍ରଦ୍ଧା ଓ ନିଷ୍ଠାର ସହିତ ଭକ୍ତ ଯେଉଁ ମନସ୍କାମନା କରନ୍ତି, ତାହା ନିଶ୍ଚୟ ପୂରଣ ହୋଇଥାଏ।



Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




Finance Partners: TVS CREDIT, IDFC FIRST Bank ALWAYS YOU FIRST, SHRIRAM Finance, L&T Finance, Muthoot Finance, TATA CAPITAL Two Wheeler Loans

#Odisha Ex-showroom price of TVS Sport ES Variant. Prices are subject to change without any prior notice. ^Price Benefit from Revised GST rates on TVS Sport ES+ Variant.
**Finance at the sole discretion of the financer. Price Mentioned are Applicable from 22nd Sep'25. Limited period offer. Accessories shown here may not be part of standard fitment. *T&C apply.

FOR ALL BULK/INSTITUTIONAL REQUIREMENTS PLEASE MAIL: corporate.customersupport@tvsmotor.com Authorised Main Dealers: RAYAGADA: MMG TVS: 7894471604, JEYPORE: HINDUSTAN TVS: 8763999922, 9583111111. Authorised Dealers: MUNIGUDA:9583860028, BISHAMKETAK:7978406095, AMBODALA:9937693996, NABARANGPUR:7008803779, BALIMELA:9938414027, GOVINDAPALLI:6370277289, KALIMELA:7684072556, UMERKOTE:9937060382, KOTPAD:7008549433, MALKANGIRI:9437215287, SIMILIGUDA :9438222684, BODIGUMMA:9937651399, PAPADAHANDI:9777522522, JHARIGOAN:9777655520, JAIPATNA:9178236679, RAIGHAR:7682004105, KUNDRA:8480287974, KORAPUT:9938882860, LAMTAPUT:7008272319, LAXMIPUR:8090909705

# ଦଶହରା ନୀତିକାନ୍ତି ପାଇଁ ପ୍ରସ୍ତୁତ ୪ ଦେବୀପୀଠ


ଗାଲଗାଡା ବାଟମଙ୍ଗଳା ।


ଚାଟୁଆ ଗୁମାଭୈରବୀ ।


ଦୁଆରଶୁଣୀ ।


ସିନ୍ଦୂର ଗୋଛିଆଣୀ ।

**ନନ୍ଦପୁର, ୨୭।୯ (ତୁଷାରକାନ୍ତ ମହାନ୍ତି)**

କୋରାପୁଟ ଜିଲାର ରାଜକୀୟ ଇତିହାସରେ ନନ୍ଦପୁର ରାଜା ଓ ରାଜଧାନୀର ସ୍ୱତନ୍ତ୍ର ସ୍ଥାନ ରହିଛି। ରାଜା ରାଜଧାନୀ ନନ୍ଦପୁରର ସୁରକ୍ଷା ଦେବୀଦେବଙ୍କ ଦ୍ୱାରା କରୁଥିବା ସ୍ଥାପିତ କିମ୍ବଦନ୍ତୀ ଓ ଲୋକକଥାରୁ ଜଣାପଡ଼ିଛି। ନନ୍ଦପୁରର ସୁରକ୍ଷା ପାଇଁ ରାଜା ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଚାଟୁଆରେ ଦେବୀ ଗୁମା ଭୈରବୀ, ଗାଲଗାଡ଼ା ଘାଟ ନିକଟରେ ବାଟମଙ୍ଗଳା, ନନ୍ଦପୁର ବସ୍‌ଷ୍ଟାଣ୍ଡ ନିକଟରେ ଦେବୀ ସିନ୍ଦୂର ଗୋଛିଆଣୀ ଓ ଭିତରଗଡ଼ ପ୍ରବେଶ ପଥରେ ଦେବୀ ଦୁଆରଶୁଣୀଙ୍କୁ ପ୍ରତିଷ୍ଠା କରିଥିଲେ। ପରେ ନାରାୟଣପାଟଣା ଓ ଜୟପୁର ରାଜଧାନୀ ସ୍ଥାନାନ୍ତର କରାଗଲା। ଏହା ପରେ ରାଜ ଶାସନର ସମାପ୍ତି ହୋଇଥିଲା। ଦେବୀଦେବ ଆସ୍ଥାନରେ ରହି ବର୍ତ୍ତମାନ ମଧ୍ୟ ନନ୍ଦପୁରର ସୁରକ୍ଷା କରୁଥିବା ସ୍ଥାନୀୟ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ସମସ୍ତ ପୀଠରେ ରାଜାଙ୍କ ପ୍ରସ୍ତୁତ ବିଧି ଅନୁସାରେ ପୂଜାର୍ଚ୍ଚନା କରାଯାଉଥିବାରୁ ଚଳିତ ବର୍ଷ ଦଶହରା ଅଷ୍ଟମୀ ପୂଜା ନୀତି ପାଇଁ ୪ ପୀଠ ଚଳଚଞ୍ଚଳ ହୋଇଛି।

ବିଶାଖାପାଟଣା-ଜୟପୁର ସଂଯୋଗ କରୁଥିବା ରାଜପଥର ଚାଟୁଆ ପଞ୍ଚାୟତ ମାଳିଗୁଡ଼ା ନିକଟରେ ଗୁମା ଭୈରବୀ ମନ୍ଦିର ରହିଛି । ପୀଠରେ ଗୁମା ଭୈରବୀଙ୍କ ପ୍ରତି ରବିବାର, ମଙ୍ଗଳବାର, ଶୁକ୍ରବାର ସମେତ ପୌଷ ଚୈତ୍ର ଓ ଆଶ୍ୱିନ ମାସର ଅଷ୍ଟମୀ ତିଥିରେ ପୂଜାର୍ଚ୍ଚନା କରାଯାଏ। ଚୈତ୍ର ମାସରେ ଦେବୀଙ୍କ ଚାଟୁଆ ଗାଁ ନଗର ପରିକ୍ରମା ଯାତ୍ରା କରାଯାଏ।

### ଦେବୀଦେବ ଅଞ୍ଚଳକୁ ସୁରକ୍ଷା ଦେଉଥିବା ଲୋକଙ୍କ ବିଶ୍ୱାସ

ଦୂରଦୂରାନ୍ତରୁ ଭକ୍ତ ମାନସିକ ଓ ପୂଜାର୍ଚ୍ଚନା କରିବାକୁ ଆସନ୍ତି। ଲୋକଙ୍କ ବିଶ୍ୱାସ ଆଜି ବି ଦେବୀ ଆଦିବାସୀ ମହିଳା ବେଶଭୂଷାରେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ନିଶାର୍ଦ୍ଧ ରାତ୍ରିରେ ଘୋଡ଼ା ଚଢ଼ି ସୀମାନ୍ତ ଅଞ୍ଚଳର ଜଗୁଆଳି କରନ୍ତି।

ସେମିଳିଗୁଡ଼ା-ନନ୍ଦପୁର ସଂଯୋଗ କରୁଥିବା ଏମ୍‌ଡିଆର୍ ୫୫ ରାସ୍ତାର ଖୁର୍ଜୀ ପଞ୍ଚାୟତ ଗାଲପୁଟ ଗ୍ରାମ(ଗାଲଗାଡ଼ା ଘାଟି) ନିକଟରେ ବାଟମଙ୍ଗଳା ମନ୍ଦିର ରହିଛି। ବାଟମଙ୍ଗଳାଙ୍କ ପୀଠରେ ବର୍ଷ ସାରା ମଙ୍ଗଳବାର ଶୁକ୍ରବାର, ଚୈତ୍ରମାସ ସମେତ ଆଶ୍ୱିନ ମାସର ସପ୍ତମୀ ଓ ଅଷ୍ଟମୀ ତିଥିରେ ପୂଜାର୍ଚ୍ଚନା କରାଯାଏ। ଚୈତ୍ର ମାସରେ ମନ୍ଦିର ପରିସରରେ ଯାତ୍ରା ହୋଇଥାଏ। ନନ୍ଦପୁର ପ୍ରବେଶ ଓ ନିକାସ ସମୟରେ ଗାଡ଼ି ମୋଟର ପୀଠରେ ପୂଜାର୍ଚ୍ଚନା କରନ୍ତି। ଭକ୍ତ ମାନସିକକରି ସଫଳ ହେଲେ ପୂଜାବିଧି ସମ୍ପନ୍ନ କରନ୍ତି ବୋଲି ପୂଜକ ଘାସିରାମ ପାଙ୍ଗୀ କହିଛନ୍ତି। ନନ୍ଦପୁର ବସ୍‌ଷ୍ଟାଣ୍ଡ ନିକଟରେ ଦେବୀ ସିନ୍ଦୂର ଗୋଛିଆଣୀଙ୍କ ଆସ୍ଥାନ ରହିଛି। ଦେବୀଙ୍କୁ ଭୂତାଲ ପରିବାର ପୂଜା କରିଥାନ୍ତି। ମନ୍ଦିର ଖୋଲା ଆକାଶ ତଳେ ରହିଛି। ଭିତରଗଡ ତଥା କଥିତ ରାଜାଙ୍କ ନଅର ପ୍ରବେଶ ପଥର ଗଙ୍ଗେସିଉଣୀ ନଦୀକୂଳ ଯୋଗୀସାହି ଶେଷମୁଣ୍ଡରେ ଦେବୀ ଦୁଆରଶୁଣୀ ପ୍ରତିଷ୍ଠିତ। ଏଠାରେ ପୂଜାର୍ଚ୍ଚନା ପରେ ଭିତରଗଡ଼କୁ ପ୍ରବେଶ ଅନୁମତି ମିଳେ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ପୀଠପୂଜା ଯୋଗୀ ପରିବାର ଦ୍ୱାରା କରାଯାଏ। ବର୍ତ୍ତମାନ ପୂଜକ ବୁଢୁ ଲକେଇ ଦଶହରା ନୀତିକାନ୍ତି ପାଇଁ ପ୍ରସ୍ତୁତ ହେଉଥିବା କହିଛନ୍ତି। ରାଜାଙ୍କ ଦ୍ୱାରା ସ୍ଥାପିତ ସମସ୍ତ ଦେବୀପୀଠ ବର୍ତ୍ତମାନ ଦେବୋତ୍ତର ବିଭାଗ ଅଧୀନରେ ରହିଛି। କିନ୍ତୁ ବିଭାଗୀୟ ଅଣଦେଖା ଓ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିରଗୁଡ଼ିକ ଅବହେଳିତ ଅବସ୍ଥାରେ ରହିଛି। ସ୍ଥାନୀୟ ବାସିନ୍ଦା ତଥା ଆଦିବାସୀ ବର୍ଗ ଆସ୍ଥା ଓ ବିଶ୍ୱାସକୁ ରକ୍ଷା କରିବାକୁ ଦେଖରେଖ କରୁଛନ୍ତି। ଏହି ୪ ପୀଠର ଆଶାତୀତ ଉନ୍ନତି ହୋଇ ନ ଥିବା ବୁଦ୍ଧିଜୀବୀ କହିଛନ୍ତି।

## ଗଞ୍ଜେଇ ଚାଲାଣକାରୀଙ୍କ ୨ ସହଯୋଗୀ ଗିରଫ

**କୋରାପୁଟ, ୨୭।୯ (ଅମିତାଭ ବେହେରା)**

କୋରାପୁଟ ଜିଲାରୁ ବିଭିନ୍ନ ରାଜ୍ୟକୁ ଗଞ୍ଜେଇ ଚାଲାଣ କରୁଥିବା ବ୍ୟକ୍ତିଙ୍କ ୨ ସହଯୋଗୀଙ୍କୁ ସ୍ଥାନୀୟ ରେଲୱେ ପୋଲିସ ଶନିବାର ଗିରଫକରି ଏକ ବାଇକ୍ ଜବତ କରିଛି। ଅଭିଯୁକ୍ତ ହେଲେ ନବୀନ ପୂଜାରୀ ଏବଂ ରାମ ଟାକ୍ରୀ। ଜିଲାର ବିଭିନ୍ନ ଗ୍ରାମାଞ୍ଚଳରୁ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ଏହି ୨ ଯୁବକ ଗାଁରୁ ଗଞ୍ଜେଇ ଆଣି ଷ୍ଟେଶନରେ ପହଞ୍ଚାଉଥିବା ରେଲୱେ ଥାନାଧିକାରୀ ସନ୍ତୋଷୀ ମହନ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ହାଇଦ୍ରାବାଦ ପଠାଉଥିବା ବେଳେ ୨ଜଣଙ୍କୁ ଗିରଫ କରାଯାଇଥିଲା। ଏ ନେଇ କୋରାପୁଟ ରେଲ୍‌ୱେ ଥାନାରେ ୨୫/୨୫ରେ ଏକ ମାମଲା ରୁଜୁ ହୋଇଛି। ୨ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ରେଲୱେ ଥାନାଧିକାରୀ ମହନ୍ତ ସୂଚନା ଦେଇଛନ୍ତି।

## ଗୁପ୍ତେଶ୍ୱର ୪ଜି ଏଲ୍‌ଡବ୍ଲ୍ୟୁଇ ଅପ୍‌ଗ୍ରେଡେଶନ ସାଇଟ୍ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଉପସ୍ଥିତ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଓ ଅନ୍ୟ ଅତିଥିମାନେ।

**କୋରାପୁଟ, ୨୭।୯ (ଅମିତାଭ ବେହେରା)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ କୋରାପୁଟ ଜିଲା ଗୁପ୍ତେଶ୍ୱର ୪ଜି ଏଲ୍‌ଡବ୍ଲ୍ୟୁଇ ଅପ୍‌ଗ୍ରେଡେଶନ୍ ସାଇଟ୍ ଶନିବାର ଉଦ୍‌ଘାଟନ କରିଛନ୍ତି। ଏଥିରେ ମୁଖ୍ୟ ଅତିଥି କୋଟପାଡ଼ ବିଧାୟକ ରୂପୁ ଭତ୍ରା, ବୈପାରିଗୁଡ଼ା ବିଡିଓ ଶକ୍ତି ପ୍ରସାଦ ମହାପାତ୍ର ଏବଂ ତହସିଲଦାର ସ୍ନିଗ୍ଧା ଚୌଧୁରୀ ଏବଂ ଗୁପ୍ତେଶ୍ୱର ସରପଞ୍ଚ ପଦ୍ମା ଧାରୁଆ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଗୁପ୍ତେଶ୍ୱର ଏଲ୍‌ଡବ୍ଲ୍ୟୁଇ ସାଇଟ୍‌ରେ ଭିସାଟ୍ ମାଧ୍ୟମରେ ୨ଜି ସେବା ଉପଲବ୍ଧ ଥିଲା। ଏହା ବର୍ତ୍ତମାନ ୪ଜି ପ୍ରଯୁକ୍ତି ବିଦ୍ୟାରେ ଅପ୍‌ଗ୍ରେଡ୍ ହୋଇ ଓଏଫ୍‌ସି ମାଧ୍ୟମରେ ସଂଯୁକ୍ତ ହୋଇଛି। ସାଇଟ୍ ସ୍ୱଦେଶୀ ଉପକରଣ ବ୍ୟବହାରକରି ୪ଜି ସେବା ପ୍ରଦାନ କରୁଛି। କାର୍ଯ୍ୟକ୍ରମରେ କୋରାପୁଟ ବିଏସ୍‌ଏନ୍‌ଏଲ୍‌ର ପିଜିଏମ୍ ରଞ୍ଜିତ କୁମାର ସାହୁଙ୍କ ନେତୃତ୍ୱରେ ମନୀଷ କୁମାର (ଡିଜିଏମ୍), ପ୍ରେମରାଜ ଭୋଇ (ଆଇଏଫ୍‌ଏ), ରାମଦୁଲାଲ ମାଝୀ(ଡିଜିଏମ୍) ଓ ଅନ୍ୟ ବିଏସ୍‌ଏନ୍‌ଏଲ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।

## ରୂପକ କୋରାପୁଟ ଜିଲା କଂଗ୍ରେସ ସଭାପତି

**କୋରାପୁଟ, ୨୭।୯ (ଅମିତାଭ ବେହେରା)**


ରୂପକ ତୁରୁକ

ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମାଲିକାର୍ଜୁନ ଖଡଗେଙ୍କ ଅନୁମୋଦନ ପରେ ଓଡ଼ିଶାର ବିଭିନ୍ନ ଜିଲା ପାଇଁ ସଭାପତି ନିଯୁକ୍ତ କରାଯାଇଛି। ଯୁବନେତା ତଥା ପିସିସି ସମ୍ପାଦକ ଆଇନଜୀବୀ ରୂପକ ତୁରୁକଙ୍କୁ କୋରାପୁଟ ଜିଲା କଂଗ୍ରେସ କମିଟି ସଭାପତି ଭାବେ ଚୟନ କରାଯାଇଛି। ତୁରୁକଙ୍କ ନାମ ଘୋଷଣା ହେବା ପରେ କୋରାପୁଟ ଏମ୍‌ପି ସପ୍ତଗିରୀ ଶଙ୍କର ଉଲ୍ଲାକା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କଂଗ୍ରେସ ବିଧାୟକ ଦଳ ନେତା ତଥା ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ମହିଳା କଂଗ୍ରେସ ରାଜ୍ୟ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପୂର୍ବତନ ବିଧାୟକ ନିମାଇ ସରକାର, ବରିଷ୍ଠ କଂଗ୍ରେସ ନେତା ଜଗଦୀଶ ଖୋସଲା, ବାବୁଲା ବେହିଆ ଓ ମନୋଜ ଆଚାର୍ଯ୍ୟ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ସଂସ୍କୃତ ବିଦ୍ୟାପୀଠ ଆରମ୍ଭ ନେଇ ସିଏସ୍‌ୟୁର ଅନୁବନ୍ଧନ

**କୋରାପୁଟ, ୨୭।୯ (ଅମିତାଭ ବେହେରା)**



ଖବରଦାତା ସମ୍ମିଳନୀରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ।

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ସଂସ୍କୃତ ବିଦ୍ୟାପୀଠ ଆରମ୍ଭ ପାଇଁ ନୂଆଦିଲ୍ଲୀ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁବନ୍ଧନ ପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଶାବର ଶ୍ରୀକ୍ଷେତ୍ର ଜ୍ଞାନମନ୍ଦିର ପରିସରରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜୟପୁର ବିଧାୟକ ତଥା ଶାବର ଶ୍ରୀକ୍ଷେତ୍ର ସଂସ୍କୃତ ବିଦ୍ୟାପୀଠର ପରିଚାଳନା କମିଟି ଅଧ୍ୟକ୍ଷ ତାରାପ୍ରସାଦ ବାହିନୀପତି ପ୍ରକାଶ କରିଛନ୍ତି। ଅସ୍ଥାୟୀ ଭାବେ ଏହାକୁ ଶାବର ଶ୍ରୀକ୍ଷେତ୍ର ଜ୍ଞାନମନ୍ଦିରରେ ଆରମ୍ଭ କରାଯିବ। ଚଳିତ ୨୦୨୫-୨୬ ଶିକ୍ଷା ବର୍ଷରେ ପ୍ରଥମା, କର୍ମକାଣ୍ଡ ଓ ଯୋଗ ଆଦି ୩ ବିଷୟ ଶିକ୍ଷା ଆରମ୍ଭକରି ପ୍ରତି ବିଷୟରେ ୨୦ ଲେଖାଏ ସିଟ୍ ରହିବ ବୋଲି ସେ ସୂଚନା ଦେଇଛନ୍ତି। ୨୦୨୬-୨୭ ଶିକ୍ଷା ବର୍ଷରୁ ପ୍ରଥମା, ପୂର୍ବ ମଧ୍ୟମା, ପ୍ରାକ୍‌ଶାସ୍ତ୍ରୀ, କର୍ମକାଣ୍ଡ, ପୁରୋହିତ୍ୟ ପାଠ୍ୟକ୍ରମ ତଥା ଯୋଗ ଶାସ୍ତ୍ରରେ ପିଜି ଡିପ୍ଲୋମା ଅଧ୍ୟୟନ ପାଇଁ ପାଠପଢ଼ା ଆରମ୍ଭ ହେବା ନେଇ ମନ୍ଦିର ପରିଚାଳନା କମିଟି ଭାରପ୍ରାପ୍ତ ସମ୍ପାଦକ ଭବାନୀ ଶଙ୍କର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୨୦୨୫ ରଥଯାତ୍ରା ସମୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଓଡ଼ିଶାର କେତେଜଣ ମନ୍ତ୍ରୀ, ବିଧାୟକ, ନୂଆଦିଲ୍ଲୀସ୍ଥିତ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ଏବଂ ଜଗନ୍ନାଥ ମନ୍ଦିରର ସଦସ୍ୟ ମଧ୍ୟରେ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଏକ ସଂସ୍କୃତ ବିଦ୍ୟାପୀଠ ଆରମ୍ଭ ନେଇ ଆଲୋଚନା ହୋଇଥିଲା। ସେପ୍ଟେମ୍ବରରେ ଏକ ଅନୁଧ୍ୟାନ କମିଟି କୋରାପୁଟ ଆସି ଶାବର ଶ୍ରୀକ୍ଷେତ୍ରର ମନ୍ଦିରର ଜ୍ଞାନ ମନ୍ଦିର ଓ ପାଠାଗାର, ଯାତ୍ରୀକୁଟୀର, କଲ୍ୟାଣ ମଣ୍ଡପ, ପାଞ୍ଚବଟୀ ଉଦ୍ୟାନ ଓ ଜମିବାଡ଼ି ଆଦି ଅନୁଧ୍ୟାନ କରିଥିଲେ। ଗୁରୁବାର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପତ୍ର ସଂଖ୍ୟା ୧୧୫୪ରେ କୋରାପୁଟରେ ପ୍ରତିଷ୍ଠିତ ହେବାକୁ ଯାଉଥିବା ଶାବର ଶ୍ରୀକ୍ଷେତ୍ର ସଂସ୍କୃତ ବିଦ୍ୟାପୀଠକୁ ଅନୁବନ୍ଧନ ପତ୍ର ପ୍ରଦାନ କରିଛନ୍ତି। ଖବରଦାତା ସମ୍ମିଳନୀରେ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ଡ.ଜଗବନ୍ଧୁ ସାମଲ, ପରିଚାଳନା କମିଟି ସଦସ୍ୟ, ବୁଦ୍ଧିଜୀବୀ ଓ ବହୁ ଖବରଦାତା ପ୍ରମୁଖ ଉପସ୍ଥିତ ଥିଲେ।

## ଓଏଏସ୍ ପରୀକ୍ଷାର କୃତୀ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ

**କୋରାପୁଟ, ୨୭।୯ (ଅମିତାଭ ବେହେରା)**

କୋରାପୁଟ ଜିଲା ପ୍ରଶାସନ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ମିଳିତ ଭାବେ ପରିଚାଳିତ ସେମିଳିଗୁଡାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ସିଭିଲ ସର୍ଭିସ କୋଚିଂ କେନ୍ଦ୍ରର ୩ ପ୍ରଶିକ୍ଷଣାର୍ଥୀଙ୍କୁ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ପାଇଁ ଜିଲାପାଳ ମନୋଜ ସତ୍ୟବାନ ମହାଜନ ତାଙ୍କ କାର୍ଯ୍ୟାଳୟରେ ଶନିବାର ସମ୍ବର୍ଦ୍ଧିତ କରିଛନ୍ତି। ଜିଲାପାଳ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନିଷ୍ଠାର ସହ ଲୋକଙ୍କ ସେବା କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେମିଳିଗୁଡା ଭଳି ଉପାନ୍ତ ଅଞ୍ଚଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଶହୀଦ ଲକ୍ଷ୍ମଣ ନାୟକ ସିଭିଲ ସର୍ଭିସ ଅନୁଷ୍ଠାନ ଆରମ୍ଭ କରାଯାଇଥିଲା। ଏହି ଅନୁଷ୍ଠାନରୁ କୃତିତ୍ୱ ହାସଲ କରି ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରେରଣା ହେବାକୁ ଜିଲାପାଳ କହିଛନ୍ତି। ଏହି ସମୟରେ ପ୍ରବେସନାରୀ ଆଇଏଏସ୍ ସନ୍ତୋଷ କୁମାର ପାତ୍ର, ଜିଲା ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ୧୬୪ ର୍‍ୟାଙ୍କଧାରୀ ଶୁଭଶ୍ୱେତା ମହାରଣା, ୩୬୫ ର୍‍ୟାଙ୍କରେ ଥିବା ଅଭିଷେକ ବାବୁ ପେଟିଆ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ.ଫୋଗୁନାଥ ଭୋଇ, ପ୍ରଫେସର କପିଲ ଖେମୁଣ୍ଡୁ, କୋଚ କୋଡିନେଟର ଚନ୍ଦ୍ର ମଣି ଖେମୁଣ୍ଡୁ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ମନୋଜ ସତ୍ୟବାନ ମହାଜନ କୃତୀମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଓଏଏସ୍ ପରୀକ୍ଷାରେ ଜୟପୁର, ବୋରିଗୁମ୍ମା, ସେମିଳିଗୁଡ଼ାର ପରୀକ୍ଷାର୍ଥୀ କୃତକାର୍ଯ୍ୟ


ଗୌତମ ପ୍ରଧାନ


ବିଶାଳ ଦେବଜାନୀ


ରମେଶ ହରିଜନ


ଚନ୍ଦୁ ପେଟିଆ


ପୂଜା ଯୋଶୀ


ପରିବାର ସହ ସଂଗ୍ରାମ।

**ଜୟପୁର/ସୁନାବେଡ଼ା/ ବୋରିଗୁମ୍ମା, ୨୭।୯ (ପବନ ପାଣିଗ୍ରାହୀ/ କୃତ୍ତିବାସ ପ୍ରଧାନ/ବିଜୟ ସାହୁ)**

ନିଷ୍ଠା ଓ ଦୃଢ ଇଚ୍ଛା ଶକ୍ତି ବଳରେ ଓଡିଶା ପ୍ରଶାସନିକ ସେବା(ଓଏଏସ୍)ପରୀକ୍ଷାରେ କୋରାପୁଟ ଜିଲା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହାସଲ କରିଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀ ସଫଳତା ଜିଲା ପାଇଁ ଗର୍ବ ଗୌରବ ଆଣିଛି। ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସଂଗ୍ରାମ ହିକୋକା କୃତକାର୍ଯ୍ୟ ହାସଲ କରିଛନ୍ତି। ସେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଇଂଲିଶ ପିଜିର ଦ୍ୱିତୀୟ ବର୍ଷର ଛାତ୍ର। ପ୍ରଶାସନିକ ଅଧିକାରୀ ହେବା ଲକ୍ଷ୍ୟ ନେଇ ସଂଗ୍ରାମ ଓଏଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିଥିଲେ। ବିନା କୋଚିଂରେ ସଂଗ୍ରାମ ୩୮ ର୍‍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୦୨୩ ଓଏଏସ୍ ପରୀକ୍ଷାରେ ସଂଗ୍ରାମଙ୍କ ସଂଗ୍ରାମଙ୍କ ବଡ଼ ଭଉଣୀ ୪୧୩ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଥିଲେ। ମା' ଉମା ମାହେଶ୍ୱରୀ ଜୟପୁର ବ୍ଲକ କାର୍ଯ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପୁଅ ସଫଳତା ପାଇବା ପରେ ବିଡିଓ ଶକ୍ତି ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଶୁଭେଚ୍ଛା ଜଣାଇଛନ୍ତି।

ସେମିଳିଗୁଡ଼ା ବ୍ଲକ୍ କଲୋନିର ପୂଜା ଯୋଶୀ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରିଛନ୍ତି। ସେ ପରୀକ୍ଷାରେ ୧୧ତମ ସ୍ଥାନ ଅଧିକାର କରିଛନ୍ତି। ପରିଶ୍ରମର ଫଳ ପାଇଥିବା ଓ ପରିଶ୍ରମ କଲେ ଫଳ ନିଶ୍ଚିତ ମିଳିବ ବୋଲି ଧରିତ୍ରୀ ଖବରଦାତାଙ୍କୁ ପ୍ରତିକ୍ରିୟା ଦେଇ କହିଛନ୍ତି। ସଫଳତାର ଶ୍ରେୟ ସେ ତାଙ୍କ ବାପା ସ୍ୱର୍ଗତ ଆର୍.ପି.ଯୋଶୀ ଓ ମା' ସୀତାଙ୍କ ସମେତ ସମସ୍ତ ଗୁରୁଜନଙ୍କୁ ଦେଇଛନ୍ତି। ସେହିପରି ସ୍ଥାନୀୟ ଅଞ୍ଚଳର ଚନ୍ଦୁ ପେଟିଆ ୩୬୫ ସ୍ଥାନରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ସଫଳତାର ଶ୍ରେୟ ବାପା ଭଗବାନ ପେଟିଆ, ମା' ସୁମିତ୍ରା ଓ ଗୁରୁଜନଙ୍କୁ ଦେଇଛନ୍ତି।

ସେହିପରି ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ ବୋରିଗୁମ୍ମାର ୪ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହାସଲ କରିଛନ୍ତି। ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ଉଚ୍ଚ ସ୍ତରରେ ପ୍ରତିଫଳିତ ହୋଇଛି। ବୋରିଗୁମ୍ମାର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ କବିତା ପ୍ରଧାନଙ୍କ ପୁଅ ଗୌତମ ର୍‍ୟାଙ୍କ ୩୦, ସ୍ୱର୍ଗତ ଟଙ୍କଧର ଜାନି ଏବଂ ଅଞ୍ଜୁ ଜାନିଙ୍କ ପୁଅ ବିଶାଳ ଦେବ ଜାନୀ ର୍‍ୟାଙ୍କ ୩୨୭, ଭବାନୀ ଶଙ୍କର ପାଢ଼ୀଙ୍କ ଧର୍ମପତ୍ନୀ ଶୁଭଶ୍ୱେତା ମହାରଣା ର୍‍ୟାଙ୍କ ୧୬୪, ପରସଲା ଗ୍ରାମର ଧନପତି ହରିଜନ ଓ ଦଇମତିଙ୍କ ପୁଅ ରମେଶ ହରିଜନ ୨୫୭ ର୍‍ୟାଙ୍କ ରଖି ସଫଳତା ହାସଲ କରିଛନ୍ତି। ସମସ୍ତଙ୍କୁ ପରିବାର, ସମ୍ପର୍କୀୟ ଓ ବୋରିଗୁମ୍ମାବାସୀଙ୍କ ପକ୍ଷରୁ ଶୁଭେଚ୍ଛା ଦିଆଯାଇଛି।

## କୃଷି ଉତ୍ପାଦନ ବଜାରୀକରଣ, ଏନ୍‌ସିଡିସି ଋଣ କର୍ମଶାଳା

**ଜୟପୁର, ୨୭।୯ (ପବନ ପାଣିଗ୍ରାହୀ)**

କୋରାପୁଟ ସମବାୟ ବିଭାଜନ ଦ୍ୱାରା ଜୟପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଲିର ସହଯୋଗରେ କୃଷି ଉତ୍ପାଦନର ବଜାରୀକରଣ ଓ ଜାତୀୟ ସମବାୟ ବିକାଶ ନିଗମ(ଏନ୍‌ସିଡିସି) ଋଣ ନେଇ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ନିବନ୍ଧକ, କୋରାପୁଟ ସମବାୟ ବିଭାଜନ ଜୟପୁର ମୋନିକା ରାୟ, ସିଡିଏମ୍ ନାବାର୍ଡ ଏସ୍.କେ. ତାଲୁକଦାର, ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ ହରିଶ୍ଚନ୍ଦ୍ର ବନାଗାଡ଼ି, ଡିଡିଏମ୍ ନାବାର୍ଡ ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଜିଲାର ବିଭିନ୍ନ ଲ୍ୟାମ୍ପ ଓ ଅନ୍ୟ ସମବାୟ ସମିତି ସଭ୍ୟା ସଭ୍ୟ ଏବଂ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ। କୃଷି ଉତ୍ପାଦର ବଜାରୀକରଣ ସମ୍ପର୍କରେ କର୍ମଚାରୀମାନେ ଆଲୋକପାତ କରିଥିଲେ। ଇ-ନାମ୍ ମାଧ୍ୟମରେ ବଜାରୀକରଣ ନେଇ ସଚେତନ କରାଯାଇଥିଲା। ଏନ୍‌ସିଡିସି ଦ୍ୱାରା ଉପଲବ୍ଧ ଋଣ ସମ୍ପର୍କରେ ଡିଆର୍‌ସିଏସ୍ ଅଫିସର ଏସ୍‌ଏଆର୍‌ସିଏମ୍ ଶିଶିରକାନ୍ତ ଦାସ, ବ୍ୟାଙ୍କ ମ୍ୟାନେଜର ମନୋଜ ସାହୁ ଅଂଶ ଗ୍ରହଣକାରୀଙ୍କୁ ସୂଚନା ଦେଇଥିଲେ। ବ୍ୟାଙ୍କର ସଭାପତି ପାଣିଗ୍ରାହୀ ବ୍ୟାଙ୍କ ତରଫରୁ ରହିଥିବା ବିଭିନ୍ନ ଋଣର ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ଆଗାମୀ ଯୋଜନା ନେଇ ଆଲୋକପାତ କରିଥିଲେ। କର୍ମଶାଳାକୁ ଏସ୍‌ଆର୍‌ସିଏସ୍ ଶିଶିର କାନ୍ତ ଦାସ ପରିଚାଳନା କରିଥିଲେ।

## ଦେଶୀ ମଦ ଚାଲାଣ, ଜଣେ ଗିରଫ

**ଜୟପୁର, ୨୭।୯ (ପବନ ପାଣିଗ୍ରାହୀ)**

ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ଗଡିଆ ଧୋବା ସାହିର ସୁରେଶ ଚନ୍ଦ୍ର ନାୟକ। ଅବକାରି ଥାନା ପକ୍ଷରୁ ଗୋଡିଆ ଧୋବା ସାହିରେ ଚଢାଉ କରି ୬.୩ ଲିଟର ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଓଆଇସି ସୁବ୍ରତ କିଶୋରି ହିରଣ ସୂଚନା ଦେଇଛନ୍ତି।

## ଫେରାର ୪ ଅଭିଯୁକ୍ତ ଗିରଫ

**ଜୟପୁର, ୨୭।୯ (ପବନ ପାଣିଗ୍ରାହୀ)**

ଜୟପୁର ସଦର ପୋଲିସ ଫେରାର ୪ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଫାମ୍ପୁଣି ଗ୍ରାମର ଦୁର୍ଯ୍ୟୋଧନ ବାଘ, ଭୀମ ବାଘ, ଧନୁ ହରିଜନ ଓ ଭକ୍ତରାମ ହରିଜନ। ସୂଚନା ଅନୁଯାୟୀ, ଏହି ୪ ଅଭିଯୁକ୍ତଙ୍କ ନାଁରେ ଜୟପୁର ସଦର ଥାନାରେ ୨୦୧୬ରେ ଅପରାଧିକ ମାମଲା ଥିଲା। ସେହିଦିନଠାରୁ ସେମାନେ ଫେରାର ଥିଲେ। ଅଭିଯୁକ୍ତମାନଙ୍କୁ ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଚୋରି ମାମଲାରେ ସାଇଣ୍ଟିଫିକ୍ ଟିମର ତଦନ୍ତ

**ଜୟପୁର, ୨୭।୯ (ପବନ ପାଣିଗ୍ରାହୀ)**

ଜୟପୁର ସଦର ଥାନା ଅଧୀନ ବାଙ୍କବିଜାରେ ଚୋରି ହୋଇଥିବା ବେଳେ ଜୟପୁର ସଦର ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଶନିବାର ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ସଦର ଥାନାରେ ବାଙ୍କବିଜାର ପ୍ରକାଶ ଦୋରା ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବାର ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଫ୍ରିଜ, ଖଟ, ଆଦି ଚୋରି କରି ନେଇଥିଲେ ।

## ପର୍ଯ୍ୟଟନସ୍ଥଳୀରେ ଦୁର୍ବଳ ସୁରକ୍ଷା ବ୍ୟବସ୍ଥା

**ନନ୍ଦପୁର, ୨୭।୯ (ତୁଷାର କାନ୍ତ ମହାନ୍ତି)**

ପର୍ଯ୍ୟଟନ ହବ କୋରାପୁଟ ଜିଲାର ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ବ୍ୟବସ୍ଥା ଦୁର୍ବଳ ଥିବା ଅଭିଯୋଗ ହୋଇଛି। ଜଳସ୍ରୋତ ଓ ଜଳାଶୟ ଥିବା ନନ୍ଦପୁର ବ୍ଲକର ରାଣୀ ଡୁଡୁମା, ବାଲାଡା ନାଗେଶ୍ୱରି ପାହାଡ ଓ ଗୁମ୍ମା, ଜୋଲାପୁଟ ଡ୍ୟାମ, ଲମତାପୁଟ ବ୍ଲକର ମାଛକୁଣ୍ଡ ଜଳପ୍ରପାତ, ପଟ୍ଟାଙ୍ଗି ବ୍ଲକର ଗାଲିଗବର୍, ବୈପାରିଗୁଡ଼ା ବ୍ଲକର ଗୁପ୍ତେଶ୍ୱର ପୀଠ, କୋରାପୁଟର କେଚେଲା, ପୁଞ୍ଜିଶିଲ କୋଲାବ, ବାଗ୍ରା ଜଳପ୍ରପାତ, କୋଟପାଡ଼ ବ୍ଲକର ଗୁଲୁମି ଜଳ ପ୍ରପାତ ଆଦି ପର୍ଯ୍ୟଟନସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା ଢିଲା ଥିବାରୁ ଏକାଧିକ ପର୍ଯ୍ୟଟକଙ୍କ ମୃତ୍ୟୁ ହେଉଥିବା ଦେଖିବାକୁ ମିଳିଛି। ପାହାଡି ରାସ୍ତାର ଦୁରବସ୍ଥା ଓ ରାସ୍ତାର ଘାଟି, ମୋଡ ଗଡାଣିଆ ସମ୍ପର୍କରେ ସୂଚନା ନ ଥିବାରୁ ଦେଓମାଳୀ, ଗୁପ୍ତେଶ୍ୱର ଡକରିଘାଟି, ତଲମାଳି, ଫୁଟସିଲ, କୋରାପୁଟ ଶାବର ଶ୍ରୀକ୍ଷେତ୍ର, ରାଣୀଗଡ, କୋଟି ଲିଙ୍ଗେଶ୍ୱର୍, ସୁବାଇ, ରାଜା କେଭ ଆଦି ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକ ଆସି ଦୁର୍ଘଟଣାର ଶିକାର ହେବା ସହ ମୃତ୍ୟୁ ହେଉଛି। ପ୍ରଶାସନର ଦୁର୍ବଳ ସୁରକ୍ଷା ବ୍ୟବସ୍ଥା ଯୋଗୁ ଏଭଳି ଦୁର୍ଘଟଣା ଘଟୁଥିବା ପର୍ଯ୍ୟଟକ ଅଭିଯୋଗ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶନିବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଇଥିବା ବେଳେ ପର୍ଯ୍ୟଟନସ୍ଥଳୀଗୁଡିକୁ ବୁଲି ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ସୁରକ୍ଷା, ବିପଦ ଆପଦର ସୂଚନା, ତ୍ୱରିତ ସହାୟତା ପ୍ରଦାନ ବ୍ୟବସ୍ଥା ପ୍ରଦାନ ପାଇଁ ପ୍ରଶାସନ ଚିନ୍ତା କରିବାକୁ ବୁଦ୍ଧିଜୀବି କହିଛନ୍ତି।

କୋରାପୁଟ ଜିଲା ପର୍ଯ୍ୟଟନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ୨୦୨୨ରେ ଜିଲାର ୧୩ ପର୍ଯ୍ୟଟନସ୍ଥଳୀ ମୋଟ ୧୮ ଲକ୍ଷ ୧୮ ହଜାର ୯୯୯ ପର୍ଯ୍ୟଟକ, ବର୍ଷ ୨୦୨୩ରେ ୨୩ ଲକ୍ଷ ୧୭ ହଜାର ୧୧୨, ବର୍ଷ ୨୦୨୪ରେ ୨୭ ଲକ୍ଷ ୬୮ ହଜାର ୮୫୭ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ୨୦୨୫ ଜୁନ ମାସ ସୁଦ୍ଧା ୧୩ ଲକ୍ଷ ୮୭ ହଜାର ୭୬୯ ଜଣ ପର୍ଯ୍ୟଟକ ବୁଲି ଆସିଛନ୍ତି। ଶୀତ ଋତୁରେ ଏହି ସଂଖ୍ୟା ବୃଦ୍ଧି ପାଇବା ସମ୍ଭାବନା ରହିଛି। ୧୩ ପର୍ଯ୍ୟଟନସ୍ଥଳୀ ମଧ୍ୟରୁ କିଛି ଜଙ୍ଗଲ ବିଭାଗ ଅଧୀନରେ ପରିଚାଳିତ ହେଉଛି। ଅନ୍ୟ କିଛି ଜିଲା ପ୍ରଶାସନ ମିଶନଶକ୍ତିର ମହିଳା ଗୋଷ୍ଠୀ ସଦସ୍ୟଙ୍କ ଦ୍ୱାରା ପରିଚାଳିତ ହେଉଛି। ପର୍ଯ୍ୟଟକଙ୍କଠାରୁ ଗାଡ଼ି ପାର୍କିଂ ଫି ଓ ପ୍ରବେଶ ଦେୟ ଆଦାୟ କରି କେବଳ ଅଳିଆ ଆବର୍ଜନା ହଟାଇ ପରିସର ସଫେଇ କରୁଥିବା ଦର୍ଶାଇ ଲକ୍ଷାଧିକ ଟଙ୍କାର ଆୟକୁ ବେୟରେ ପରିଣତ କରୁଥିବା ଅଭିଯୋଗ ହୋଇଛି। ଉକ୍ତ ଆଦାୟ ଅର୍ଥର ବିନିଯୋଗ କରି ପର୍ଯ୍ୟଟନସ୍ଥଳୀର ରାସ୍ତା ଘାଟ, ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା ଆଦି ଆନୁଷଙ୍ଗିକ ବ୍ୟବସ୍ଥାର ନିର୍ମାଣ କରାଯାଉନାହିଁ। ଜଳସ୍ରୋତ, ଜଳାଶୟ, ବିପଦସଙ୍କୁଳ ରାସ୍ତାରେ ସୁରକ୍ଷାକର୍ମୀ ନିଯୁକ୍ତି ଦେଇ ପର୍ଯ୍ୟଟକଙ୍କୁ ବିପଦଠାରୁ ଦୂରେଇ ରଖିବା ନେଇ ସଚେତନ କରାଯାଉନାହିଁ। ବିପଦରେ ପଡ଼ିଥିବା ପର୍ଯ୍ୟଟକଙ୍କୁ ତ୍ୱରିତ ସହାୟତା ପ୍ରଦାନ କରିବା ବ୍ୟବସ୍ଥା ମଧ୍ୟ ପ୍ରଶାସନ ପକ୍ଷରୁ କରାଯାଉନାହିଁ। ଏହାଦ୍ୱାରା ମାଛକୁଣ୍ଡ, ଜୋଲାପୁଟ, ବାଲଡ଼ା, ରାଣୀ ଡୁଡୁମା, ଗାଲିଗବର୍ ଓ ଗୁପ୍ତେଶ୍ୱର ଆଦି ପର୍ଯ୍ୟଟନସ୍ଥଳୀରେ ଏକାଧିକ ପର୍ଯ୍ୟଟକଙ୍କ ପାଣିରେ ଭାସି ଓ ବୁଡି ମୃତ୍ୟୁ ହେବା ଘଟଣା ସାମ୍ନାକୁ ଆସୁଥିଲେ ସୁଦ୍ଧା ପ୍ରଶାସନ ଚେତୁ ନ ଥିବା ଅଭିଯୋଗ କରି ବୁଦ୍ଧିଜୀବି ଓ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକ ଓ ଜିଲା ପ୍ରଶାସନ ସମେତ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

### ଅନେକ ଜୀବନ ଯିବା ସତ୍ତ୍ୱେ ଚେତୁନି ପ୍ରଶାସନ

## ସଂକ୍ଷେପରେ

### ଚାଇନାର ଗାନ୍‌ସୁ ପ୍ରଦେଶରେ ଭୂକମ୍ପ

ବେଜିଂ,୨୭।୯

ଚାଇନାର ଗାନ୍‌ସୁ ପ୍ରଦେଶରେ ଶନିବାର ଭୋର ସମୟରେ ୫.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୧୧ ଜଣ ଆହତ ହୋଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଭୂକମ୍ପ ପ୍ରଭାବରେ ଛାତର ଟାଇଲ୍‌ଗୁଡ଼ିକ ଖସିପଡ଼ିଥିଲା। ଏଥିରେ ୧୭ଟି ଘର ଭାଙ୍ଗିଯାଇଥିବାବେଳେ ୩,୫୦୦ରୁ ଊର୍ଦ୍ଧ୍ୱ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ଲୋଙ୍ଗକ୍ସି ଏବଂ ଝାଙ୍ଗଜିଆନ କାଉଣ୍ଟିରୁ ୭,୮୦୦ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଭୋର ୫ଟା ୪୯ ମିନିଟ୍ ସମୟରେ ଲୋଙ୍ଗକ୍ସି କାଉଣ୍ଟିରେ ସଂଘଟିତ ଭୂକମ୍ପର କେନ୍ଦ୍ରସ୍ଥଳ ୧୦ କିଲୋମିଟର ଗଭୀରରେ ବୋଲି ଚାଇନା ସରକାରଙ୍କ ଭୂକମ୍ପ କେନ୍ଦ୍ର ପକ୍ଷରୁ କୁହାଯାଇଛି।

### ୭ ବର୍ଷୀୟ ମୁସଲମାନ ବାଳକଙ୍କୁ ବୀଭତ୍ସ ହତ୍ୟା

#### ବ୍ୟାଗ୍‌ରୁ ମିଳିଲା ମୃତଦେହ

ଆଜମଗଡ଼,୨୭।୯

ଉତ୍ତରପ୍ରଦେଶର ଆଜମଗଡ଼ ଅନ୍ତର୍ଗତ ସିଧାରୀରେ ଜଣେ ୭ ବର୍ଷୀୟ ମୁସଲମାନ ବାଳକଙ୍କୁ ବୀଭତ୍ସ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଶାହଜେବ୍ ନାମକ ବାଳକ ବୁଧବାର ଟିଉଶନ ଯାଇ ନିଖୋଜ ହୋଇଯାଇଥିଲେ। ତାଙ୍କୁ ଶୈଳେନ୍ଦ୍ର କୁମାର ନିଗମଙ୍କ ସହ ଶେଷଥର ପାଇଁ ଦେଖିବାକୁ ମିଳିଥିଲା। ବୁଧବାର ସନ୍ଧ୍ୟାରେ ନିଖୋଜ ଏତଲା ଦିଆଯାଇଥିବାବେଳେ ଗୁରୁବାର ପିଲାର ଖଣ୍ଡିତ ମୃତଦେହ ମିଳିବା ପରେ ଏହାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରାଯାଇଛି। ମୃତଦେହକୁ ଏକ ଅଖାରେ ରଖି ଜଣେ ପଡ଼ୋଶୀଙ୍କ ଫାଟକରେ ଝୁଲାଇ ଦିଆଯାଇଥିଲା। ଏହି ମାମଲାରେ ଶୈଳେନ୍ଦ୍ର, ରାଜା ନିଗମଙ୍କୁ ଗିରଫ କରାଯାଇଛି। ସେମାନେ ପୋଲିସ ଉପରକୁ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ପାଲଟା ଗୁଳି ଚଳାଇଥିଲା।

### ଦିଲ୍ଲୀ ବିଏମ୍‌ଡବ୍ଲ୍ୟୁ ଦୁର୍ଘଟଣା ଅଭିଯୁକ୍ତଙ୍କୁ ଜାମିନ



ଗଗନପ୍ରୀତ୍ କୌର

ନୂଆଦିଲ୍ଲୀ,୨୭।୯

ଦିଲ୍ଲୀରେ ବିଏମ୍‌ଡବ୍ଲ୍ୟୁ ଦୁର୍ଘଟଣାରେ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ମୃତ୍ୟୁ ଘଟିଥିଲା। ପଟିଆଲା ହାଉସ୍ କୋର୍ଟ ଏହି ମାମଲାରେ ଶନିବାର ଅଭିଯୁକ୍ତ ଗଗନପ୍ରୀତ୍ କୌରଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ତାଙ୍କୁ ୧ ଲକ୍ଷ ଟଙ୍କାର ବଣ୍ଡ ସହ ୨ଟି ସିଓରିଟି ଦାଖଲ କରି ଜାମିନରେ ଯିବା ପାଇଁ କୁହାଯାଇଛି। କୌରଙ୍କୁ ପାସ୍‌ପୋର୍ଟ ଦାଖଲ କରିବାକୁ କୁହାଯିବା ସହ ପ୍ରତି ଶୁଣାଣି ବେଳେ କୋର୍ଟରେ ଉପସ୍ଥିତ ରହିବାକୁ କୋର୍ଟ ସର୍ତ୍ତ ରଖିଛନ୍ତି। ଜାମିନ ସମୟରେ ଗଗନପ୍ରୀତ୍ ନ୍ୟୁ ଲାଇଫ୍ ହସ୍ପିଟାଲ ଷ୍ଟାଫ୍ କିମ୍ବା ଅନ୍ୟ ସାକ୍ଷୀଙ୍କ ସହ ଯୋଗାଯୋଗ କରିପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି।



କର୍ନାଟକର ମହୀଶୂରଠାରେ ଦଶରା ଏୟାର ଶୋ' ଅବସରରେ ଶନିବାର ଭାରତୀୟ ବାୟୁସେନା ହେଲିକପ୍ଟର ପ୍ରଦର୍ଶନକାରୀ ଟିମ୍ 'ସରାଙ୍ଗ' ଆକାଶମାର୍ଗରେ ଯୁଦ୍ଧାଭ୍ୟାସ ପ୍ରଦର୍ଶନ କରୁଛି।

# ବ୍ରିକ୍ସକୁ ଘାରିଲା ଟାରିଫ୍ ଚିନ୍ତା

## ବହୁପାକ୍ଷିକ ବାଣିଜ୍ୟିକ ବ୍ୟବସ୍ଥାକୁ ମଜଭୁତ କରାଯିବା ଜରୁରୀ: ଏସ୍. ଜୟଶଙ୍କର

ଜାତିସଂଘ/ନ୍ୟୁୟର୍କ,୨୭।୯



ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ରାଷ୍ଟ୍ର ସମୂହ ବ୍ରିକ୍ସ ଆମେରିକା ପକ୍ଷରୁ କଷାଯାଇଥିବା ଉଚ୍ଚ ଟାରିଫ୍‌କୁ ନେଇ ଚିନ୍ତା ବ୍ୟକ୍ତ କରିଛି। ଅବିଚାରିତ ଭାବେ ଆମଦାନୀ ଶୁଳ୍କ ବୃଦ୍ଧି ଯୋଗୁ ବାଣିଜ୍ୟିକ କାରବାରରେ ବାଧା ସୃଷ୍ଟି ହେବା ସହ ଗ୍ଲୋବାଲ ସାଉଥ୍ ଦେଶଗୁଡ଼ିକର କ୍ଷତି ହେଉଥିବା ବ୍ରିକ୍ସ ପକ୍ଷରୁ କୁହାଯାଇଛି।

୨୦୨୬ ବର୍ଷ ପାଇଁ ବ୍ରିକ୍ସରେ ଭାରତ ଅଧ୍ୟକ୍ଷତା କରିବ। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନ ପରିପ୍ରେକ୍ଷୀରେ ବ୍ରିକ୍ସ ବହିର୍ବ୍ୟାପାର/ଅନ୍ତର୍ଜାତୀୟ ସମ୍ପର୍କ ମନ୍ତ୍ରୀମାନଙ୍କ ବାର୍ଷିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବ୍ରିକ୍ସ ରାଷ୍ଟ୍ର ସମୂହ ପକ୍ଷରୁ ଏକ ମିଳିତ ଘୋଷଣାନାମା ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ, ଆମେରିକା ପକ୍ଷରୁ ଲଗାଯାଉଥିବା ଟାରିଫ୍ ବିଶ୍ୱ ବାଣିଜ୍ୟ ପାଇଁ ଏକ ପ୍ରତିବନ୍ଧକ। ଭବିଷ୍ୟତରେ ଏହା ବାଣିଜ୍ୟିକ କାରବାର ପାଇଁ ବିପଦ ସୃଷ୍ଟି କରିବା ସହ ବୈଶ୍ୱିକ ଯୋଗାଣ ଶୃଙ୍ଖଳରେ ବାଧା ସୃଷ୍ଟି କରିବ। ଏଥିସହ ଅନ୍ତର୍ଜାତୀୟ ଆର୍ଥିକ ଓ ବାଣିଜ୍ୟିକ କାର୍ଯ୍ୟକଳାପରେ ଅନିଶ୍ଚିତତା ଉପୁଜାଇବ। ଏହା କେବଳ ବ୍ରିକ୍ସ ପାଇଁ ନୁହେଁ, ବରଂ ଅନ୍ୟ ଦେଶଗୁଡ଼ିକର ଅର୍ଥନୈତିକ ପ୍ରଗତିକୁ ପ୍ରଭାବିତ କରିବ। ବ୍ରିକ୍ସରେ ସାମିଲ ଥିବା ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ମଧ୍ୟ ଏହି ଏକତରଫା ଟାରିଫ୍ ବୃଦ୍ଧି ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଏପରି ଆମଦାନୀ ଶୁଳ୍କ ବିଶ୍ୱ ବାଣିଜ୍ୟ ସଙ୍ଗଠନ (ଡବ୍ଲ୍ୟୁଟିଓ) ନିୟମର ବିରୁଦ୍ଧାଚରଣ କରୁଛି ବୋଲି ଏହି ରାଷ୍ଟ୍ରଗୁଡ଼ିକ ନିନ୍ଦା କରିଛନ୍ତି। ଏନେଇ ଜୟଶଙ୍କର କହିଛନ୍ତି, ସଂରକ୍ଷଣବାଦ ବୃଦ୍ଧି, ଟାରିଫ୍ ଭୋଲାଟିଲିଟି ଓ ଅଣଟାରିଫ୍ ପ୍ରତିବନ୍ଧକଗୁଡ଼ିକ ବାଣିଜ୍ୟର ସ୍ରୋତକୁ ପ୍ରଭାବିତ କରୁଥିବାରୁ ବ୍ରିକ୍ସ ବହୁପାକ୍ଷିକ ବାଣିଜ୍ୟ ବ୍ୟବସ୍ଥାକୁ ମଜଭୁତ କରିବା ଜରୁରୀ ହୋଇପଡ଼ିଛି। ଯେତେବେଳେ ବହୁପକ୍ଷବାଦ ଚାପରେ ରହିଛି, ବ୍ରିକ୍ସ ଏକ ଯଥାର୍ଥତାର ଦୃଢ଼ ସ୍ୱର ଭାବେ ଉଭା ହୋଇ ସକାରାତ୍ମକ ପରିବର୍ତ୍ତନର ବାର୍ତ୍ତାବହ ସାଜିଛି। ବିଶ୍ୱ ନାନା ଅସୁବିଧା ଦେଇ ଗତିକରୁଥିବାବେଳେ ବ୍ରିକ୍ସ ଶାନ୍ତି ପ୍ରତିଷ୍ଠା, ଆଲୋଚନା, କୂଟନୀତି ଓ ଅନ୍ତର୍ଜାତୀୟ ଆଇନର ଅନୁପାଳନକୁ ଗୁରୁତ୍ୱ ଦେବା ପାଇଁ ବାର୍ତ୍ତା ପ୍ରେରଣ କରିବା ଜରୁରୀ। ଜାତିସଂଘର ପ୍ରମୁଖ ଅଂଶ ବିଶେଷକରି ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଜିଏ)କୁ ବ୍ରିକ୍ସ ଏକ ବ୍ୟାପକ ସଂସ୍କାର ପାଇଁ ଆହ୍ୱାନ ଦେବା ଉଚିତ। ପ୍ରଯୁକ୍ତି ଓ ନବଉନ୍ମେଷ ବ୍ରିକ୍ସର ପରବର୍ତ୍ତୀ ପର୍ଯ୍ୟାୟ ସହଯୋଗକୁ ପରିଭାଷିତ କରିବ ବୋଲି ଜୟଶଙ୍କର X ରେ ଉଲ୍ଲେଖ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ବ୍ରିକ୍ସ ମନ୍ତ୍ରୀମାନେ ଆସନ୍ତାବର୍ଷ ଭାରତ କରିବାକୁ ଥିବା ଅଧ୍ୟକ୍ଷତାକୁ ସମର୍ଥନ ଜଣାଇଛନ୍ତି। ଗତ ଏପ୍ରିଲ ୨୨ରେ ଆତଙ୍କବାଦୀଙ୍କ ପହଲଗାମ୍ ଆକ୍ରମଣକୁ ମଧ୍ୟ ବ୍ରିକ୍ସର ମିଳିତ ଘୋଷଣାନାମାରେ ନିନ୍ଦା କରାଯାଇଛି। ଆତଙ୍କବାଦ ପ୍ରତି ଶୂନ ସହନଶୀଳତାକୁ ଜୋର୍ ଦେବା ସହ ଏହି ପ୍ରସଙ୍ଗରେ ଦୋମୁହାଁ ନୀତି ଆପଣାଉଥିବା ଦେଶଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାକୁ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଏଥିରେ ପରାମର୍ଶ ଦିଆଯାଇଛି। ଜାତିସଂଘ ଏବଂ ୟୁଏନ୍‌ଏସ୍‌ସିରେ ଭାରତ ଓ ବ୍ରାଜିଲର ଆକାଂକ୍ଷାକୁ ବ୍ରିକ୍ସ ନିଜ ସମର୍ଥନ ଦୋହରାଇଛି।

### ମାର୍ଚ୍ଚ ସୁଦ୍ଧା ରୁପି ବଣ୍ଡ୍ ଆଣିବାକୁ ଯୋଜନା

ମୁମ୍ବାଇ,୨୭।୯(ରଏଟର୍ସ)

ବ୍ରିକ୍ସ ରାଷ୍ଟ୍ର ସମୂହ-ସମର୍ଥିତ ନ୍ୟୁ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ (ଏନ୍‌ଡିବି) ୨୦୨୬ ମାର୍ଚ୍ଚ ସୁଦ୍ଧା ଭାରତୀୟ ମୁଦ୍ରା ରୁପି ବଣ୍ଡ୍ ଜାରି କରିବାକୁ ଯୋଜନା କରିଛି। ତିନୋଟି ସୂତ୍ରରୁ ଏହି ବିଷୟ ଜଣାପଡ଼ିଥିବା ରଏଟର୍ସ ଏକ ରିପୋର୍ଟରେ ପ୍ରକାଶ କରିଛି। ପୂର୍ବରୁ ଚାଇନାର ୟୁଆନ୍ ଏବଂ ଦକ୍ଷିଣ ଆଫ୍ରିକୀୟ ମୁଦ୍ରା ର୍‍ୟାଣ୍ଡରେ ପାଣ୍ଠି ସଂଗ୍ରହ କରିଥିବା ଏନ୍‌ଡିବି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହ ରୁପି ବଣ୍ଡ୍ ଜାରି ଲାଗି ଆଲୋଚନା କରୁଛି। ପ୍ରାଥମିକ ପର୍ଯ୍ୟାୟରେ ୩-୫ ବର୍ଷିଆ ବଣ୍ଡ୍‌ଗୁଡ଼ିକରେ ୪୦୦ ନିୟୁତରୁ ୫୦୦ ନିୟୁତ ଡଲାର ପର୍ଯ୍ୟନ୍ତ ପାଣ୍ଠି ପ୍ରତିଷ୍ଠା କରାଯାଇପାରେ। ଚାଇନା ଓ ଭାରତ ନିଜ ନିଜ କରେନ୍ସିର ଅନ୍ତର୍ଜାତୀୟ ଗ୍ରହଣୀୟତାକୁ ବଢ଼ାଇବା ପାଇଁ ଜୋର୍ ଦେଉଥିବାବେଳେ ନିବେଶକମାନେ ମଧ୍ୟ ନିଜ ଆସେଟ୍ସକୁ ବିକଶିତ ମାର୍କେଟଗୁଡ଼ିକ ଊର୍ଦ୍ଧ୍ୱକୁ ନେଇ ଏଥିରେ ବିବିଧତା ଆଣିବାକୁ ଚାହୁଁଛନ୍ତି। ଏଭଳି ସମୟରେ ଏନ୍‌ଡିବି ରୁପି ବଣ୍ଡ୍ ଅଣିବା ପାଇଁ ଭାରତ ସରକାର ଓ ନିୟନ୍ତ୍ରକଙ୍କ ସହ କାର୍ଯ୍ୟ କରୁଛି ବୋଲି ବ୍ୟାଙ୍କର ଚିଫ୍ ଫାଇନାନ୍ସିଆଲ ଅଫିସର ରଏଟର୍ସକୁ ସୂଚନା ଦେଇଛନ୍ତି। ତେବେ ଆର୍‌ବିଆଇର ଚୂଡ଼ାନ୍ତ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି। ପ୍ରକାଶ ଯେ, ଆମେରିକୀୟ ଡଲାରର ପ୍ରଭୁତ୍ୱ ହ୍ରାସ ପାଇଁ ବ୍ରିକ୍ସର କୌଣସି ପ୍ରକାର କରେନ୍ସି ଅଣାଗଲେ ସମ୍ପୃକ୍ତ ଦେଶଗୁଡ଼ିକ ଉପରେ ଅତିରିକ୍ତ ଟାରିଫ୍ କଷାଯିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚେତାବନୀ ଦେଇ ଆସୁଥିବାବେଳେ ରୁପି ବଣ୍ଡ୍ ଆଣିବା ଯୋଜନା ତାଙ୍କୁ ଆହୁରି କ୍ଷୁବ୍ଧ କରିପାରେ।

### ୱାଙ୍ଗ୍‌ଚୁକ୍‌ଙ୍କ ପାକିସ୍ତାନ ଲିଙ୍କ୍‌ର ତଦନ୍ତ ଜାରି

ଲେହ୍,୨୭।୯(ପି.ଟି.)



ସୋନମ୍ ୱାଙ୍ଗ୍‌ଚୁକ୍

ଲଦାଖକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବିରେ ୬,୦୦୦ ବିକ୍ଷୋଭକାରୀ ବୁଧବାର ପୋଡ଼ାଜଳା ଓ ଟେକାମାଡ଼ କରିଥିଲେ। ସେମାନେ ସରକାରୀ ବିଲ୍ଡିଂ ଭଙ୍ଗାରୁଜା କରିବା ସହ ଭାଜପା କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ ଓ ଅନେକ ଗାଡ଼ି ପୋଡ଼ିଦେଇଥିଲେ। ହିଂସା ନିୟନ୍ତ୍ରଣ କରିବାକୁ ଯାଇ ସୁରକ୍ଷା ବଳ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାର୍ଜ ଏବଂ ଗୁଳିଚାଳନା କରିଥିଲା। ଏଥିରେ ୪ ଜଣଙ୍କ ଜୀବନ ଯାଇଥିବାବେଳେ ୧୭ ସିଆର୍‌ପିଏଫ୍ ଯବାନ ଓ ୭୦ ଜଣ ସାଧାରଣ ଲୋକ ଆହତ ହୋଇଥିଲେ। ବିକ୍ଷୋଭକୁ ହିଂସାତ୍ମକ ରୂପ ଦେବାରେ ଜଳବାୟୁ କର୍ମୀ ସୋନମ୍ ୱାଙ୍ଗ୍‌ଚୁକ୍‌ଙ୍କ ଉତ୍ତେଜିତ ଭାଷଣକୁ ଦାୟୀ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ପାକିସ୍ତାନ ସହ ୱାଙ୍ଗ୍‌ଚୁକ୍‌ଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତ କରାଯାଉଥିବା ଲଦାଖ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଏସ୍.ଡି. ସିଂ ଜମୱାଲ ଶନିବାର କହିଛନ୍ତି। ୱାଙ୍ଗ୍‌ଚୁକ୍‌ଙ୍କୁ ଶୁକ୍ରବାର ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ବଳରେ ଗିରଫ କରାଯିବା ସହ ରାଜସ୍ଥାନର ଯୋଧପୁର ଜେଲକୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ତଦନ୍ତରୁ ମିଳିଥିବା ତଥ୍ୟ ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରକାଶ କରାଯାଇପାରିବ ନାହିଁ। ତେବେ ସେ ତାଙ୍କ ଭାଷଣରେ ଆରବ ସ୍ପ୍ରିଂ ଏବଂ ନେପାଳ, ବାଂଲାଦେଶ ଓ ଶ୍ରୀଲଙ୍କାରେ ଘଟିଥିବା ବିଦ୍ରୋହ ସମ୍ପର୍କରେ କହି ଲୋକମାନଙ୍କୁ ଉତ୍ତେଜିତ କରିଥିଲେ ବୋଲି ପୋଲିସ ମୁଖ୍ୟ କହିଛନ୍ତି।

### ଲେହ୍‌ରେ କର୍ଫ୍ୟୁ ୪ ଘଣ୍ଟା କୋହଳ

ଲେହ୍,୨୭।୯(ପି.ଟି.)

ଲଦାଖର ହିଂସା ପ୍ରଭାବିତ ଲେହ୍ ସହରରେ ବୁଧବାରଠାରୁ କର୍ଫ୍ୟୁ ଜାରି ରହିଥିବାବେଳେ ଶନିବାର ଅପରାହ୍ନରେ ପର୍ଯ୍ୟାୟକ୍ରମେ ୪ ଘଣ୍ଟା ପାଇଁ ଏହାକୁ କୋହଳ କରାଯାଇଛି। ସ୍ଥାନୀୟ ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଦୋକାନଗୁଡ଼ିକରେ ଲମ୍ବା ଲାଇନ୍ ଲଗାଇଥିବା ଦେଖାଯାଇଛି। ଜଳବାୟୁ କର୍ମୀ ସୋନମ୍ ୱାଙ୍ଗ୍‌ଚୁକ୍ ଗିରଫ ହେବା ପରେ ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବା ପାଇଁ ଶନିବାର ସକାଳଠାରୁ ପୋଲିସ ଓ ଅର୍ଦ୍ଧସାମରିକ ବାହିନୀ ପାଟ୍ରୋଲିଂକୁ ଜୋରଦାର କରିଛି। କର୍ଫ୍ୟୁ କୋହଳ ସମୟରେ କୌଣସି ଅପ୍ରୀତିକର ସ୍ଥିତି ଉପୁଜିଥିବାର ଖବର ମିଳିନାହିଁ। ଲେହ୍ ପୁରୁଣା ସହରରେ ପ୍ରଥମ ପର୍ଯ୍ୟାୟରେ ଅପରାହ୍ନ ୧ଟାରୁ ୩ଟା ଏବଂ ନୂତନ ଅଞ୍ଚଳରେ ୩ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଥିବା ଲଦାଖ ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି।

### ସଂସଦୀୟ କମିଟି କାର୍ଯ୍ୟକାଳ ୨ ବର୍ଷ ହୋଇପାରେ

ନୂଆଦିଲ୍ଲୀ,୨୭।୯(ପି.ଟି.)

ସଂସଦୀୟ ସ୍ଥାୟୀ କମିଟିଗୁଡ଼ିକର କାର୍ଯ୍ୟକାଳ ୨ ବର୍ଷକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନଙ୍କ ସହ ପରାମର୍ଶ କରି ସରକାର ସଂସଦୀୟ କମିଟିଗୁଡ଼ିକର କାର୍ଯ୍ୟକାଳ ୨ ବର୍ଷ କରିବାକୁ ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। କମିଟିଗୁଡ଼ିକର ନୂଆ କାର୍ଯ୍ୟକାଳ ସେପ୍ଟେମ୍ବର ଶେଷଭାଗ କିମ୍ବା ଅକ୍ଟୋବର ପ୍ରାରମ୍ଭରେ ଆରମ୍ଭ ହୋଇଥାଏ। ଏହାର କାର୍ଯ୍ୟକାଳ ବଢ଼ାଇବା ପାଇଁ କେତେଜଣ ସଦସ୍ୟ ନିବେଦନ କରିଥିଲେ। ନୂଆ ଲୋକ ସଭା ଗଠନ ପରେ ବିଭିନ୍ନ ଦଳ ସହ ପରାମର୍ଶ କରି କମିଟି ଗଢ଼ାଯାଇଥାଏ। ସମ୍ପ୍ରତି ୨୪ଟି ବିଭାଗୀୟ ଷ୍ଟାଣ୍ଡିଂ କମିଟି ରହିଛି। ସେଥିରୁ ୮ଟିରେ ରାଜ୍ୟ ସଭା ସଦସ୍ୟ ଅଧ୍ୟକ୍ଷ ଥିବାବେଳେ ୧୬ଟିରେ ଲୋକ ସଭା ସଦସ୍ୟ ଅଧ୍ୟକ୍ଷ ରହିଛନ୍ତି। ଏହା ବ୍ୟତୀତ ବିଲ୍ ଅନୁଧ୍ୟାନ ପାଇଁ ଅର୍ଥ କମିଟି ଓ ଅସ୍ଥାୟୀ କମିଟି ଗଢ଼ାଯାଇଥାଏ।

### 'ଆଇ ଲଭ୍ ମହମ୍ମଦ' ବିବାଦ ପଛରେ ମୁଖ୍ୟ ଅଭିଯୁକ୍ତ ମୌଲବୀ ଗିରଫ

ବରେଲି,୨୭।୯(ପି.ଟି.)



ତୌକିର ରଜା ଖାନ୍

ଉତ୍ତରପ୍ରଦେଶର ବରେଲିରେ 'ଆଇ ଲଭ୍ ମହମ୍ମଦ' ଅଭିଯାନକୁ ସମର୍ଥନ କରି ବିକ୍ଷୋଭ କରିବା ଲାଗି ଆହ୍ୱାନ ଦେଇଥିବା ସ୍ଥାନୀୟ ମୌଲବୀ ତଥା ଇତ୍ତେହାଦ-ଇ-ମିଲାତ କାଉନ୍‌ସିଲ୍ ମୁଖ୍ୟ ତୌକିର ରଜା ଖାନ୍‌ଙ୍କ ସମେତ ୮ ଜଣଙ୍କୁ ପୋଲିସ ଗିରଫ କରିଛି। ବରେଲିରେ ଶୁକ୍ରବାର ନମାଜପାଠ ପରେ ବିକ୍ଷୋଭକାରୀ ଓ ପୋଲିସ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟିଥିଲା। ଏହା ପଛର ମାଷ୍ଟରମାଇଣ୍ଡ ରାଜା ଓ ଅନ୍ୟ ୭ ଜଣଙ୍କୁ ଶନିବାର ସ୍ଥାନୀୟ ଅଦାଲତ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଜେଲ ଯାଇଥିବା ଅନ୍ୟ ୭ ଜଣ ହେଲେ ସରଫରାଜ, ମୁନିଫୁଦ୍ଦିନ୍, ଅଜିମ ଅହମଦ, ମହମ୍ମଦ ଶରିଫ, ମହମ୍ମଦ ଆମିର, ରେହାନ ଏବଂ ମହମ୍ମଦ ସରଫରାଜ। ହିଂସାକାଣ୍ଡରେ ସମ୍ପୃକ୍ତି ନେଇ ପୋଲିସ ୩୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଇତିମଧ୍ୟରେ ରାଜାଙ୍କ ସମେତ ୨୫ ଜଣ ଏବଂ ୨୦୦ ଅଜଣା ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଛି।

ହିଂସାତ୍ମକ ବିକ୍ଷୋଭ ପରେ ବାରାବାଙ୍କୀ ଏବଂ ମଉ ଜିଲାରେ ଉତ୍ତେଜନା ଲାଗି ରହିଛି। ଶନିବାର ଉକ୍ତ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବଳ ନିୟୋଜିତ ହୋଇଥିବାବେଳେ ଇଣ୍ଟରନେଟ୍ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଅପରାଧମାନଙ୍କୁ ଧରିବା ପାଇଁ ପୋଲିସ ଶୁକ୍ରବାର ରାତିରେ ଘରକୁ ଘର ଯାଇ ଚଢ଼ାଉ କରିଥିଲା।

## ଗାଜାରେ ଏୟାରଷ୍ଟ୍ରାଇକ୍ : ୪୪ ମୃତ

ଡେଇର୍ ଅଲ୍-ବଲାହ,୨୭।୯

ଗାଜାରେ ଶନିବାର ସକାଳେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ଏବଂ ଗୁଳିମାଡ଼ରେ ୪୪ ଜଣଙ୍କ ମୃତ୍ୟୁ ଘଟିଛି। ଯୁଦ୍ଧ ବନ୍ଦ ପାଇଁ ଅନ୍ତର୍ଜାତୀୟ ଚାପ ବଢୁଥିବାବେଳେ ଯୁଦ୍ଧ ଜାରି ରଖିବା ଜିଦ୍‌ରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଅଟଳ ରହିଛନ୍ତି। କେନ୍ଦ୍ରୀୟ ଓ ଉତ୍ତର ଗାଜାରେ ଶନିବାର ଭୋର ସମୟରେ ଏୟାରଷ୍ଟ୍ରାଇକ୍ ହୋଇଥିଲା। ନୁସେଇରାତ ଶରଣାର୍ଥୀ କ୍ୟାମ୍ପରେ ଥିବା ଏକ ଘର ଉପରେ ଆକ୍ରମଣ ହେବାରୁ ଗୋଟିଏ ପରିବାରର ୯ ଜଣ ପ୍ରାଣ ହରାଇଛନ୍ତି। ଶୁକ୍ରବାର ଜାତିସଂଘ ସାଧାରଣ ପରିଷଦ (ୟୁଏନ୍‌ଜିଏ)ର ୮୦ତମ ଅଧିବେଶନରେ ନେତାନ୍ୟାହୁଙ୍କ ଭାଷଣର କିଛି ଘଣ୍ଟା ପରେ ଏହି ଆକ୍ରମଣ ହୋଇଛି। ଗାଜାରେ ଧ୍ୱଂସକାରୀ ଯୁଦ୍ଧ ଜାରି ରହିବ ଏବଂ ହମାସ୍ ବିରୋଧରେ ଆମେ ଆମ କାମ ଶେଷ କରିବୁ ବୋଲି ନେତାନ୍ୟାହୁ କହିଥିଲେ। ପାଲେଷ୍ଟିନୀୟ ରାଷ୍ଟ୍ରକୁ ଫ୍ରାନ୍ସ, ବ୍ରିଟେନ ସମେତ ଅନେକ ଦେଶ ସ୍ୱୀକୃତି ପ୍ରଦାନ କରିଥିବାରୁ ନେତାନ୍ୟାହୁ ଏହାର ନିନ୍ଦା କରିଥିଲେ। ପାଲେଷ୍ଟିନୀୟ ରାଷ୍ଟ୍ରକୁ ଇସ୍ରାଏଲ୍ ସ୍ୱୀକୃତି ଦେବା ଅତ୍ୟନ୍ତ ପାଗଳାମି ହେବ ବୋଲି ସେ କହିଥିଲେ। ଯୁଦ୍ଧ ବନ୍ଦ ପାଇଁ ଚାପ ବଢ଼ିବା ସହ ଇସ୍ରାଏଲ୍ ଏକପ୍ରକାର ଏକଘରିକିଆ ହୋଇଯାଇଛି। ପାଲେଷ୍ଟାଇନ୍ ରାଷ୍ଟ୍ରକୁ ସମର୍ଥନ କରୁଥିବା ଦେଶ ସଂଖ୍ୟା ବଢ଼ିଚାଲିଛି। ଯୁଦ୍ଧବିରତି ଲାଗି ଇସ୍ରାଏଲ୍ ଉପରେ ଚାପ ପକାଇବାକୁ ସେମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରଭାବିତ କରିବାକୁ ଉଦ୍ୟମ ଚଳାଇଛନ୍ତି।



ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ପରେ କେନ୍ଦ୍ରୀୟ ଗାଜା ଷ୍ଟ୍ରିପ୍‌ର କୋଠାଗୁଡ଼ିକରୁ ଧୂଆଁ ଉଠୁଛି।

## ପ୍ରେମରେ ତୃପ୍ତି



ତୃପ୍ତି ଡିମ୍ରୀ

**ମୁମ୍ବାଇ:** ପ୍ରେମରେ ପଡ଼ିଛନ୍ତି ବଲିଉଡ ଅଭିନେତ୍ରୀ ତୃପ୍ତି ଡିମ୍ରୀ। ବ୍ୟବସାୟୀ ତଥା ମଡେଲ ଶ୍ୟାମ ମର୍ଚ୍ଚାଣ୍ଟଙ୍କୁ ସେ ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଦୁହେଁ କିନ୍ତୁ ଏନେଇ ମୁହଁ ଖୋଲୁ ନାହାନ୍ତି। ସୋସିଆଲ ମିଡିଆରେ କେବଳ କିଛି ଫଟୋ ସମ୍ପର୍କ ଉପରେ ମୋହର ଲଗାଉଛି।

ଶ୍ୟାମ ମର୍ଚ୍ଚାଣ୍ଟ ପ୍ରଥମେ ମଡେଲିଂ ଜଗତରେ ନାଁ କମାଇବା ପରେ ବ୍ୟବସାୟରେ ପାଦ ଥାପିଥିଲେ। ତୃପ୍ତି ବଲିଉଡରେ ବହୁ ବର୍ଷ ଧରି କାମ କରୁଛନ୍ତି। ସେ ଆନିମଲ ଫିଲ୍ମରେ ରଣବୀର କପୁରଙ୍କ ସହ ଅଭିନୟ କରି ରାତାରାତି ପାଲଟି ଯାଇଥିଲେ ଷ୍ଟାର। ନିକଟରେ ଫିଲ୍ମ 'ଧଡ଼କ ୨'ରେ ସେ ନଜର ଆସିଥିଲେ। ଏହି ଫିଲ୍ମରେ ତାଙ୍କର ଅଭିନୟ ଖୁବ ପ୍ରଶଂସା ପାଇଥିଲା। ତୃପ୍ତି ତାଙ୍କ ବୋଲ୍ଡ ଅନ୍ଦାଜ ପାଇଁ ଜଣାଶୁଣା। ସୋସିଆଲ ମିଡ଼ିଆରେ ତୃପ୍ତି ନିୟମିତ ଫଟୋ ଓ ଭିଡ଼ିଓ ଶେୟାର କରନ୍ତି, ଯାହା ଇଣ୍ଟରନେଟରେ ଭାଇରାଲ ହୋଇଥାଏ। ତେବେ ଏବେ ତାଙ୍କ ଏକାନ୍ତ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଆଗାମୀ ଦିନରେ ତାହା ସ୍ପଷ୍ଟ ହେବ ବୋଲି ପ୍ରଶଂସକ ଅନୁମାନ କରୁଛନ୍ତି।

# ସ୍ପେଶାଲ କ୍ରାଇମ୍ ପଞ୍ଝାରେ କୁଖ୍ୟାତ ବନ୍ଧୁକ ବେପାରୀ


ଗିରଫ ବନ୍ଧୁକ ବେପାରୀ ସେଖ୍ ନଦିମ


ଜବତ ବନ୍ଧୁକ, ଗୁଳି ଓ ଟଙ୍କା।

**ଭୁବନେଶ୍ୱର, ୨୭।୯ (ସତ୍ୟଜିତ ରାଉତ)**

## ୧୦ ବନ୍ଧୁକ, ୧୮ ଗୁଳି, ୧୦ ମାଗାଜିନ ଜବତ

### ୭ ବର୍ଷ ତଳେ କେନ୍ଦ୍ରାପଡ଼ାରେ ଏନ୍‌କାଉଣ୍ଟର ହୋଇଥିଲେ

କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍ (ଏସ୍‌ସିୟୁ) ପଞ୍ଝାରେ ପଡିଲେ କୁଖ୍ୟାତ ବନ୍ଧୁକ ବେପାରୀ। ସେ ହେଲେ ଜଗତ୍‌ସିଂହପୁର ଜିଲ୍ଲା କୃଷ୍ଣନନ୍ଦପୁର ଥାନା ଅନ୍ତର୍ଗତ ଇଟାବିଶି ଗ୍ରାମର ସେଖ୍ ନଦିମ (୩୧)। ଶନିବାର ଭୋର ପ୍ରାୟ ୫ଟା ଧଉଳି ଜଙ୍କ୍‌ଶନ ନିକଟରେ ଏସ୍‌ସିୟୁ ଟିମ୍ ତାଙ୍କୁ ଗିରଫ କରିଛି। ନଦିମଙ୍କ ପାଖରୁ ୧୦ଟି ସେମି ଅଟୋମେଟିକ ପିସ୍ତଲ, ୧୮ ଗୁଳି, ୧୦ ମାଗାଜିନ, ବାଇକ ଓ ମୋବାଇଲ ଜବତ ହୋଇଛି। ଏ ସମ୍ପର୍କରେ ସ୍ପେଶାଲ କ୍ରାଇମ ୟୁନିଟ ପକ୍ଷରୁ ଏକ ମାମଲା (ନଂ.୭/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। କୋର୍ଟଚାଲାଣ ପରେ ଅଭିଯୁକ୍ତ ନଦିମଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନଦିମ ରାଜଧାନୀ ଓ ଏହାର ଆଖପାଖ ଅଞ୍ଚଳର ଡିଲରଙ୍କୁ ବନ୍ଧୁକ ବିକ୍ରି କରିବାକୁ ଆସିଥିବା ବେଳେ ଏସ୍‌ସିୟୁ ଟିମ୍ ଯୋଜନାବଦ୍ଧ ଭାବେ ତାଙ୍କୁ ଧରିଥିଲା। ତେବେ ତାଙ୍କର ଏହି ବନ୍ଧୁକ ରାକେଟକୁ ନେଇ ଅଧିକ ଛାନଭିନ ଚାଲିଥିବା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ନଦିମଙ୍କ ନାମରେ ବିଭିନ୍ନ ଥାନାରେ ବହୁ ସଙ୍ଗୀନ ମାମଲା ରହିଛି। ଏପରିକି ସେ ଏହାପୂର୍ବରୁ ଏକାଧିକଥର ଜେଲ ଯାଇ ମଧ୍ୟ ଫେରିଛନ୍ତି। ଗତ ମାସେ ହେବ ଏସ୍‌ସିୟୁ ଟିମ୍ ତାଙ୍କ ଉପରେ ନଜର ରଖିଥିଲା। ସେ ପୁରୀ ପାର୍ଶ୍ୱରୁ ପଲସର ବାଇକରେ ଆସୁଥିବା ବେଳେ ଏସ୍‌ସିୟୁ ଅତିରିକ୍ତ ଡିସିପିଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ତାଙ୍କୁ ଧଉଳି ଜଙ୍କ୍‌ଶନଠାରେ ମାଡିବସିଥିଲା। ତେବେ ବିହାର, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଆଦି କୁଖ୍ୟାତ ବନ୍ଧୁକ ବେପାରୀଙ୍କ ସହ ନଦିମଙ୍କ ଲିଙ୍କ ରହିଥିବା ପୋଲିସ ଜାଣିବାକୁ ପାଇଛି।

### ପୋଲିସ ଉପରକୁ ଗୁଳି ଚଳାଇ ନିଜେ ଗୁଳି ଖାଇଥିଲେ

୭ବର୍ଷ ତଳେ ପୋଲିସ ଉପରକୁ ଗୁଳି ଚଳାଇ ନଦିମ ଗୁଳିମାଡ଼ ଖାଇଥିଲେ। ୨୦୧୯ ଏପ୍ରିଲ ୧୨ ବିଳମ୍ବିତ ରାତିରେ ନଦିମ ତାଙ୍କ ସହଯୋଗୀଙ୍କୁ ବନ୍ଧୁକ ଯୋଗାଇବାକୁ ପାଟକୁରା ଥାନା ଅଞ୍ଚଳକୁ ଆସୁଥିବା କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ଖବର ପାଇଥିଲା। ପୋଲିସ ଟିମ୍ ଅର୍ଜ୍ଜୁନପୁର ଛକରେ ଛକି ରହିଥିଲା। ପୋଲିସକୁ ଦେଖି ନଦିମ ଖସି ପଳାଇବାକୁ ଚେଷ୍ଟା କରି ପ୍ରଥମେ ଗୁଳି ଚଳାଇଥିଲେ। ସେପଟୁ ପୋଲିସ ଗୁଳିମାଡ଼ କରିବାରୁ ନଦିମଙ୍କ ବାମ ଗୋଡ଼ରେ ଲାଗିଥିଲା। ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ପୁତୁରାଙ୍କୁ ଠେଙ୍ଗାରେ ପିଟି ହତ୍ୟା, ଦାଦା ଗିରଫ

**ବନ୍ତଳା, ୨୭।୯ (ସୁଶିତ ସାହୁ)**


ଅଭିଯୁକ୍ତ ଦାଦାଙ୍କୁ ଗ୍ରାମବାସୀ ଗଛରେ ବାନ୍ଧି ଦେଇଛନ୍ତି।

ମାନସିକ ଭାବେ ଅସୁସ୍ଥ ଦାଦାଙ୍କୁ ଖାଇବାକୁ ଦେବାକୁ ଯାଇଥିବା ପୁତୁରାଙ୍କୁ ହତ୍ୟା କରିଛନ୍ତି ଦାଦା। ଅନୁଗୋଳ ବ୍ଲକ ଇଙ୍କରବନ୍ଧ ପଞ୍ଚାୟତ ବଡ଼କଞ୍ଚାନୀ ଗାଁରେ ଶୁକ୍ରବାର ରାତିରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ ବଡ଼କଞ୍ଚାନୀ ଗାଁର ସୁଦର୍ଶନ ଦାସ। ଅଭିଯୋଗପାଇ ଅନୁଗୋଳ ସଦର ଥାନା ପୋଲିସ ଶନିବାର ମୃତଦେହ ଜବତ କରିବା ସହ ଅଭିଯୁକ୍ତ ଦାଦା ବସନ୍ତ କୁମାର ଦାସଙ୍କୁ ଗିରଫ କରିଛି।

ସୂଚନା ଅନୁସାରେ, ବଡ଼କଞ୍ଚାନୀ ଗାଁର ବସନ୍ତ ଜଣେ ମାନସିକ ରୋଗୀ। ସେ ଗାଁ ଶ୍ମଶାନରେ ରୁହନ୍ତି। ପରିବାର ଲୋକେ ଦୈନିକ ଖାଦ୍ୟ ନେଇ ତାଙ୍କୁ ଶ୍ମଶାନରେ ଦେଇଆସନ୍ତି। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ପୁତୁରା ସୁଦର୍ଶନ ଶ୍ମଶାନକୁ ଖାଦ୍ୟ ନେଇ ଯାଇଥିଲେ। ହେଲେ ସେ ଘରକୁ ନ ଫେରିବାରୁ ଶନିବାର ସକାଳେ ସୁଦର୍ଶନଙ୍କ ସ୍ତ୍ରୀ ଖୋଜିବା ପାଇଁ ଶ୍ମଶାନଆଡ଼େ ଯାଇ ସ୍ୱାମୀଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଏ ନେଇ ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଅଭିଯୁକ୍ତ ଦାଦା ବସନ୍ତଙ୍କୁ ଏକ ଗଛରେ ବାନ୍ଧି ସୁଦର୍ଶନଙ୍କ ସମ୍ପର୍କରେ ପଚାରିଥିଲେ। ପୁତୁରାଙ୍କୁ ଠେଙ୍ଗାରେ ପିଟି ପିଟି ମାରି ଦେଇ ୨୦୦ ମିଟର ଦୂରରେ ଫିଙ୍ଗି ଦେଇଥିବା ଦାଦା ବସନ୍ତ କହିଥିଲେ। ଏହାପରେ ଗ୍ରାମବାସୀ ଅନୁଗୋଳ ସଦର ଥାନାକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତକଙ୍କ ସାନଭାଇ ସିଦ୍ଧେଶ୍ୱର ଦାସ ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୬୩୩/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ମୃଣାଳ କାଲ ସୂଚନା ଦେଇଛନ୍ତି।

# ହାତୀ ଦାନ୍ତ ଚାଲାଣ ଅଭିଯୋଗରେ ୨ ଗିରଫ


ଗିରଫ ୨ ଅଭିଯୁକ୍ତଙ୍କ ସହ ବନ ବିଭାଗ କର୍ମଚାରୀ।

**ବଇଣ୍ଡା, ୨୭।୯ (ପରିକ୍ଷିତ ସାହୁ)**

ହାତୀ ଦାନ୍ତ ଚାଲାଣ ଅଭିଯୋଗରେ ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା କୁଡ଼ାସାହି ଗ୍ରାମର ମୁନା ବେହେରା, ଭଙ୍ଗାମୁଣ୍ଡା ଗ୍ରାମର ବିଜୟ ସିଂଙ୍କୁ ଶନିବାର କେନ୍ଦୁଝର ଓ ଧଣ୍ଡାତୋପା ବନ ବିଭାଗ ଗିରଫ କରିଛି। ସୂଚନା ଅନୁଯାୟୀ, ବର୍ଷେତଳେ ଧଣ୍ଡାତୋପା ଅଞ୍ଚଳରୁ ହାତୀ ଦାନ୍ତ କେନ୍ଦୁଝର ଚାଲାଣ କରାଯାଇଥିଲା। କେନ୍ଦୁଝର ଅଞ୍ଚଳରେ ହାତୀ ଦାନ୍ତ ଜବତ କରାଯାଇଥିବା ବେଳେ ୨ ଜଣ ଶିକାରୀ ପୂର୍ବରୁ ଗିରଫ ହୋଇଥିଲେ। ଏହି ଚୋରା ଚାଲାଣରେ ସମ୍ପୃକ୍ତ ଥିବା ବିଜୟ ଓ ମୁନାଙ୍କୁ ଶନିବାର ଗିରଫ କରାଯାଇଛି।

# ସୀମାନ୍ତରେ ମାଓବାଦୀଙ୍କ ବନ୍ଧୁକ ତିଆରି କାରଖାନା ଠାବ

## ବିପୁଳ ପରିମାଣର ବନ୍ଧୁକ, ଅସ୍ତ୍ରଶସ୍ତ୍ର ତିଆରି ସରଞ୍ଜାମ ଜବତ

**ମାଲକାନଗିରି, ୨୭।୯ (ଦୁର୍ଯ୍ୟୋଧନ ପାତ୍ର)**


ଜବତ ହୋଇଥିବା ମାଓବାଦୀ ଅସ୍ତ୍ରଶସ୍ତ୍ର ତିଆରି ସରଞ୍ଜାମ।

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲ୍ଲା ପୋଲିସ ଓ କୋବ୍ରା ୨୦୩ ସୁରକ୍ଷା ବାହିନୀ ମିଳିତ ଭାବେ ମାଓବାଦୀଙ୍କ ବନ୍ଧୁକ ତିଆରି କାରଖାନା ଠାବକରି ବିପୁଳ ପରିମାଣର ସରଞ୍ଜାମ ଶନିବାର ଜବତ କରିଛନ୍ତି।

ସୂଚନା ଅନୁଯାୟୀ, ସୁକ୍‌ମା ଜିଲ୍ଲା ପୋଲିସ ଓ କୋବ୍ରା ୨୦୩ ବାହୀନୀ ମିଳିତ ଭାବେ ମେଟାଗୁଡ଼ା କ୍ୟାମ୍ପରୁ ବାହାରି କୋଇମେଣ୍ଟାର ଏରାପାଲୀ ଗାଁ ଚାରିପାଖ ଜଙ୍ଗଲରେ ମାଓବାଦୀ ବିରୋଧୀ ଅଭିଯାନ କରୁଥିଲେ। ଏହି ସମୟରେ କୋଇମେଣ୍ଟାର ନିକଟ ଜଙ୍ଗଲରେ ମାଓବାଦୀଙ୍କ ଏକ ଅର୍ଡନାନ୍ସ ଫ୍ୟାକ୍ଟ୍ରି ଠାବକରି ଏହାକୁ ଧ୍ୱଂସ କରିଥିଲେ। ଏହି କାରଖାନାରେ ମାଓବାଦୀ ବନ୍ଧୁକ, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଆଦି ସାମଗ୍ରୀ ତିଆରି ପାଇଁ ବ୍ୟବହୃତ ବିପୁଳ ପରିମାଣର ଉପକରଣ ଗଚ୍ଛିତ କରି ରଖିଥିଲେ। ସୁରକ୍ଷା ବାହିନୀକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ମାଓବାଦୀମାନେ ଏହି ବନ୍ଧୁକ, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ତିଆରି କାରଖାନା ପରିଚାଳନା କରୁଥିବା ସୂଚନା ମିଳିଛି। ସୁରକ୍ଷା ବାହିନୀ ପକ୍ଷରୁ ଭୂଲମ୍ବ ମିଲିଂ ମେଶିନ,୩ ବେଞ୍ଚ ଭାଇସ୍, ୨ ବଡ଼ ବିଜିଏଲ୍ ଲଞ୍ଚର, ୧୨ ବିଜିଏଲ୍ ସେଲ୍, ୯୪ ବିଜିଏଲ୍ ହେଡ୍, ହାଣ୍ଡ ଗ୍ରାଇଣ୍ଡର ମେଶିନ, ୬ କାଠ ରାଇଫଲ ବଟ୍, ଭର୍ମର ଟ୍ରିଗର ମେକାନିଜମ୍, ପିସ୍ତଲ ଗ୍ରିପ, ଭର୍ମର ଟ୍ରିଗର, ୪ ସୌର ବ୍ୟାଟେରି, ୧୦ ବୋର୍‌ୱେଲ ଡ୍ରିଲିଂ ବିଟ୍, ୨ ଗ୍ୟାସ୍ କଟର ହେଡ୍, ୩ ଦିଗ୍‌ଦର୍ଶନ ଆଇଇଡି ପାଇପ, ୬ ଧାତୁ ଯାଞ୍ଚ ପାତ୍ର, ୨ ଖଣ୍ଡ ଷ୍ଟିଲ୍ ପାଣି ପାତ୍ର, ଗୋଟିଏ ଆଲୁମିନିୟମ ପାତ୍ର ସହ ଅନ୍ୟ ସାମଗ୍ରୀ ଜବତ କରାଯାଇଛି।


ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

**ODISHA SCHOOL EDUCATION PROGRAMME AUTHORITY**

**"SHIKSHA SOUDHA", UNIT-V, BHUBANESWAR-751001**

**No. 10600/CW/2025** **Date : 26/09/2025**

**NOTICE INVITING REQUEST FOR PROPOSAL (RFP)**

**No.n-** : Odisha School Education Programme Authority (OSEPA), under administrative control of School & Mass Education Department, Government of Odisha invites sealed tender for selection of an agency for providing Event Management Services for execution of different works relating to (i) State Level Childrens' Festival **"SURAVI 2025"** scheduled to be held **from 12th - 14th November 2025** & (ii) **"NIJUKTI MELA"** for appointment of teachers in Secondary & Higher Secondary Schools on **15th November 2025** at **Capital High School, Unit-III, Bhubaneswar**. The duration of the programme is for 04 days starting from **12th November 2025 to 15th November 2025**.

The RFP document will be available on the OSEPA website i.e. https://osepa.odisha.gov.in. The bidders fulfilling the prescribed eligibility criteria of the RFP can access, download the complete RFP Document and other details from the above website & apply accordingly. Corrigendum/addendum, if any, shall only be notified on the website mentioned above. Hence, the interested bidders are requested to be in continuous touch with the above website.

**The major events under the bid process are :**

| Sl. No. | List of Key Events | Dates |
|---|---|---|
| 1 | **Date of availability of RFP document in OSEPA website** | **By 27/09/2025** |
| 2 | **Last Date for Receipt of Bid** | **Up to 5.00 P.M. of 17/10/2025** |
| 3 | **Date and Time of Opening of Technical Bid and Technical Evaluation followed by technical presentation** | **At 11.00 A.M. on 18/10/2025 onwards** |
| 4 | **Date of Opening of Financial Bid of technically qualified bidders** | **On 18/10/2025 (after technical evaluation & presentation)** |

The proposal complete in all respects must reach the undersigned by **Speed Post/ Registered Post/ Courier only latest up to 5.00 P.M of 17/10/2025**. The proposals received beyond the last date and time will be rejected. The Tender Inviting Authority (TIA) i.e. OSEPA reserves the right to accept/reject any/all BIDS / cancel the entire selection process at any stage without assigning any reason thereof.

**Address for Submission of Proposal :**
**To**
**The State Project Director,**
**Odisha School Education Programme Authority (OSEPA), "Shiksha Soudha", Unit-V, Bhubaneswar, Odisha-751001**

**OIPR-27068/11/0060/2526** **Sd./- State Project Director**



**GOVT. OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, SONEPUR**
**1st Corrigendum**
**Letter No.3868, Dtd.25.09.2025**

**No.O-890:** In continuation to this office tender identification No. SNPR/Online 02 of 2025-26 invited vide this office letter No.3804, dtd.22.09.2025, under unavoidable circumstances partial modification of TCN has been made as follows.

| Sl. No. | Tender Identification No. | Items | Time Schedule as per Original TCN | Time Schedule as per 1st Corrigendum Notice |
|---|---|---|---|---|
| 1 | 2 | 3 | 4 | 5 |
| 1 | Bid Identification SNPR/Online-02 of 2025-26 | Availability of Tender On-line for bidding | 25.09.2025 at 11.00 AM to 04.10.2025 upto 5.00 PM | 25.09.2025 at 11.00 AM to 13.10.2025 upto 5.00 PM |
| 2 | | Date & Time of seeking tender clarification | 03.10.2025 upto 4.00 PM | 10.10.2025 upto 4.00 PM |
| 3 | | Date & Time of opening of tender | 06.10.2025 at 11.00 AM | 14.10.2025 at 11.00 AM |

OIPR-25054/11/0036/2526 **Sd./- Executive Engineer, Rural Works Division, Sonepur**



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, BALLIGUDA**
Government of Odisha
No.3527//RWDBLG, Date : 24.09.2025
**1st Corrigendum to the Bid Identification No. Online tender/02/EERWD BLG/2025-26**

**No.O-921** : The tender invited vide Bid Identification No. **Online tender/02/EERWD BLG/2025-26** vide T.O. Office Letter No.**1961 dt.09.05.2025**. Due to unavoidable circumstances, the availability of tender online for bidding is from **14.05.2025** at **10.00 A.M.** to **20.05.2025** upto **5.00 P.M.** instead of 25.09.2025 at 10.00 A.M. to 09.10.2025 up to 5.00 P.M. Opening Dt.10.10.2025.
The other terms and conditions are remained unchanged.
**Further details, corrigendum(s) etc can be seen from the e-procurement portal "https://www.tendersorissa.gov.in"**

Sd./- Executive Engineer
R.W.Division, Balliguda
OIPR-25150/11/0007/2526



**ODISHA STATE SEEDS CORPORATION LIMITED**
**(A GOVERNMENT UNDERTAKING)**
**SANTARAPUR, BHUBANESWAR-751002**
**Tel-MD 0674-2340573, E-mail-mdossclt d456@gmail.com**

**TENDER CALL NOTICE**
**No.OSSC/Engg-128/2025**

**No.CAD-1891:**The Managing Director, Odisha State Seeds Corporation Ltd invites the following tenders through ONLINE through e-procurement site of Govt. of Odisha www.tenderodisha.gov.in.
**Percentage Rate Tenders** from eligible Civil works contractors registered under Competent authority of Govt. of Odisha. ***Amount in Rs.***

| Sl | Name of the Work | Estimated Amt | EMD | Cost of Tender document | Completion period | Eligibility class of contractors |
|---|---|---|---|---|---|---|
| 1 | Construction of Office Building at Seed Processing Plant Shyamakhunta, Mayurbhanja | 22,76,785.00 | 22,768.00 | 6720/- | 180 | C or above |

The details of location of work, estimated amount regarding construction work alongwith cost of Tender Document, EMD and other criteria alongwith critical dates for the above Tenders can be seen in the Detailed Tender Call Notice posted in website of Govt. of Odisha www.tenderodisha.gov.in.
The last date for uploading of tender to tender portal is **dt.08.10.2025.**

OIPR-01045/11/0104/2526 **Sd./- Managing Director, OSSC Ltd., BBSR**



**ODISHA MODEL TRIBAL EDUCATION SOCIETY (OMTES)**
**ST & SC DEVELOPMENT, M & BCW DEPARTMENT**
**GOVERNMENT OF ODISHA**
**Request for Proposal no 865/Date26/09/2025**

No.CAD-Sealed Request for Proposal (RFP) are requested from Interested Event Management Agencies to provide event management services during 4th National EMRS Sports Meet, 2025 to be organised at Sundargarh district from 11th to 15th November 2025.
For details of the Request for Proposal, please visit website- www.omtes.org and http://stsc.odisha.gov.in.
Last date for Tender submission is **23rd October 2025 5.00 PM**

**OIPR-26009/11/0011/2526** **Sd./- Secretary, OMTES**



ଓଡ଼ିଶା ସରକାର
ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
**Government of Odisha**
**Panchayati Raj & Drinking Water Department**
ଓଡ଼ିଶା ସଚିବାଳୟ, ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
**Odisha Secretariat, Sachibalaya Marg, Bhubaneswar-751 001**
**Fax:0674-2391413, e-mail: prsec.or@nic.in**
**No.PR-RH-ESTT-0001-2025- 27155/PR&DW** **Date:26.09.25**

**CORRIGENDUM NOTICE**

No.i- In continuation to the Tender Notice No.PR-RH-ESTT-0001- 2025-25348/ PR&DW dated 13.09.2025, inviting sealed tenders from eligible organisations for selection of service providing agencies to provide manpower for the State Project Management Unit under Pradhan Mantri Awas Yojana (Gramin), it is hereby informed that certain modifications/clarifications have been issued.
The details of the corrigendum may be seen on the following websites:
- https://panchayat.odisha.gov.in/
- https://rh.odisha.gov.in/

All other terms and conditions of the tender shall remain unchanged.

**Sd./- Director Special Projects**
**Panchayati Raj &**
**Drinking Water Department**
**OIPR-19001/11/0032/2526**



**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
ଓଡ଼ିଶା ସରକାର
**POWER HOUSE SQUARE, UNIT-V, BHUBANESWAR**
**Tel.No.0674-2394873, Fax:2391255/2391024**
**Email:sdaorissa@od.gov.in, eic-epcei@od.gov.in**

**Indicative corrigendum advertisement for the Engagement of EV Consultant on temporary basis in Energy Conservation Cell in the office of Engineer in Chief (Electricity)-cum-Principal Chief Electrical Inspector, Odisha, Bhubaneswar**

**Advt.No.Tech-EC-1188/6385/ Dated 25 September, 2025**
No.AA-29: Engineer-in-Chief (Electricity)-cum-Principal Chief Electrical Inspector, Odisha under the Department of Energy, Govt. of Odisha invites applications from eligible candidates for engagement of one number of EV consultant. The last date of receipt of completed applications is extended upto **15.10.2025, 05.00 PM.**
For details advertisement and to download the application forms, please visit the website: https://eicelectricityodisha.nic.in. The authority reserves the right to accept/ reject any application without assigning any reasons thereof.

**Sd./- EIC (E)-cum-PCEI & SDA (O)**
OIPR-04066/11/0042/2526 "Go Electric Go Green"



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: **18819/ଭୁ.ଉ.କ., ଭୁବନେଶ୍ୱର** ତା: **23.09.2025**ରିଖ
**AL-II-4/98**

**ସୂଚନା।**

No. CAD-1882: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରିୟଦର୍ଶିନୀ ମାର୍କେଟ କମ୍ପ୍ଲେକ୍ସ, ସି.ଆର୍.ପି. ଛକ, ଭୁବନେଶ୍ୱର ଅନ୍ତର୍ଗତ Office Space, 3rd Floorକୁ ନବକିଶୋର ନାୟକଙ୍କ ନାମରୁ ଲିଙ୍ଗରାଜ ସାହୁ, ପିତା: ବିଶ୍ୱନାଥ ସାହୁ, ଗ୍ରାମ/ପୋଷ୍ଟ/ଥାନା: ହିଞ୍ଜିଳିକଟୁ, ଜିଲ୍ଲା: ଗଞ୍ଜାମ, ଓଡ଼ିଶାଙ୍କ ନାମରେ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଲିଙ୍ଗରାଜ ସାହୁ ଗତ ତା୦୧।୦୧।୨୦୨୪ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate No. 1547/2024 dated 06.02.2024).
Legal heir Certificate No. e-LHC/2024/38209 Dated: 30.03.2024 ଅନୁଯାୟୀ ଲିଙ୍ଗରାଜ ସାହୁଙ୍କର ଉତ୍ତରାଧିକାରୀ (୧) ସସ୍ମିତା ସାହୁ (ସ୍ତ୍ରୀ), (୨) ଶୁଭ୍ରଜିତ ସାହୁ (ପୁତ୍ର) ଓ (୩) ଶିବାଙ୍ଗୀ ସାହୁ (ଅବିବାହିତା କନ୍ୟା) ଅଟନ୍ତି।
ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ Office Space, 3rd Floorର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ Office Space, 3rd Floorର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0382/2526



**Office of District Manager** Annexure-II
**Odisha State Civil Supplies Corporation Ltd. (OSCSC)**
**Nayagarh (District)**
**Phone : 06753252439**
**District Website :** https://**nayagarh.odisha.gov.in**
Tender No. : **4593, 4594, 4595, 4596, 4597, 4598, 4599 & 4600 Dt. 25.09.2025**
District Manager, Odisha State Civil Supplies Corporation Ltd. **Nayagarh** (District) invites tenders in Double Cover System through
**No.CAD-1880 ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of Transport Contractors for transportation of Paddy from Paddy Purchase Centres (PPCs) to Rice Mills and CMR from Rice Mills to Rice Receiving Centres (RRCs) for the KMS : 2025-26 (Kharif & Rabi) in the district of the State of Odisha |
| 2 | Availability of bid document in the portal | From 26.09.2025 onwards |
| 3 | Last Date / Time for Receipt of bids in the portal | Dt.15.10.2025 upto 05:00 (PM) |
| 4 | Date/Time of Opening of Technical Bid | Dt.17.10.2025 at 11:00 AM |
| 5 | Name and address of the Officer Inviting Tender | District Manager, OSCSC Ltd, Nayagarh (District) |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

**Sd./- District Manager**
**OSCSC Ltd., Nayagarh**
**OIPR-07057/11/0011/2526**

# ୨ ଦିନ ଲଗାଣ ବର୍ଷାରେ ନବରଙ୍ଗପୁର ବେହାଲ

## ଅସ୍ଥାୟୀ ପୋଲ ଉପରେ ୩ଫୁଟ୍‌ର ପାଣି

**ଧୋଡ୍ରା, ୨୭।୯(ଗଣେଶ ଚନ୍ଦ୍ର ଛତ୍ର)**

ନବରଙ୍ଗପୁର ଜିଲାରେ ୨ଦିନ ହେବ ଲଘୁଚାପ ପ୍ରଭାବରେ ବର୍ଷା ଲାଗି ରହିଛି। କେଉଁଠି ପୋଲ ଉପରେ ପାଣି ଚାଲିଚି ତ କେଉଁଠି ଘର ଭାଙ୍ଗିବା, ଗଛ ପୁଡ଼ିବା ଭଳି ଦୃଶ୍ୟ ସାମ୍ନାକୁ ଆସିଛି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବକଡ଼ାବେଡ଼ା ବରାଯୋଡ଼ି ନଦୀ ଅସ୍ଥାୟୀ ପୋଲ ଉପରେ ବନ୍ୟା ଜଳ। ୨ ଦିନ ଧରି ଲଗାଣ ବର୍ଷାରେ ଅସ୍ଥାୟୀ ପୋଲୋ ଉପରୁ ପାଣି ଚାଲୁଛୁ। ଉମରକୋଟରୁ ନବରଙ୍ଗପୁରକୁ ସଂଯୋଗ କରୁଥିବା ୩୯ ନମ୍ବର ରାଜ୍ୟ ରାଜପଥ ଝରିଗାଁ ବ୍ଲକ ତେନ୍ତୁଳି ଗାଁ ଏବଂ ବକଡାବେଡା ମଝିରେ ବୋରାଯୋଡି ନଦୀ ଉପରେ ଥିବା ଅସ୍ଥାୟୀ ପୋଲ ଉପର ଦେଇ ୩ ଫୁଟର ବର୍ଷା ପାଣି ପ୍ରବାହିତ ହେଉଥିଲା। ଫଳରେ ପୋଲ ଉପର ଦେଇ ଯାତାୟାତ ବାଧା ପ୍ରାପ୍ତ ହୋଇଛି। ଫଳରେ ଉକ୍ତ ରାସ୍ତା ଦେଇ ଉମରକୋଟକୁ ନବରଙ୍ଗପୁର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡ଼ି ଅଟକି ରହିଛି। ତେବେ ଗାଡ଼ି କିମ୍ବା ଯାତ୍ରୀ ଉକ୍ତ ପୋଲ ଉପରେ ଯାତାୟାତ କରି ଦୁର୍ଘଟଣା ଶିକାର ହେବା ଆଶଙ୍କା କରି ଅସ୍ଥାୟୀ ପୋଲକୁ ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଭାଙ୍ଗାଯାଇ ପାଣି ନିଷ୍କାସନ ବ୍ୟବସ୍ଥା କରାଯାଇଛି। ତେଣୁ ଏହି ରାସ୍ତାରେ ଯାତାୟତ କରୁଥିବା ଯାନ ବାହାନକୁ ବିକଳ୍ପ ରାସ୍ତା ଦେଇ ଯିବା ନିମନ୍ତେ ପରାମର୍ଶ ଦିଆଯାଇଛି। ଉମରକୋଟ ଆସୁଥିବା ଯାନବାହାନ ଝରିଗାଁ ଦେଇ ଡାବୁଗାଁ ବାହାରି ନବରଙ୍ଗପୁର ଯିବେ। ନବରଙ୍ଗପୁରରୁ ଆସୁଥିବା ଯାନବାହାନ ଡାବୁଗାଁ ଦେଇ ଝରିଗାଁ ଉମରକୋଟକୁ ଯିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି। ଉମରକୋଟରୁ ଯାଉଥିବା ଯାନବାହାନଗୁଡିକ ବର୍ତ୍ତମାନ ଉକ୍ତ ବିକଳ୍ପ ରାସ୍ତାଦେଇ ଯାତାୟାତ କରୁଛି। ପ୍ରକାଶ ଯୋଗ୍ୟ ଯେ ଗତ ଏକ ବର୍ଷ ବିତିଗଲା ତଥାପି ଛୋଟିଆ ପୋଲ ନିର୍ମାଣ ହୋଇ ପାରିଲାନାହିଁ। ଏହାକୁ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ହେତୁ ବିଳମ୍ବ ହେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



ପୋଲ କାଟି ପାଣି ରାସ୍ତାକୁ ଛଡ଼ାଯାଉଛି।

## ଉପୁଡ଼ିଲା ଗଛ, ଭାଙ୍ଗିଲା ଘର

**ଉମରକୋଟ, (ସନ୍ତୋଷ ଶତପଥୀ)**

ଭୀଷଣ ବର୍ଷାରେ ଉମରକୋଟରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଉମରକୋଟ ସହର ନିକଟସ୍ଥ ବଡ଼ଭରଣ୍ଡିରେ ଥିବା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିରାଟ ଗଛ ଭାଙ୍ଗିଯାଇଛି। ଫଳରେ ହଷ୍ଟେଲରେ ରହୁଥିବା ଝିଅମାନେ ବାହାରକୁ ବାହରି ପାରିନାହାନ୍ତି। ଖବରପାଇ ଉମରକୋଟ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ସଫା କରିଥିଲେ। ସେହିଭଳି ଡଙ୍ଗରିଗୁଡାରେ ଥିବା ଶନି ମନ୍ଦିର ଗଳି ରାସ୍ତାରେ ବିରାଟ ଗଛ ଉପୁଡ଼ି ୨ଟି ଆଜବେଷ୍ଟ ଘର ଭାଙ୍ଗିଯାଇଛି। ସରିତା ମାଳିଙ୍କ ୩ ବଖରା ଆଜବେଷ୍ଟ ଘର ଉପରେ ଗଛ ଉପୁଡ଼ି ପଡ଼ିବାରୁ



ଡଙ୍ଗରିଗୁଡାରେ ଘର ଉପରେ ଗଛ ଉପୁଡ଼ି ପଡ଼ିଛି।

ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସେହି ଘର ପାଖେ ସୁମନ୍ତ ରାୟଙ୍କ ଆଜେବେଷ୍ଟ ଘର ଉପରେ ଗଛ ପଡିଯିବାରୁ ଆଂଶିକ ଭାବେ ଘରଟି ଭାଙ୍ଗିଯାଇଛି। ଖବରପାଇ ଉମରକୋଟ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛ କାଟି ସଫା କରିଥିଲେ। ଉମରକୋଟ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ବଗିଚାରେ ପାଣି ଜମା ହୋଇ ରହିଥିଲା। ଖବରପାଇ ଉମରକୋଟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପମ୍ପ ଲଗାଇ ଜଳ ନିଷ୍କାସନ କରିଥିଲେ। ସେହିପରି ଧୋଡ୍ରା ରାଜସ୍ୱ ନୀରିକ୍ଷକଙ୍କ ଘର ଚାରି ପାଖ ପାଣି ଜମି ଏକ ପୋଖରୀର ଭ୍ରମ ସୃଷ୍ଟି କରିଥିଲା। ସେଠାରୁ ଉମରକୋଟ ଅଗ୍ନିଶମ କର୍ମଚାରୀ ପହଞ୍ଚି ପମ୍ପ ଲଗାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜଳ ନିଷ୍କାସନ କରିଥିଲେ। ଏହି ସମସ୍ତ କାର୍ଯ୍ୟରେ ଉମରକୋଟ ଅଗ୍ନିଶମ ଅଧିକାରୀ ଭାଗିରଥି ବାଣ୍ଡୁଆ, ମୁଖ୍ୟ ଆଗ୍ନିକ ହରିଶଙ୍କର ସୁନାନି, ଡ୍ରାଇଭର ହାବିଲଦାର ଜଗଦୀଶ କାଣ୍ଡ, ଅଗ୍ନିଯୋଦ୍ଧା ୩୧୪୫ ଯଦୁମଣି କୋକ, ଅଗ୍ନିଯୋଦ୍ଧା ୨୪୮୪ ଦଶରଥ ସାହୁ, ଅଗ୍ନିଯୋଦ୍ଧା ୩୮୦୧ ଚନ୍ଦ୍ର ମଣୀ ମେହେର ଓ ଅଗ୍ନି ଯୋଦ୍ଧା ୧୬୦୬ ଟଙ୍କ ସୁନା ପ୍ରମୁଖ କର୍ମଚାରୀ ଏହି ସମସ୍ତ କାର୍ଯ୍ୟ କରିଥିଲେ।



ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ଗୁଲିପାଟଣା ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି

## ଗ୍ୟାରେଜରେ କାମ କରିବାବେଳେ ବିଦ୍ୟୁତ୍ ସ୍ପର୍ଶରେ ଜଣେ ମୃତ

**ଡାବୁଗାଁ, ୨୭।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାରେ ଥିବା ମୋଟରସାଇକେଲ ମରାମତି ଦୋକାନରେ କାମ କରୁଥିବା ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ଶନିବାର ଅପରାହ୍ନରେ ମୃତ୍ୟୁ ଘଟିଛି । ସେ ହେଲେ ଉମରକୋଟ ଥାନା ଅଧୀନ ଧୋଡ୍ରା ଭୀମାଗୁଡା ଗ୍ରାମର ଶିବୁ ହରିଜନ (୨୦)। ସୂଚନାନୁଯାୟୀ, ଡାବୁଗାଁ ବ୍ଲକ ସଦର ମହକୁମାରେ ଥିବା ଏକ ମୋଟରସାଇକେଲ ମରାମତି ଦୋକାନରେ ଶିବୁ କାମ କରନ୍ତି। ଶନିବାର ଅପରାହ୍ନ ୩ଟାରେ କାମ କରୁଥିବା ସମୟରେ ହଠାତ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇ ପଡ଼ିଥିଲେ। ପଡୋଶୀ ଦୋକାନୀମାନେ ତାଙ୍କୁ ସଙ୍ଗେ ସଙ୍ଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ଯୁବକଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ସନ୍ଧ୍ୟାରେ ମୃତକଙ୍କ ସମ୍ପର୍କୀୟ ଆସି ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହା ପରେ ମୃତକଙ୍କ ବାପା ମଙ୍ଗୁଲୁ ହରିଜନ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଏନେଇ ଥାନା କେସ ନଂ ୩୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଏଏସ୍ଆଇ ଚନ୍ଦ୍ର ଶେଖର ହଜାରୀ ଘଟଣାର ତଦନ୍ତ କରୁଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

## ପ୍ଲାଷ୍ଟିକ୍ ବ୍ୟବହାରକୁ ନା, ଚାରାର ଯତ୍ନ ନେବାକୁ ପରାମର୍ଶ





ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ବୁଝାଉଛନ୍ତି।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ

**ଚନ୍ଦାହାଣ୍ଡି, ୨୭।୯(ଦିଲୀପ ଦାସ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ପାନାବେଡ଼ା ମହାବିଦ୍ୟାଳୟ ପରିସରରେ ବିଡିଓ ଚଇନୁ ଗଣ୍ଡଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ +୨ ଅଧ୍ୟକ୍ଷ ନଳିନୀ ଦାସ, ଅଧ୍ୟାପକ ମକର ନାୟକ, ଚତୁର୍ଭୁଜ ମେହେର, ଅଧ୍ୟାପିକା ଦୁର୍ମିଳା ବାଘ, ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ବେହେରା, ସହକାରୀ ଯନ୍ତ୍ରୀ ରାଜୀବ ଲୋଚନ ଧଳ, ବିଏଫ୍‌ଟି ଗୋବର୍ଦ୍ଧନ ଡଙ୍ଗରୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ବାହାରେ ଶୌଚ ନ ଯାଇ ଘରେ ପାଇଖାନା ବ୍ୟବହାର କରିବା ସହିତ ନିଜ ନିଜ ଗ୍ରାମରେ ଲୋକଙ୍କୁ ଏ ସମ୍ପର୍କରେ ସଚେତନ କରିବାକୁ ପରାମର୍ଶ ଦିଆଯାଇଥିଲା। ପ୍ଲାଷ୍ଟିକ ବ୍ୟବହାରକୁ ପ୍ରତ୍ୟାଖ୍ୟାନ, ପୁନଃଚକ୍ରଣ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ଲାଷ୍ଟିକ ଜିନିଷର ବ୍ୟବହାର ହ୍ରାସ କରି ଜୈବ ବିଭାଗୀୟ ଜିନିଷର ବହୁଳ ବ୍ୟବହାରକୁ ଗୁରୁତ୍ୱ, ମା'ଙ୍କ ନାମରେ ଚାରାଟିଏ ଲଗାଇ ତାହାର ଯତ୍ନ ନେବା, ପରିବେଶକୁ ପରିଷ୍କାର ରଖି ନିଜକୁ ଓ ଅନ୍ୟମାନଙ୍କୁ ସୁସ୍ଥ ପରିବେଶ ପ୍ରଦାନ, ସମସ୍ତେ କିପରି ନିରୋଗୀ ରହିବେ ଏହା ହିଁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ନବରଙ୍ଗପୁର ଖେଳାଳିଙ୍କ ବାଜିମାତ୍

## ଆର୍ଯ୍ୟନ, ମାଧବ ଜାତୀୟ ସ୍ତରକୁ ମନୋନୀତ

**ଧୋଡ୍ରା, ୨୭।୯(ଗଣେଶ ଚନ୍ଦ୍ର ଛତ୍ର)**

ଉମରକୋଟ ବ୍ଲକ ଅଧୀନ ଭଣ୍ଡାରୀଗୁଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ +୨ କଳା ପ୍ରଥମ ବର୍ଷର ଦୁଇ ଛାତ୍ର ଆର୍ଯ୍ୟନ ପ୍ରିୟଦର୍ଶୀ ମୁଦୁଲି ଓ ମାଧବ ସାନ୍ତା ବ୍ରହ୍ମପୁରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଭାରୋତ୍ତଳନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ଜାତୀୟସ୍ତରୀୟ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୧୭ ବର୍ଷରୁ କମ୍ ବର୍ଗରେ ୮୦ କେଜି ପାଇଁ ଆର୍ଯ୍ୟନ ମୁଦୁଲି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ୫୬ କେଜି ପାଇଁ ମାଧବ ସାନ୍ତା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଦୁଇ ଛାତ୍ରଙ୍କ ଏହି ସଫଳତା ପାଇଁ ଡିଇଓ ଛତ୍ରପତି ସାହୁ, କ୍ରୀଡ଼ା ନିରୀକ୍ଷକ ପ୍ରଭାତ ପଟ୍ଟନାୟକ, ଭାରତ୍ତୋଳନ ପ୍ରତିଯୋଗିତା ସଂଯୋଜକ ତଥା ବିଶିଷ୍ଟ କ୍ରୀଡ଼ାଶିକ୍ଷକ ବ୍ରଜବନ୍ଧୁ କାଣ୍ଡି, ଭରୋତ୍ତଳନ କୋଚ ସଞ୍ଜୀବ ସାହୁ, ଉମରକୋଟ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅସୀମ ବିଶ୍ୱାସ, ବିଦ୍ୟାଳୟ ଅଧ୍ୟକ୍ଷ ବାବୁରାମ ସାହୁ, କ୍ରୀଡ଼ା ଶିକ୍ଷକ ପରେଶ କୁମାର ମହାପାତ୍ର ଓ ଅଧ୍ୟାପକ ରଞ୍ଜୀତ ମଜୁମଦାର, ଉମରକୋଟର କ୍ରୀଡା ଶିକ୍ଷକ ଏମ୍. ବିଜୟ କୁମାର ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆର୍ଯ୍ୟନଙ୍କ ବାପା ପ୍ରତାପ କୁମାର ମୁଦୁଲି, ମା' ଦୀପା ଓ ମାଧବଙ୍କ ବାପା ଜାରିଆ ସାନ୍ତା ଓ ମାତା ଲକ୍ଷ୍ମୀ ପୁଅଙ୍କ ସଫଳତା ପାଇଁ ଖୁସି ବ୍ୟକ୍ତି କରିଛନ୍ତି। ଏଥିସହ ବିଦ୍ୟାଳୟ ଅଧ୍ୟକ୍ଷ ଓ ଜିଲା କ୍ରୀଡା ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ନବରଙ୍ଗପୁର ଜିଲା କ୍ରୀଡା ବିଭାଗ ପ୍ରତିଯୋଗୀ ଦ୍ୱୟଙ୍କ ଉନ୍ନତି କାମନା କରିବା ସହ ଜାତୀୟସ୍ତରରେ ଅନୁରୂପ ସଫଳତା ପାଇଁ ପ୍ରାର୍ଥନା କରୁଛନ୍ତି।



ଜାତୀୟ ସ୍ତରକୁ ମନୋନୀତ ହୋଇଥିବା ଖେଳାଳି।

### ୬୯ ତମ ରାଜ୍ୟ ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ, ୱେଟଲିଫ୍ଟିଂ ପ୍ରତିଯୋଗିତା

■ହ୍ୟାଣ୍ଡବଲ୍‌ରେ ଚାମ୍ପିୟନ, ୱେଟ୍‌ଲିଫ୍ଟିଂରେ ୫ ପଦକ

**ନବରଙ୍ଗପୁର,୨୭।୯ (ସଦାଶିବ ପ୍ରହରାଜ)**

ଗଞ୍ଜାମ ଜିଲା ବ୍ରହ୍ମପୁର ସହରସ୍ଥିତ ମହାତ୍ମା ଗାନ୍ଧି ଷ୍ଟାଡିୟମରେ ୬୯ ତମ ରାଜ୍ୟ ବିଦ୍ୟାଳୟ ସମୁହ ହ୍ୟାଣ୍ଡବଲ ଓ ୱେଟଲିଫ୍ଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ନବରଙ୍ଗପୁର ଦଳ ହ୍ୟାଣ୍ଡବଲ ବାଳକ ୧୪ ବର୍ଷରୁ କମ ବିଭାଗରେ ଚାମ୍ପିୟନ ହୋଇଛନ୍ତି। ନବରଙ୍ଗପୁର ଦଳ ଫାଇନାଲ ମ୍ୟାଚରେ ଭୁବନେଶ୍ୱର ଦଳକୁ ପରାସ୍ତ କରି ଟ୍ରଫି ହାସଲ କରିଛି। ଏହା ବ୍ୟତିତ ୱେଟ୍‌ଲିଫ୍ଟିଂରେ ନବରଙ୍ଗପୁର ଦଳ ପ୍ରଥମ ଥର ପାଇଁ ୫ଟି ପଦକ ବିଜେତା ହୋଇଛି। ଭଣ୍ଡରିଗୁଡ଼ା ଉଚ୍ଚ ବିଦ୍ୟାଳୟ ଆୟାନ ପ୍ରୀୟଦର୍ଶୀ ମୁଦୁଲି ଓ ମାଧବ ସାନ୍ତା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ମଞ୍ଜିତ୍ କୋଲାର ଓ ସ୍ୱସ୍ତିକ ଖଲିଆ ରୌପ୍ୟ, ଆଲାରପ୍ରୀୟା ନାୟକ ଓ ଜୟନ୍ତୀ ରାଥଡ ବ୍ରୋଞ୍ଜ ପଦକ ବିଜୟ ହୋଇଛନ୍ତି। ହ୍ୟାଣ୍ଡବଲ୍ ଦଳ ସହ କ୍ରୀଡ଼ା ଶିକ୍ଷକ ମନୋଜ ପୂଜାରୀ, ସୁଶାନ୍ତ ବଳ ଓ ଶିକ୍ଷୟିତ୍ରୀ ପୁରବୀ ପରିଡ଼ା , ଭାରତୀ ନାୟକ ଯୋଗ ଦେଇଥିଲେ। ୱେଟଲିଫ୍ଟିଂରେ କ୍ରୀଡ଼ା ଶିକ୍ଷକ ନକୁଳ ଶାନ୍ତା, ସଞ୍ଜୀବ ସାହୁ, ମିଲି ହାଲଦର୍, ଏମ. ବିଜୟ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କ ଏହି ସଫଳତା ପାଇଁ ଡିଇଓ ଛତ୍ରପତି ସାହୁ, ଏଡିଇଓ କେଶବ ମେହେର, ପ୍ରକାଶ ଚନ୍ଦ୍ର ମହାଳିକ, ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ ସମସ୍ତ କ୍ରୀଡ଼ା ଶିକ୍ଷକ ଅଭିନନ୍ଦନ ଜଣାଇଛନ୍ତି।



ହ୍ୟାଣ୍ଡ୍‌ବଲ ପ୍ରତିଯୋଗିତାର ଚାମ୍ପିୟନ ନବରଙ୍ଗପୁର ଦଳ।

## ଲଣ୍ଠନ ଆଲୁଅର ମଞ୍ଚ ନାଟକ ଡିଜିଟାଲ ଲାଇଟର ଏଆଇ ଯୁଗରେ ମଧ୍ୟ ବଞ୍ଚିଛି

### ୩୮ତମ ଓଡ଼ିଶା ନାଟ୍ୟ ସଂଘ ଦିବସରେ ଆଲୋଚନାଚକ୍ର

**ନବରଙ୍ଗପୁର,୨୭।୯(ସଦାଶିବ ପ୍ରହରାଜ)**

୩୮ ତମ ନାଟ୍ୟ ସଙ୍ଘ ଦିବସ ଅବସରରେ ତ୍ରିଧାରା ନାଟ୍ୟ ସଂଘ ନବରଙ୍ଗପୁର ସୌଜନ୍ୟରେ ଶନିବାର ଏକ ଆଲୋଚନାଚକ୍ର ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇ ଯାଇଛି। ତ୍ରିଧାରା ନାଟ୍ୟ ସଂଘ ସଭାପତି ତଥା ନାଟ୍ୟକାର ଜଗନ୍ନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଉପସ୍ଥିତ କଳାକାର ମାନେ ମଞ୍ଚ ନାଟକ କିପରି ଆଜିକାର ଡିଜିଟାଲ ଓ ଏଆଇ ଯୁଗରେ ନିଜର ପ୍ରାଧାନ୍ୟ ବିସ୍ତାର କରିପାରିବ ଓ ସେଥିରେ ନାଟ୍ୟ ସଂଘମାନଙ୍କ ଭୂମିକା କଣ ରହିବା ଆବଶ୍ୟକ ସେ ବିଷୟରେ ଆଲୋଚନା କରାଯାଇଛି। ମଞ୍ଚ ନାଟକରେ ଅଭିନୟ ଆରମ୍ଭ କରିଥିବା କଳାକାରମାନେ ଅଭିନୟର ସମସ୍ତ ଦିଗ ଯେମିତି କି ଟିଭି ସିରିଏଲ, ଟେଲିଫିଲ୍ମ, ଫିଲ୍ମ ସମସ୍ତ ପ୍ରକାରର ଅଭିନୟକୁ ଠିକ୍ ଭାବେ ଉପସ୍ଥାପନା କରିପାରିବେ ବୋଲି ମୁଖ୍ୟ ବକ୍ତା ଚିଦାନନ୍ଦ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ଲଣ୍ଠନ ଆଲୁଅରୁ ଆରମ୍ଭ ହୋଇ ଆଜିର ଡିଜିଟାଲ ଲାଇଟର ଏ ଆଇ ଯୁଗରେ ମଞ୍ଚ ନାଟକକୁ ଉଜ୍ଜୀବିତ କରି ରଖିବା ପାଇଁ ପ୍ରୟାସ ଜାରି ରଖିବି ବୋଲି ସଭପତି ବେହେରା ଅଭିବ୍ୟକ୍ତ କରିଥିଲେ। ପ୍ରତିକୂଳ ପରିସ୍ଥିତିରେ ନାଟ୍ୟ ସଂଘମାନଙ୍କ ଭୂମିକା ଓ ନୂତନ କଳାକାରଙ୍କୁ ମଞ୍ଚ ନାଟକ ଅଭିନୟ ପ୍ରତି ଆକର୍ଷିତ ରହିବା ଆବଶ୍ୟକ ବୋଲି ଲକ୍ଷ୍ମୀ ନାରାୟଣ ତ୍ରୀପାଠୀ କହିଥିଲେ। ଉପସ୍ଥିତ ଦୁଇ ବରିଷ୍ଠ କଳାକାର ଚିଦାନନ୍ଦ ପଟ୍ଟନାୟକ ଓ ଲକ୍ଷ୍ମୀ ନାରାୟଣ ତ୍ରୀପାଠୀଙ୍କୁ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଏହି ଆଲୋଚନାଚକ୍ରଟିକୁ ଦେବୀ ପ୍ରାସାଦ ତ୍ରିପାଠୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିଶକ୍ତି ସିନେ କମ୍ୟାଇନ୍ସ ଅଧ୍ୟାକ୍ଷ ତଥା ଟେଲି ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ, ବରିଷ୍ଠ ଅଭିନେତା ଅଶୋକ ପଣ୍ଡା, ବନ୍ଦେ ଉତ୍କଳ ଲୋକକଳା ଓ ଲୋକ ସଂସ୍କୃତି ସଙ୍ଘ ଜିଲା ସଭାପତି ଶିବଶଙ୍କର ତ୍ରିପାଠୀ, ନିତ୍ୟାନନ୍ଦ ମହାନ୍ତି, ବିଭୁଦତ୍ତ ସେଠୀ, ନିର୍ମଳ ସାହୁ, ପିଣ୍ଟୁ ଶତ୍ରୁସଲ୍ୟ, ଶ୍ରୀନିବାସ ପାତ୍ର, ପ୍ରକାଶୀନି ଚୌଧୁରୀ, ଆଭାଶ୍ରୀ ଦାଶ, ବିଜୟ ବାରିକ, ଗୌରହରି ତ୍ରିପାଠୀ, ରିତେଶ ପୂଜାରୀ, ରଘୁନାଥ ରଥ ଓ ଅନ୍ୟାନ୍ୟ କଳା ପ୍ରେମୀ ଉପସ୍ଥିତ ଥିଲେ। ସୁଶ୍ରୀ ଆଭାଶ୍ରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।





କାର୍ଯ୍ୟକ୍ରମରେ ସଂଘ ସଦସ୍ୟ ଓ କଳାକାରମାନେ।

## ପର୍ଯ୍ୟଟନ ସ୍ଥଳୀ ବୁଲିଲେ ପ୍ରକୃତି ସହ ନିଜକୁ ଯୋଡ଼ିହେବ

### ଜିଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ କୁଇଜ୍ ପ୍ରତିଯୋଗିତା

**ନବରଙ୍ଗପୁର,୨୭।୯ (ସଦାଶିବ ପ୍ରହରାଜ)**

ସେପ୍ଟେମ୍ବର ୨୭ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହାର ମୁଖ୍ୟ ବିଷୟବସ୍ତୁ 'ପର୍ଯ୍ୟଟନ ଏବଂ ସ୍ଥାୟୀ ବିକାଶ' ରଖାଯାଇଛି। ଏହି ଅବସରରେ, ପର୍ଯ୍ୟଟନ କ୍ଷେତ୍ରର ଗୁରୁତ୍ୱ ତଥା ସ୍ଥାୟୀ ବିକାଶରେ ଏହାର ଭୂମିକା ଉପରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ନବରଙ୍ଗପୁର ଜିଲା ସଂସ୍କୃତି ଭବନରେ ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ଡିଆଇପିଆର୍‌ଓ ମନୋଜ କୁମାର ବେହେରା ଯୋଗ ଦେଇଥିଲେ। ସେ ଅଂଶଗ୍ରହଣକାରୀମାନଙ୍କ ସହ ଆଲୋଚନା କରି ପର୍ଯ୍ୟଟନ କ୍ଷେତ୍ରରେ କ୍ୟାରିୟର ଓ ଚାକିରୀର ସୁଯୋଗ ବିଷୟରେ ବୁଝାଇଥିଲେ। ରାଜ୍ୟ ସରକାର କିପରି ଏହି କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି ସେହି ବିଷୟରେ ମଧ୍ୟ ସେ ବିସ୍ତୃତ ବକ୍ତବ୍ୟ ରଖିଥିଲେ। ପର୍ଯ୍ୟଟନର ମହତ୍ତ୍ୱ ଓ ପ୍ରକୃତି ସହିତ ନିଜକୁ ଯୋଡ଼ିବା ପାଇଁ ଛୁଟିରେ ପର୍ଯ୍ୟଟନ ସ୍ଥଳୀ ଭ୍ରମଣ କରିବାକୁ ଜିଲା ପର୍ଯ୍ୟଟନ ଅଧିକାରୀ ଘାସିରାମ ହରିଜନ ପରାମର୍ଶ ଦେଇଥିଲେ।

ଏହି ପ୍ରତିଯୋଗିତାକୁ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତର ଦୁଇଟି ବର୍ଗରେ ବିଭକ୍ତ କରାଯାଇଥିଲା। ଜିଲ୍ଲାର ବହୁ ସରକାରୀ ଓ ବେସରକାରୀ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଦ୍ୟାଳୟସ୍ତର ପ୍ରତିଯୋଗିତାରେ ବିଚାରକ ଭାବେ ପୂଜାରିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ ମହାପାତ୍ର ଏବଂ ଡଙ୍ଗରଭେଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ସାହୁ ଦାୟିତ୍ୱ ନେଇଥିଲେ। ମହାବିଦ୍ୟାଳୟ ସ୍ତର ପାଇଁ ଓଡ଼ିଆ ଅଧ୍ୟାପକ ଲକ୍ଷ୍ମୀକାନ୍ତ ସଉରା ବିଚାରକ ଦାୟିତ୍ୱ ତୁଲାଇଥିଲେ। ବିଦ୍ୟାଳୟସ୍ତରରେ ଟେକ୍ନୋ ଗୁରୁକୁଳ ସ୍କୁଲରୁ ହିଁ ୩ ଜଣ କୃତୀ ପ୍ରତିଯୋଗୀ ବଛା ହୋଇଥିଲେ। ଶ୍ୟାମ ସୁନ୍ଦର ଯାଦବ ପ୍ରଥମ, ପି. ଧନୁଷ ଦ୍ୱିତୀୟ ଏବଂ ଏମ୍. ସୂର୍ଯ୍ୟ ନାରାୟଣ ନାଇଡୁ ତୃତୀୟ ହୋଇଛନ୍ତି। ମହାବିଦ୍ୟାଳୟସ୍ତରରେ ନବରଙ୍ଗପୁର ନୋଡାଲ ଡିଗ୍ରୀ ମହାବିଦ୍ୟାଳୟର ବବିତା ଗଣ୍ଡ ପ୍ରଥମ, ନବରଙ୍ଗପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିୟଙ୍କା ମହାପାତ୍ର ଦ୍ୱିତୀୟ ଓ ନବରଙ୍ଗପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅମିଶା ଭଞ୍ଜ ତୃତୀୟ ହୋଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ସମସ୍ତ ବିଜେତାଙ୍କୁ ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପର୍ଯ୍ୟଟନ କାର୍ଯ୍ୟାଳୟର କନିଷ୍ଠ ସହାୟକ ନିରଞ୍ଜନ ନାୟକ, ଜିଲା ସଂସ୍କୃତି କାର୍ଯ୍ୟାଳୟର କନିଷ୍ଠ ସହାୟକ ଆତ୍ମପ୍ରକାଶ ସାହୁ ଏବଂ ଏ. ସନ୍ତୋଷ କୁମାର ପ୍ରମୁଖ ସହଯୋଗ କରିଥିଲେ।



ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।